# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୦୧/୨୦୧୯ (୨୦ ପୃଷ୍ଠା) Sambalpur, Monday, July 01 / 2019 ★★

୧୫୩ ଭାଗ ୧୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at: You Tube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଜୁଲାଇ ୦୧/୨୦୧୯ | Sambalpur, Monday, July 01 / 2019 | ପୃଷ୍ଠା-୧



**ପ୍ରଣବ ଦାସ ଡବ୍ଲ୍ୟୁସିଓ ନିର୍ଦ୍ଦେଶକ**
ପ୍ରଥମ ଓଡ଼ିଆ ଓ ଭାରତୀୟ ଭାବେ ଆଇଆର୍‌ଏସ୍ ଅଧିକାରୀ ପ୍ରଣବ ଦାସ ବିଶ୍ୱ ସୀମା ଶୁଳ୍କ ପ୍ରତିଷ୍ଠାନ (ଡବ୍ଲ୍ୟୁସିଓ)ର ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। **୧୫**

**୧୧** **ଧର୍ମ ପାଇଁ ଅଭିନୟ ଛାଡ଼ିଲେ ଜାୟରା**
'ଦଙ୍ଗଲ ଗର୍ଲ' ଜାୟରା ୱସିମ୍ ଧର୍ମ ପାଇଁ ଅଭିନୟ ଛାଡ଼ିଥିବା ରବିବାର ଏକ ଫେସ୍‌ବୁକ୍ ପୋଷ୍ଟରେ ଘୋଷଣା କରିଛନ୍ତି।








# ଉତ୍ତର କୋରିଆରେ ଟ୍ରମ୍ପ୍

## ଏଭଳି ପଦକ୍ଷେପ ନେବାରେ ପ୍ରଥମ ଆମେରିକା ରାଷ୍ଟ୍ରପତି

ସିଓଲ/ପାନ୍‌ମୁନ୍‌ଜୋମ୍, ୩୦।୬
(ପି.ଟି./ ଆଇଏଏନ୍‌ଏସ୍)

ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଘଟଣାକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଉତ୍ତର କୋରିଆ ମାଟିରେ ପାଦ ଦେଇଛନ୍ତି। ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ସୀମା ବା ଅଣସାମରିକ ମଣ୍ଡଳ (ଡିଏମ୍‌ଜେଡ୍) ଅତିକ୍ରମ କରି ସେ ପ୍ୟୋଙ୍ଗ୍‌ୟାଙ୍ଗ୍ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ଏହାସହ ବିଶ୍ୱର ଶେଷ ଶୀତଳଯୁଦ୍ଧ ସୀମା ଅତିକ୍ରମ କରି ଉତ୍ତର କୋରିଆ ଯିବାରେ ଟ୍ରମ୍ପ୍ ଆମେରିକାର ପ୍ରଥମ ନେତା ଭାବେ ମାନ୍ୟତା ଲାଭ କରିଛନ୍ତି। ତାଙ୍କର ଏହି ପଦକ୍ଷେପକୁ କୂଟନୈତିକ ମହଲରେ ପ୍ରଶଂସା କରାଯାଉଛି।

ଡିଏମ୍‌ଜେଡ୍ ହେଉଛି ଅସ୍ତ୍ରବିରତି ଚୁକ୍ତି ଗ୍ରାମ ପାନ୍‌ମୁନ୍‌ଜୋମ୍‌କୁ ଦୁଇଭାଗରେ ବିଭକ୍ତ କରୁଥିବା ସୀମା, ଯାହାକୁ ଜଏଣ୍ଟ ସିକ୍ୟୁରିଟି ଏରିଆ ମଧ୍ୟ କୁହାଯାଏ। ଦୁଇଦିନିଆ ଦକ୍ଷିଣ କୋରିଆ ଗସ୍ତରେ ଥିବା ଟ୍ରମ୍ପ୍ ପ୍ରଥମେ ଏମ୍‌ଡିଏଲ୍ ଆଡ଼କୁ ଅଗ୍ରସର ହୋଇଥିଲେ। ଉତ୍ତର କୋରିଆ ନେତା କିମ୍ ଜଙ୍ଗ ଉନ୍ ସେଠାରେ ଟ୍ରମ୍ପ୍‌ଙ୍କୁ ଅପେକ୍ଷା କରିଥିଲେ। ଟ୍ରମ୍ପ୍ ଏହି ସୀମା ଡେଇଁ ଉତ୍ତର କୋରିଆ ମାଟିରେ ପାଦ ଦେବା ପରେ କିମ୍ ତାଙ୍କ ଆଡ଼କୁ ହାତ ବଢ଼ାଇଥିଲେ। ଉଭୟେ ଫଟୋ ପାଇଁ ପୋଜ୍ ଦେବା ପରେ ଦକ୍ଷିଣ କୋରିଆ ପଟକୁ ଚାଲି ଚାଲି ଯାଇଥିଲେ। ପରେ ଦୁଇନେତା ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସହ ମିଶି ଫ୍ରିଡମ୍ ହାଉସ୍‌କୁ ଯାଇଥିଲେ। ଟ୍ରମ୍ପ୍ ଓ କିମ୍ ଗଣମାଧ୍ୟମକୁ ସମ୍ବୋଧିତ କରିବା ପୂର୍ବରୁ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ଟ୍ରମ୍ପ୍ କହିଛନ୍ତି, ଡିଏମ୍‌ଜେଡ୍ ଅତିକ୍ରମ କରିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନ। କିମ୍‌ଙ୍କ ସହ ପୁନଃ ଆଲୋଚନା ପାଇଁ ସେ ରାଜି ହୋଇଛନ୍ତି। ଆସନ୍ତା ଦୁଇରୁ ତିନି ସପ୍ତାହ ମଧ୍ୟରେ ଉଭୟ ପକ୍ଷର ଟିମ୍ କାର୍ଯ୍ୟ ଆରମ୍ଭ କରିବେ। ଆମେରିକା ପକ୍ଷରୁ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଫେନ୍ ବିଏଗନ୍ ଏହାକୁ ଆଗକୁ ବଢ଼ାଇବେ। ସେହିପରି କିମ୍ ମଧ୍ୟ ଏହି ସାକ୍ଷାତ୍‌କୁ ଏକ 'ଐତିହାସିକ ମୁହୂର୍ତ୍ତ' ଭାବେ ଅଭିହିତ କରିଛନ୍ତି। ଏହି ସୀମା ଅତିକ୍ରମରୁ ପ୍ୟୋଙ୍ଗ୍‌ୟାଙ୍ଗ୍-ୱାଶିଂଟନ ସମ୍ପର୍କର ଏକ ନୂଆ ଭବିଷ୍ୟତ ପାଇଁ ତାଙ୍କର ନିଷ୍ପତ୍ତି ପ୍ରତିଫଳିତ ହୋଇଛି ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ୍ କିମ୍‌ଙ୍କୁ ୱାଶିଂଟନ୍‌କୁ ଆମନ୍ତ୍ରଣ କରିଥିଲେ। ହେଲେ କିମ୍ ଏହାକୁ ସ୍ୱୀକାର କରିଥିବା ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଆମନ୍ତ୍ରଣ ରକ୍ଷା କଲେ କିମ୍ ହେବେ ଆମେରିକା ଗସ୍ତ କରୁଥିବା ଉତ୍ତର କୋରିଆର ପ୍ରଥମ ନେତା।

ପ୍ରକାଶ ଯେ, ୧୯୫୩ରେ ଆର୍ମିଷ୍ଟାଇସ୍ ଚୁକ୍ତି ବଳରେ କୋରିଆ ଯୁଦ୍ଧର ଅବସାନ ହୋଇଥିଲା। ସେବେଠୁ ଦୁଇ ରାଷ୍ଟ୍ରର କୌଣସି ନେତା ପାନ୍‌ମୁନ୍‌ଜୋମ୍‌ରେ ଏକାଠି ହୋଇ ଆଲୋଚନା କରି ନ ଥିଲେ। ୨୦୧୭ରେ ଉତ୍ତର କୋରିଆ ପକ୍ଷରୁ ଏକାଧିକ ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ ପରେ ଆମେରିକା ସହ ଉତ୍ତେଜନା ବୃଦ୍ଧିପାଇଥିଲା। ଟ୍ରମ୍ପ୍ ଓ କିମ୍ ପରସ୍ପରକୁ ଯୁଦ୍ଧ ଧମକ ଦେଉଥିବାବେଳେ କୋରିଆ ଉପଦ୍ୱୀପ ଅଶାନ୍ତ ହୋଇଉଠିଥିଲା। ପରବର୍ତ୍ତୀ ସମୟରେ ଦୁଇନେତା ୨୦୧୮ ଜୁନ୍‌ରେ ସିଙ୍ଗାପୁରରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିଥିଲେ। ସେହିପରି ଭିଏତ୍‌ନାମର ହାନୋଇରେ ଗତ ଫେବୃୟାରୀରେ ଉଭୟଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ୍ ଆଲୋଚନା ବିଫଳ ହୋଇଯାଇଥିଲା।



ଦୁଇ କୋରିଆର ସୀମାବର୍ତ୍ତୀ ପାନ୍‌ମୁଜୋମ୍ ଗ୍ରାମରେ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

- **କିମ୍‌ଙ୍କୁ ୱାଶିଂଟନ୍‌କୁ ଆମନ୍ତ୍ରଣ କଲେ ଟ୍ରମ୍ପ୍**
- **ପୁନଃ ଆଲୋଚନା ପାଇଁ ଦୁଇନେତାଙ୍କ ମଧ୍ୟରେ ସହମତି**

# ରାଜ୍ୟରେ ଲାଗୁହେବ 'ଏକ ଦେଶ, ଏକ ରାଶନ କାର୍ଡ'

ଭୁବନେଶ୍ୱର,୩୦।୬(ବ୍ୟୁରୋ)

- **ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା**
- **ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା**

ଦେଶର ଯେକୌଣସି ସ୍ଥାନରେ ଖାଉଟିମାନେ ଶସ୍ତାରେ ରାଶନ ପାଇ ପାରିବା ପାଇଁ କେନ୍ଦ୍ର ସରକାର ଲାଗୁ କରିଛନ୍ତି 'ଏକ ଦେଶ, ଏକ ରାଶନ କାର୍ଡ' ଯୋଜନା। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଯୋଜନାରେ ଓଡ଼ିଶା ଭଳି କେତେକ ରାଜ୍ୟ ସାମିଲ ହୋଇ ନ ଥିଲେ। କେନ୍ଦ୍ର ସରକାର ସାରା ଦେଶରେ ଏହି ଯୋଜନା ଲାଗୁ କରିବା ପାଇଁ ଶନିବାର ଏକ ବର୍ଷ ଅର୍ଥାତ୍ ୩୦ ଜୁନ୍ ୨୦୨୦ ପର୍ଯ୍ୟନ୍ତ ସମୟ ବଢ଼ାଇଥିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ଯାଇ ଓଡ଼ିଶାରେ 'ଏକ ଦେଶ, ଏକ ରାଶନ କାର୍ଡ' ଯୋଜନା ଲାଗୁ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରବିବାର କହିଛନ୍ତି।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି ଯେ, କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ କୌଣସି ଗଠନ ଓ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ନାହିଁ। ହେଲେ ସମସ୍ତ ଯୋଜନାରେ ରାଜ୍ୟର ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନେ ଯେପରି ଖାଦ୍ୟ ସୁରକ୍ଷା ଯୋଜନାରୁ ସହାୟତା ପାଇପାରିବେ, ସେ ଦିଗରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଜଣେ ହିତାଧିକାରୀ ଖାଦ୍ୟ ପାଇବାକୁ ହକ୍‌ଦାର। ଯଦି ଏହା ହେଉନାହିଁ, ତେବେ ସେହି ଅନୁପାତରେ ରାଜ୍ୟ ସରକାର ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାର ନିୟମ ରହିଛି। ଯଦି ଓଡ଼ିଶାର ଜଣେ ବ୍ୟକ୍ତି ଅନ୍ୟ ରାଜ୍ୟକୁ ଯାଆନ୍ତି ତାହାହେଲେ ସେଠାରେ ନୂଆ ରାଶନ କାର୍ଡ ଆବେଦନ କରିବା ଭଳି ସମସ୍ୟାରୁ 'ଏକ ଦେଶ, ଏକ ରାଶନ କାର୍ଡ' ଯୋଜନା ମୁକ୍ତି ଦେବ। ଗ୍ୟାସ ସଂଯୋଗୀକରଣ କ୍ଷେତ୍ରରେ ଉପଭୋକ୍ତାଙ୍କୁ ଯେଭଳି ନିଜର ଡିଲର ପରିବର୍ତ୍ତନ କରିବାକୁ ପଡିଥାଏ ରାଶନ କାର୍ଡରେ ମଧ୍ୟ ସେହିଭଳି ବ୍ୟବସ୍ଥା ରହିବ ବୋଲି ହରିଚନ୍ଦନ କହିଛନ୍ତି।

କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ରାମଚନ୍ଦ୍ର କହିଛନ୍ତି ଯେ, କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ସରକାର ଲୋକଙ୍କୁ ଅତୀତରେ ଠକିଥିବାର ବହୁ ଉଦାହରଣ ରହିଛି। ବାହାର ରାଜ୍ୟରେ କାମ କରୁଥିବା ବହୁତ ଓଡ଼ିଆ ଏବେସୁଦ୍ଧା ରାଶନ କାର୍ଡ ପାଇନାହାନ୍ତି।






## ଆଜିର ସମ୍ପାଦକୀୟ
**ନ୍ୟାୟ୍ ଉଭାନ**

## ଆଜିର ମନ୍ତବ୍ୟ
"କେନ୍ଦ୍ରର 'ଗୋଟିଏ ଦେଶ, ଏକ ରାଶନ୍ କାର୍ଡ' ଯୋଜନା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ।
**-ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧ୍ୟକ୍ଷ**

## କିଛି ତଥ୍ୟ
ଚଳିତ ବର୍ଷ ଜୁନ ମାସରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୧୦,୩୮୪ କୋଟି ଟଙ୍କା ନିବେଶ କରିଛନ୍ତି।
– ଷ୍ଟକ ବଜାର ଡିପୋଜିଟୋରୀ ଡାଟା

# ଭାରତର ପ୍ରଥମ ପରାଜୟ

**ମହମ୍ମଦ ସାମି**
- ଓଭର: ୧୦
- ମେଡେନ: ୧
- ରନ: ୬୯
- ଉଇକେଟ: ୫



ବର୍ମିଂହାମ, ୩୦।୬

ଚଳିତ କ୍ରିକେଟ ବିଶ୍ୱକପରେ ଭାରତ ପ୍ରଥମ ପରାଜୟ ବରଣ କରିଛି। ରବିବାର ଅନୁଷ୍ଠିତ ହାଇସ୍କୋରିଂ ମ୍ୟାଚରେ ଦଳ ଇଂଲଣ୍ଡଠାରୁ ୩୧ ରନରେ ହାରିଛି। ଇଂଲଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିବାବେଳେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୬ ରନ କରିବାକୁ ସକ୍ଷମ ହୋଇଛି। ରୋହିତ ଶର୍ମା ଶତକ ହାସଲ କରିଥିଲେ ହେଁ ତାହା ଭାରତ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଏଜବାଷ୍ଟନର ଏହି ବ୍ୟାଟିଂ ଫ୍ରେଣ୍ଡଲୀ ପିଚ୍‌ରେ ଭାରତର ପ୍ରାୟ ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ୫ ଉଇକେଟ ସଫଳତା ପାଇଥିଲେ ଭାରତର ମହମ୍ମଦ ସାମି। ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ସାମିଙ୍କର ଏହା ହେଉଛି ପ୍ରଥମ ୫ ଉଇକେଟ ସଫଳତା। ସାମି ନିଜ ୧୦ ଓଭର ସ୍ପେଲରେ ୧ ମେଡେନ ନେଇ ୬୯ ରନ ବିନିମୟରେ ୫ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ବଡ଼ ସ୍କୋର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେୟାରଷ୍ଟୋଙ୍କୁ ଆଉଟ କରି ନିଜ ଉଇକେଟ ହାସଲ ଅଭିଯାନ ଆରମ୍ଭ କରିଥିଲେ ସାମି। ପରେ ସେ ଅଧିନାୟକ ଇଅନ ମୋର୍ଗାନ(୧), ଇନ୍‌ଫର୍ମ ଜୋ ରୁଟ୍(୪୪), ବିସ୍ଫୋରକ ବ୍ୟାଟ୍ସମ୍ୟାନ ଜୋସ ବଟଲର(୨୦) ଓ କ୍ରିସ ୱକ୍ସ(୭)ଙ୍କୁ ଆଉଟ କରି ୫ ଉଇକେଟ ପୂରଣ କରିଥିଲେ। ଦିନିକିଆ କ୍ରିକେଟରେ ସାମି ପୂର୍ବରୁ ୮ ଥର ୪ ଉଇକେଟ ହାସଲ କରିଥିଲେ। ଚଳିତ ବିଶ୍ୱକପର ୨୭ ତାରିଖରେ ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ୧୬ ରନ ବିନିମୟରେ ୪ ଉଇକେଟ ହାସଲ ତାଙ୍କର ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ହୋଇ ରହିଥିଲା।
(ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)





NECC NATIONAL EGG CO-ORDINATION COMMITTEE 30.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 104 | 163 | 173 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 104 | 163 | 173 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers



ମୂର୍ଖ ସର୍ବଦା ନିଜ ଘରେ ହିଁ ପୂଜା ପାଏ। ଗାଁର ମୁଖିଆ ଗାଁରେ। କିନ୍ତୁ ଯିଏ ବିଦ୍ୱାନ/ ବୁଦ୍ଧିମାନ ସେ ସବୁଠାରେ ପୂଜା ପାଇଥାଏ।

- ଚାଣକ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ■ ଗଣଶିକ୍ଷା ବିଭାଗର କଡ଼ା ଆଭିମୁଖ୍ୟ

# ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ହେବ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

- ■ ପ୍ରମାଣ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- ■ ଆବଶ୍ୟକସ୍ଥଳେ ଚାକିରିରୁ ବହିଷ୍କାର
- ■ ଅକ୍ଟୋବର ୧୫ ସୁଦ୍ଧା ରିପୋର୍ଟ ଦେବାକୁ ଡିପିସି, ବିଇଓଙ୍କୁ ନିର୍ଦ୍ଦେଶ

ଏଣିକି ଜୁନିୟର ବା ଠିକା ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର କଡ଼ାକଡ଼ି ଯାଞ୍ଚ କରାଯିବ। କେତେଜଣ ଶିକ୍ଷକ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦେଇଥିବା ଅଭିଯୋଗ ଆସିବା ପରେ କଡ଼ା ଆଭିମୁଖ୍ୟ ପୋଷଣ କରିଛି ସ୍କୁଲ ଓ ଗଣଶିକ୍ଷା ବିଭାଗ। ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଗାଇଡ୍ ଲାଇନ୍ ଜାରି କରାଯାଇଥିବାବେଳେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଜାଲ୍ ପ୍ରମାଣପତ୍ର ଦେଇଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଆବଶ୍ୟକ ପଡ଼ିଲେ ସେହି ଅଯୋଗ୍ୟ ଶିକ୍ଷକମାନଙ୍କୁ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ କାଢି ଦେବାକୁ ନିର୍ଦ୍ଦେଶ ଦେଇଛି ବିଭାଗ।

ନିଯୁକ୍ତି ସମୟରେ କେତେଜଣ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇଥିବାବେଳେ ଆଉକେତେଜଣ ଶିକ୍ଷା ସହାୟକରୁ ନିୟମିତ ଶିକ୍ଷକକୁ ପଦୋନ୍ନତି ହେବାବେଳେ ଏଭଳି କାଗଜପତ୍ର ଦାଖଲ କରିଥିବା ଅଭିଯୋଗ ହୋଇଛି। ଏହାକୁ ନଜରରେ ରଖି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି) ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ଏହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବେ। ପ୍ରାଥମିକ ପର୍ଯ୍ୟାୟରେ ଶିକ୍ଷକଙ୍କ ଶିକ୍ଷାଗତ ସହ ଟ୍ରେନିଂ ସାର୍ଟିଫିକେଟ ଯାଞ୍ଚ କରାଯିବ। ୨୦୧୧ ଜାନୁୟାରୀ ୧ରୁ ନିଯୁକ୍ତ ତଥା ନିୟମିତ ହୋଇଥିବା ଶିକ୍ଷକ ଓ ଠିକା ଶିକ୍ଷକଙ୍କର ପ୍ରଥମ ପର୍ଯ୍ୟାୟରେ ସାର୍ଟିଫିକେଟ ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକମାନେ କନିଷ୍ଠ ବା ଠିକା ଶିକ୍ଷକଙ୍କର ସାର୍ଟିଫିକେଟ ସହ ମାର୍କସିଟ୍ ଯାଞ୍ଚ କରିବେ। ସେହିଭଳି ନିୟମିତ ଏବଂ ଏକ୍ସ କ୍ୟାଡର୍ ବା ଲେବୁଲ୍ ୫ ଶିକ୍ଷକମାନଙ୍କର ସାର୍ଟିଫିକେଟ ଯାଞ୍ଚ ଦାୟିତ୍ୱ ବିଇଓ ନେବେ। ଯାଞ୍ଚ ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସେମାନେ ରିପୋର୍ଟ ପ୍ରଦାନ କରିବେ। ଏଥିପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ନଜର ରଖାଯିବ ଓ ଆବଶ୍ୟକ ପଡ଼ିଲେ ସାର୍ଟିଫିକେଟର ସତ୍ୟତା ଜାଣିବାକୁ ଏକ ଟିମ୍ ରାଜ୍ୟ ବାହାରେ ଥିବା ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟକୁ ଯିବେ। ସେହିଭଳି ଅଭିଯୋଗ ଆସିଲେ ୨୦୧୧ ପୂର୍ବରୁ ନିଯୁକ୍ତ ତଥା ନିୟମିତ ପଦବୀ ପାଇଥିବା ଶିକ୍ଷକମାନଙ୍କର ସାର୍ଟିଫିକେଟ ମଧ୍ୟ ଯାଞ୍ଚ କରାଯିବ। ଜାଲ୍ ସାର୍ଟିଫିକେଟର ପ୍ରମାଣ ମିଳିଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଏଫ୍ଆଇଆର୍ ଦିଆଯିବା ସହ ଚାକିରିରୁ ବହିଷ୍କାର କରାଯିବ। ଉଭୟ ଡିପିସି ଏବଂ ବିଇଓମାନଙ୍କୁ ସେପ୍ଟେମ୍ବର ୩୦ ସୁଦ୍ଧା ଯାଞ୍ଚ ପ୍ରକ୍ରିୟା ଶେଷ କରି ଅକ୍ଟୋବର ୧୫ରେ ସୁଦ୍ଧା ଗଣଶିକ୍ଷା ବିଭାଗକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମହିଳା ଫରେଷ୍ଟ ଅଫିସରଙ୍କୁ ଟିଆର୍ଏସ୍ ସମର୍ଥକଙ୍କ ମାଡ଼

**ବିଧାୟକଙ୍କ ଭାଇ ସମେତ ୧୬ ଗିରଫ**

**ହାଇଦ୍ରାବାଦ, ୩୦।୬**

ତେଲେଙ୍ଗାନାର କୋମାରାମ ଭୀମ ଆସିଫାବାଦ ଜିଲାର ସିର୍ପୁର କାଗଜନଗର ବ୍ଲକରେ ମହିଳା ଫରେଷ୍ଟ ଅଫିସର ସି. ଅନୀତାଙ୍କୁ ରବିବାର ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍)ର ସମର୍ଥକମାନେ ନିଘୁଙ୍କ ମାଡ଼ ମାରିଛନ୍ତି। ଏଠାରେ ଥିବା ଏକ ୨୦ ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷରୋପଣ କରାଯିବାର ଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିଲେ ଅନୀତା। ରାଜ୍ୟ ସରକାରଙ୍କ କାଲେଶ୍ୱରମ୍ ଜଳସେଚନ ପ୍ରକଳ୍ପର ଏହା ଏକ ଅଂଶବିଶେଷ ଥିଲା। ସ୍ଥାନୀୟ ଲୋକମାନେ ଏହି ଜମିରେ ବେଆଇନ ଚାଷ କରିଆସୁଥିବାରୁ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ମହିଳା ଫରେଷ୍ଟ ଅଫିସର ଅନୀତା ୩୦ଜଣ ପୋଲିସ ଓ ୩୦ଜଣ ଫରେଷ୍ଟ ଗାର୍ଡଙ୍କ ସହ ସେଠାକୁ ଯାଇ ବୃକ୍ଷରୋପଣ ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇବା ସହ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା।

ଆକ୍ରମଣ ବେଳେ ମହିଳା ଅଫିସର ଜଣକ ଅସହାୟ ଅବସ୍ଥାରେ ଏକ ଟ୍ରାକ୍ଟର ଉପରେ ଚଢିଯାଇଥିଲେ।



ମହିଳା ଫରେଷ୍ଟରଙ୍କୁ ଟିଏମ୍ସି କର୍ମୀମାନେ ଆକ୍ରମଣ କରୁଛନ୍ତି।

କିନ୍ତୁ ଟିଆର୍ଏସ୍ ସମର୍ଥକ ଓ ସ୍ଥାନୀୟ ଲୋକମାନେ ସଂଘବଦ୍ଧ ହୋଇ ଚାରିପଟୁ ଘେରିଯିବା ସହ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ଜଣେ ଟିଆର୍ଏସ୍ ବିଧାୟକଙ୍କ ଭାଇ ସମେତ ପୋଲିସ ୧୬ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ଆକ୍ରମଣକାରୀଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ କୋନେରୁ କ୍ରିଷ୍ଣା ଓ ସିର୍ପୁର ବିଧାୟକ କୋନେରୁ କୋନାପ୍ପାଙ୍କ ଭାଇ ସାମିଲ ଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି, ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଥିବା ଜଣେ ମହିଳା ଫରେଷ୍ଟ ଅଫିସରଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରାଯାଇଛି। ପୋଲିସ ଅଧିକାରୀମାନେ ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରିଥିଲେ ହେଁ ସେମାନଙ୍କ ଉଦ୍ୟମ ବ୍ୟର୍ଥ ଯାଇଥିଲା। କେତେକ ଫରେଷ୍ଟ ଗାର୍ଡ ଓ ପୋଲିସ କର୍ମଚାରୀ ଉତ୍ୟକ୍ତ ଲୋକଙ୍କ ଆକ୍ରମଣର ମଧ୍ୟ ଶିକାର ହୋଇଥିଲେ। ଏନେଇ ତଦନ୍ତ ଆରମ୍ଭ ହୋଇଥିବା ଜିଲା ପୋଲିସ ମୁଖ୍ୟ ମାଲ୍ଲା ରେଡ୍ଡୀ ପ୍ରକାଶ କରିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

# ଚଳଚ୍ଚିତ୍ର ପ୍ରଯୋଜକ କେଶବ ଚନ୍ଦ୍ର ରାଉତଙ୍କ ପରଲୋକ

**କଟକ ଅଫିସ,୩୦।୬**



ଓଡ଼ିଆ ସିନେଜଗତର ଖ୍ୟାତନାମା ପ୍ରଯୋଜକ ତଥା ବରିଷ୍ଠ କଂଗ୍ରେସ ନେତା କେଶବ ଚନ୍ଦ୍ର ରାଉତ(୬୫)ଙ୍କ ରବିବାର ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। କଟକ ଜିଲା ଶଙ୍କରପୁରର ପରିଡ଼ାସାହିସ୍ଥିତ ବାସଭବନରେ ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡ଼ିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମରଶରୀର ବାସଭବନରେ ପହଞ୍ଚିଥିଲା। ସେଠାରେ ସହରର ଅନେକ ବରିଷ୍ଠ ବ୍ୟକ୍ତିବିଶେଷ, କଳାକାର, ସିନେପ୍ରେମୀ ତାଙ୍କର ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ମୀନା ରାଉତ, ପୁଅ ରଶ୍ମିରଞ୍ଜନ, ସ୍ମୃତିରଞ୍ଜନ, ଝିଅ ସସ୍ମିତା, ପୁଷ୍ପିତା, ଇତିଶ୍ରୀ, ପୁତ୍ରବଧୂ, ନାତିନାତୁଣୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରଶ୍ମିରଞ୍ଜନ ମୁଖାଗ୍ନି ଦେଇଥିଲେ। କେଶବଙ୍କ ମୃତ୍ୟୁରେ ସିନେଜଗତରେ ଶୋକର ଛାୟା ଖେଳିଯାଇଛି।

ସିନେମା ପ୍ରତି ଭଲପାଇବା ହିଁ କେଶବଙ୍କୁ ଟାଣି ଆଣିଥିଲା ସିନେ ଦୁନିଆକୁ। ପିଲାବେଳୁ ଏହି ରଙ୍ଗିନ ଦୁନିଆ ପ୍ରତି ତାଙ୍କର ଦୁର୍ବଳତା ଥିଲା। ଘରୁ ଲୁଚିଲୁଚି ସାଙ୍ଗମାନଙ୍କ ସହ ସିନେମା ଦେଖିବାକୁ ଯାଉଥିବା କେଶବ ପ୍ରଥମେ ସିନେ ବିତରକ ଭାବେ କାର୍ଯ୍ୟାରମ୍ଭ କରିଥିଲେ। ୧୯୮୭ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର 'ମାନିନୀ'। ସଙ୍ଗମ ହଲରେ ଏହି ଫିଲ୍ମକୁ ଦେଖିବା ପରେ ନିଜେ ସିନେମା ପ୍ରଯୋଜନା କରିବେ ବୋଲି ମନସ୍ଥ କରିଥିଲେ କେଶବ। ହଲ୍‌ରୁ ବାହାରିବା ପରେ ମାନିନୀ ଚଳଚ୍ଚିତ୍ରର ନିର୍ଦ୍ଦେଶକ ରବି କିନାଗୀଙ୍କୁ ଭେଟି ନିଜ ମନକଥା ଜଣାଇଥିଲେ। ନିର୍ଦ୍ଦେଶକ ରବି ଓ ତାଙ୍କ ଭାଇ ତଥା କ୍ୟାମେରାମ୍ୟାନ ରାଜ କିନାଗୀଙ୍କ ସହଯୋଗରେ କ୍ୟାରିୟରର ପ୍ରଥମ ଚଳଚ୍ଚିତ୍ର ନିର୍ମାଣ କରିଥିଲେ କେଶବ। ଚଳଚ୍ଚିତ୍ରର ନାଁ ଥିଲା ସୁନା ଚଢ଼େଇ। ୧୯୮୮ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ଏବେ ବି ରାଜ୍ୟ ସିନେଜଗତ ପାଇଁ ଏକ ମାଇଲଖୁଣ୍ଟ। ଏହି ଚଳଚ୍ଚିତ୍ରରେ ସୁପରହିଟ୍‌ର ମୋହର ବାଜିବା ପରେ କେଶବ ପଛକୁ ବୁଲି ଚାହିଁନାହାନ୍ତି। ଭୀଷ୍ମ ପ୍ରତିଜ୍ଞା, ସୁନା ସଂସାର, ସୁନା ହରିଣୀ, ଜୀବନସାଥୀ ଭଳି ଅନେକ ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ଏହି ପ୍ରଯୋଜକଙ୍କର ଅବଦାନ। ତେବେ କଳାକୁ ଭଲ ପାଉଥିବା କେଶବ ନିଜେ ମଧ୍ୟ କିଛି ଚଳଚ୍ଚିତ୍ରରେ ଅଭିନୟ କରି କଳାକାର ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ଟେଲିଭିଜନ ଦୁନିଆରେ ମଧ୍ୟ କେଶବ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଯେତେବେଳେ ଓଡ଼ିଆ ସିନେଜଗତ ଦୁର୍ଦ୍ଦିନରେ ଗତି କରିବ ବୋଲି ସାଧାରଣରେ କୁହାଯାଉଥିଲା ସେତେବେଳେ ଏହି ପ୍ରଯୋଜକ ଜଣକ ସିନେମା ପ୍ରସ୍ତୁତ କରି କଳାକୁ ବଞ୍ଚାଇ ରଖିବାରେ ଅଦମ୍ୟ ସାହସ ଦେଖାଇଥିଲେ ବୋଲି ଅନେକ ପୁରୁଖା ସିନେପ୍ରେମୀ ମତବ୍ୟକ୍ତ କରିଛନ୍ତି। କେଶବ ୩ଥର କାଉନସିଲର ଭାବେ ନିର୍ବାଚିତ ମଧ୍ୟ ହୋଇଛନ୍ତି।

# ପୂର୍ବ ଶତ୍ରୁତାରୁ ରମ୍ଭା କଲେଜ ଡେମୋନଷ୍ଟ୍ରେଟରଙ୍କୁ ହତ୍ୟା ସନ୍ଦେହ

**ଗଞ୍ଜାମ,୩୦।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ବିରୁଳିଗଡ଼ ରାସ୍ତା ପଣସଡ଼ିଅ ସାଉକାର ପୋଖରୀ ନିକଟ ରାସ୍ତା କଡ଼ରୁ ରବିବାର ପୋଲିସ ଏକ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଖଲ୍ଲିକୋଟ ଥାନା କୁସିଡ଼େପା ଗ୍ରାମର ଅଶ୍ୱିନ କୁମାର ମିଶ୍ର (୫୧)। ସେ ରମ୍ଭା ଜଗନ୍ନାଥ ମହାବିଦ୍ୟାଳୟରେ ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡ ପଛ ପାଖ ଏବଂ ମୁହଁରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ମୃତକଙ୍କ ଭାଇ ରେବନ୍ତଙ୍କ ଏତଲାକ୍ରମେ ପୋଲିସ ନଂ. ୧୨୭/୧୯ରେ ମାମଲା ରୁଜୁ କରିଛି। ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ, ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାଏ ଓ ରମ୍ଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ପୋଲିସ ସାଇଣ୍ଟିଫିକ୍ ଟିମର ଏ.କେ. ସାମଲ, ମୌସୁମୀ ଦଳାଇ ଏବଂ ଡଗ୍ ମାଷ୍ଟର ଏ. ବାଳକ୍ରିଷ୍ଣା ରାଏ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଖୋଳତାଡ଼ ଆରମ୍ଭ କରିଛନ୍ତି।



ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍।

ପ୍ରକାଶ ଯେ, ରାସ୍ତାପାର୍ଶ୍ୱରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତକଙ୍କ ପକେଟରୁ ଏକ ପର୍ସ, ଦିଆସିଲି ଓ ଚାବି ସହ ବାଇକ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଅନ୍ୟ ସ୍ଥାନରେ ହତ୍ୟା କରି ସେଠାରେ ଗାଡ଼ି ସହ ମୃତଦେହ ଫୋପାଡ଼ି ଦୁର୍ଘଟଣାର ରୂପ ଦେବା ପାଇଁ ଅଭିଯୁକ୍ତମାନେ ଚେଷ୍ଟା କରିଛନ୍ତି ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜାଣାପଡ଼ିଛି। ଅନ୍ୟପଟେ ମୃତ ମିଶ୍ର ରମ୍ଭା ପାନ୍ଥ ନିବାସ ନିକଟରେ ଭଡ଼ା ଘର ନେଇ ଏକୁଟିଆ ରହୁଥିଲେ। ଏକ ମାସ ପୂର୍ବେ ତାଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତିଙ୍କ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଏହି ହତ୍ୟା ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚାରା ଉଚରା କରୁଥିଲା। ଅଟକ ବ୍ୟକ୍ତି ହଠାତ୍ ଅସୁସ୍ଥ ହୋଇଯିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ କରାଯାଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଏ ସମ୍ପର୍କରେ ଛତ୍ରପୁର ଏସ୍‌ଡିପିଓ ଦାସ ଏହାକୁ ଖଣ୍ଡନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ରୋହିଣୀ ନକ୍ଷତ୍ରସ୍ଥ ଚନ୍ଦ୍ର ଅର୍ଥଲାଭ,ସାମାଜିକ ସମ୍ମାନ ସହ କାର୍ଯ୍ୟସିଦ୍ଧି କରାଇବ। ଦୀର୍ଘଦିନ ହେଲା ଯାହା ହୋଇପାରିନି ତାହା ପୂର୍ଣ୍ଣତା ଲାଭ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କ ମାନସିକ ସ୍ଥିତିକୁ ହର୍ଷିତ କରିପାରେ।

**ବୃଷ** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାର୍ଯ୍ୟ ହାସଲରେ ବିଜାତୀୟ ବ୍ୟକ୍ତିଙ୍କ ପ୍ରତିବାଦର ସ୍ୱରକୁ ତୀବ୍ର କରିପାରେ। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହୋଇପାରନ୍ତି। ଜମିଜମା କାରବାର, ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନର ଉନ୍ନତୀକରଣ ଦିଗରେ ମନୋନିବେଶ କରିପାରନ୍ତି।

**ମିଥୁନ** ଧନ ସ୍ଥାନରେ ବୁଧଯୁକ୍ତ ମଙ୍ଗଳ ବନ୍ଧୁଙ୍କ ସହ କଳହର ସୂତ୍ରପାତ କରାଇପାରନ୍ତି। ଆଶା କରିଥିବା ସ୍ଥାନରୁ ଅର୍ଥ ପାଇବାରେ କୌଣସି ଅସୁବିଧା ହେବନାହିଁ। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କ୍ରୟବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ ହୋଇପାରନ୍ତି। ଆଜିର ଯାତ୍ରା, କଚେରି ମାମଲା, ମନୋରଞ୍ଜନ କାର୍ଯ୍ୟକ୍ରମ ଦିଗରୁ ଉପକୃତ ହେବେ।

**କର୍କଟ** ରାଶ୍ୟାଧିପତିଙ୍କ ଉଚ୍ଚାବସ୍ଥାନ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ନେଇ କୌଣସି କଥାକୁ ଖାତିର ନ କରି ଆଗକୁ ମାଡ଼ିଚାଲିବେ। ପରୋକ୍ଷ ଶତ୍ରୁତାଜନିତ ଟେନ୍‌ସନ ଲାଗି ରହିବା ଯୋଗୁ ସାମୟିକ ଆନମନା ରହିପାରନ୍ତି। ସହକର୍ମୀ, ପାଖପଡ଼ୋଶୀ କିମ୍ବା ନବାଗତ ବନ୍ଧୁଙ୍କ ସହ ଆଳାପ ଆଲୋଚନା ବେଶ୍ ଜମିପାରେ।

**ସିଂହ** ଲାଭ ଭାବରେ ଏକାଧିକ ଗ୍ରହଙ୍କ ସ୍ଥିତି ଆପଣଙ୍କ ଆଶା ପୂରଣ କରିବାରେ ସମର୍ଥ ହେବ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା ହେତୁ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ପର ଉପରେ ନିର୍ଭର କରିବା କାରଣରୁ କେତେକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇପାରେ।

**କନ୍ୟା** ଶନି ଓ ବୃହସ୍ପତିଙ୍କ ସ୍ଥିତି ପରିବାର, ଲୋକସମ୍ପର୍କ, ଯାନବାହନ, ସଭାସମିତି ତଥା ସାମୂହିକ କାମରେ ସମସ୍ୟା ସୃଷ୍ଟି କରିପାରେ। କର୍ମାଧିପତି ଏକାଦଶସ୍ଥ ହୋଇ ଅଷ୍ଟମାଧିପତି ସହ ମିଳିତ ହୋଇଥିବାରୁ ଅଭିଳଷିତ ଜିନିଷର ପ୍ରାପ୍ତି ଆଶା ନିରର୍ଥକ ହୋଇପାରେ। ପ୍ରଶାସନ, କଳା, ସାହିତ୍ୟ, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** କର୍ମ ସ୍ଥାନରେ ବୁଧ ଓ ମଙ୍ଗଳଙ୍କ ସ୍ଥିତି କାରଣରୁ ଆପଣଙ୍କ ଯାତ୍ରା ପ୍ରୀତିପ୍ରଦ ରହିବ। ଆନୁଷଙ୍ଗିକ ଆର୍ଥିକ ସାହାଯ୍ୟ ଓ ବ୍ୟକ୍ତିଗତ ସହଯୋଗ ଲାଭକରି କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁ ତଥା ସହକର୍ମୀମାନଙ୍କ ପ୍ରିୟପାତ୍ର ହେବେ।

**ବିଛା** ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ନୂତନ କର୍ମାରମ୍ଭ, ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଓ ବନ୍ଧୁମିଳନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମ, ସାମୂହିକ ଆଲୋଚନା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ଧନୁ** ଅଷ୍ଟମାଧିପତି ଚନ୍ଦ୍ର ଧନାଧିପତିଙ୍କ ସହ ଷଷ୍ଠାଷ୍ଟମ ସ୍ଥିତିରେ ରହିଥିବାରୁ ଆପଣଙ୍କ ବିବାଦୀୟ ମନ୍ତବ୍ୟ ଯୋଗୁ ଅପ୍ରିୟତା ଅର୍ଜନ କରିପାରନ୍ତି। ପାରିବାରିକ ଅଶାନ୍ତି କେତେକାଂଶରେ ଥମିଯିବା କାରଣରୁ ପୂର୍ବାଷାଢ଼ ନକ୍ଷତ୍ର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବା ଫଳରେ ସମାଧାନ ବିଳମ୍ବିତ ହୋଇପାରେ।

**ମକର** ଗ୍ରହମାନଙ୍କ ଅନୁକୂଳତା କାରଣରୁ ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ର, ରାଜନୀତି, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** କର୍ମାଧିପଙ୍କ ବଳହୀନ ହେଲେ ମଧ୍ୟ ଶନିଙ୍କ ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ଆପଣଙ୍କ ସମସ୍ତ ଚେଷ୍ଟା ଓ ପରିଶ୍ରମ ମୂଲ୍ୟହୀନ ହୋଇ ନ ପାରେ। କେତେକ ଆକସ୍ମିକ ସମସ୍ୟାକୁ ନେଇ ଯାତ୍ରା, କର୍ମାରମ୍ଭ କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୂର୍ବ ପରିକଳ୍ପିତ ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ।

**ମୀନ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥାନରେ ବୃହସ୍ପତି ଅପୂର୍ବ ଯୋଗ ସୃଷ୍ଟିକରି ଆପଣଙ୍କ ଶ୍ରମ ସାର୍ଥକ କରାଇବେ। କିନ୍ତୁ ପାପଗ୍ରହ ମଧ୍ୟସ୍ଥ ଗୁରୁ ଓ ଚନ୍ଦ୍ର ଯୋଗୁ ମନର ଅସ୍ଥିରତା ସାଙ୍ଗକୁ ଶାରୀରିକ ସୁସ୍ଥତା ନ ରହିବା ହେତୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। କର୍ମକ୍ଷେତ୍ର, ସଭାସମିତି, ରାଜନୈତିକ ତଥା ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିଆସିବ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ଶ୍ରୀମନ୍ଦିରରେ ଅଣସର ଚତୁର୍ଦ୍ଦଶୀ, ଚକା ଅପସାରଣ, ଚିକିତ୍ସକ ଦିବସ, ଜିଏସ୍‌ଟି ଦିବସ, ବନ ମହୋତ୍ସବ ସପ୍ତାହ ଆରମ୍ଭ, ଜୁଲାଇ ୧ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ମିଥୁନ ରାଶିର ଘାତବାର, ଦିବା ଘ୧୦।୨୭ମି.ରେ ମୃଗଶିରା ନକ୍ଷତ୍ର ହେବ। ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ୬।୪୯ମି. ମଧ୍ୟେ, ଘ୧।୦୪ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୪୨ମି. ଗତେ ଘ୬।୨୧ମି. ମଧ୍ୟେ ଅମୃତବେଳା।


## classifieds Everyday

**0674-2580101, 2549302**

real estate

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-13113

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-66584

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948.** D-66717

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

**ଫୁଲନଖରାସ୍ଥିତ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164.** D-66718

ପୁରୀ ମଙ୍ଗଳା ଘାଟ ବାଏପାସ୍‌ରେ SC, ST ସ୍ଥିତିବାନ୍ ପ୍ଲଟ ବିକ୍ରୟ ହେବ। Mob no: 9861960700, 7978041062. D-63780

**ଘରବାରୀ demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/- 9437306208.** D-66722



"ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ଜିଲା ଚିଠି
### ବାଲେଶ୍ୱର

# ନାଁକୁ ଆଦର୍ଶ ଗାଁ

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ପ୍ରଥମ ଆଦର୍ଶ ଗାଁର ପରିଚୟ ପାଇଥିଲା ଆଗରପଡ଼ା। ମାତ୍ର ଯୋଜନା ଓ ବାସ୍ତବତା ଭିତରେ କିଭଳି ଫରକ ତାହା ଏହି ଗାଁକୁ ଦେଖିଲେ ବାରି ହୋଇପଡ଼େ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହିତ ସୁନ୍ଦର ଓ ସ୍ୱଚ୍ଛ ପରିବେଶ ପାଇଁ କୌଣସି ଗାଁକୁ ଆଦର୍ଶ ମାନ୍ୟତା ମିଳିଥାଏ। କିନ୍ତୁ ଆଗରପଡ଼ା ଭିନ୍ନ ବ୍ୟତିକ୍ରମ। ଏଠି ଲୋକଙ୍କ ପାଖରେ ପହଞ୍ଚିପାରିନି ମୌଳିକ ସୁବିଧା। ୨୦୧୪-୧୫ ଆର୍ଥିକ ବର୍ଷରେ ଆଗରପଡ଼ାକୁ ଆଦର୍ଶ ଗାଁ ମାନ୍ୟତା ମିଳିବା ପରେ ଲୋକେ କେତେ କ'ଣ ସ୍ୱପ୍ନ ଦେଖିଥିଲେ। ସମସ୍ତଙ୍କୁ ପକ୍କା ଘର ମିଳିବ, ପକ୍କା ସଡ଼କ ହେବ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷିର ବିକାଶ ଘଟିବ ଏମିତି ଅନେକ ପ୍ରତିଶ୍ରୁତି ମିଳିଥିଲା। ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ନେତୃବର୍ଗ ଆଦର୍ଶ ଗାଁର ବିକାଶ ପାଇଁ ଯୋଜନା ଚିଠା ପ୍ରସ୍ତୁତ ହୋଇଥିବା କହିଥିଲେ। ପରେ ପାନୀୟଜଳ ଭଳି ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ବି ଏସବୁ ଅଧାପନ୍ତରିଆ ହୋଇପଡ଼ିଛି। ଆଦର୍ଶ ଗାଁର ମାନ୍ୟତା କାଗଜପତ୍ର ଅଳନ୍ଧୁରେ ହଜିଯାଇଛି।

ବାଲେଶ୍ୱର ଜିଲା ମାନଚିତ୍ରରେ ଆଗରପଡ଼ା ସମୁଦ୍ର ଉପକୂଳ ଅଞ୍ଚଳରେ ଥିବା ଏକ ବନ୍ୟା ପ୍ରଭାବିତ ଗାଁ। ସୁବର୍ଣ୍ଣରେଖାରେ ବନ୍ୟା ଆସିଲେ ଗାଁର ରାସ୍ତାଘାଟ, ଘରଦ୍ୱାର ଧୋଇ ନେଇଯାଏ। ସାହାଡ଼ା ପଞ୍ଚାୟତ ଅଧୀନ ଏହି ଗାଁରେ ୧୭୫ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଲୋକସଂଖ୍ୟା ୮୦୦ରୁ ଅଧିକ। ସେମାନେ ଚାଷ କାର୍ଯ୍ୟ କରିବା ସହ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଅନେକ ଗ୍ରାମବାସୀ ଝିଲ୍ଲିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗାଁର ୭୦ ପ୍ରତିଶତ ଲୋକ ଏବେ ମଧ ଚାଳ ଘରେ ବସବାସ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡ଼ିଆ ଓ ବିଜୁ ପକ୍କା ଘର ଆଦି ଯୋଜନାରେ ୩୦ରୁ ଅଧିକ ପରିବାରକୁ ମିଳିଛି ପକ୍କା ଘର। ଗାଁ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଅର୍ଥ ମଞ୍ଜୁରୀ ହୋଇଥିଲେ ମଧ ଆବଶ୍ୟକ ପାଇଖାନା ନିର୍ମାଣ ହୋଇପାରିନାହିଁ। ୫୦ରୁ ଅଧିକ ଯୋଗ୍ୟ ପରିବାରକୁ ନା ମିଳିଛି ଘର ନା ପାଇଖାନା। ଆଗଭଳି ଲୋକେ ଖୋଲାପଡ଼ିଆକୁ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ପ୍ରଦୂଷିତ ପରିବେଶ ଯୋଗୁ ବିଭିନ୍ନ ସମୟରେ ଗାଁରେ ଝାଡ଼ାବାନ୍ତି, ମ୍ୟାଲେରିଆ ଭଳି ରୋଗ ଦାଉ ସାଧୁଛି। ବ୍ଲକ କାର୍ଯ୍ୟାଳୟଠାରୁ ସଡ଼କପଥରେ ୭ କି.ମି. ଦୂର ଗଲେ ପଡ଼େ ଏହି ଗାଁ। ମୁଖ୍ୟ ରାସ୍ତାଠାରୁ ପ୍ରାୟ ୧ କି.ମି. ଦୂର ଯାଏ କଚ୍ଚା ରାସ୍ତା ଉପରେ ନିର୍ଭର କରି ଲୋକେ ଯାତାୟାତ କରୁଛନ୍ତି। ବନ୍ୟା ପରେ ଗାଁ ରାସ୍ତା ଦୁର୍ଗମ ପାଲଟିଯାଉଥିଲେ ମଧ ଏହାର ପ୍ରତିକାର କରାଯାଉନାହିଁ। ସମୁଦ୍ର ଜୁଆର ପ୍ରଭାବରେ ଭୂତଳ ଜଳସ୍ତର ଲବଣାକ୍ତ ହେଉଥିବାରୁ ମଧୁର ଜଳ ମିଳେନାହିଁ। ଗାଁରେ ଥିବା ୫ ନଳକୂପରୁ ୨ଟି ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ଅନ୍ୟ ୩ ନଳକୂପ ଉପରେ ଲୋକେ ନିର୍ଭର କରି ଚଳୁଛନ୍ତି। ପାନୀୟଜଳ ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଥିଲେ ମଧ ଏହାକୁ ପୂର୍ଣ୍ଣାଙ୍ଗ କରାଯାଉନାହିଁ। ଶିକ୍ଷା ବ୍ୟବସ୍ଥା ଲାଗି ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଭିତ୍ତିଭୂମି ଅଭାବରୁ ଏଠି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉଧେଇ ପାରୁନାହିଁ। ୩୦ରୁ ଅଧିକ ହିତାଧିକାରୀଙ୍କୁ ବିକଳାଙ୍ଗ ଓ ବିଧବା ଭତ୍ତା ମିଳିନାହିଁ। ଆଦର୍ଶ ଗାଁ ଘୋଷଣା ହେବାର ୪ ବର୍ଷ ବିତିଥିଲେ ବି କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇପାରି ନ ଥିବାରୁ ଗାଁର ଭାଗ୍ୟ ବଦଳି ନାହିଁ କି ଲୋକଙ୍କ ସ୍ଥିତି ସୁଧୁରିନାହିଁ। କେବଳ ସରକାରୀ ନଥିପତ୍ରରେ ଏହାକୁ ଆଦର୍ଶ ଗାଁର ମାନ୍ୟତା ମିଳିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

– ମାନସ ବିଶ୍ୱାଳ

# କନ୍ୟା ନିଖୋଜ, ବାହାଘର ବାତିଲ

- ଆସିଲେନି ବରଯାତ୍ରୀ
- ଭୋଜି ଖାଇ ଫେରିଲେ ଅତିଥି
- ଝିଅର ନିଖୋଜ ନେଇ ଥାନାରେ ଅଭିଯୋଗ କଲେ ବାପା

ବାମରା,୩୦।୬(ସ୍ୱ.ପ୍ର.)

ଚୂଡ଼ାନ୍ତ ହୋଇଥିଲା ବିବାହ ଦିନ। ବଣ୍ଟାଯାଇଥିଲା ନିମନ୍ତ୍ରଣପତ୍ର। ସରିଥିଲା ତେଲହଳଦୀ। ହେଲେ ବିବାହର ଠିକ୍ ପୂର୍ବରୁ କନ୍ୟା କେଉଁଆଡ଼େ ନିଖୋଜ ହୋଇଯିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାମରା ବ୍ଲକ ଉଚ୍ଚକାପାଟ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଞ୍ଚଳର ଜଣେ ଯୁବତୀଙ୍କ ବିବାହ ମହୁଲପାଲି ଥାନା ଅନ୍ତର୍ଗତ ବାଲିମାଲରେ ସ୍ଥିର ହୋଇଥିଲା। ରବିବାର ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିଲା। ଉଭୟ ବର ଓ କନ୍ୟା ପକ୍ଷ ବିବାହ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ। ବରପକ୍ଷ ବରଯାତ୍ରୀ ନେଇ ଆସିବାକୁ ପ୍ରସ୍ତୁତ ହୋଇସାରିଥିଲେ। ହେଲେ ଖବର ମିଳିଲା କନ୍ୟା ନିଖୋଜ ହୋଇଯାଇଛନ୍ତି। ଏହା ଶୁଣି ବରପକ୍ଷଙ୍କ ମୁଣ୍ଡରେ ଚଡ଼କ ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ବିବାହକୁ ବାତିଲ କରାଯାଇଥିଲା।

ଏ ନେଇ ଯୁବତୀଙ୍କ ବାପା ଶନିବାର ଗୋବିନ୍ଦପୁର ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖରେ ତାଙ୍କ ଝିଅ ବିବାହ ସାମଗ୍ରୀ କିଣିବା ପାଇଁ ବାମରା ବଜାରକୁ ଆସିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଝିଅର ନିଖୋଜ ହେବା ଘଟଣାକୁ ନେଇ ବାପା ଚିନ୍ତିତ ହୋଇପଡ଼ିଥିଲେ। ମାତ୍ର ଲୋକଲଜ୍ଜା ଓ କାଳେ ଝିଅ ବିବାହ ପୂର୍ବରୁ ଫେରିଆସିବ, ସେହି ଆଶାରେ ଚୁପ୍ ବସିଥିଲେ। ତେବେ ଝିଅ ଶନିବାର ସୁଦ୍ଧା ମଧ ନ ଫେରିବାରୁ ଏ ନେଇ ବରପକ୍ଷଙ୍କୁ ଜଣାଇଥିଲେ। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ଜାତି ସମାଜ ଲୋକେ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା କରାଇଥିଲେ। ଅନ୍ୟପଟେ ବିବାହ ପାଇଁ ପୂର୍ବରୁ ନିମନ୍ତ୍ରଣପତ୍ର ବଣ୍ଟା ସରିଥିବାରୁ ରବିବାର କନ୍ୟାଙ୍କ ଘରେ ଅତିଥିଙ୍କ ଭିଡ଼ ଲାଗିଥିଲା। କନ୍ୟାଙ୍କ ବାପା ସେମାନଙ୍କୁ ଭୋଜନ କରାଇ ବିଦା କରିଥିଲେ। ଯୁବତୀଙ୍କ ନିଖୋଜ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଯୁବତୀ ଫେରାର ହେବା ସମୟରେ ନିଜର ସମସ୍ତ ଜରୁରୀ କାଗଜପତ୍ର, ପରିଚୟପତ୍ର, ସାର୍ଟିଫିକେଟ ସହ ଅନ୍ୟ ଆବଶ୍ୟକ ସାମଗ୍ରୀ ନେଇଯାଇଥିବା ଜଣାପଡ଼ିଛି। ତେଣୁ ଏହା ପୂର୍ବ ପ୍ରସ୍ତୁତି ଓ ପ୍ରେମ ସମ୍ପର୍କ ଯୋଗୁ ଘଟିଥିବା ପୋଲିସ ଅନୁମାନ କରୁଛି।

# ପ୍ରବଳ ବର୍ଷିବ, ୮ ଜିଲାକୁ ରେଡ୍ ଆଲର୍ଟ

- ରାଜ୍ୟକୁ ସତର୍କ କଲା ଭାରତୀୟ ପାଣିପାଗ ବିଭାଗ
- ୧୪ ଜିଲାରେ ସାମାନ୍ୟରୁ ମଧମ ବର୍ଷା
- ମାଲକାନଗିରିରେ ସର୍ବାଧିକ ୭ମିମି ରେକର୍ଡ
- ୨ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

ଭୁବନେଶ୍ୱର,୩୦।୬(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି। ଏହାର ପ୍ରଭାବରେ ରବିବାରଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହୋଇଯାଇଥିବାବେଳେ ସୋମବାରଠାରୁ ପ୍ରବଳ ବର୍ଷିବ। ତେବେ ୮ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ୧୪ ଜିଲାରେ ମଧମରୁ ସାମାନ୍ୟ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟକୁ ସତର୍କ ସୂଚନା ଜାରି କରିଛି ଭାରତୀୟ ପାଣି ପାଗ ବିଭାଗ (ଆଇଏମ୍‌ଡି)। ଲଘୁଚାପ ଅବପାତର ରୂପ ନେଇ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନ ସହ ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ସମ୍ବଲପୁର, ଦେବଗଡ଼, ସୋନପୁର, ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଢେଙ୍କାନାଳ ଜିଲାରେ ସବୁଠାରୁ ଅଧିକ ବର୍ଷା ହେବ। ତେଣୁ ଏସବୁ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲାରେ ମଧମରୁ ସାମାନ୍ୟ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। କେତେକ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ି ହେବାନେଇ ସତର୍କ କରିଛି ପାଣିପାଗ ବିଭାଗ।

ମିଳିଥିବା ରିପୋର୍ଟ ମୁତାବକ, ରବିବାର ସନ୍ଧ୍ୟାସୁଦ୍ଧା ମାଲକାନଗିରି ଜିଲାରେ ସର୍ବାଧିକ ୭ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଦାରିଙ୍ଗବାଡ଼ିରେ ୪ ମିମି, କୋରାପୁଟରେ ୩.୪ ମିମି, ବାଲେଶ୍ୱରରେ ୧.୨ ମିମି ବର୍ଷା ହୋଇଛି। ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଗଞ୍ଜାମ, ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧମ ବର୍ଷା ହୋଇଛି। ତେବେ ମୌସୁମୀ ଓଡ଼ିଶା ଛୁଇଁବା ପରେ ପ୍ରଥମଦିନ ଅଳ୍ପ ବର୍ଷା ହୋଇ କିଛିଦିନ ପାଇଁ ଉଭାନ ହୋଇଯାଇଥିଲା। ଏହା ଭିତରେ ପ୍ରବଳ ଖରା ଓ ଗୁଳୁଗୁଳିରେ ଛଟପଟ ହେଉଥିଲା ସାରା ଓଡ଼ିଶା। ବିଶେଷକରି ମୌସୁମୀ ଆଗମନକୁ ଦେଖି ଚାଷ ପାଇଁ ପ୍ରସ୍ତୁତ ଚାଷୀ ବର୍ଷା ଉଭେଇଯିବା ଦେଖି ହତାଶ ହୋଇପଡିଥିଲା। ଏବେ ବର୍ଷା ଆଶ୍ୱସ୍ତି ଆଣିଛି।

# ଜୁଲାଇ ୨୧ରେ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)–** ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ ଦ୍ୱିତୀୟ ସ୍ୱତନ୍ତ୍ର ଓଜେଇଇ। ଏଥିଲାଗି ରବିବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଏହି ଦ୍ୱିତୀୟ ପର୍ଯ୍ୟାୟ ଓଜେଇଇ ପାଇଁ ଆବେଦନ କରିପାରିବେ। ବିଟେକ୍ ସହ ବିଟେକ୍ ଲାଟେରାଲ୍ ଏଣ୍ଟ୍ରି, ଏମ୍‌ବିଏ, ଏମ୍‌ସିଏ ଏବଂ ଏମ୍‌ସିଏ ଲାଟେରାଲ୍ ଏଣ୍ଟ୍ରିରେ ନାମଲେଖା ପାଇଁ ଏହି ପରୀକ୍ଷା ହେବ। ଓଜେଇଇ ଭଳି ସମାନ ଢାଞ୍ଚାରେ ସ୍ୱତନ୍ତ୍ର ଓଜେଇଇ ହେବ। ପରୀକ୍ଷା ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ ଜୁଲାଇ ୧୫ରୁ ଆଡମିଟ୍ କାର୍ଡ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ୨୧ ତାରିଖ ପୂର୍ବାହ୍ନ ୧୦ଟାରୁ ୧୧ ପର୍ଯ୍ୟନ୍ତ ୧ ଘଣ୍ଟା ଧରି ପରୀକ୍ଷା ଅନୁଷ୍ଠିତ ହେବ। ଜୁଲାଇ ୨୫ରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଯେଉଁ ଛାତ୍ରୀଛାତ୍ରମାନେ ଓଜେଇଇରେ ର୍ୟାଙ୍କ୍ ପାଇଛନ୍ତି ସେମାନେ ଏହି ପରୀକ୍ଷା ଦେବା ଆବଶ୍ୟକ ନାହିଁ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି।

BADRIPRASAD
DEGREE COLLEGE
+ 3 Online Admission Through SAMS
ADMISSION OPEN
BSc | BCom | BA
70089 20803, 70087 57504, 83277 25282, 70084 83493, bdcssbp@gmail.com
bcctssbp@gmail.com Visit: www.bitsambalpur.in
Debaipali, Majhipali Chowk, Sason, SAMBALPUR

K.V. (Degree) College, Kantabanji
At/PO- Dhamandanga, Dist.- Balangir-767039
Admission for M.A. (Odia), M.Com
(Regular and Self-Financing Mode)
Applications are invited for admission into the above P.G. Courses. Form can be obtained from college office by paying Rs. 200/- or can be downloaded from our website & pay the cost at the time of entrance test.
Last date for submission of forms: 15.07.2019
Entrance Test: 18.07.2019, 11 AM
www.kantabanjidegreecollege.org
Sd./- Principal
Mob: 9937634782

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT- 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US–8 TO 11AM (OFFICE) EVERYDAY

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ରେଡିଓ ହୀରାଖଣ୍ଡର ପ୍ରତିଷ୍ଠା ଦିବସ ଉତ୍ସବ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୫ଟା।
- ରୋଟାରି କ୍ଲବ୍ ଅଫ୍ ସମ୍ବଲପୁର ପକ୍ଷରୁ ରକ୍ତଦାନ ଶିବିର, ଚେପଟିପୁଲିଆ କ୍ଲବ ପରିସର, ପୂର୍ବାହ୍ନ ୯ଟା।
- ଏମ୍‌ବିଏ ପଞ୍ଚମ ବ୍ୟାଚ୍‌ର ଉଦ୍‌ଘାଟନୀ ଉତ୍ସବ, ଆଇଆଇଏମ୍ ସମ୍ବଲପୁର, ପୂର୍ବାହ୍ନ ୧୧ଟା।

**ପୁରୁଣାକଟକ**
- ଏସବିଆଇର ପ୍ରତିଷ୍ଠା ଦିବସ, ବ୍ୟାଙ୍କ ପରିସର, ପୂର୍ବାହ୍ନ ୧୦ଟା।

**ଭବାନୀପାଟଣା**
- ଡାକ୍ତର ଦିବସ ପାଳନ, ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହ, ପୂର୍ବାହ୍ନ ୧୧ଟା।

# ନବଜାତ ଶିଶୁକନ୍ୟାକୁ ଅନ୍ୟକୁ ଟେକିଦେଲେ

**ବଲାଙ୍ଗୀର ଅଫିସ, ୩୦।୬**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୋଇଣ୍ଡାପାଲି ଗାଁରେ ଜଣେ ନବଜାତ ଶିଶୁକନ୍ୟାକୁ ତାଙ୍କ ମା' ଅନ୍ୟ ଏକ ପରିବାରକୁ ଟେକି ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଏହା ଶିଶୁବିକ୍ରି ବୋଲି ଚର୍ଚ୍ଚା ହେଉଥିଲେ ମଧ ସ୍ପଷ୍ଟ ହୋଇନାହିଁ । କେଉଁ ପରିସ୍ଥିତିରେ ମହିଳା ଜଣକ ନିଜର ନବଜାତ ଶିଶୁକନ୍ୟାକୁ ଅନ୍ୟ ଜଣକୁ ଟେକିଦେଲେ ସେ ନେଇ ଭିନ୍ନ ଭିନ୍ନ ସୂଚନା ମିଳିଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କୌଣସି ଏକ ମାମଲାରେ ଜେଲରେ ଅଛନ୍ତି। ଏଣୁ ପରିବାର ଚଳାଇବା କଷ୍ଟକର ହେଉଛି। ବିଶେଷ କରି ନବଜାତ ଶିଶୁକନ୍ୟାକୁ ପ୍ରତିପୋଷଣ କରିବା କଷ୍ଟକର ହୋଇପଡିବା ଆଶଙ୍କା ରହିଛି। ଏଣୁ ସେ ଉପାୟ ନ ପାଇ ଶିଶୁକନ୍ୟାକୁ ଅନ୍ୟ ପରିବାରକୁ ହସ୍ତାନ୍ତର କରିଥିବା ଚର୍ଚ୍ଚା ହୋଇଛି।

- ସୁଇସ୍ ବ୍ୟାଙ୍କରେ ଧନ ସ୍ଥିତି

# ଭାରତର ର୍ୟାଙ୍କ ଖସିଲା

ନୂଆଦିଲ୍ଲୀ,୩୦।୬



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର କଳାଧନ ପ୍ରତି କଡ଼ା ମନୋଭାବ ଆପଣାଇଛନ୍ତି। ଫଳରେ ଭାରତୀୟମାନେ ଭୟଭୀତ ହୋଇ ସୁଇସ୍ ବ୍ୟାଙ୍କରୁ ଅର୍ଥ ଉଠାଇବା ଆରମ୍ଭ କଲେଣି। ସୁଇସ୍ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଜାରି ଧନ ସଂକ୍ରାନ୍ତ ସଦ୍ୟତମ ସ୍ଥିତି ରିପୋର୍ଟ ଅନୁଯାୟୀ, କଳାଧନ ଜମା କରିବାରେ ଭାରତ ୭୪ ତମ ସ୍ଥାନରେ ରହିଛି। ଗତବର୍ଷ ଭାରତ ୭୩ ତମ ସ୍ଥାନରେ ଥିଲା ବେଳେ ଚଳିତବର୍ଷ ଆଉ ପାଦେ ଖସିଛି।

କଳାଧନ ସମ୍ପର୍କରେ ତଥ୍ୟ ପ୍ରଦାନ ନେଇ ମୋଦି ଓ ସୁଇସ୍ ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହେବା ପରେ ଭାରତୀୟମାନେ ଭୟଭୀତ ହୋଇଛନ୍ତି। ଗତବର୍ଷ ଭାରତ ୧୫ ପାଦ ଉପରକୁ ଉଠି ୭୩ତମ ସ୍ଥାନରେ ପହଞ୍ଚିଯାଇଥିଲା। ଅର୍ଥାତ୍ ଭାରତୀୟଙ୍କ କଳାଧନ ପରିମାଣ ଯଥେଷ୍ଟ ହ୍ରାସ ପାଇଥିଲା। ସଦ୍ୟତମ ର୍ୟାଙ୍କିଙ୍ଗ ବିଶ୍ଳେଷଣରୁ ଏହା ସ୍ପଷ୍ଟ ହୋଇଛି ଯେ, ସୁଇସ୍ ବ୍ୟାଙ୍କରେ କଳାଧନ ଜମା କରିବାରେ ବର୍ତ୍ତମାନ ଭାରତ ପଛରେ ପଡିଯାଇଛି। ଏହି ବ୍ୟାଙ୍କଗୁଡ଼ିକରେ ବିଦେଶୀଙ୍କ ଦ୍ୱାରା ଜମା କରାଯାଇଥିବା ମୋଟ କଳାଧନର ମାତ୍ର ୦.୦୭ ପ୍ରତିଶତ ଭାରତୀୟଙ୍କର ବୋଲି ଜଣାପଡିଛି। ଏହି ମାମଲାରେ ବ୍ରିଟେନ ସର୍ବାଗ୍ରେ ରହିଛି। ୨୦୧୮ ଶେଷ ସୁଦ୍ଧା ସୁଇସ୍ ବ୍ୟାଙ୍କରେ ବ୍ରିଟେନବାସୀଙ୍କ କଳାଧନ ଜମା ପରିମାଣ ୨୬% ରହିଥିଲା। ସୁଇସ୍ ବ୍ୟାଙ୍କରେ କଳାଧନ ଜମା କରିବାରେ ଦ୍ୱିତୀୟ ସ୍ଥାନରେ ଆମେରିକା ରହିଥିବା ବେଳେ ତୃତୀୟ ସ୍ଥାନରେ ୱେଷ୍ଟ ଇଣ୍ଡିଜ, ଚତୁର୍ଥରେ ଫ୍ରାନ୍ସ ଏବଂ ପଞ୍ଚମରେ ହଂକଂ ରହିଛି। ଏହି ବ୍ୟାଙ୍କରେ ଜମା ପରିମାଣର ୫୦%ରୁ ଅଧିକ ଅର୍ଥ ଉକ୍ତ ୫ ଦେଶର ଲୋକଙ୍କର ବୋଲି ଜଣାପଡିଛି। ଶୀର୍ଷ ୧୦ ଦେଶର ଲୋକଙ୍କ ଦ୍ୱାରା ଏହି ବ୍ୟାଙ୍କରେ ଦୁଇ ତୃତୀୟାଂଶ ଅର୍ଥ ଜମା କରାଯାଇଛି। ଶ୍ରେଷ୍ଠ୧୦ ଦେଶ ମଧ୍ୟରେ ଥିବା ପ୍ରମୁଖ ରାଷ୍ଟ୍ର ହେଲେ ବାହାମାସ୍, ଜର୍ମାନୀ, ଲକଜମବର୍ଗ, କାୟମାନ ଆଇଲାଣ୍ଡ ଓ ସିଙ୍ଗାପୁର। ସେହିପରି ଏହି ବ୍ୟାଙ୍କରେ ଜମା ରାଶିର ୭୫% ଶୀର୍ଷ ୧୫ ଦେଶର ଲୋକଙ୍କର ହୋଇଥିବା ବେଳେ ଶୀର୍ଷ ୩୦ ଦେଶର ଲୋକଙ୍କର ୯୦ ପ୍ରତିଶତ ଜମା ଏଠାରେ ରହିଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଭାରତ ସର୍ବନିମ୍ନ ର୍ୟାଙ୍କରେ ରହିଛି। ଏହି ର୍ୟାଙ୍କରେ ରୁଷ୍ ସର୍ବାଗ୍ରେ ରହିଥିବା ବେଳେ ଚାଇନା(୨୨ତମ),ଦକ୍ଷିଣ ଆଫ୍ରିକା(୬୦ତମ), ବ୍ରାଜିଲ(୬୫ ତମ) ରହିଛି। ତାଲିକାରେ ମରିସସ୍(୭୧ତମ), ନ୍ୟୁଜିଲାଣ୍ଡ(୫୯), ଫିଲିପାଇନ୍ସ(୫୪ତମ), ଭେନେଜୁଏଲା(୫୩ତମ), ସିସେଲ୍ସ(୫୨ତମ), ଥାଇଲାଣ୍ଡ(୩୯ତମ), କାନାଡା(୩୬ତମ), ତୁର୍କି(୩୦ତମ), ଇସ୍ରାଏଲ୍(୨୮ତମ), ସୌଦି ଆରବ(୨୧ତମ), ପାନାମା(୧୮ତମ), ଜାପାନ(୧୬ତମ), ଇଟାଲୀ(୧୫ତମ), ଅଷ୍ଟ୍ରେଲିଆ(୧୩ତମ), ସଂଯୁକ୍ତ ଆରବ ଏମିରାଟ(୧୨ତମ) ସାମିଲ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ମୋଦି ସରକାର ୨୦୧୪ ରେ ପ୍ରଥମେ କ୍ଷମତାକୁ ଆସିବା ପରେ କଳାଧନ ବିରୋଧରେ ଲଢ଼େଇ ଆରମ୍ଭ କରିଥିଲେ। ସୁଇସ୍ ନ୍ୟାଶନାଲ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୧୪ରେ ପ୍ରଥମେ ଭାରତର ସ୍ଥାନ ୬୧ରେ ଥିବା ବେଳେ ୨୦୧୫ରେ ଏଥିରେ ଉନ୍ନତି ଆସି ୭୫ତମ ଥିଲା। ୨୦୦୭ ସୁଦ୍ଧା କଳାଧନ ଜମା କରିବାରେ ଭାରତ ଶୀର୍ଷ ୫୦ ଦେଶ ଭିତରେ ଥିଲା। ୨୦୦୪ରେ ଦେଶର ର୍ୟାଙ୍କ ୩୭ ତମ ରହିଥିଲା। ଇତିମଧ୍ୟରେ ସୁଇଜରଲାଣ୍ଡ ସରକାରଙ୍କ ପକ୍ଷରୁ ୫୦ ଭାରତୀୟଙ୍କୁ ନୋଟିସ ଜାରି କରାଯାଇଛି। ନିୟମ ଅନୁଯାୟୀ ଭାରତକୁ ତଥ୍ୟ ପ୍ରଦାନ ପୂର୍ବରୁ ସେମାନଙ୍କୁ ଗୋଟିଏ ଥର ଅପିଲ୍ କରିବାକୁ ସୁଯୋଗ ଦିଆଯାଇଛି। ସେମାନଙ୍କ ତଥ୍ୟ ଯଥେଷ୍ଟ ଭରସାଯୋଗ୍ୟ ନ ହେଲେ ଭାରତକୁ ସୁଇସ୍ ସରକାର ତଥ୍ୟ ପ୍ରଦାନ କରିବେ। ଏଥିପୂର୍ବରୁ ସେ ଦେଶ ସରକାରଙ୍କ ପକ୍ଷରୁ ଭାରତକୁ ୧୦୦ ଜଣ ଭାରତୀୟଙ୍କ ଆକାଉଣ୍ଟ ତଥ୍ୟ ଦିଆଯାଇସାରିଛି। ତେବେ ଏହା ଅନୌପଚାରିକ ଭାବେ ପ୍ରଦାନ କରାଯାଉଛି। ଚୁକ୍ତି ଅନୁଯାୟୀ ସୁଇସ୍ ସରକାର ଚଳିତବର୍ଷ ଠାରୁ ଔପଚାରିକ ଭାବେ ଭାରତକୁ ବ୍ୟାଙ୍କ ତଥ୍ୟ ପ୍ରଦାନ କରିବା ଆରମ୍ଭ କରିବେ। ଇତିମଧ୍ୟରେ କେତେଜଣଙ୍କ ନାମ ମଧ ପ୍ରକାଶ ହୋଇସାରିଛି। ଆଗକୁ ମଧ ଗେଜେଟ ମାଧ୍ୟମରେ ବ୍ୟକ୍ତିବିଶେଷଙ୍କ ନାମ ସମ୍ପର୍କିତ ତଥ୍ୟ ପ୍ରକାଶ କରାଯିବ ବୋଲି ସୁଇଜରଲାଣ୍ଡ ସରକାର କହିସାରିଛନ୍ତି।




ବନ୍ୟା ପୂର୍ବରୁ
- ଗୁଜବ ଉପରେ ଧ୍ୟାନ ଦିଅନ୍ତୁ ନାହିଁ, ଶାନ୍ତ ରୁହନ୍ତୁ, ଆତଙ୍କିତ ହୁଅନ୍ତୁ ନାହିଁ
- ଜରୁରିକାଳୀନ ଯୋଗାଯୋଗ ପାଇଁ ନିଜ ମୋବାଇଲ୍‌କୁ ଚାର୍ଜ କରି ରଖନ୍ତୁ; ଏସ୍‌ଏମ୍‌ଏସ୍ ବ୍ୟବହାର କରନ୍ତୁ
- ପାଣିପାଗ ଅପ୍‌ଡେଟ୍ ପାଇଁ ରେଡିଓ ଶୁଣନ୍ତୁ, ଟିଭି ଦେଖନ୍ତୁ, ଖବରକାଗଜ ପଢ଼ନ୍ତୁ
- ଗୋରୁଗାଈ/ପ୍ରାଣୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କୁ ଖୋଲା ରଖନ୍ତୁ
- ସୁରକ୍ଷା ଏବଂ ଜୀବନରକ୍ଷା ପାଇଁ ଜରୁରୀ ସାମଗ୍ରୀଗୁଡ଼ିକର ଏକ ଜରୁରିକାଳୀନ କିଟ୍ ପ୍ରସ୍ତୁତ କରନ୍ତୁ
- ସର୍ପଦଂଶନ ଏବଂ ଡାଇରିଆ ପାଇଁ ଅତିରିକ୍ତ ଔଷଧ ସହିତ ଏକ ପ୍ରାଥମିକ ଚିକିତ୍ସା କିଟ୍ ପ୍ରସ୍ତୁତ କରି ରଖନ୍ତୁ
- ନିଜର କାଗଜପତ୍ର ଏବଂ ମୂଲ୍ୟବାନ ବସ୍ତୁକୁ ଜଳନିରୋଧୀ ବ୍ୟାଗ୍‌ରେ ରଖନ୍ତୁ

ବନ୍ୟା ସମୟରେ
- ବନ୍ୟାଜଳରେ ପ୍ରବେଶ କରନ୍ତୁ ନାହିଁ। ଯିବା ଆବଶ୍ୟକ ହେଲେ ଉପଯୁକ୍ତ ଜୋତା ପିନ୍ଧନ୍ତୁ
- ସ୍ୱେରେଜ୍ ଲାଇନ୍, ନର୍ଦ୍ଦମା, ଡ୍ରେନ୍, କଲ୍‌ଭର୍ଟ ଇତ୍ୟାଦିରୁ ଦୂରେଇ ରୁହନ୍ତୁ
- ବିଦ୍ୟୁତ୍ ଆଘାତକୁ ଏଡ଼ାଇବା ପାଇଁ ବିଜୁଳି ଖୁଣ୍ଟ ଓ ଛିଡ଼ି ପଡ଼ିଥିବା ବିଜୁଳି ତାରରୁ ଦୂରେଇ ରୁହନ୍ତୁ
- ସଜ ରନ୍ଧା ଓ ଶୁଖିଲା ଖାଦ୍ୟ ଖାଆନ୍ତୁ । ନିଜ ଖାଦ୍ୟକୁ ଘୋଡ଼ାଇ ରଖନ୍ତୁ
- ଫିଟା/କ୍ଲୋରିନ୍‌ଯୁକ୍ତ ପାଣି ପିଅନ୍ତୁ
- ନିଜ ପରିପାର୍ଶ୍ୱକୁ ସଫା ରଖିବା ପାଇଁ ସଂକ୍ରମଣ ନିରୋଧକ ବ୍ୟବହାର କରନ୍ତୁ

ବନ୍ୟା ପରେ
- ପିଲାମାନଙ୍କୁ ବନ୍ୟାଜଳରେ କିମ୍ବା ବନ୍ୟାଜଳ ନିକଟରେ ଖେଳିବା ପାଇଁ ଅନୁମତି ଦିଅନ୍ତୁ ନାହିଁ
- କ୍ଷତିଗ୍ରସ୍ତ ବୈଦ୍ୟୁତିକ ସାମାଗ୍ରୀ ବ୍ୟବହାର କରନ୍ତୁ ନାହିଁ, ସେଗୁଡ଼ିକୁ ଯାଞ୍ଚ କରାଇନିଅନ୍ତୁ
- ଭଙ୍ଗା ବିଜୁଳି ଖୁଣ୍ଟ ଓ ଛିଣ୍ଡା ତାର, ଧାରୁଆ ବସ୍ତୁ ଓ ଆବର୍ଜନା ଉପରେ ନଜର ରଖନ୍ତୁ
- ବନ୍ୟାଜଳରେ ଭିଜିଥିବା ଖାଦ୍ୟ ଖାଆନ୍ତୁ ନାହିଁ
- ମ୍ୟାଲେରିଆକୁ ପ୍ରତିରୋଧ କରିବା ପାଇଁ ମଶାରି ବ୍ୟବହାର କରନ୍ତୁ
- ପାଣି ଲାଇନ୍/ସ୍ୱେରେଜ୍ ପାଇପ୍ ଯଦି କ୍ଷତିଗ୍ରସ୍ତ ହୋଇଥାଏ, ତେବେ ଶୌଚାଳୟ କିମ୍ବା ନଳ ପାଣି ବ୍ୟବହାର କରନ୍ତୁ ନାହିଁ

ସ୍ଥାନ ଛାଡ଼ି ଯିବା ଯଦି ଆବଶ୍ୟକ ହୁଏ:
- ଆସବାବପତ୍ର, ଉପକରଣଗୁଡ଼ିକୁ ଖଟ ଓ ଟେବୁଲ ଉପରକୁ ଉଠାଇଦିଅନ୍ତୁ
- ଆବର୍ଜନା ପାଣିକୁ ଘର ଭିତରକୁ ଆସିବାରେ ପ୍ରତିରୋଧ କରିବା ପାଇଁ ଟଏଲେଟ୍ ବୋଲ୍ ଉପରେ ବାଲିବସ୍ତା ରଖନ୍ତୁ ଏବଂ ସମସ୍ତ ଡ୍ରେନ୍ ଗର୍ତ୍ତକୁ ଘୋଡ଼ାଇଦିଅନ୍ତୁ
- ବିଜୁଳି ଓ ଗ୍ୟାସ୍ ସଂଯୋଗକୁ ବନ୍ଦ କରିଦିଅନ୍ତୁ
- ଉଚ୍ଚତର ସ୍ଥାନ/ସୁରକ୍ଷିତ ଆଶ୍ରୟସ୍ଥଳୀକୁ ଚାଲିଯାଆନ୍ତୁ
- ନିଜ ସାଙ୍ଗରେ ଜରୁରିକାଳୀନ କିଟ୍, ପ୍ରାଥମିକ ଚିକିତ୍ସା ବାକ୍ସ ଓ ମୂଲ୍ୟବାନ ବସ୍ତୁ ନେଇଯାଆନ୍ତୁ
- ଗଭୀର, ଅଜଣା ଜଳରେ ପ୍ରବେଶ କରନ୍ତୁ ନାହିଁ; ଜଳର ଗଭୀରତା ଜାଣିବା ପାଇଁ ବାଡ଼ି ବ୍ୟବହାର କରନ୍ତୁ
- ଅଧିକାରୀମାନେ କହିଲା ପରେ ହିଁ ଘରକୁ ଫେରନ୍ତୁ

davp 19106/13/0003/1920
National Disaster Management Authority
Government of India
Follow us on: @NDMA.in @ndmaindia /ndmaindia /NDMAIndia
Call: 011-1078
www.ndma.gov.in

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା



# ନ୍ୟାୟ ଉଭାନ

ଭାରତରେ ଆଇନ ପ୍ରଣୟନ ଓ ବିଶେଷକରି ପୋଲିସ ବ୍ୟବସ୍ଥା କେତେ ବିପର୍ଯ୍ୟସ୍ତ ହୋଇପଡ଼ିଛି, ତାହାର ଜ୍ୱଳନ୍ତ ଉଦାହରଣ ପେହଲୁ ଖାନ୍ ହତ୍ୟା ପରବର୍ତ୍ତୀ ଅଭିଯୋଗପତ୍ର ଘଟଣାକୁ ଦେଖିଲେ ଜଣାପଡୁଛି। ଗୋରୁ ଚୋରାଚାଲାଣ ଅଭିଯୋଗରେ ରାଜସ୍ଥାନର ଅଲ୍ୱାରଠାରେ ୨୦୧୭ ଏପ୍ରିଲରେ ପେହଲୁ ଖାନ୍‌ଙ୍କୁ ତଥାକଥିତ ଗୋରକ୍ଷକମାନେ ପିଟି ମାରି ଦେଇଥିଲେ। ଆକ୍ରମଣ ସମୟର ଭିଡିଓ ସେତେବେଳେ ଭାଇରାଲ ହେବା ପରେ ଦେଶବ୍ୟାପୀ ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଦୋଷୀଙ୍କୁ ଦଣ୍ଡ ଦେବା ଲାଗି ସବୁଆଡୁ ଚାପ ପଡ଼ିଥିଲା। ହେଲେ ୮ ଅଭିଯୁକ୍ତ ଜେଲରେ ରହିବା ପରେ ମୁକ୍ତ ହୋଇ ବୁଲୁଥିବା ଦେଖିବାକୁ ମିଳୁଛି। ପରିତାପର ବିଷୟ, ମୃତ ପେହଲୁଙ୍କ ନାମରେ ରାଜସ୍ଥାନ ପଶୁହତ୍ୟା ନିରାକରଣ ଓ ଚାଲାଣ ନିୟନ୍ତ୍ରଣ ଆଇନର ଧାରା ୬ରେ ଚାର୍ଜଶିଟ୍ ହୋଇଥିବା ବେଳେ ତାଙ୍କ ପୁଅ ଇର୍ସାଦ ଓ ଅରିଫ୍‌ଙ୍କ ବିରୋଧରେ ଅଭିଯୋଗପତ୍ର ଦାଏର ହୋଇଛି। ୨୯ ଜୁନ୍‌ରେ ଏ ସଂକ୍ରାନ୍ତ ଖବର ପ୍ରସାରିତ ହେବା ପରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି, ଉକ୍ତ ଚାର୍ଜଶିଟ୍‌ରେ ପେହଲୁଙ୍କ ନାମ ନାହିଁ। ଘଟଣା ପ୍ରଘଟ ପରେ ମୁଖ୍ୟମନ୍ତ୍ରୀ ତତ୍‌କ୍ଷଣାତ୍ ଏଭଳି ମତ ରଖିବା ସନ୍ଦେହ ସୃଷ୍ଟି କରିଛି।

ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ମାରି ଦିଆଯିବା ପରେ ତାଙ୍କ ବିରୋଧରେ ପୁନଶ୍ଚ ଚାର୍ଜଶିଟ୍ ଦାଖଲ ହେବା ନିଶ୍ଚିତ ଭାବେ ଏକ ବିଷମ ଦିଗକୁ ଇଙ୍ଗିତ କରୁଛି। ପେହଲୁଙ୍କ ବିରୋଧରେ ଯେଉଁଭଳି ଅଭିଯୋଗ ଅଣାଯାଇଛି, ତାହାକୁ ମରଣୋତ୍ତର ଚାର୍ଜଶିଟ୍ ଭାବେ ଅଭିହିତ କରାଯାଇପାରେ। ସୂଚନା ମିଳିଛି ଯେ, ରାଜସ୍ଥାନରେ ଅଶୋକ ଗେହଲଟ୍‌ଙ୍କ ସରକାର ଗଠନ ହେବାର ୧୩ ଦିନ ପରେ ଅର୍ଥାତ୍ ୨୦୧୮ ଡିସେମ୍ବର ୩୦ରେ ଉକ୍ତ ଚାର୍ଜଶିଟ୍ ପ୍ରସ୍ତୁତ ହୋଇଥିଲା। ଏବେ ଗେହଲଟ୍ ନିଜ ଶାସନରେ ଦେଖାଦେଇଥିବା ଛିଦ୍ରକୁ ଲୁଚାଇବାକୁ ଯାଇ ପୂର୍ବର ଭାଜପା ସରକାର ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। କିନ୍ତୁ ଚାର୍ଜଶିଟ୍ ଦାଖଲ ହେବା ଘଟଣା କଂଗ୍ରେସର ମୁଖା ଖୋଲିଦେଇଛି। ସାଧାରଣରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ଭାଜପାର କଠୋର ହିନ୍ଦୁତ୍ୱ ମାଧ୍ୟମରେ ନିର୍ବାଚନୀ ସଫଳତାକୁ ଅନୁକରଣ କରିବାକୁ ଯାଇ କଂଗ୍ରେସ ଏକ ନରମ ହିନ୍ଦୁତ୍ୱର ପନ୍ଥା ଆପଣାଇଛି, ଯେଉଁଥିପାଇଁ ମୃତ ପେହଲୁଙ୍କ ପରିବାରକୁ ଏବେ ମଧ୍ୟ ନ୍ୟାୟ ନ ମିଳିବାର ଆଶଙ୍କା ସୃଷ୍ଟି ହେଲାଣି। ତେଣୁ ତତ୍କାଳୀନ ଭାଜପା ସରକାର ସମୟରେ ହୋଇଥିବା ତଦନ୍ତ ଆଧାରରେ ଅଭିଯୋଗପତ୍ର ତିଆରି ହୋଇଥିବା ନେଇ ଗେହଲଟ୍‌ଙ୍କ ସଫେଇକୁ ସାଧାରଣରେ ଗ୍ରହଣ କରାଯାଇପାରିବ ନାହିଁ। ତଦନ୍ତ ଏବଂ ବ୍ୟବସ୍ଥାରେ ତ୍ରୁଟି କେଉଁଠାରେ ରହିଛି, ତାହା ଦେଖିବା ହେଉଛି ସରକାରଙ୍କ କାର୍ଯ୍ୟ। ପେହଲୁ ହତ୍ୟା ଭଳି ସମ୍ବେଦନଶୀଳ ମାମଲାରେ ପୋଲିସ ଅତ୍ୟଧିକ ସକ୍ରିୟ ରହିବା କଥା। ହେଲେ ଏଠାରେ ଆଇନକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ପେହଲୁଙ୍କ ପରିବାର ପ୍ରତି ନ୍ୟାୟ ଦିଆଯିବା ତ ଦୂରର କଥା, ବରଂ ପୁତ୍ରମାନଙ୍କ ସହ ପରଲୋକଗତ ପିତାଙ୍କ ନାମରେ ଅଭିଯୋଗପତ୍ର ଅଣାଯିବା ଦ୍ୱାରା ଅନ୍ୟାୟ ଶେଷ ସୀମାରେ ପହଞ୍ଚିଛି ବୋଲି କୁହାଯାଇପାରେ। ବିଶେଷକରି ହତ୍ୟାକାରୀ ମୁକ୍ତ ଭାବେ ବୁଲିବା ଏହି ଚିନ୍ତାକୁ ସୁଦୃଢ଼ କରୁଛି। ଅଲ୍ୱାର ନିକଟସ୍ଥ ଜୟପୁର-ଦିଲ୍ଲୀ ରାଜପଥରେ ଗୋରକ୍ଷକ କହୁଥିବା ସ୍ଥାନୀୟ ଲୋକେ ପେହଲୁଙ୍କୁ ପିଟି ମାରିବାର ଭିଡିଓ ପ୍ରମାଣ ମିଳିବା ସତ୍ତ୍ୱେ ୮ ଅଭିଯୁକ୍ତ ଜାମିନରେ ଆସି ବୁଲିବା ନେଇ କେଉଁଆଡୁ ବିରୋଧ ନ ହେବା ଏ ବ୍ୟବସ୍ଥା କେତେ ସ୍ଥାଣୁ ହୋଇଯାଇଛି ବୁଝାପଡୁଛି। ଅଭିଯୁକ୍ତଙ୍କୁ କ୍ଷମା ଓ ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ପୋଲିସର ବ୍ୟବହାର ଦେଖିଲେ ବ୍ୟବସ୍ଥା କେତେ ପକ୍ଷପାତିତା କରୁଛି, ତାହା ସ୍ପଷ୍ଟ ଜଣାପଡୁଛି। ଏହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। କାରଣ ପୋଲିସର ଏଭଳି ଆଚରଣ କେବଳ ରାଜସ୍ଥାନ କିମ୍ବା ପେହଲୁ ଘଟଣାରେ ସୀମିତ ରହୁନାହିଁ। ଆଜି ଭାରତବ୍ୟାପୀ ସବୁ ରାଜ୍ୟର ପୋଲିସ ବାହିନୀର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭାବେ ଘୋର ଜନବିରୋଧୀ ହେବା ସହିତ ଆଇନକୁ ମନଇଚ୍ଛା କାର୍ଯ୍ୟକାରୀ କରାଇବାର ଉଦାହରଣ ଦେଖିବାକୁ ମିଳୁଛି। ରାଜନେତାମାନେ ଏଭଳି ପରିସ୍ଥିତିକୁ ଜାଣିଶୁଣି ଅଣଦେଖା କରୁଥିବା ବେଳେ ନ୍ୟାୟାଧୀଶମାନେ ଏହି ମାନସିକତାକୁ ସକ୍ରିୟ ସହଯୋଗ କରୁଥିବା ହେତୁ ଦେଶର ଭବିଷ୍ୟତ ଅଧିକ ଜଟିଳ ହେବାର ସବୁ ଆଶଙ୍କା ରହିଛି।

## ଚିରନ୍ତନୀ

କିଣିଥିଲା ଛଡାଟିଏ ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା ତାଗଦା କରିଛି ସୁଧ !
ଜମିଦାର ପିଆଦାକୁ ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା ସତାରିବ ମାସେ ଖାଲି !
(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | | 6 | | D | E | B | | | | | | | |
| E | | | | | 1 | | | | | 2 | | | C | 6 |
| | | | | | C | | 7 | | | 9 | E | 1 | | 4 |
| | | | | | | 8 | | 9 | A | | | D | | |
| 0 | | D | | A | 4 | 1 | | | | 7 | | 3 | | 5 |
| | 4 | | | 3 | | | | | 7 | | | | | |
| 1 | 7 | | | 8 | | 0 | D | | C | | | A | | 3 |
| 8 | 6 | | D | | 0 | A | | | 2 | | 9 | | 5 | |
| | C | | 2 | | | | | | 6 | | 3 | | | |
| | D | | | | A | 5 | | | | | 0 | 7 | | |
| A | | | | B | 5 | | | 3 | | 6 | | | | |
| | | 1 | 0 | | | | | | | | | 4 | | C |
| 9 | | | | | 3 | B | | | 4 | | A | | | |
| | E | | A | 4 | 8 | 6 | | | | | | 9 | B | |
| | | | | | E | 9 | | 7 | | | 1 | 6 | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 6 | 7 | 9 | 1 | E | A | C | 0 | 2 | B | 5 | 4 | 8 |
| 4 | 1 | 0 | E | 2 | A | 7 | 9 | 5 | D | 8 | 3 | B | 6 | C |
| 5 | 7 | 9 | D | 8 | C | B | 4 | 2 | E | 6 | 1 | 3 | 0 | A |
| C | E | 8 | 4 | B | 0 | 1 | 6 | 3 | 7 | A | 5 | D | 9 | 2 |
| A | B | 2 | 3 | 5 | 6 | 0 | 8 | D | 4 | 9 | C | 7 | 1 | E |
| 2 | 8 | 5 | C | E | 7 | 4 | 0 | A | 3 | D | 6 | 9 | B | 1 |
| 0 | 9 | E | 8 | A | 2 | C | D | B | 1 | 5 | 4 | 6 | 7 | 3 |
| 7 | 6 | 4 | B | 3 | 9 | 2 | 5 | 1 | A | C | 0 | 8 | E | D |
| B | C | A | 5 | 1 | D | 3 | E | 6 | 9 | 7 | 8 | 0 | 2 | 4 |
| D | 3 | 1 | 6 | 0 | 4 | 8 | 7 | 9 | 2 | B | E | A | C | 5 |
| 6 | 4 | 7 | A | C | 3 | 5 | 2 | 8 | B | E | 9 | 1 | D | 0 |
| 9 | 2 | D | 1 | 7 | E | 6 | 3 | 4 | 5 | 0 | A | C | 8 | B |
| E | 5 | B | 0 | D | 8 | 9 | 1 | 7 | C | 3 | 2 | 4 | A | 6 |
| 1 | A | C | 2 | 6 | 5 | D | B | 0 | 8 | 4 | 7 | E | 3 | 9 |
| 8 | 0 | 3 | 9 | 4 | B | A | C | E | 6 | 1 | D | 2 | 5 | 7 |

ଗତକାଲିର ଉତ୍ତର

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଅଣସର



ଡା. ଅଂଶୁମାନ୍ କର

ପିଲାଟି ଦିନୁ ପ୍ରତି ଓଡ଼ିଆର ପ୍ରାଣର ବିନ୍ଦୁ ଭାବେ ଯେଉଁ ଜଗନ୍ନାଥଙ୍କୁ ଏ ଜାତି ଜାଣିଛି, ସେଇ ଜଗନ୍ନାଥ ହେଉଛନ୍ତି ଏ ଜାତିର ପ୍ରତିଟି ଘରର ଏକ ସଦସ୍ୟ। ଶ୍ରାଦ୍ଧ କଲା ସମୟରେ ଯଦି ପିତୃପୁରୁଷଙ୍କ ବଂଶାବଳୀ ଜ୍ଞାତ ନ ଥାଏ ତେବେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନାମରେ ପିଣ୍ଡଦାନ କରି ପ୍ରତିଟି ଓଡ଼ିଆ ସନ୍ତାନ ନିଜର କର୍ତ୍ତବ୍ୟ ପାଳନ କରେ। ଏତେ ମାନବୀୟ ପ୍ରଭୁଙ୍କ ପାଖରେ ମଧ୍ୟ କଳିଯୁଗର ପରମ ସତ୍ତା ଲୁଚିରହିଛି, ତାହା ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗେ। ୧୦୮ ଗରା ଜଳରେ ସ୍ନାନ କରି ଯେଉଁ ଠାକୁର ଜ୍ୱରାକ୍ରାନ୍ତ ହୋଇ କେବଳ ପଣା-ପାଣି ଗ୍ରହଣ କରନ୍ତି, ସେଇ ପ୍ରଭୁ ପୁଣି 'ବଲ୍ଲଭ ପିଣ୍ଡି'ର ତାଟିରେ ଲାଗିଥିବା ପୂର୍ଣ୍ଣକାୟ ପଟିଦିଅଁଙ୍କ ରୂପରେ ଅନ୍ନ ଆଦି ବ୍ୟଞ୍ଜନର ମହାଭୋଗ ଗ୍ରହଣ କରନ୍ତି। ସାରଳା ଦାସ ମହାଭାରତରେ ଏହି ଦେବତାଙ୍କ ସମ୍ବନ୍ଧରେ ଲେଖିଛନ୍ତି–

''ବୋଲନ୍ତି ମାଧବ ସାବଧାନେ ଶୁଣ,
ମୁହିଁ ଯେ ଅନାଦି ନାଥ ଶବରୀ ନାରାୟଣ।''

ଶବରମାନେ ବୃକ୍ଷକୁ 'ଜଗନ୍ତ' ଭାବେ ପୂଜା କରୁଥିଲେ। ଜଗନ୍ତ ଅର୍ଥାତ୍ ଜଗତ ଦେବତା। ସ୍କନ୍ଦ ପୁରାଣ ଅନୁସାରେ ପରବର୍ତ୍ତୀ ସମୟରେ ଶବରମାନେ ଜଗନ୍ନାଥଙ୍କୁ ଶବରୀ ନାରାୟଣ ଭାବେ ଆରାଧନା କରିଛନ୍ତି। ଜଗତରେ ଯେତେ ରୂପ ଅଛି, ସେ ମଧ୍ୟରୁ ଯଦି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରିଥାନ୍ତେ, ତେବେ ମହାପ୍ରଭୁ ଜଗନ୍ନାଥ ବୋଲାଇ ପାରି ନ ଥାନ୍ତେ। ସୃଷ୍ଟିକର୍ତ୍ତା ହିଁ ଜଗନ୍ନାଥ ବୋଲି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କହିଛନ୍ତି–

''ବନ୍ଦଇ ଦୀନବାନ୍ଧବ ହରି
ଯେ ତମଚକ୍ର ଖଣ୍ଡନକାରୀ
ସଦା କମଳାନନ୍ଦ ବିସ୍ତାରି
ସ୍ୱଭାବେ ଇନ ଯେ।''
(ବୈଦେହୀଶ ବିଳାସ)

ରାଜା ଇନ୍ଦ୍ରଭୂତି ତାଙ୍କ ଜ୍ଞାନସିଦ୍ଧି ଗ୍ରନ୍ଥରେ ଜଗନ୍ନାଥଙ୍କୁ ସର୍ବଜୀନ ଓ ବୁଦ୍ଧମୟ କହି ଲେଖିଛନ୍ତି–

''ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବରାର୍ଚ୍ଚିତଂ।
ସର୍ବବୁଦ୍ଧିମୟଂ ସିଦ୍ଧିଂ ବ୍ୟାପିନୋ ଗଗନୋପମ।''

ତାନ୍ତ୍ରିକମାନଙ୍କ ଅନୁସାରେ, ''ନୀଳାଚଳେ ଜଗନ୍ନାଥଃ ସ୍ୱୟଂ ଦକ୍ଷିଣକାଳିକା' ପୁଣି ତନ୍ତ୍ରଶାସ୍ତ୍ରରେ ମଧ୍ୟ ସେଇ ଜଗନ୍ନାଥଙ୍କୁ କୁହାଗଲା– ''ଉତ୍କଳେ ନାଭିଦେଶଶ୍ଚ ବିରଜାକ୍ଷେତ୍ରମୁଚ୍ୟତେ। ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ।''

ଜଗନ୍ନାଥଙ୍କୁ ଅବତାରୀ ଭାବେ ବଳରାମ ଦାସ ତାଙ୍କର 'ବେଦାନ୍ତସାର ଗୁପ୍ତଗୀତା'ରେ ଲେଖିଛନ୍ତି– ''ସର୍ବଦା ନୀଳାଦ୍ରିରେ ସ୍ଥିତି। ଏଥୁ ସକଳ ଜାତ ହୋନ୍ତି॥ ସମସ୍ତ ଅବତାର ମାନ। ଜାତ ହୋଇଣ ପଶେ ପୁଣ॥''

ପତିତମାନଙ୍କ କଲ୍ୟାଣ କରିବାକୁ ହେଲେ ପ୍ରଭୁଙ୍କୁ ସ୍ୱୟଂ ପତିତମାନଙ୍କ ସ୍ତରକୁ ଆସି ସମସ୍ୟା ବୁଝିବାକୁ ହେବ। ଜଗନ୍ନାଥ ତେଣୁ ଖରାରେ ବ୍ୟତିବ୍ୟସ୍ତ ହୋଇ ୧୦୮ ଗରା ଥଣ୍ଡା ଜଳରେ ସ୍ନାନ କରନ୍ତି। ଅଧିକ ଥଣ୍ଡା ଜଳରେ ସ୍ନାନ କଲେ ସାଧାରଣ ବ୍ୟକ୍ତିକୁ ଯେପରି ଜ୍ୱର ବା ଥଣ୍ଡା ହୁଏ ପ୍ରଭୁ ତାହାକୁ ମଧ୍ୟ ଭୋଗ କରନ୍ତି। ତେବେ ସ୍ନାନ ଓ ଶ୍ରୀଗୁଣ୍ଡିଚାର ମଧ୍ୟବର୍ତ୍ତିକାଳୀନ ଏକ ବିଧାନ ହେଉଛି ଅଣସର। ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ନେତ୍ରୋତ୍ସବ ବା ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦରଦିନ କାଳ ଠାକୁରମାନେ ଅଣସର ପିଣ୍ଡିରେ ବିଜେ କରନ୍ତି। ଏହି ସମୟରେ ଠାକୁର ଦର୍ଶନ ସର୍ବସାଧାରଣଙ୍କ ପାଇଁ ନିଷିଦ୍ଧ। ଏହି ପନ୍ଦର ଦିନ ପୂଜାରେ ବିଶ୍ୱାବସୁଙ୍କର ବଂଶଧର ଦଇତାପତିମାନଙ୍କର ଅଖଣ୍ଡ ଅଧିକାର। ମାତ୍ର ପ୍ରଭୁଙ୍କ ଲୀଳା ଯେମିତି ରହସ୍ୟମୟ ତାଙ୍କର ଏହି ଅଣସର ଅବକାଶ ମଧ୍ୟ ସେହିପରି ଲୀଳାମୟ। ଅଣସର ବା ଅନବସରର ତିନିଗୋଟି ମୌଳିକ ତାତ୍ପର୍ଯ୍ୟ ବିଦ୍ୟମାନ।

ପ୍ରଥମତଃ ପୌରାଣିକ ମତରେ ଭକ୍ତ ଶବର ବିଶ୍ୱାବସୁର ସ୍ମୃତିଚାରଣ ଏବଂ ତା' ବଂଶଧର ଦଇତାପତିମାନଙ୍କୁ ଏକ ବିଶେଷ ସେବା ଅଧିକାର ବା ପରିଚୟ ଦେବା ଲାଗି ଏହା ପ୍ରଭୁଙ୍କର ଏକ ଲୀଳା।

ଦ୍ୱିତୀୟତଃ ଅଣସର ସମୟର ଅନ୍ୟ ଏକ ପ୍ରାସଙ୍ଗିକ କାରଣ ହେଲା ଠାକୁରଙ୍କ ରଙ୍ଗ ବୋଳା ପାଇଁ ସମୟ ଓ ସୁଯୋଗ ସୃଷ୍ଟି କରିବା। ଦେବସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ଜଳରେ ସ୍ନାନ କରାଯିବାରୁ ରଙ୍ଗ ସବୁ ଛାଡିଯାଏ। ତେଣୁ ନୀଳାଦ୍ରି ମହୋଦୟ ଅନୁଯାୟୀ ଅଣକ+ସର ବା ଅଣସର ପ୍ରଭୁଙ୍କୁ ଲାଗି କରାଯାଏ। ଅଣସରରେ ବିଦ୍ୟାପତି ବଂଶଧର ଶୁଦ୍ଧ ସୁଆରମାନେ ରୋଷଘରେ ମୁଗ ରଗଡି ଅଟକାଳି କରି ତାହାକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଲେପନ କରନ୍ତି। ଏହି ମୁଗ ବାଟଣା ବା ଲେପ ଘଷିବା ଦ୍ୱାରା ପ୍ରଭୁଙ୍କ ଶ୍ରୀଅଙ୍ଗରେ ଏକ ବୋଳ (coating) ବସିଯାଏ, ଫଳରେ ପୂର୍ଣ୍ଣାଙ୍ଗ ରଙ୍ଗ କାମ କରିବା ପାଇଁ ସୁବିଧା ହୋଇଥାଏ। କୁହାଯାଏ ସ୍ନାନ ପରେ ଯେତେବେଳେ ପ୍ରଭୁଙ୍କ ଶ୍ରୀଅଙ୍ଗରୁ ସମସ୍ତ ବସନ ବାହାର କରାଯାଏ, ସଦା ଲୁକ୍କାୟିତ ଥିବା ପ୍ରଭୁଙ୍କ ଦିବ୍ୟ ମୂର୍ତ୍ତି ପରିଲକ୍ଷିତ ହୁଏ। ଉତ୍କଳରେ ପୁରାଣ ଓ ଗ୍ରନ୍ଥମାନେ ଏହି ଗୋପନୀୟ ମୂର୍ତ୍ତିଙ୍କୁ ନଗ୍ନ ଭାବରେ ଦେଖିବା ପାପ ବୋଲି କହିଛନ୍ତି।

''ନାନାଳଙ୍କାର ରୁଚିରାଂ ନାନା ଭଙ୍ଗି ବିଭାଗଶଃ।
ନିମ୍ବଦାରୁସ୍ୱରୂପେଣ ଦୃଷ୍ଟା ସ୍ୟୁଃ ପାପହେତବଃ॥''

ତେଣୁ ସ୍ନାନ ପୂର୍ଣ୍ଣିମାରେ ବଡ଼ଦେଉଳକୁ ଫେରି ଚନ୍ଦନ ଅର୍ଗଳି ନିକଟରେ ଅଣସର ପିଣ୍ଡି ବା ବଲ୍ଲଭ ପିଣ୍ଡିରେ ତ୍ରିମୂର୍ତ୍ତି ଅବସ୍ଥାନ କରନ୍ତି। ମୂର୍ତ୍ତିମାନଙ୍କୁ ଅଣସର ପଟି ବା ଡୋରା ଦ୍ୱାରା ଆବୃତ କରି ରଖାଯାଏ ଏବଂ ଚିତ୍ରକାରମାନେ ନେତ୍ରୋତ୍ସବ ପର୍ଯ୍ୟନ୍ତ ମୂର୍ତ୍ତିର ରଙ୍ଗ କରିଥାନ୍ତି। ତେବେ ଅଣସର ଅବକାଶର ଏହି କାରଣଟି ଅଧିକ ଯୁକ୍ତିଯୁକ୍ତ ଲାଗେ। ଏଥିରେ ବି କିମ୍ବଦନ୍ତୀ କହେ ଯେ ମୂର୍ତ୍ତିକାରମାନଙ୍କ ଦ୍ୱାରା ରଙ୍ଗଦାନ ପର୍ଯ୍ୟାୟଟି ଅତୀତର ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚା ଓ ବିଶ୍ୱକର୍ମାଙ୍କ ସ୍ମୃତିକୁ ମନେ ପକାଇ ଦେଇଥାଏ।

ତୃତୀୟତଃ ଲୋକଶ୍ରୁତି ଅନୁସାରେ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଠାକୁରମାନେ ଅଜସ୍ର ସ୍ନାନ କରି ଜ୍ୱରାକ୍ରାନ୍ତ ହୁଅନ୍ତି। ତାଙ୍କ ରୋଗର ଉପଶମ ନିମନ୍ତେ ରାଜବୈଦ୍ୟଙ୍କ ନିର୍ଦ୍ଦେଶ କ୍ରମେ ଦଇତାପତିମାନେ ଦଶମୂଳ ପାଚନ ଓ ନାନାବିଧ ଚେରମୂଳି ଔଷଧ ପ୍ରୟୋଗ କରିଥାନ୍ତି। ୧୦ ପ୍ରକାରର ମୂଳ ଯଥା ବେଲ, ଗନ୍ଧଣା, ଠଣଠଣା, ଅଗିବଥୁ, ପାଟଳି, ଶାଳପତ୍ରି, କୃଷ୍ଣପତ୍ରି, ନବାଙ୍କୁଡ, ଅଙ୍କରାନ୍ତି ଓ ଗୋଖରା ଗଛର ଚେରକୁ ଏକତ୍ର ଛେଚି ମୋଦକ ପ୍ରସ୍ତୁତ କରାଯାଏ। ଏହି ଧନ୍ୱନ୍ତରୀ ବ୍ୟବସ୍ଥା ଓଡ଼ିଶାରେ ବହୁଦିନରୁ ପ୍ରଚଳିତ। ଏହି ସମୟରେ ବୈଦ୍ୟଙ୍କ ଆଦେଶ କ୍ରମେ ପ୍ରସ୍ତୁତ କରାଯାଇ ବା ଫୁଲୁରି ତେଲ ଯାହା ଏକବର୍ଷ କାଳ ମାଟିତଳେ ରଖାଯାଇଥାଏ, ତାହା ପ୍ରଭୁଙ୍କ ଶ୍ରୀଅଙ୍ଗର ପୀଡ଼ା ଦୂର କରିବାକୁ ଲଗାଯାଇଥାଏ। ତେବେ ଏହି ସମୟରେ ଶ୍ରୀଜୀଉଙ୍କ ପାଖରେ ଆମ୍ବ, ପଣସ, ଛେନା, କ୍ଷୀର, ସର, ରାବିଡ଼ି, ପଣା ଆଦି ଭୋଗ ଲାଗୁଥିବା ବେଳେ କୌଣସି ପ୍ରକାରର ଆଡମ୍ବରପୂର୍ଣ୍ଣ କାର୍ଯ୍ୟ କରାଯାଏ ନାହିଁ। ଭୋଗ ସମୟରେ ଘଣ୍ଟ ବାଜେ ନାହିଁ। ଅଣସର ଗୃହରେ ଠାକୁରମାନଙ୍କୁ ଧଳାବସ୍ତ୍ର, ସୁବାସହୀନ ଧଳାଫୁଲ ଲଗାଯାଏ ଏବଂ ଦଇତା ଓ ପତି ମହାପାତ୍ର ସେବକମାନେ ମଧ୍ୟ ଏକବସ୍ତ୍ରୀ ଧଳାବସ୍ତ୍ର ପରିଧାନ କରନ୍ତି। ଏହି ସମୟରେ ଅନ୍ୟ କୌଣସି ସେବକ ଅଣସର ଗୃହରେ ପ୍ରବେଶ କରିବା ନିଷେଧ। ତେଣୁ ଯଥାର୍ଥରେ କୁହାଗଲା–

''ସର୍ବରହସ୍ୟଂ ପୁରୁଷୋତ୍ତମସ୍ୟ
ଦେବା ନ ଜାନନ୍ତି କୁତୋ ମନୁଷ୍ୟାଃ।''

ଅର୍ଥାତ୍ ପୁରୁଷୋତ୍ତମଙ୍କର ସମସ୍ତ ରହସ୍ୟ ଦେବତାମାନେ ମଧ୍ୟ ଜାଣନ୍ତି ନାହିଁ, ମଣିଷ ବା କି ଛାର!

ଅଣସରର ପନ୍ଦରଦିନ ପ୍ରଭୁଙ୍କର ବର୍ଷାବଧି ଲାଗି ରହିଥିବା କାର୍ଯ୍ୟାବଳୀର ଏକ ଅନନ୍ୟ ଓ ଅତ୍ୟନ୍ତ ଗୂଢ଼ ବ୍ୟତିକ୍ରମ। ଦେବତାକୁ ମାନବ କରି ତା' ସହିତ ସୁଖଦୁଃଖରେ ଭାଗୀ ହେବା ଲାଗି ଭକ୍ତ ପାଇଥାଏ ଏକ ଚରମ ସୁଯୋଗ। ପ୍ରତି ଓଡ଼ିଆର ଚଳନ୍ତି ବିଷ୍ଣୁ ବିଶ୍ୱଦେବତା ହେବା ଲାଗି ସୁଯୋଗ ଏଥିରେ ସୃଷ୍ଟି ହୋଇଥାଏ। ତେବେ ଅଣସର ସମୟରେ ବିଶ୍ରାମ କରିବା ଉଦ୍ଦେଶ୍ୟରେ ହେଉ ଅବା ବିଶ୍ୱାବସୁର ଅମର ଭକ୍ତିର ଜୟଗୀତିର ସ୍ମୃତି ହେଉ ବା ସ୍ନାନରେ ଲିଭି ଯାଇଥିବା ରଙ୍ଗକୁ ପୂର୍ଣ୍ଣାଙ୍ଗ କରିବା ଉଦ୍ଦେଶ୍ୟରେ ହେଉ ପ୍ରଭୁ ନିଜକୁ ମାନବର ଅତି ନିକଟତର କରି ପାରୁଛନ୍ତି। ସେ ପ୍ରଭୁଙ୍କ ଲୀଳା ଅପାର। ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି–

ନମସ୍ତେ ପ୍ରଭୁ ଜଗନ୍ନାଥ। ଅନାଥ ଲୋକଙ୍କର ନାଥ॥
ନମସ୍ତେ ପ୍ରଭୁ ବାସୁଦେବ। ଭକତ ଜନଙ୍କ ବାନ୍ଧବ॥
ନମସ୍ତେ ପ୍ରଭୁ ହୃଷୀକେଶ। ଭକତ ଜନଙ୍କ ବିଶ୍ୱାସ॥
ନମସ୍ତେ ପ୍ରଭୁ ବିଶ୍ୱରୂପୀ। ସକଳ ହୃଦେ ଅଛୁ ବ୍ୟାପି॥

ଏ-୧/୧୮୩, ନୂଆପଲ୍ଲୀ, ଭୁବନେଶ୍ୱର,
ମୋ-୯୭୭୮୦୩୦୪୯୪

# ପାଲା ସନ୍ଧ୍ୟା

ରମେଶ ନନ୍ଦ

ରାମହରିପୁରରେ ବାର୍ଷିକ ମହୋତ୍ସବ। ଯଜ୍ଞାନୁଷ୍ଠାନ ଚାଲିଛି। ସନ୍ଧ୍ୟା ବେଳକୁ ବାଦୀ ପାଲା। ଆଜିର ପାଲା ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ ଗାୟକ ଶାର୍ଦ୍ଦୁଳ କେଶରୀ ପାଲା ପରିବେଷଣ କରିବେ ଓ ତାଙ୍କ ପରେ ରାତି ନଅଟା ବେଳକୁ ଗାୟକ କଲ୍ଲୋଳ ମଧ୍ୟ ଉପସ୍ଥିତ ଅଛନ୍ତି। ପାଲା ଜମିବ।

ପାଲା ଆରମ୍ଭ ହେଲା। ବିଷୟବସ୍ତୁ ହେଉଛି ବୈଦେହୀଶ ବିଳାସ। ପାଲା ଗାୟକ ମଙ୍ଗଳାଚରଣ ସାରି ଗୁରୁ ବନ୍ଦନା କଲେ। 'ବଧିର ନୁହଇ ବୀର' କହିଲା ବେଳକୁ ସନିଆ ଠିଆ ହେଲା । ସନିଆକୁ ପାଞ୍ଚଦଶ ଖଣ୍ଡ ମୌଜାରେ ସମସ୍ତେ ଜାଣିଛନ୍ତି। ସନିଆ ବାଣ ମାରିବାରେ ଧୁରନ୍ଧର। ତା'ର ପ୍ରଶ୍ନବାଣ ଆଗରେ କେଡ଼େ କେଡ଼େ ଗାୟକ ହାର ମାନିଛନ୍ତି। ଥରେ ସେ ଜଣେ ବିଶିଷ୍ଟ ପାଲାକାରଙ୍କୁ ପ୍ରଶ୍ନବାଣରେ ମୁହଁତୋଡ ଜବାବ ଦେଇଥିଲା। ସନିଆର ସେ ପ୍ରଶ୍ନରେ ଗାୟକ ସିଂହାରୀ ହଡବଡେଇ ଗଲେ। ପ୍ରଶ୍ନଟା ଥିଲା ନିହାତି ମାମୁଲି। ସନିଆ କହିଥିଲା, ମୁଁ ଆଜ୍ଞା ବିଡି ଟାଣେ। ଅନେକ ଲୋକ ବି ବିଡି ଟାଣନ୍ତି। ଧରନ୍ତୁ ମୁଁ ହଳ କରୁଛି ବିଲରେ। ବିଡିଟା ଅଧାରୁ ଲିଭିଗଲା। ପୂରା ବିଡି ପାଇଁ ମୁଁ ପଇସା ଦେଇସାରିଛି। ଏଇ ଅବସ୍ଥାରେ ବିଲରେ ହଉ କି ଅଲଗା ସ୍ଥାନରେ ବିଡିଟାକୁ ମୁଁ କୋଉଠି ଥୋଇବି। ଏ ପ୍ରଶ୍ନର ଠିକ୍ ଜବାବ ଆଶାରେ ସେ ପାଞ୍ଚ ପାଞ୍ଚ ଜଣ ପୁରୁଖା ଗାୟକଙ୍କୁ ଚିତ୍‌ପଟାଙ୍ଗ କରିଦେଇଥିଲା। ଯେଉଁଦିନ ସେ ଏଇ ପ୍ରଶ୍ନ ଷଷ୍ଠ ଗାୟକ ଗାୟକମଞ୍ଜୁଳଙ୍କ ଆଗରେ ଉପସ୍ଥାପନ କଲା, ସେ ଦିନ ଗାୟକମଞ୍ଜୁଳ ତତକ୍ଷଣାତ୍ କହିଲେ, ଆରେ ମୂର୍ଖ ଯଦି ବିଡିଟା ଅଧାରୁ ଲିଭିଗଲା, ତେବେ ତୁ ପୂରା ବିଡି ପାଇଁ ପଇସା ଦେଇସାରିଛୁ। ଏଣୁ ଅଇଁଠା ବିଡିଟାକୁ କାନରେ ଖୋସିଦବୁ। ଏହି ଉତ୍ତରକୁ ପ୍ରବଳ ଜନସମର୍ଥନ ମିଳିଗଲା ଓ ସନିଆ ଖୁସ୍ ହେଲା। ଏଥର ପାଲା ସନ୍ଧ୍ୟାର ଗାୟକ ଶାର୍ଦ୍ଦୁଳ କେଶରୀଙ୍କୁ ଦଣ୍ଡପ୍ରଣାମ କରି ସନିଆ ଠିଆହେଲା। ସନିଆ ଜଣେ ଛୋଟ ଚାଷୀ। ନାମମାତ୍ର ଚାଷୀ। ଦେହରେ ତା'ର ଖଣ୍ଡେ ଧୋତି ଆଉ ଶାର୍ଟ। କାନ୍ଧରେ ଖୋର୍ଦ୍ଧା ନାଲି ଗାମୁଛା। ଏଇଟା ତା'ର ପାଲା ଆଟେଣ୍ଡ କରିବା ଡ୍ରେସ। ଶାର୍ଦ୍ଦୁଳ କେଶରୀଙ୍କୁ କରପତ୍ର ଯୋଡି ପ୍ରଣାମ କରିବା ପରେ ସନିଆ କହିଲା ଆଜ୍ଞା ମୋର ଗୋଟେ ଛୋଟ ପ୍ରଶ୍ନ ଅଛି। ଉତ୍ତର କହିବେ।

ଆଜ୍ଞା ! ଆପଣ ଶୋଲେ ଫିଲ୍ମ ଦେଖିଥିବେ।

ହଁ। ଆଜ୍ଞା ଭଲ କରି ଦେଖିଛନ୍ତି ?

ମୁଁ ଶୋଲେ ସିନେମା ଦଶଥର ଦେଖିଛି।

ଆଚ୍ଛା, ଆଜ୍ଞା ! ସେଇ ସିନେମାଟିର ଖଳନାୟକ କିଏ ?

ଗବର ସିଂ।

ଗବର ସିଂ ରୋଲ କିଏ କରୁଥିଲେ।

ଅମ୍‌ଜାଦ ଖାଁ।

ତା' ହେଲେ ଆପଣ ଫିଲ୍ମ ଦେଖିଛନ୍ତି। ଆଚ୍ଛା, ଗବର ସିଂ ଯେଉଁ ଖଇନି ହାତରେ ଦଳୁଥିଲେ, ଆପଣ ନିଶ୍ଚୟ ଦେଖିଥିବେ।

ହଁ।

ମୋର ଆଜ୍ଞା ଛୋଟିଆ ପ୍ରଶ୍ନ। ସେଇ ଖଇନି, ଯେଉଁଟା ଗବର ସିଂ ଖାଉଥିଲେ ସିନେମାରେ ସେଇଟା ପ୍ରକୃତରେ ରକେଟ ଖଇନି ନା ସ୍ୱାଗତ ଖଇନି, ନା ଅନ୍ୟ କେଉଁ କମ୍ପାନୀର ଖଇନି। ପାଲା ଗାୟକ ତତ୍‌କ୍ଷଣାତ୍ କହିଲେ, ଅମଜାଦ ଖାଁ ବା ଗବର ସିଂ ଯେତେବେଳେ ଖଇନି ସିନେମା ସେଟରେ ଖାଉଥିଲେ, ମୁଁ ସେତେବେଳେ ତାଙ୍କ ପାଖରେ ଠିଆ ହୋଇଥିଲି।

ଆପଣ କେମିତି ତାଙ୍କ ପାଖରେ ଠିଆ ହେଇଥିଲେ ?

ଏବେ ଯେମିତି ତୋ ପାଖରେ ଠିଆ ହୋଇଛି। ସେତେବେଳେ ସେମିତି ତାଙ୍କ ପାଖରେ ଠିଆ ହୋଇଥିଲି। ମୁଁ ସେଇ ରାମଗଡ଼ ଗାଁକୁ ପାଲା କରିବାକୁ ନିମନ୍ତ୍ରଣ ପାଇ ଯାଇଥିଲି। ଲୋକେ ମତେ ଫିଲ୍ମ ଶୁଟିଂ ହେଉଥିବାର କହିଲେ। ମୁଁ ଫିଲ୍ମ ଶୁଟିଂ ଦେଖିବାକୁ ଯାଇଥିଲି। ଗବର ସିଂ ମାନେ ଅମ୍‌ଜାଦ ଖାଁଙ୍କ ପାଖରେ ଲଗାଲଗି ହୋଇ ଠିଆ ହୋଇଥିଲି। ସିଏ ମତେ ପଚାରିଲେ, ଆପ୍ କହାଁସେ ଆୟେ ହେଁ।

ମୁଁ କହିଲି ମୁଁ ଜଗନ୍ନାଥ ଦେଶରୁ ଆସିଛି। ତା' ପରେ ସିଏ ମତେ ନମସ୍କାର କଲେ। ମୋ ଗୋଡ଼ଧୂଳି ନେଇ ମୁଣ୍ଡରେ ମାରିଲେ। ମତେ କହିଲେ, ଆପଣ ଭାଗ୍ୟବାନ ଲୋକ। ଏଇ ସମୟରେ ତାଙ୍କ ସହିତ ଧର୍ମେନ୍ଦ୍ର, ଅମିତାଭ ବଚ୍ଚନ, ହେମାମାଳିନୀ ପ୍ରମୁଖ ଥିଲେ। ଠିକ୍ ଏତିକିବେଳକୁ ଡାଇରେକ୍ଟର ସିପ୍‌ପୀ ସାହେବ ମତେ ମଧ୍ୟ ମୁଣ୍ଡିଆ ମାରି କୋଳାଗ୍ରତ କଲେ। ରେଡ୍ଡି ଷ୍ଟାର୍ଟ ବୋଲି ନିର୍ଦ୍ଦେଶକ କହିଲେ। ହଠାତ୍ ଗବର ସିଂ ମାନେ ଅମ୍‌ଜାଦ କହିଲେ, ଆଜ୍ଞା ଖଇନି ପାଖରେ ନାହିଁ। ତା' ପରେ ନିର୍ଦ୍ଦେଶକ ଗୋଟେ ସ୍ପଟ୍ ବୟ ସୁରେଶକୁ ଖଇନି ପକେଟ୍ ଆଣିବାକୁ ବାଇକ ଦେଇ ପଠେଇଲେ। ରାମଗଡ଼ ପାହାଡ଼ିଆ ଅପନ୍ତରା ଜାଗା। ବଜାର ଯିବାକୁ ୧୦-୨୦ କିଲୋମିଟର ଯିବାକୁ ହବ। ମୁଁ କହିଲି ମୋ ପାଖରେ ଖଇନି ଅଛି। ଆପଣମାନେ ଜାଣନ୍ତି ମୁଁ ଦକ୍ଷିଣୀ ଲୋକ। ଆମର ସିଆଡେ ନାସ ଚଳେ। ମୁଁ ନାସ ଖାଏ। ତେଣୁ ନାସ ପକେଟ୍‌ଟିକୁ ତାଙ୍କୁ ବଢ଼େଇଦେଲି। ନାସକୁ ହାତରେ ବାଡ଼େଇ ପାଟିରେ ପକେଇଲେ। ତା'ପରେ ତାଙ୍କର ଡାଏଲଗ କହିଲେ, 'ଅରେ ଓ ଶାମ୍ଭା... କିତ୍‌ନା ଇନାମ୍ ରଖିୟେ ସରକାର ନେ।' ଗାୟକଙ୍କ ଉପସ୍ଥିତ ବୁଦ୍ଧି ପ୍ରଶଂସନୀୟ ଥିଲା। ହେଲେ ଆଜିକାଲି ସେ ପାଲା ଯୁଗ ଆଉ ନାହିଁ। କାଁଭାଁ କେଉଁଠି ପାଲା ହେଉଛି। ସେଥିରେ ଖାଲି କେତେଜଣ ବୟସ୍କ ଶ୍ରୋତାଙ୍କ ଛଡ଼ା ଯୁବ ଦର୍ଶକ ନ ଥାନ୍ତି। ଧୀରେ ଧୀରେ ସେତକ ବି ଲୋପ ପାଇଯିବାର ଆଶଙ୍କା ଉପୁଜିଲାଣି।

ମୋ-୭୭୫୦୦୮୩୮୭୯

## ଏଇ ଭାରତରେ

ଗତ ୪ଶହ ବର୍ଷ ଧରି ମଧ୍ୟପ୍ରଦେଶର ରାଜଗଡ଼ ଜିଲା ସଙ୍କ୍ ଶ୍ୟାମ୍ ଜୀ ଗାଁରେ କୌଣସି ଶିଶୁଙ୍କ ଜନ୍ମ ହୋଇନି। ଭୋପାଳଠାରୁ ଏହି ଗାଁର ଦୂରତା ପ୍ରାୟ ୧୩୦ କିଲୋମିଟର। ପ୍ରସବ ସମୟ ହେଲେ ଗର୍ଭବତୀ ମହିଳାଙ୍କୁ ଗାଁ ବାହାରେ ଥିବା ଏକ ଘରକୁ ନିଆଯାଇଥାଏ, ଯାହାକି କେବଳ ପ୍ରସବ ପାଇଁ ନିର୍ମିତ ହୋଇଛି। ଗାଁ ଉପରେ ଏକ ଅଭିଶାପ ରହିଛି। ଏଠାରେ ପ୍ରସବ ହେଲେ ମା' କିମ୍ବା ଶିଶୁଙ୍କର ମୃତ୍ୟୁ ଘଟିଥାଏ। ନଚେତ୍ ଶିଶୁ ବିକଳାଙ୍ଗ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଏହା ପଛର ଅଜଣା ରହସ୍ୟ କ'ଣ ତାହା ଗ୍ରାମବାସୀଙ୍କୁ ଜଣାନାହିଁ। ତେବେ ଏଭଳି ଘଟଣା ୧୬୦୦ ମସିହାରୁ ବାରମ୍ବାର ଘଟିବାରୁ ଶେଷରେ ଗାଁରେ ପ୍ରସବକୁ ବାରଣ କରାଯାଇଛି। ଏହି ପରମ୍ପରା ଏବେ ଏଠାରେ ଜାରି ରହିଛି। ଗାଁର ୯୦ ପ୍ରତିଶତ ପ୍ରସବ ହସ୍ପିଟାଲରେ ହୋଇଥାଏ। ଅତି ଜରୁରୀ କ୍ଷେତ୍ରରେ ଗାଁ ବାହାରେ ଥିବା ପ୍ରସବ ଘରେ ଶିଶୁ ଜନ୍ମ ନେଇଥାନ୍ତି। ଗାଁରେ ଆମିଷ ଓ ମଦ୍ୟପାନକୁ ମଧ୍ୟ ବାରଣ କରାଯାଇଛି। ଅଜଣା ଅଭିଶାପ ଯୋଗୁ ତାଙ୍କ ଗାଁରେ କେହି ମଦ୍ୟ କିମ୍ବା ଧୂମପାନ କରି ନ ଥାନ୍ତି। ଏହା ଗାଁ ପାଇଁ ବରଦାନ ପାଲଟିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁଲାଇ ୧୯୯୪

- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଓ ରୁଷିଆ ରାଷ୍ଟ୍ରପତି ବୋରିସ୍ ୟେଲଟସିନଙ୍କ ମଧ୍ୟରେ ୨ଟି ରାଜନୈତିକ ଘୋଷଣାନାମା ସ୍ୱାକ୍ଷରିତ।
- କଟକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆ ବଜାର ସ୍ଥିତ ଆଖଡା ଲେନରେ ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ୫ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଜୁନ୍ ୨୩- ବିଏସ୍‌ପି ସୁପ୍ରିମୋ ମାୟାବତୀ ତାଙ୍କ ଭାଇ ଆନନ୍ଦ କୁମାରଙ୍କୁ ଦଳର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

୨୪- ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆଉ ୬ ମାସ ବାକି ଥିବାବେଳେ ସେ ଅଚାନକ ଏହି ପଦରୁ ଇସ୍ତଫା ଦେଇଛନ୍ତି।

୨୫- ଭାରତମାତା ଜନହିତ ଟ୍ରଷ୍ଟ ମୁଖ୍ୟ ତଥା ବିଶିଷ୍ଟ ସନ୍ଥ ସ୍ୱାମୀ ସତ୍ୟମିତ୍ରାନନ୍ଦ ଗିରି ମହାରାଜଙ୍କର ୮୭ ବର୍ଷ ବୟସରେ ପରଲୋକ।

୨୬- ବରିଷ୍ଠ ଆଇପିଏସ୍ ଅଫିସର ବସନ୍ତ କୁମାର ଗୋୟଲଙ୍କୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ଏବଂ ଅରବିନ୍ଦ କୁମାରଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

୨୭- ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଉତ୍‌କ୍ଷେପଣ କେନ୍ଦ୍ରରୁ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ସଫଳ ହୋଇଛି।

* ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ରାଜ୍ୟ ବିଧାନସଭାର ଉପବାଚସ୍ପତି ଭାବେ ନିର୍ବାଚିତ।

୨୮- ଥାଇଲାଣ୍ଡର ଇଂଲିଶ ଦୈନିକ 'ଦି ନେଶନ'ର ଶେଷ ମୁଦ୍ରିତ ସଂସ୍କରଣ ଆଜି ପ୍ରକାଶ ପାଇଛି, ଏହାପରଠାରୁ ଏହାର କେବଳ ଅନ୍‌ଲାଇନ ସଂସ୍କରଣ ହିଁ ପ୍ରକାଶ ପାଇବ।

## ଆମ ସମସ୍ୟା

### କୁଜଙ୍ଗରେ ଟ୍ରାଫିକ୍ ସମସ୍ୟା

ମହାଶୟ,

କୁଜଙ୍ଗରେ ଟ୍ରାଫିକ୍ ସମସ୍ୟା ବାସ୍ତବରେ ଚିନ୍ତାର ବିଷୟ। ଏଠାକୁ ଯେତେ ଭଲ ତହସିଲଦାର, ଭଲ ପୋଲିସ ଅଫିସର ଆସନ୍ତୁ, ଯେପର୍ଯ୍ୟନ୍ତ ଏଠିକାର ସ୍ଥାନୀୟ ନେତା ନ ଚାହିଁବେ ସମାଧାନ ହୋଇପାରିବ ନାହିଁ। ଦିନକୁ ଦିନ ବଜାର ବଢ଼ିଚାଲିଛି। ସ୍ଥାନର ଅଭାବ କିପରି ଦୂର ହେବ, ତାହା ପ୍ରତି ନଜର ଦେବା ଦରକାର। ମେଡିକାଲର ପୂର୍ବ ଏବଂ ପଶ୍ଚିମ ପଟରେ ସଙ୍କୀର୍ଣ୍ଣ ରାସ୍ତା ଅଛି। ଏହି ରାସ୍ତାରେ ଥିବା ବ୍ୟବସାୟୀଙ୍କୁ ହଟାଇବାକୁ ହେଲେ ସେମାନଙ୍କୁ ଥଇଥାନ ପାଇଁ ଏକମାତ୍ର ବିକଳ୍ପ ଥାନା ଛକଠାରୁ ସତ୍‌ସଙ୍ଗ ବିହାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲରେ ପୋଲ କରିବାକୁ ପଡିବ। ଦ୍ୱିତୀୟରେ କେତେକ ପରିତ୍ୟକ୍ତ ସ୍ଥାନ ଅଛି, ଯେପରି କୁଜଙ୍ଗ ହାଇସ୍କୁଲର ଉତ୍ତର ଦିଗରେ ଥିବା ପରିତ୍ୟକ୍ତ ପୋଖରୀକୁ ପୋତିଦେଲେ ଅନେକ ଜାଗା ମିଳିଯିବ, ଯାହା ସ୍ଥାନୀୟ ନେତାଙ୍କ ଦ୍ୱାରା ସମ୍ଭବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଗରିବ ଓବିସି ଛାତ୍ରୀଛାତ୍ରଙ୍କୁ ଉପେକ୍ଷା

ସର୍ବଭାରତୀୟ ମେଡିକାଲ କାଉନସେଲିଂ କମିଟି ଅନୁଯାୟୀ ଛାତ୍ରୀଛାତ୍ରଙ୍କ ନାମଲେଖା ନିମନ୍ତେ ସର୍ବଭାରତୀୟ ସ୍ତରରେ ହରିଜନ, ଆଦିବାସୀ, ପଛୁଆବର୍ଗ ଓ ଗରିବ ସାଧାରଣ ବର୍ଗ ପାଇଁ ସ୍ଥାନ ସଂରକ୍ଷଣ ହୋଇଥିବା ସ୍ଥଳେ ଓଡିଶାର ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଓଡିଶାରେ ସାଧାରଣବର୍ଗ ମଧ୍ୟରେ ପଛୁଆବର୍ଗ ଛାତ୍ରୀଛାତ୍ର ମିଶିକରି ତାଲିକା ପ୍ରକାଶ ପାଉଛି। କିନ୍ତୁ ମେଡିକାଲ କାଉନସେଲିଂ କମିଟି ଓଡିଶାରେ ଅନଲାଇନ ରେଜିଷ୍ଟ୍ରେସନରେ ୧୦% ସ୍ୱତନ୍ତ୍ର କୋଟା ସାଧାରଣବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ଦ୍ଧାରଣ କରିଛନ୍ତି। ଅଥଚ ଓଡିଶାରେ ଥିବା ପଛୁଆବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଏହି ପଛୁଆବର୍ଗ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ନିମନ୍ତେ ଅଭିଭାବକଗଣ ଦାବି କରୁଛନ୍ତି।

କାର୍ତ୍ତିକ ଚନ୍ଦ୍ର ଦଳେଇ, ବାଇଗୁଣିଆଁ, ଭାପୁର, ନୟାଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସେଲ୍‌ଫି କର୍ଣ୍ଣର


@ ସୁଶାନ୍ତ


@ ବିଶ୍ୱନାଥ


@ ବ୍ରଜ


@ ସତ୍ୟ


@ ଉତ୍ତମ


@ ଜିତେନ୍ଦ୍ରୀୟ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଭଉଣୀକୁ ବାହା ନ ଦେବାରୁ ଭାଇକୁ ହତ୍ୟା

ବଲାଙ୍ଗୀର ଅଫିସ,୩୦।୬

ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ଆମ୍‌ଠିମୁଣ୍ଡା ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବରଗଡ ଜିଲା ବରପାଲି ଥାନା ଅନ୍ତର୍ଗତ କୁଟୁରୁପାଲିର ଗୋବର୍ଦ୍ଧନ ଗିରି (୨୫)। ଗାଁରେ ଥିବା ଏକ ବରଗଛ ତଳୁ ଶନିବାର ଅପରାହ୍ନରେ ପୋଲିସ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା। ତେବେ ଗୋବର୍ଦ୍ଧନଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ପୁଇଁନ୍ତଲା ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏକ ମାମଲା (ନଂ. ୧୧୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ବେଲବାହାଲି ଗ୍ରାମର ଦୁଇ ଭାଇ ନାନୁ ସନ୍ୟାସୀ (୨୫) ଓ ଅଗନୁ ସନ୍ୟାସୀ (୨୬)ଙ୍କୁ ପୋଲିସ ଗିରଫ କରିଛି। ତେବେ ଗୋବର୍ଦ୍ଧନ ତାଙ୍କ ଭଉଣୀକୁ ଅଭିଯୁକ୍ତ ନାନୁଙ୍କ ସହ ବାହା ନ ଦେବାରୁ ପ୍ରତିଶୋଧପରାୟଣ ହୋଇ ନାନୁ ତାଙ୍କ ଭାଇ ଅଗନୁଙ୍କସହ ମିଶି ଗୋବର୍ଦ୍ଧନଙ୍କୁ ହତ୍ୟା କରିଛନ୍ତି ବୋଲି ପୋଲିସ ନିକଟରେ ଦୋଷ ସ୍ୱୀକାର କରିଛନ୍ତି। ସୋମବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ।

ପୁଇଁନ୍ତଲା ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକ ସୂଚନା ଦେଇଛନ୍ତି ଯେ, ଗୋବର୍ଦ୍ଧନଙ୍କ ଭଉଣୀଙ୍କୁ ନାନୁ ବାହା ହେବାକୁ ଇଚ୍ଛା କରିଥିଲେ । ହେଲେ ଗୋବର୍ଦ୍ଧନ ତାଙ୍କ ଭଉଣୀଙ୍କୁ ଅନ୍ୟତ୍ର ବିବାହ ଦେଇ ଦେଇଥିଲେ। ଏହାକୁ ନେଇ ନାନୁ ପ୍ରତିଶୋଧ ପରାୟଣ ହୋଇପଡିଥିଲେ । ସେହିଦିନରୁ ଗୋବର୍ଦ୍ଧନଙ୍କୁ ପାନେ ଦେବାକୁ ସେ ଭାବିଥିଲେ । ୨ ଦିନ ତଳେ ଗୋବର୍ଦ୍ଧନ କୁଟୁରୁପାଲିରୁ ଶ୍ୱଶୁର ଘର ପୁଇଁନ୍ତଲା ଥାନା ଅନ୍ତର୍ଗତ ଅଙ୍କରିଆପଦରକୁ ଆସିଥିଲେ। ସେଠାରେ ଥିବାବେଳେ ପୂର୍ବ ପରିଚିତ ନିକଟସ୍ଥ ବେଲବାହାଲି ଗାଁର ଅଗନୁ ତାଙ୍କୁ କୌଶଳକ୍ରମେ ବେଲବାହାଲି ଛକକୁ ଡାକି ଆଣିଥିଲେ । ସେଠାରେ ନାନୁ ଓ ଗୋବର୍ଦ୍ଧନଙ୍କ ଅଗନୁଙ୍କ ସହ ଭେଟ ହୋଇଥିଲା । ୩ଜଣ ମିଶି ଆମ୍‌ଠିମୁଣ୍ଡା ବରଗଛ ତଳେ ମଦ ପିଇଥିଲେ । କଥାବାର୍ତ୍ତା ବେଳେ ନାନୁ ଓ ଗୋବର୍ଦ୍ଧନଙ୍କ ମଧ୍ୟରେ ଭଉଣୀ ବିବାହ କଥାକୁ ନେଇ ଯୁକ୍ତିତର୍କ ଓ ମାଡ ପିଟ ହୋଇଥିଲା। ଏହାପରେ ନାନୁ ଓ ଅଗ୍‌ନୁ ଗୋବର୍ଦ୍ଧନଙ୍କୁ ପଥରରେ ଛେଚି ଦେଇଥିଲେ । ତାଙ୍କର ମୋଟର ସାଇକଲକୁ ଗୋବର୍ଦ୍ଧନଙ୍କ ଛାତିରେ ଚଢ଼ାଇ ଦେଇ ସେଠାରୁ ଫେରାର ହୋଇଯାଇଥିଲେ ।


ହତ୍ୟା ଅଭିଯୋଗରେ ଗିରଫ ଦୁଇ ଅଭିଯୁକ୍ତ ।

**ଅଭିଯୁକ୍ତ ୨ ଭାଇ ଗିରଫ**

# ଆଜିଠାରୁ ରେଲୱେ ସମୟ ସାରଣୀରେ ପରିବର୍ତ୍ତନ

ସମ୍ବଲପୁର,୩୦।୬(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ସମୟ ସାରଣୀ ଜୁଲାଇ ୧ରୁ ପରିବର୍ତ୍ତନ ହେବ। ଏହି ରେଳ ମଣ୍ଡଳ ଦେଇ ଚଳାଚଳ କରୁଥିବା କେତେଗୁଡ଼ିଏ ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ ୧୨୧୪୬ ପୁରୀ-ଏଲ୍‌ଟିଟି, ୧୮୪୦୭ ପୁରୀ-ଶିରିଡ଼ିସାଇ, ୧୮୪୨୧ ପୁରୀ-ଅଜମେର ସାପ୍ତାହିକ ଏକ୍ସପ୍ରେସ ସମ୍ବଲପୁର ଷ୍ଟେଶନରେ ସକାଳ ୫ଟା ୧୫ ପରିବର୍ତ୍ତେ ୫ଟାରେ ପହଞ୍ଚି ୫ଟା ୧୦ରେ ଛାଡ଼ିବ। ସେହିପରି ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ ସମ୍ବଲପୁରଠାରେ ଭୋର ୩ଟା ୨୦ ପରିବର୍ତ୍ତେ ୩ଟାରେ ପହଞ୍ଚି ୩ଟା ୧୦ରେ ଛାଡ଼ିବ। ୧୮୫୦୭ ବିଶାଖାପାଟଣା-ଅମୃତସର ତ୍ରିସାପ୍ତାହିକ ଏକ୍ସପ୍ରେସ ସମ୍ବଲପୁରରେ ଅପରାହ୍ନ ୧ଟା ୦୫ ପରିବର୍ତ୍ତେ ୧୨ଟା ୫୫ରେ ପହଞ୍ଚି ଅପରାହ୍ନ ୧ଟା ୧୫ରେ ଛାଡ଼ିବ। ୧୨୮୩୬ ଯଶବନ୍ତପୁର-ହଟିଆ, ୧୨୮୯୦ ଯଶବନ୍ତପୁର-ଟାଟା ଓ ୧୩୫୭୫ ତାମ୍ବରମ୍-ଜସଡି ସାପ୍ତାହିକ ଏକ୍ସପ୍ରେସ ସମ୍ବଲପୁରରେ ଅପରାହ୍ନ ସାଢ଼େ ୧ଟା ପରିବର୍ତ୍ତେ ୧ଟା ୧୫ରେ ପହଞ୍ଚି ୧ଟା ୨୫ରେ ଛାଡ଼ିବ। ୧୮୪୦୮ ଶିରିଡ଼ିସାଇ-ପୁରୀ ସାପ୍ତାହିକ ଏକ୍ସପ୍ରେସ ଟିଟିଲାଗଡ଼ରେ ପୂର୍ବାହ୍ନରେ ୧୧ଟା ୨୦ ପରିବର୍ତ୍ତେ ୧୧ଟା ୦୫ରେ ପହଞ୍ଚି ୧୧ଟା ୨୫ରେ ଛାଡ଼ିବ। ଏହି ଟ୍ରେନ୍ ସମ୍ବଲପୁରରେ ଅପରାହ୍ନ ୨ଟା ୦୫ରେ ପହଞ୍ଚି ୨ଟା ୧୫ରେ ଛାଡ଼ିବ। ୧୨୮୯୪ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ସମ୍ବଲପୁରରେ ଅପରାହ୍ନ ସାଢ଼େ ୪ଟା ପରିବର୍ତ୍ତେ ଅପରାହ୍ନ ୪ଟା ୨୫ରେ ପହଞ୍ଚି ୪ଟା ୩୫ରେ ଛାଡ଼ିବ। ୧୩୩୫୨ ଆଲେପି-ଧାନବାଦ ଏକ୍ସପ୍ରେସ ଟିଟିଲାଗଡ଼ରେ ରାତି ୯ଟା ୩୫ରେ ପହଞ୍ଚି ୯ଟା ୪୫ରେ ଛାଡ଼ିବ। ଏହି ଟ୍ରେନ୍ ସମ୍ବଲପୁରରେ ରାତି ୧ଟା ୪୦ ପରିବର୍ତ୍ତେ ସାଢ଼େ ୧ଟାରେ ପହଞ୍ଚି ୧ଟା ୪୦ରେ ଛାଡ଼ିବ। ସେହିପରି ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସ ଟିଟିଲାଗଡ଼ରେ ରାତି ୧୨ଟା ୨୦ ପରିବର୍ତ୍ତେ ୧୧ଟା ୫୫ରେ ପହଞ୍ଚି ୧୨ଟା ୦୫ରେ ଛାଡ଼ିବ। ୫୮୩୦୧ ସମ୍ବଲପୁର-କୋରାପୁଟ ପାସେଞ୍ଜର ଓ ୫୮୩୦୩ ସମ୍ବଲପୁର-ଜୁନାଗଡ଼ ପାସେଞ୍ଜର ସମ୍ବଲପୁରରୁ ସକାଳ ୭ଟା ୧୫ ପରିବର୍ତ୍ତେ ୬ଟା ୪୫ରେ ଛାଡ଼ିବ ବୋଲି ସମ୍ବଲପୁର ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କିଛି ଜାଣେ ନାହିଁ ଆକୁଳି**
**ଦିଅଁକୁ ଖାଇଲା**
**ଖଟୁଲି ଖାଇଲା**
**ଆହୁରି ଖାଇବ ବଙ୍କୁଲି ।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କର ଯଦି ଡର କାହିଁକି**
**ଡର ଯଦି କର କାହିଁକି ?**

କାର୍ଯ୍ୟ କରିସାରିବା ପରେ ତା'ର ଫଳାଫଳକୁ ନେଇ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱଭାବ ବା ଭୟ ରଖିବା ଅନୁଚିତ୍। ସେହିପରି କୌଣସି କାର୍ଯ୍ୟ ଆରମ୍ଭ କରିବାରେ ଯଦି ମନରେ କିଛି ଭୟ ରହିଥାଏ ତାହାହେଲେ ସେଭଳି କାର୍ଯ୍ୟଠାରୁ ନିଜକୁ ଦୂରେଇ ରଖିବା ବା ସେଥିରେ ହାତ ନ ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଟିହିକିପାଲିରେ କିଡ୍‌ନୀ ରୋଗ ବ୍ୟାପିବା ଘଟଣା

# ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ

ଗଣ୍ଡତୁରୁମ, ୩୦।୬ (ଡି.ଏନ.ଏ)

ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଟିହିକିପାଲି ଗ୍ରାମରେ ଦିନକୁ ଦିନ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହି ରୋଗରେ ପିଡିତ ହୋଇ ଗତ ୩ ବର୍ଷ ମଧ୍ୟରେ ୬ଜଣଙ୍କ ପ୍ରାଣହାନି ଘଟିଛି । ଏଥିରେ ଆହୁରି ମଧ୍ୟ ଗ୍ରାମର ୨୦ରୁ ୨୫ ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି । ଏଥିପାଇଁ ଲୋକେ ବ୍ୟବହାର କରୁଥିବା ପାନୀୟ ଜଳକୁ ଦାୟୀ କରିଛନ୍ତି । ଏ ସମ୍ପର୍କରେ ଗତ ୨୬ ଏବଂ ୨୭ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି । ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡା. ରୋଜୀ ପଧାନଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ରବିବାର ଉକ୍ତ ଗାଁରେ ପହଞ୍ଚି ଏହି ରୋଗରେ ମୃତ୍ୟୁବରଣ କରିଥିବା ପରିବାର ବର୍ଗ ଓ ଆକ୍ରାନ୍ତଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଯାଞ୍ଚ କରିଥିଲେ। ସେହିପରି ଗ୍ରାମବାସୀଙ୍କ ବ୍ୟବହୃତ ପାଣିର ନମୂନା ସଂଗ୍ରହ କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

ASTROLOGY

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଳେଶ, ସ୍ୱାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରଷ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୪୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

EDUCATION

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ। - ଆର.ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ



### ଯୁବ ଶିକ୍ଷକଙ୍କ ଅକାଳ ବିୟୋଗ

**ନୂଆଗାଁ, ୩୦।୬ (ଡି.ଏନ.ଏ.)-** ନୂଆଗାଁ ବ୍ଲକ ବାରିଲେପ୍ଟା ଗ୍ରାମର ମୂଳବାସିନ୍ଦା ଶିକ୍ଷକ ମାଙ୍ଗରା ଓରାମ (୩୭)ଙ୍କ ଅକାଳ ବିୟୋଗରେ ନୂଆଗାଁ ବ୍ଲକର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ମାଙ୍ଗରା ଓରାମ ୨୦୦୭ରେ ଜିଲା ପରିଷଦ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ପରେ ସେ ରେଗୁଲାର ମଧ ହୋଇଥିଲେ। ସେ ବିଗତ ୧ ବର୍ଷ ପୂର୍ବରୁ ସୋରଡା ଝରିଆଟୋଲା ସ୍କୁଲରେ ଶିକ୍ଷକତା କରୁଥିଲେ। ୫ରୁ ୬ ମାସ ପୂର୍ବରୁ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କର ବିଭିନ୍ନ ପରୀକ୍ଷା ପରେ ତାଙ୍କୁ କ୍ୟାନସର ହୋଇଥିବା ଜଣାପଡିଥିଲା। ଦୀର୍ଘ ମାସ ପରେ ଶେଷରେ ରବିବାର ଭୋରରୁ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ନୂଆଗାଁ ବ୍ଲକର ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

#### ହାଟ ନିଲାମଧାରୀଙ୍କ ଦାଦାଗିରି, ମାହାସୁଲ ଆଦାୟକୁ ନେଇ ବୃଦ୍ଧଙ୍କୁ ମାଡ଼

# ଅଙ୍କୁରପାଲିରେ ଉତ୍ତେଜନା

**ନୂଆଗାଁ, ୩୦।୬ (ଡି.ଏନ.ଏ.)**

ସାମାନ୍ୟ ମାହାସୁଲ ଆଦାୟକୁ ନେଇ ହାଟ ନିଲାମଧାରୀଙ୍କ ଦାଦାଗିରି ଦେଖିବାକୁ ମିଳିଛି। ଜଣେ ୬୦ବର୍ଷର ବୃଦ୍ଧଙ୍କୁ ମାଡମାରି ବେହୋସ କରିବା ଭଳି ଘଟଣା ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତିବାରୀ ଥାନା ଅଙ୍କୁରପାଲି ଗାଁରେ ଘଟିଛି। ଏନେଇ ସାଧାରଣରେ ଉଦବେଗ ପ୍ରକାଶ ପାଉଛି। ଏହାକୁ ନେଇ ଅଙ୍କୁରପାଲିରେ ଉତ୍ତେଜନା ପ୍ରକାଶ ପାଇବା ସହ ରବିବାର ସାପ୍ତାହିକ ହାଟ ବନ୍ଦ ରହିଥିଲା। ଆଇନ ଶୃଙ୍ଖଳାକୁ ଦେଖି ପୋଲିସ ମୁତୟନ କରାଯାଇଛି। ଲୋକେ ହାଟ ନିଲାମଧାରୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରିଛନ୍ତି।

ପୋଲିସର ସୂଚନା ମୁତାବକ ଅଙ୍କୁରପାଲି ଗ୍ରାମରେ ସୁରେନ୍ଦ୍ର ସାହୁ (୩୦) ଅଙ୍କୁରପାଲି ସାପ୍ତାହିକ ହାଟକୁ ଠିକାରେ ନେଇଛନ୍ତି। ପଞ୍ଚାୟତର ନିୟମ ମୁତାବକ ଉକ୍ତ ଗାଁରେ ସପ୍ତାହରେ ରବିବାର ଓ ମଙ୍ଗଳବାର ଦୁଇ ଦିନ ସାପ୍ତାହିକ ହାଟ ବସେ। ଦୁଇଟି ଯାକ ହାଟ ପାଳିକୁ ସୁରେନ୍ଦ୍ର ନିଲାମ ନେଇଛନ୍ତି। ଗତ ମଙ୍ଗଳବାର ବାଲିମୁଣ୍ଡା ଗାଁର ଆଲବିସ କୁଲୁ (୬୦) ଅଙ୍କୁରପାଲି ସାପ୍ତାହିକ ହାଟକୁ ଅମୃତଭଣ୍ଡା ବିକ୍ରି କରିବାକୁ ଆଣିଥିଲେ। ମାତ୍ର ୨ରୁ ୩ କିଗ୍ରା ଅମୃତଭଣ୍ଡା ଧରି ସେ ହାଟରେ ବିକ୍ରି ପାଇଁ ବସିଥିବା ସମୟରେ ସୁରେନ୍ଦ୍ର ତାଙ୍କ ପାଖକୁ ଆସି ମହାସୁଲ ଟଙ୍କା ବାବଦକୁ ୨୦ ଟଙ୍କା ମାଗିଥିଲେ। ତେବେ ଆଲବିସ ତାଙ୍କୁ ୨୦ ଟଙ୍କା ବଦଳରେ କୁଆଡେ ୫ଟଙ୍କା ଦେଉଥିଲେ। ସେ ବିକ୍ରି ପାଇଁ ଆଣିଥିବା ଅମୃତଭଣ୍ଡା କମ ପରିମାଣର ଥିବାରୁ ସେ ୨୦ ଟଙ୍କା ମାହାସୁଲ ଦେଇ ପାରିବେ ନାହିଁ ବୋଲି ରୋକଠୁକ୍ ମନା କରିଦେବାରୁ ସୁରେନ୍ଦ୍ର ଓ ଆଲବିସଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ସୁରେନ୍ଦ୍ର ଆଲବିସଙ୍କୁ ମାଡ ମାରିଥିଲେ। ଆଲବିସ ମାଡଖାଇ ବେହୋସ ହୋଇ ପଡି ଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସାପ୍ତାହିକ ହାଟର କେତେକ ଯୁବକ ହାତିବାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ବାଲିମୁଣ୍ଡା ଗାଁରୁ ଆଲବିସଙ୍କ ପୁଅ ସୁଜିତ କୁଲୁ କିଛି ଗାଁ ଲୋକଙ୍କ ସହ ଆସି ହାତିବାରୀ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଶ୍ୟାମଲାଲ ଓରାମ ଏକ ମାମଲା (ନଂ. ୩୭/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏପରିକି ସୁରେନ୍ଦ୍ରଙ୍କୁ ଗିରଫ କରିବାକୁ ପୋଲିସ ଅଙ୍କୁରପାଲି ସ୍ଥିତ ଘରେ ବାରମ୍ବାର ଚଢ଼ାଉ କରିଥିଲେ ହେଁ ସୁରେନ୍ଦ୍ର ଫେରାର ଥିବା ପୋଲିସ କହିଛି। ସେ ପଟେ ସୁରେନ୍ଦ୍ର ଗିରଫ ହୋଇ ନ ଥିବାରୁ ବାଲିମୁଣ୍ଡା ଓ ଅଙ୍କୁରପାଲି ଗାଁ ଲୋକେ ଶନିବାର ହାତିବାରୀ ଥାନା ଯାଇ ସୁରେନ୍ଦ୍ରଙ୍କୁ ଗିରଫ କରିବାକୁ ପୁଣି ଦାବି କରିଥିଲେ। ପୋଲିସ ସେମାନଙ୍କୁ ବୁଝାସୁଝା କରି ପଠାଇଥିଲେ ହେଁ ରବିବାର ଅଙ୍କୁରପାଲି ସାପ୍ତାହିକ ହାଟକୁ ବନ୍ଦପାଇଁ ଗାଁ ଲୋକେ ନିଷ୍ପତ୍ତି ନେଇଥିଲେ। ପୋଲିସ ହାଟ ଖୋଲିବାକୁ କହିଥିଲେ ମଧ ହାଟ ବନ୍ଦ କରାଯାଇଥିଲା। ସେହିଭଳି ହାଟ ନିଲାମଧାରୀ ତଥା ଠିକାଦାର ସୁରେନ୍ଦ୍ରଙ୍କୁ ଗିରଫ କରାଯିବା ସହ ତାଙ୍କ ନିଲାମ ବା ଟେଣ୍ଡରକୁ ବାତିଲ କରାଯିବା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ପ୍ରକାଶଥାଉକି ସୁରେନ୍ଦ୍ର ସାହୁ ପୂର୍ବରୁ ପିଏଲ୍‌ଏଫ୍‌ଆଇ ମାମଲାରେ ବିଶ୍ରା ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲଯାଇଥିବା ବେଳେ ସେ ମାହାସୁଲ ଆଦାୟ ସମୟରେ ଲୋକଙ୍କୁ ଦୁର୍ବ୍ୟବହାର କରିଥାଆନ୍ତି ବୋଲି ଅଭିଯୋଗ ହୋଇଛି।



ହାଟ ବନ୍ଦ ଯୋଗୁ ଅଳ୍ପ ସଂଖ୍ୟକ ଲୋକ ଆସିଛନ୍ତି।

- ରବିବାର ସାପ୍ତାହିକ ହାଟ ବନ୍ଦ
- ଆଇନ ଶୃଙ୍ଖଳାକୁ ଦେଖି ପୋଲିସ ମୁତୟନ
- ହାଟ ନିଲାମଧାରୀଙ୍କୁ ଗିରଫ ଦାବି

# ବିଭିନ୍ନ ସ୍ଥାନରେ ଗୋମାଂସ ଜବତ: ୩ ଗିରଫ

### ବେଦବ୍ୟାସରେ ଅଟୋ ଜବତ: ୨ ଗିରଫ

**ବେଦବ୍ୟାସ, ୩୦।୬ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଫାଣ୍ଡିର କଳୁଙ୍ଗାରେ ରବିବାର ସକାଳେ ବଜରଙ୍ଗ ଦଳର କର୍ମକର୍ତ୍ତା ଏକ ଗୋ- ମାଂସ ବୋଝେଇ ଅଟୋ ସମେତ ୨ ଅଭିଯୁକ୍ତଙ୍କୁ ଧରି ବ୍ରାହ୍ମଣୀତରଙ୍ଗ ଥାନାରେ ଜିମା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲି ନିବାସୀ ମହମ୍ମଦ ଅଜର ଓ କଳୁଙ୍ଗା ଅଞ୍ଚଳର ମହମ୍ମଦ ଆରିଫ। ପୋଲିସ ସୂଚନାନୁଯାୟୀ, ରବିବାର ସକାଳେ ରାଉରକେଲାରୁ ବେଦବ୍ୟାସ ଦେଇ କଳୁଙ୍ଗା ଯାଉଥିବା ଗୋ-ମାଂସ ବୋଝେଇ ଅଟୋ (ନଂ. ଓଡି ୧୪ ଏଚ- ୧୦୨୫)କୁ ବଜରଙ୍ଗ ଦଳ କର୍ମକର୍ତ୍ତା ସନ୍ଦେହ କରି ଅଟକାଇଥିଲେ। ଯାଞ୍ଚ ପରେ ସେହି ଅଟୋରୁ ପ୍ରାୟ ୭୦ କେଜି ଗୋ- ମାଂସ ମିଳିଥିଲା। ଚାଳକକୁ ଅଟକ ରଖି ବଜରଙ୍ଗ ଦଳର କର୍ମକର୍ତ୍ତା ବ୍ରାହ୍ମଣୀତରଙ୍ଗ ଥାନାକୁ ଖବର କରିଥିଲେ । ଖବରପାଇ ପୋଲିସ ଘଟଣା ସ୍ଥଳକୁ ଯାଇ ଅଟୋ ଚାଳକ ମହମ୍ମଦ ଅଜରକୁ ପଚରାଉଚୁରା କରିଥିଲେ। ଅଟୋ ଚାଳକ ମହମ୍ମଦ ଆରିଫ ଓ ଅନ୍ୟମାନଙ୍କୁ ଗୋ- ମାଂସ ଯୋଗାଉଥିବା କହିଛି । ପୋଲିସ ଅଟୋକୁ ଜବତ କରିଥିବା ବେଳେ ଗୋ-ମାଂସକୁ ପରୀକ୍ଷା ନିମନ୍ତେ ପଠାଇଛି । ଏହି ଘଟଣାରେ ଲିପ୍ତଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୧୬୭/୧୯) ରୁଜୁ ହୋଇଛି । ସେହିପରି ମହମ୍ମଦ ଅଜରଙ୍କ ତରଫରୁ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ବିରୋଧରେ ଓଲଟା କାଉଣ୍ଟର ଅଭିଯୋଗ ହୋଇଛି।

### କୁଆଁରମୁଣ୍ଡାରେ ଜଣେ ଗିରଫ

**କୁଆଁରମୁଣ୍ଡା, (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଜୋର ପଞ୍ଚାୟତ ବାଙ୍କିବାହାଲ ନିକଟରୁ ରବିବାର ଅପରାହ୍ନରେ ପୋଲିସ ୧୦କିଗ୍ରା ଗୋମାଂସ ଜବତ କରିଛି। ଗୋମାଂସ ନେଇ ଯାଉଥିବା ଦୟାଲ ଲାକ୍ରା (୫୯)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର ରାଜଗାଙ୍ଗପୁର ଅଞ୍ଚଳର ଗଡ଼ିଆମାଲ ବୋଲି ଜଣାପଡ଼ିଛି। ସେ ଏକ ବାଇକ୍‌ରେ ଗୋମାଂସ ନେଇ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି। ସୁନ୍ଦରଗଡ଼ରୁ ବାରମ୍ବାର ଗୋମାଂସ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ସେହିପରି ବିଭିନ୍ନ ସ୍ଥାନରେ ଗୋମାଂସ କାରବାର ହେଉଛି। ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରି ହୋଇପଡ଼ିଛି।

## ସାମାଜିକ କର୍ମୀଙ୍କୁ ଦୁର୍ବ୍ୟବହାର କରି ଥାନାରେ ଭୁଲ ମାଗିଲେ ଇଓ

**ବଡଗାଁ, ୩୦।୬ (ଡି.ଏନ.ଏ)**

ବଡଗାଁ ବ୍ଲକ ଅଞ୍ଚଳର ଜଣେ ସାମାଜିକ କର୍ମୀଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ଇଓ) ଦୁବ୍ୟବହାର ପ୍ରଦର୍ଶନ କରିବା ଓ ଘଟଣା ଥାନାରେ ଅଭିଯୋଗ ପରେ ଭୂଲ ମାଗିବା ଘଟଣା କର୍ମଚାରୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାଇ, ୨୪ ତାରିଖରେ ରୁନଗା ଗ୍ରାମର ସାମାଜିକ କର୍ମୀ ମନୋଜ କୁମାର ଦାନୀ କେତେକ ତଥ୍ୟ ଜାଣିବା ପାଇଁ ସୂଚନା ଅଧିକାର ଫର୍ମ ଦାଖଲ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜନ ସୂଚନା ଅଧିକାରୀ (ପିଆଇଓ) ଦାୟୀତ୍ୱରେ ଥିବା ଇଓ ବୈଷ୍ଣୁବ ଉରମାଲ ବିଡିଓଙ୍କଠାରେ ଦାଖଲକର ପଞ୍ଚାୟତରେ ଗ୍ରହଣ କରାଯିବ ନାହିଁ କହିବା ସହ ଅଶ୍ଳିଳ ଶବ୍ଦ ପ୍ରୟୋଗ କରି ଧମକ ଦେଇଥିଲେ। ଏ ସମ୍ପର୍କରେ ସାମାଜିକ କର୍ମୀ ଦାନୀ, ରୂନଗାଁ ପଞ୍ଚାୟତର ପିଆଇଓ ଦାୟୀତ୍ୱରେ ଥିବା ଇଓ ଉରମାଲ ଆରଟିଆଇ ଫର୍ମ ନରଖି ଦୁବ୍ୟବହାର ଦେଖାଇଥିବା ଲିଖିତ ଭାବେ ବିଡିଓଙ୍କଠାରେ ଅଭିଯୋଗ କରିଥିଲେ। ଏହା ସହିତ ବଡଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସବଇନ୍ସପେକ୍ଟର ରଞ୍ଜିତ ପ୍ରଧାନ ଇଓଙ୍କୁ ଥାନା ଡକାଇ ପଚରାଉଚରା କଲାବେଳେ ସେ ଭୂଲ ସ୍ୱୀକାର କରିବା ସହ ଆରଟିଆଇ ଫର୍ମ ଗ୍ରହଣ କରିଥିଲେ । ଏହାପରେ ଥାନାରେ ଘଟଣାର ସମାଧାନ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସଂପୃକ୍ତ ଇଓଙ୍କ ଦ୍ୱାରା ଦୁର୍ନିତୀ ଅଭିଯୋଗ କରି ବରଙ୍ଗାକଛାର ପଞ୍ଚାୟତର ଜନ ପ୍ରତିନିଧିମାନେ ଇଓଙ୍କୁ ପଞ୍ଚାୟତରୁ ଅପସାରଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଜଣାଇଛନ୍ତି । ଏହି ଇଓ ରୂନଗାଁ ଏବଂ ବରଙ୍ଗାକଛାର ପଞ୍ଚାୟତର ଦାୟୀତ୍ୱରେ ଅଛନ୍ତି। ତେବେ ଜିଲା ଓ ବ୍ଲକ ପ୍ରଶାସନର ଦୁର୍ନିତୀ ଉପରେ କୋହଳ ମନୋଭାବ ଯୋଗୁ ଦୁର୍ନିତୀଗ୍ରସ୍ତ କର୍ମଚାରୀମାନେ ଲଗାମଛଡା ହୋଇଥିବା ଚର୍ଚ୍ଚା ଆଲୋଚନା ହେଉଛି ।

## ବାଲିଗଦା ଭିତରୁ ମିଳିଲା ଚୋରା ବାଇକ୍

**ବେଲପାହାଡ଼,୩୦।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଶନିବାର ପୂର୍ବାହ୍ନରେ ଏକ ବାଲିଗଦା ଭିତରୁ ଚୋରା ବାଇକ୍ ଉଦ୍ଧାର କରିଛି। ଦୁର୍ବୃତ୍ତମାନେ ବାଇକ୍‌କୁ ଚୋରି କରିବା ପରେ ସତ୍‌ସଙ୍ଗ ଭବନ ପଛପଟ ବାଲିଗଦା ଭିତରେ ଲୁଚାଇ ରଖିଥିଲେ। ସ୍ଥାନୀୟ କେତେଜଣ ଯୁବକ ବାଇକ୍‌ର ହ୍ୟାଣ୍ଡଲ ଦେଖିଲା ପରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଉଦ୍ଧାର କରିଥିଲା। ବାଇକ୍‌ଟି ଆଇଟିଆଇପଡ଼ାରେ ରହୁଥିବା ପ୍ରମୋଦ ମେହେରଙ୍କର। ଗତ ଗୁରୁବାର ରାତିରେ ପ୍ରମୋଦ ତାଙ୍କ ଓଆର୍‌୨୩-୬୯୮୫ନଂ ଏହି ବାଇକ୍‌ର ହ୍ୟାଣ୍ଡଲ ଲକ୍ କରି ଘର ସମ୍ମୁଖରେ ରଖିଥିଲେ। ଶୁକ୍ରବାର ସକାଳେ ବାଇକ୍ ସେହି ସ୍ଥାନରେ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୧୦/୨୦୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

# ପ୍ରଶାସନ ଦୃଷ୍ଟିନାହିଁ, ରାସ୍ତା ମରାମତି କଲେ ଯୁବକ

**ସୁନ୍ଦରଗଡ଼, ୩୦।୬ (ଡି.ଏନ୍.ଏ)**

ସୁନ୍ଦରଗଡ ସହରର ବ୍ୟସ୍ତବହୁଳ ମୁଖ୍ୟ ମାର୍ଗ କୁହାଯାଉଥିବା ହସ୍ପିଟାଲ ଛକରୁ ଶଙ୍କରା ପାରିଜାତ ପାର୍କ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅଧିକାଂଶ ସ୍ଥାନରେ ଖାଲଖମା ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ହେଲେ ଏହାର ମରାମତି ଦିଗରେ ପୂର୍ତ୍ତବିଭାଗ ଦୃଷ୍ଟି ଦେଉ ନ ଥିବା ଯୋଗୁ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ବିଶେଷକରି ଏହି ରାସ୍ତାର ଶଙ୍କରା ମଣ୍ଡପ ନିକଟରେ ଥିବା ଖାଲଖମା ଯୋଗୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଉଦାସୀନତା ଯୋଗୁ ଶେଷରେ ସୁନ୍ଦରଗଡ ଦିବ୍ୟଜୀବନ ସଂଘ, ଶିବାନନ୍ଦ ଯୁବକେନ୍ଦ୍ର ପକ୍ଷରୁ ଯୁବକମାନେ ଅଣ୍ଟାଭିଡି ରବିବାର ସକାଳେ ଏହି ରାସ୍ତାର ମରାମତି କାର୍ଯ୍ୟ କରିବା ଦେଖାଯାଇଥିଲା। ସଂଘର ସମ୍ପାଦକ ଅଶୋକ କୁମାର ପରିଡାଙ୍କ ନେତୃତ୍ୱରେ ଏହି ଯୁବକମାନେ ଗୋଟିଏ ଅଟୋରେ ଚିପସ୍ ,ଭଙ୍ଗାଇଟା ଓ ବାଲି ନେଇ ରାସ୍ତାରେ ଥିବା ଏହି ଖାଲଖମାଗୁଡିକରେ ପକାଇଥିଲେ। କୋଡି, କୋଦାଳ ଓ ଝୁଡି ଧରି ରାସ୍ତା ସମତଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ତପନ କୁମାର ବୋଷ, କିଶୋର ମହାନନ୍ଦ, ଅଭିଷେକ ପଟେଲ, ଗୌତମ ମହାନ୍ତି, ଓମ୍ ପଣ୍ଡା, ସିଦ୍ଧାନ୍ତ ଶର୍ମା, ଆର୍ୟାନ ପଟେଲ, ପ୍ରତ୍ୟୁଷ ସିଂ, ପ୍ରିୟାଂଶୁ ସିଂ, ନିଖିଳେଶ୍ୱର ନାୟକ, ନିଶାନ୍ତ ପାଣିଗ୍ରାହୀ, ରିଷଭ ଗୋଏଲ, ହର୍ଷିତ ସିଂ, ଷ୍ଟାରଲିନ୍ ଲାକ୍ରା, ଶୁଭାଶୀଷ ସାମଲ, ସୋହନ ନାୟକ, ଅରମାନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।



ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

#### ମନ୍ଥର ଗତିରେ ଚାଲିଛି କଲ୍ୟାଣମଣ୍ଡପ ନିର୍ମାଣ

# ନିମ୍ନମାନର କାମ ଅଭିଯୋଗ, ଭିଜିଲାନ୍ସ ତଦନ୍ତ

**ବେଲପାହାଡ଼,୩୦।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ପକ୍ଷରୁ ସହର ଖଲଗୁଡ଼ା ନିକଟ ବାଇପାସ ରାସ୍ତା ପାର୍ଶ୍ୱରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଠିକାସଂସ୍ଥା ନିମ୍ନମାନର କାମ କରୁଥବା ଅଭିଯୋଗ ହୋଇଥିଲା। ଶନିବାର ଭିଜିଲାନ୍ସର ଏକ ଟିମ୍ ପ୍ରକଳ୍ପ ସ୍ଥାନରେ ପହଞ୍ଚି କାର୍ଯ୍ୟର ମାନ ସମ୍ପର୍କରେ ଅନୁଧାନ କରିଛି।

ଗତବର୍ଷ ଜିଲା ଖଣିଜ ପାଣ୍ଠି ପକ୍ଷରୁ ମିଳିଥିବା ୩ କୋଟି ୭୪ ଲକ୍ଷ ଟଙ୍କା ଅନୁଦାନରେ ଦୁଇମହଲା ବିଶିଷ୍ଟ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପୌର ପରିଷଦ ପକ୍ଷରୁ ବ୍ୟୟ ଅଟକଳ କରାଯାଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସ୍ଥାନୀୟ ଏକ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଠିକାସଂସ୍ଥା ଗତବର୍ଷ ଜୁନ ମାସରୁ କାମ ଆରମ୍ଭ କରିଥିଲା। ହେଲେ ଅଦ୍ୟାବଧି ନିର୍ମାଣ କାର୍ଯ୍ୟରେ ବିଶେଷ ଅଗ୍ରଗତି ହୋଇନାହିଁ। କାର୍ଯ୍ୟ ଅବଧି ସମୟ ଆଉ ମାତ୍ର ୬ ମାସ ବାକି ଥିବାବେଳେ ଏପର୍ଯ୍ୟନ୍ତ ପ୍ରଥମ ମହଲାର ଛାତ ମଧ ପଡ଼ିପାରିନାହିଁ। ଯେତିକି କାମ ହୋଇଛି ତାହାର ମାନ ପ୍ରତି ଦୃଷ୍ଟି ଦିଆଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପୌର ପରିଷଦ କାଉନସିଲର ଲିଙ୍ଗରାଜ ବେହେରାଙ୍କ ସମେତ କେତେଜଣ ସ୍ଥାନୀୟ ଲୋକେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଏବଂ ଏଥିଯୋଗୁ ପ୍ରକଳ୍ପର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଉଲ୍ଲେଖ କରି ଦୁଇମାସ ତଳେ ଭିଜିଲାନ୍ସ ଏସ୍‌ପି ଓ ଝାରସୁଗୁଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ସାଧାରଣ ନିର୍ବାଚନ ଥିବାରୁ ଏହି ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିଲା। ଶନିବାର ଭିଜିଲାନ୍ସ ବିଭାଗର ଏଟ ଟିମ୍ ହଠାତ୍ ଝାରସୁଗୁଡ଼ାରୁ ବାହାରି ବେଲପାହାଡ଼ରେ ପହଞ୍ଚିଥିଲେ। ପ୍ରକଳ୍ପ ସ୍ଥାନକୁ ଯାଇ ନିର୍ମାଣ କାର୍ଯ୍ୟ ଅନୁଧାନ କରିବା ପରେ ଫେରିଯାଇଥିଲେ। ଏ ସଂକ୍ରାନ୍ତରେ ଝାରସୁଗୁଡ଼ା ଭିଜିଲାନ୍ସ ଇନ୍ସପେକ୍ଟର ପି.କେ. ଆଇଣ୍ଡକୁ ପଚାରିବାରୁ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ଅନୁଧାନ ପାଇଁ ଯାଇଥିଲୁ ବୋଲି ପ୍ରକାଶ କରିଛନ୍ତି। ସେହିପରି ପୌର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀଙ୍କୁ ପଚରାଯିବାରୁ ସେ କହିଲେ, ଅଭିଯୋଗ ମିଳିବା ପରେ ପୂର୍ବରୁ ଠିକାସଂସ୍ଥାକୁ ଚିଠି କରାଯାଇଥିଲା। ଏଷ୍ଟିମେଟ୍ ଅନୁଯାୟୀ ଶୀଘ୍ର କାର୍ଯ୍ୟ କରିବାକୁ ତାଗିଦ୍ କରାଯାଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।



ବେଲପାହାଡ଼ ବାଇପାସ୍ ରାସ୍ତା ନିକଟରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ।

## ସୁଲାହି ଜନସେବା କେନ୍ଦ୍ରରେ ସାର୍ଟିଫିକେଟ ମିଳୁନି

**କିର୍ମିରା,୩୦।୬ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ସୁଲାହି ପଞ୍ଚାୟତରେ ଜାତି, ଇନ୍‌କମ, ରେସିଡେନ୍ସ ସାର୍ଟିଫିକେଟ ମିଳୁ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସ୍କୁଲରେ ନାମଲେଖା ଚାଲିଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକତା ରହିଛି। ସାର୍ଟିଫିକେଟ ମିଳୁ ନ ଥିବାରୁ ଛାତ୍ରୀଛାତ୍ର ନାମଲେଖା ପକ୍ରିୟାରେ ଅସୁବିଧା ଭୋଗୁଛନ୍ତି। ସୂଚନା ମୁତାବକ ଏଠାରେ ଥିବା ଜନସେବା କେନ୍ଦ୍ର ମାଲିକଙ୍କୁ ଇ-ଡିଷ୍ଟ୍ରିକ୍ଟ ସେବା ନ ଦେଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦିଆଯାଇଛି। ତେବେ କୌଣସି କାରଣରୁ ଉକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟ ବ୍ଲକ ହୋଇଯାଇଛି। ଜନସେବା କେନ୍ଦ୍ର ମାଲିକ ତହସିଲଦାରଙ୍କୁ ଏ ବିଷୟରେ ଅବଗତ କରାଇଥିବା ବେଳେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରି ନ ଥିବା କହିଛନ୍ତି। ଲୋକେ ଅସୁବିଧା ଭୋଗୁଥିବାରୁ ଇ-ଡିଷ୍ଟ୍ରିକ୍ଟ କାମ ତୁରନ୍ତ ଚାଲୁ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଉଜ୍ଜ୍ୱଳା ଗ୍ୟାସ୍ ହଡ଼ପ ଅଭିଯୋଗ

**ବ୍ରଜରାଜନଗର,୩୦।୬ (ଡି.ଏନ୍.ଏ.)**

ବ୍ରଜରାଜନଗର ଥାନା ଖଲିଆକାନୀ ଗ୍ରାମର ଜ୍ୟୋସ୍ନା କୁରେଇଙ୍କ ଉଜ୍ଜ୍ୱଳା ଗ୍ୟାସକୁ ହଡ଼ପ କରାଯାଇଥିବା ଗାନ୍ଧୀଛକ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜ୍ୟୋସ୍ନା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଗ୍ୟାସ ଯୋଜନାରୁ ଗତବର୍ଷ ନଭେମ୍ବର ୨୨ରେ ଏକ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ପାଇଥିଲେ। ସୁନ୍ଦରଗଡ଼ ଜିଲା ମଙ୍ଘସପୁର ସୋଭିନ ଏଚ୍‌ପି ଗ୍ୟାସ ଗ୍ରାମୀଣ ବିତରକ ସଂସ୍ଥା ତାଙ୍କୁ ଗ୍ୟାସ୍ ପ୍ରଦାନ କରିଥିଲେ।

ଘରେ ଛୋଟ ଛୁଆ ଥିବାରୁ ଜ୍ୟୋସ୍ନା ଗ୍ୟାସ୍ ବ୍ୟବହାର କରି ନ ଥିଲେ। ଏହାର ସୁଯୋଗ ନେଇ ଗତ ୨୧ ତାରିଖ ପୂର୍ବାହ୍ନ ୧୧ଟାରେ ଦୁଇ ଜଣ ବ୍ୟକ୍ତି ତାଙ୍କ ଘରକୁ ଆସି ଜ୍ୟୋସ୍ନାଙ୍କୁ ସିଲିଣ୍ଡର ବଦଳାଇବା ପାଇଁ କହି ନେଇ ଯାଇଥିଲେ। ଜ୍ୟୋସ୍ନା ମନା କରିବା ସତ୍ତ୍ୱେ ସରକାରଙ୍କ ନିୟମ ବୋଲି କହି ସେମାନେ ସିଲିଣ୍ଡର ନେଇଯାଇଥିଲେ। ଦୁଇଦିନ ଅପେକ୍ଷା କରିବା ପରେ ସିଲିଣ୍ଡର ନ ଆସିବାରୁ ବିତରକ ସଂସ୍ଥା ସହ ଜ୍ୟୋସ୍ନା ଯୋଗାଯୋଗ କରିଥିଲେ। ତେବେ ବିତରକ ସଂସ୍ଥା ଏ ବିଷୟରେ ଜାଣି ନ ଥିବା କହିଥିଲେ। ପରେ ଜ୍ୟୋସ୍ନା ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରି ଜ୍ୟୋସ୍ନାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜ୍ୟୋସ୍ନା କୁରେଇ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

ଜଗତ୍‌ସିଂହପୁର: ଜିଲା ମୁଖ୍ୟଚିକିତ୍ସାଳୟରେ ମଦ ମିଳିବା ଘଟଣା

### ୩ ଦିନ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମଦ ମିଳିବା ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରବିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଏବଂ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩ ଦିନ ମଧ୍ୟରେ ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ବିଭାଗକୁ ତଦନ୍ତ ରିପୋର୍ଟ ଦେବା ପାଇଁ କୁହାଯାଇଛି। ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ରୁମ୍‌ରୁ ମଦ ମିଳିଥିବା ଅଭିଯୋଗ ହୋଇଥିଲା। ଏମିତି କି ହସ୍ପିଟାଲ ସହ ସମ୍ପର୍କ ଥିବା କେତେକ ବ୍ୟକ୍ତି ବିଶେଷ ସ୍ୱାସ୍ଥ୍ୟାନୁଷ୍ଠାନ ପରିସରରେ ବେଆଇନ ମଦ କାରବାର କରୁଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ପ୍ରାଥମିକ ତଦନ୍ତ କରିଥିଲେ ମଧ ପ୍ରକୃତ ତଥ୍ୟ ଏଯାବତ୍ ପଦାକୁ ଆସିନାହିଁ। ପୋଲିସ ପକ୍ଷରୁ ଏ ନେଇ ଏକାଧିକ କର୍ମଚାରୀଙ୍କୁ ପଚରାଉଚରା ଜାରି ରହିଛି।

ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟ ଚାମ୍ପିୟନଶିପ୍

### ଭାରତରୁ ପ୍ରତିନିଧିତ୍ୱ କରିବେ ସୁଦର୍ଶନ

**ପୁରୀ ଅଫିସ, ୩୦।୬:** ଆସନ୍ତା ଜୁଲାଇ ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଆମେରିକାର ବୋଷ୍ଟନ ସହରରେ ଅନୁଷ୍ଠିତ ହେବ ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟ ଚାମ୍ପିୟନଶିପ୍। ଏଥିରେ ୧୫ଟି ଦେଶରୁ ୧୫ ଜଣ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ତେବେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଏ ନେଇ ରବିବାର ଆୟୋଜକଙ୍କ ପକ୍ଷରୁ ଇ-ମେଲ୍ ମାଧ୍ୟମରେ ସୁଦର୍ଶନଙ୍କୁ ଅବଗତ କରାଯାଇଛି। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ଭାରତ ପକ୍ଷରୁ ସେ ପ୍ରତିନିଧିତ୍ୱ ଲାଗି ମନୋନୀତ ହୋଇଥିବାରୁ ହାଇଦ୍ରାବାଦସ୍ଥିତ ଆମେରିକାର କନ୍‌ସୁଲେଟ୍ ଜେନେରାଲ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଆମେରିକାରେ ଅବସ୍ଥାପିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ସନ୍ଦୀପ ଚକ୍ରବର୍ତ୍ତୀ ମଧ ଟୁଇଟ୍ କରି ଅଭିନନ୍ଦନ ଜଣାଇବା ସହ ନ୍ୟୁୟର୍କକୁ ତାଙ୍କୁ ନିମନ୍ତ୍ରଣ କରିଛନ୍ତି ବୋଲି ସୁଦର୍ଶନ କହିଛନ୍ତି।

### ମଣ୍ଡି ଖୋଲୁନି, ପଡ଼ି ରହିଲାଣି ଧାନ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** ରାଜ୍ୟରେ ଧାନ ସଂଗ୍ରହ ସରିଛି କହି ଶନିବାରଠାରୁ ରାଜ୍ୟ ସରକାର ଧାନମଣ୍ଡିଗୁଡ଼ିକୁ ବନ୍ଦ କରିଛନ୍ତି। କିନ୍ତୁ ବର୍ତ୍ତମାନ ମଧ ଅନେକ ସ୍ଥାନରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଛି। ରବି ଧାନ ଚାଷ କରିଥିବା ଚାଷୀମାନଙ୍କ ପାଇଁ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଧାନ ଅମଳ ସରିବାପରେ ସୁଦ୍ଧା ଚାଷୀ ଧାନ ବିକ୍ରି କରିପାରୁନାହିଁ। ମଣ୍ଡି ନ ଖୋଲିବା ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି କହିଛନ୍ତି। ଶିବାଜୀ କହିଛନ୍ତି ଯେ, ରାଜ୍ୟ ସରକାର ତାଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ନିଜ ପିଠି ଥାପୁଡ଼ାଇ ବାହାବା ନେଉଛନ୍ତି। ରାଜ୍ୟରେ ମୌସୁମୀ ସକ୍ରିୟ ହେବାପରେ ମଧ ସରକାର ଏବଂ କୃଷି ବିଭାଗର ଏ ପର୍ଯ୍ୟନ୍ତ ନିଦ ଭାଙ୍ଗିନାହିଁ। ମଣ୍ଡି ଆଗରେ ଧାନବସ୍ତା ପଡିରହିଥିବା ବେଳେ ହଠାତ୍ ରାଜ୍ୟ ସରକାର ଧାନ ସଂଗ୍ରହ ଅବଧି ଶେଷ ହୋଇଛି କହି ଦାୟିତ୍ୱ ନିଜ ମୁଣ୍ଡରୁ ଖସାଇବାକୁ ବସିଛନ୍ତି।

■ ଡିଜିପିଙ୍କ ଶେଷ ସମୀକ୍ଷା ବୈଠକ

# ରଥଯାତ୍ରା ପାଇଁ ପୋଲିସ ପୂରା ପ୍ରସ୍ତୁତ

**ପୁରୀ ଅଫିସ, ୩୦।୬**



ପୁରୀ ପୌର ସଦନଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏବଂ ଅନ୍ୟ ଅଧିକାରୀମାନେ।

ଜୁଲାଇ୪ ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏ ନେଇ ମନ୍ଦିର ପ୍ରଶାସନଠାରୁ ପୋଲିସ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇ ଉଠିଛନ୍ତି। ରବିବାର ପୂର୍ବାହ୍ନରେ ପୌର ସଦନଠାରେ ରଥଯାତ୍ରାରେ ନିୟୋଜିତ ପୋଲିସ ଅଧିକାରୀମାନଙ୍କ ଶେଷ ସମୀକ୍ଷ ବୈଠକ ଡିଜିପି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ଶର୍ମା ରଥଯାତ୍ରା ପାଇଁ ପୋଲିସ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ଲାଗି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ତିନି ରଥ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରାର ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଡିଜିପି ଶର୍ମା ଗଣମାଧମକୁ କହିଥିଲେ।

ବୈଠକରେ ଆଇଜି(ଅପରେଶନ) ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ ଯେ, ବର୍ଷା ହେଲେ ସୁଦ୍ଧା କୌଣସି ପୋଲିସ କର୍ମଚାରୀ ଡ୍ୟୁଟି ଛାଡି ଯିବେ ନାହିଁ। ପୋଲିସ କର୍ମଚାରୀମାନେ ପାଖରେ ରେନକୋର୍ଟ ରଖିବେ। ଶ୍ରୀମନ୍ଦିରର ଚାରିଦ୍ୱାର ଏବଂ ରାସ୍ତାରେ ସେବାୟତଙ୍କୁ ଅଯଥାରେ ଅଟକାଇବେ ନାହିଁ। ଶ୍ରୀମନ୍ଦିରରେ ଡ୍ୟୁଟି କରୁଥିବା ପୋଲିସ ଅଧିକାରୀମାନେ ସେବାୟତଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ। କୌଣସି କର୍ମଚାରୀ କୌଣସି ପରିସ୍ଥିତିରେ ଡ୍ୟୁଟି ପୋଷ୍ଟ ଛାଡି ଯାଇପାରିବେ ନାହିଁ। ସିଫ୍ଟ ବଦଳିଲେ ବଦଳ କର୍ମଚାରୀ ନ ଆସିବା ପର୍ଯ୍ୟନ୍ତ ଡ୍ୟୁଟି ଛାଡିପାରିବେ ନାହିଁ ବୋଲି ପ୍ରିୟଦର୍ଶୀ କହିଥିଲେ। ଏଡିଜି ସଞ୍ଜୀବ ପଣ୍ଡା କହିଥିଲେ ଯେ, ଟ୍ରାଫିକ ଡ୍ୟୁଟିରେ ରହୁଥିବା ପୋଲିସ କର୍ମଚାରୀଙ୍କୁ ଭକ୍ତମାନେ ଯେଉଁ ସୂଚନା ପଚାରିବେ ତାଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବେ। ଯଦି ଭକ୍ତ ପଚାରୁଥିବା ସୂଚନା ସମ୍ପର୍କରେ ପୋଲିସ କର୍ମଚାରୀ ଜାଣି ନ ଥାନ୍ତି ତେବେ କଣ୍ଟ୍ରୋଲ ରୁମ୍‌କୁ ପଚାରି ଭକ୍ତଙ୍କୁ ଜଣାଇବେ। କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବ୍ୟକ୍ତି ନଜରକୁ ଆସିଲେ ବିଳମ୍ବ ନ କରି ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏଡିଜି(ରେଲୱେ) ପ୍ରଣବେନ୍ଦୁ ଆଚାର୍ଯ୍ୟ କହିଲେ, ରଥଯାତ୍ରା ଲାଗି ରେଲୱ୍ୱେ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରଥଯାତ୍ରା ପାଇଁ ପୁରୀକୁ ୨ଶହରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଭକ୍ତଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଷ୍ଟେଶନରେ ଟ୍ରେନରୁ

■ ଡ୍ୟୁଟି ପୋଷ୍ଟ ନ ଛାଡିବାକୁ ପରାମର୍ଶ
■ ସନ୍ଦିଗ୍ଧ ବସ୍ତୁ ନଜରକୁ ଆସିଲେ ତ୍ୱରିତ ସୂଚନା ଦେବେ
■ ଡ୍ୟୁଟି ବେଳେ ପାଖରେ ରେନକୋର୍ଟ ରଖିବାକୁ ନିର୍ଦ୍ଦେଶ

ଭକ୍ତ, ଯାତ୍ରୀ ଓହ୍ଲାଇବା ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ଏଥିପ୍ରତି ଦୃଷ୍ଟି ଦିଆଯାଇଛି। ସମସ୍ତ ଲିଙ୍କ ଷ୍ଟେସନରେ ଆରପିଏଫ୍ ମୁତୟନ ରହିବେ। ଆଇଜି(ହେଡକ୍ୱାର୍ଟର) ଅସିତ ପାଣିଗ୍ରାହୀ କହିଲେ ଯେ, ସମସ୍ତଙ୍କ ଭକ୍ତଙ୍କ ଦୃଷ୍ଟି ବଡଦାଣ୍ଡରେ ରହିଥାଏ। ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବାରୁ ଭିଡ଼ ନିୟନ୍ତ୍ରଣ ଚ୍ୟାଲେଞ୍ଜ ହେବ। ଆଇଜି(ଏସ୍‌ଏଏଫ୍) ଅମିତାଭ ଠାକୁର କହିଲେ ଯେ, ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଦୃଷ୍ଟି ଦେବାକୁ ପଡିବ। ତିନି ଜାତୀୟ ରାଜପଥ ଦେଇ ଦୁଇ ଚକିଆ ଓ ଚାରି ଚକିଆ ଯାନ ଲାଗି ଚିହ୍ନଟ ପାର୍କିଂ ସ୍ଥାନରେ ରହିବ। ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀ ଶୃଙ୍ଖଳିତ ଭାବେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବେ। ଏସପି(ସିଗ୍‌ନାଲ)ବିଏନ ଦାଶ କହିଲେ ଯେ, ପୁରୀରେ ରଥଯାତ୍ରା ପାଇଁ ପୋଲିସ ଅଧିକାରୀ ୬ଶହରୁ ଉର୍ଦ୍ଧ୍ୱ ଭିଏଚ୍‌ଏଫ୍ ସେଟ ଦିଆଯିବ। ସମୁଦାୟ ୮ଟି ସ୍ୱତନ୍ତ୍ର ଚ୍ୟାନେଲ ବ୍ୟବସ୍ଥା କରାଯାଇଛି। ଏହାକୁ କଣ୍ଟ୍ରୋଲରୁମ ସହିତ ସଂଯୋଗ କରାଯାଇଛି। କୌଣସି ସ୍ଥାନରେ କିଛି ବି ସମସ୍ୟା ହେଲେ, କଣ୍ଟ୍ରୋଲ ରୁମଙ୍କୁ ସୂଚନା ଦେବେ। ଏହି କଣ୍ଟ୍ରୋଲ ରୁମ୍ ୨୪ଘଣ୍ଟା କାର୍ଯ୍ୟ କରିବ। ଅନ୍ୟମାନଙ୍କ ମଧ୍ୟରେ ଆଇଜି(କ୍ରାଇମବ୍ରାଞ୍ଚ) ଅରୁଣ ବୋଥ୍ରା, ଡାଇରେକ୍ଟର ଇଣ୍ଟେଲିଜେନ୍ସ ସୁନିଲ ରାୟ, ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ, ଏସ୍‌ଓପି କମାଣ୍ଡାଣ୍ଟ ଏସ.ସମ୍ପଦ, ଏସ୍‌ପି(ଏସଟିଏଫ) ରାହୁଲ ପିଆର, ଆଇଜି(ଗୋଇନ୍ଦା) ଆର.କେ.ଶର୍ମା, ଏସ୍‌ପି ସୋସାଲ ବ୍ରାଞ୍ଚ କେ.ସାମଲ, ଏସ୍‌ପି(ସୁରକ୍ଷା) କାହ୍ନୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମୁତୟନ ହେବେ ୧୫୫ ପ୍ଲାଟୁନ ଫୋର୍ସ

ଜୁଲାଇ ୨ରେ ନବଯୌବନ ଏବଂ ୪ରେ ରଥଯାତ୍ରା ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରବିବାର ପୁରୀ ପୌରସଦନଠାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧକ୍ଷତାରେ ଶେଷ ସମୀକ୍ଷା ବୈଠକ ବସିଥିଲା। ଏଥିରେ ଚଳିତ ରଥଯାତ୍ରା ପାଇଁ ସମୁଦାୟ ୧୫୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି କୁହାଯାଇଛି। ଦୁଇ ଜଣ ଏଡିଜି ରଥ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ୧୫ଜଣ ଆଇପିଏସ୍ ଓ କମାଣ୍ଡାଣ୍ଟ ର୍ୟାଙ୍କର ବରିଷ୍ଟ ଅଧିକାରୀ ରଥଯାତ୍ରା ପରିଚାଳନା ଦାୟିତ୍ୱରେ ରହିବେ। ଅତିରିକ୍ତ ଏସ୍‌ପି/ଡେପୁଟି କମାଣ୍ଡାଣ୍ଟ ୩୫, ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ୮୦, ଇନ୍ସପେକ୍ଟର ୧୧୦, ଏସ୍‌ଆଇ/ଏଏସ୍‌ଆଇ ୬୫୦ ମୁତୟନ ହେବ। ୨୪ଶହ ହୋମଗାର୍ଡଙ୍କୁ ମୁତୟନ କରାଯିବ। ସୁରକ୍ଷା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପରିସରରେ, ଶ୍ରୀମନ୍ଦିର ବାହାରେ, ବଡଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମୁଦ୍ର ଉପକୂଳ ସୁରକ୍ଷା ଲାଗି ପୋଲିସ ଏବଂ କୋଷ୍ଟଗାର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଆତାଙ୍କବାଦୀ କାର୍ଯ୍ୟକଳାପ ପ୍ରତିହତ କରିବା ଲାଗି ୨ଟି ଆଣ୍ଟି ଟେରୋରିଷ୍ଟ ସ୍କ୍ୱାର୍ଡ(ଏଟିଏସ୍) ମୁତୟନ କରାଯିବ। ୨ଟି ର୍ୟାପିଡ ଆକ୍ସନ ଫୋର୍ସ, ୨ଟି ଓଡ୍ରାଫ, ୧ ଏନଡିଆରଏଫ୍ ଟିମ୍, ଓଏସ୍‌ଏଫ୍ ୨ୟୁନିଟ୍, ୧୦ପ୍ଲାଟୁନ ଏସ୍‌ଓଜିଙ୍କୁ ମୁତୟନ କରାଯିବ ବୋଲି ସୂଚନା ଦେଇଥିଲେ।

## ମ୍ୟାଲେରିଆ ସଚେତନତା, ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଦେବଗଡ,୩୦।୬ (ଡି.ଏନ.ଏ)**

ଦେବଗଡ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡାଏଟ)ର ପୁରାତନ ଛାତ୍ର ସଂଘ ପକ୍ଷରୁ ତିଲେଇବଣି ବ୍ଲକ ଟାଇଁସର ପଞ୍ଚାୟତ ଅଧିନ ବାଲିପୋଶି ଗ୍ରାମରେ ରବିବାର ମ୍ୟାଲେରିଆ ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଡାଏଟ୍ ପୁରାତନ ଛାତ୍ର ସଂଘର ବହୁ ସଦସ୍ୟ ଏବଂ ଅଧ୍ୟୟନରତ ଛାତ୍ରମାନେ ବାଲିପୋଶି ଗ୍ରାମର ଘରକୁ ଘର ବୁଲି ମ୍ୟାଲେରିଆ ନିରାକରଣ ସମ୍ପର୍କରେ ସଚେତନାତା ସୃଷ୍ଟି କରିଥିଲେ। ଏହା ସହ ଗ୍ରାମରେ ଥିବା ଅଳିଆ ଆବର୍ଜନା ଓ ଅନାବନା ଘାସଲତା ଆଦି ସଫା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶରତ ଚନ୍ଦ୍ର ସେଠ ଯୋଗଦେଇଥିଲେ।

ଏହି ଅବସରରେ ଡାଏଟ ର ଶିକ୍ଷକ ପ୍ରଶିକ୍ଷକ ଓ ଛାତ୍ରୀ ଛାତ୍ର ମାନେ ବନ ବିଭାଗ ତଥା ପୁରାତନ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ହେବାକୁଥିବା ମିଳିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ସକ୍ରୀୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ସଂଘ କୋଷାଧ୍ୟକ୍ଷ ରିପିକା ମିଶ୍ର, ଗୁରୁଛାତ୍ର କ୍ଷୀରୋଦ ବଡେଇ, ସଂଜିତ ପିଙ୍ଗ, ଅଭିଜିତ ସିଉଳ, ରାଜନ ପଟେଲ, ପ୍ରଦୀପ ବେହେରାଙ୍କ ସମେତ ବହୁ ଛାତ୍ରୀ ଓ ପୁରାତନ ଛାତ୍ର ଉପସ୍ଥିତ ଥିଲେ।



ମ୍ୟାଲେରିଆ ସଚେତନତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷକ ଓ ଛାତ୍ରମାନେ।

### କିର୍ମିରା, ନକ୍ସାପାଲିରେ ହାତୀ ଉପଦ୍ରବ



ଦନ୍ତାହାତୀ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଦେଇଛି।

**କିର୍ମିରା,୩୦।୬(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବାଗଡିହି ବନ ବିଭାଗ ଅନ୍ତର୍ଗତ କିର୍ମିରା ଓ ନକ୍ସାପାଲି ଗ୍ରାମରେ ଦନ୍ତା ହାତୀ ଉପଦ୍ରବ ଚଳାଇଛି। ଶନିବାର ରାତି ୧୧ଟାରେ ନକ୍ସାପାଲି ମହୁଲମୁଣ୍ଡା ଜଙ୍ଗଲ ପଟୁ ଦନ୍ତାହାତୀଟି ଗ୍ରାମକୁ ପଶି ଆସି କନ୍ଦର୍ପ ରଣାଙ୍କ ଘର ଭାଙ୍ଗି ଗୋଟିଏ ବସ୍ତା ଧାନ ଖାଇଯାଇଥିଲା। ପରେ ରେଙ୍ଗାଲିମାଲ ଗ୍ରାମର ଗୁଣମଣି ସାହୁ, କିଶୋର ଚନ୍ଦ୍ର ସାହୁଙ୍କ ଘର ଏବଂ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ପାଚେରି ଭାଙ୍ଗିଦେଇଛି। ସେହିପରି ବେହେରାମାଲର ସୁରେନ୍ଦ୍ର ପୂଜାରୀଙ୍କ ଫାର୍ମ ହାଉସ ଘର ଭାଙ୍ଗି ଦେଇଛି। ରାତି ସାରା ହାତୀ ତିନୋଟି ଗ୍ରାମରେ ଉତ୍ପାତ ଜାରି ରଖିଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ତେବେ ସକାଳେ ସେମାନେ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡ଼ିଛି।

## ପାରମ୍ପରିକ ଦେଶୀ ବିହନ ମେଳା

**ବାରକୋଟ, ୩୦।୬ (ଡି.ଏନ.ଏ)**

ଦେବଗଡ ଜିଲା ଛେପିଲିପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗାଡପାଳ ଗ୍ରାମଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ପାରମ୍ପାରିକ ଦେଶୀ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ତିଳେଇବଣି ବ୍ଲକର ବିଭିନ୍ନ ଗ୍ରାମରୁ ଚାଷୀ ଆସିଥିବା ବେଳେ ସମ୍ବଲପୁର ଜିଲା ଜମନକିରା ବ୍ଲକର ବିଭିନ୍ନ ଗ୍ରାମରୁ ଚାଷୀମାନେ, ଦେଶୀ ମୁଗ, ବିରି, କୋଲଥ, ଧାନ, ମାଣ୍ଡିଆ, ହରଡ ଓ ପନିପରିବା ଇତ୍ୟାଦି ଆଣିଥିଲେ। ଏହିସବୁ ବିହନକୁ ପରସ୍ପର ମଧ୍ୟରେ ଅଦଳବଦଳ କରିଥିଲେ। ମେଳାର କୃଷି ଅଧିକାରୀ ଭରତ ମହାନନ୍ଦ ଦେଶୀ ବିହନ ଉପରେ ଆଲୋଚନା କରିଥିଲେ। ଛେପିଲିପାଲି ପଞ୍ଚାୟତର ସରପଞ୍ଚ ମିନିବୁଡା ଦେଶୀ ବିହନର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସମ୍ବଲପୁର ସାମାଜିକ ସେବା ସଂସ୍ଥାର ସଂଯୋଜକ ଭାରତୀ ଦାସ ଏବଂ ସିଦ୍ଧେଶ୍ୱର କାଣ୍ଡିଆନ ଲୋକମାନଙ୍କୁ ବିହନ ମେଳାର ଲକ୍ଷ୍ୟ ଉପରେ ବୁଝାଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀମାନେ ପାଲା ଏବଂ ପାରମ୍ପାରିକ ନାଚ ଗୀତ ମାଧ୍ୟମରେ ଦେଶୀ ବିହନ ମେଳା ଉପରେ ସୂଚନା ଦେଇଥିଲେ। ସମ୍ବଲପୁର ସାମାଜିକ ସେବା ସଂସ୍ଥାର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।




ଦେଶୀ ବିହନ ମେଳା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

## ପୌରପାଳିକାର ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ବୈଠକ, କର୍ମକର୍ତ୍ତା ଚୟନ

**ଦେବଗଡ, ୩୦।୬(ଡି.ଏନ.ଏ)**

ଗତ ୧୬ ତାରିଖରେ ଦେବଗଡ ପୌରପାଳିକା ଅସ୍ଥାୟୀ ସଫେଇ କର୍ମଚାରୀ ପକ୍ଷରୁ ଏକ ଜରୁରୀ କାଳୀନ ବୈଠକ ସ୍ଥାନୀୟ ପ୍ରଧାନପାଟ ସ୍ଥିତ ମ୍ୟୁନିସିପାଲିଟି ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କର ସହସମ୍ମତି କ୍ରମେ ବୈଠକରେ ଏକ ନୂତନ ସଂଘ ଗଠନ କରିବାସହ ବିଭିନ୍ନ ପଦପଦବୀ ବଛା ଯିବ ବୋଲି ନିଷ୍ପତି ନେଇଥିଲେ। ଉକ୍ତ ନିଷ୍ପତି କ୍ରମେ ରବିବାର ସ୍ଥାନୀୟ ପ୍ରଧାନପାଟ ସ୍ଥିତ ବସନ୍ତ ନିବାସ ଡାକବଙ୍ଗଳା ରେ ଏକ ବୈଠକ ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ଅସ୍ଥାୟୀ ସଫେଇ କର୍ମଚାରୀ ପକ୍ଷରୁ ରୁଦ୍ର ମୁଖି ଧର୍ମେନ୍ଦ୍ର କୁମାର ଦେବତାଙ୍କୁ ସଭାପତି ପାଇଁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଉପସ୍ଥିତ ଅସ୍ଥାୟୀ ସଫେଇ କର୍ମଚାରୀ ମାନେ ଗ୍ରହଣ କରିଥିଲେ। ଏବଂ ଉପ ସଭାପତି ଭାବେ ଉମେଶ ମୁଖି, ସମ୍ପାଦକ ଭାବେ ପ୍ରଦେଶି ମୁଖି, ସହ ସମ୍ପାଦକ ପଦ୍ମିନି ସୁନ୍ଦରିୟା, କୋଷଧକ୍ଷ ବୁଟୁ ମୁଖି, ଆଇନ ପରାମର୍ଶଦାତା ପ୍ରଭାସ ମିଶ୍ର,ଏବଂ ମୁଖ୍ୟ ପରାମର୍ଶ ଦାତା ମାର୍କେଣ୍ଡଶ୍ୱର ଶତପଥିଙ୍କୁ ସର୍ବସମତି କ୍ରମେ ମନୋନିତ କରାଯାଇଥିଲା। ଅସ୍ଥାୟୀ ସଫେଇ କର୍ମଚାରୀ ମାନଙ୍କ ପାଇଁ ଏକ ବ୍ୟାଙ୍କରେ ପାସବୁକ ଖୋଲାଯିବ। କର୍ମଚାରୀ କଲ୍ୟାଣ ପାଣ୍ଠି ନାମରେ ପ୍ରତ୍ୟେକ ମାସରେ ୫୦ ଟଙ୍କା ଲେଖାଁଏ ସମସ୍ତ କର୍ମଚାରୀ ଦେବେ ଏବଂ ସୁବିଧା ଅସୁବିଧା ହେଲେ ଉକ୍ତ ପାଣ୍ଠିରୁ ସାହାର୍ଯ୍ୟ କରାଯିବାର ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ସହରର ଶତାଧିକ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ସହ ନୂତନ କର୍ମକର୍ତ୍ତା।

### ଗୋବିନ୍ଦପୁର ଥାନାରେ 'ଆମ ପୋଲିସ ସମିତି'ର ବୈଠକ

**ବାମରା, ୩୦।୬ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନାରେ ପ୍ରତି ମାସ ଭଳି ଜୁନ ମାସ ପାଇଁ ମଧ ଶନିବାର ଆମ ପୋଲିସ ସମିତିର ମାସିକିଆ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପି.କେ. ରଣାଙ୍କ ଅଧକ୍ଷତାରେ ଏସଆଇ ଟି. କେର୍କେଟା ଓ ଏସଆଇ ସର୍ମିଷ୍ଠା ସୁନା, ଅବସରପ୍ରାପ୍ତ କ୍ୟାପଟେନ ଶଶିଭୂଷଣ ସେଠୀ, ପ୍ରଶାନ୍ତ ଶତପଥୀ, ମହେନ୍ଦ୍ର ଚୌଧୁରୀ, ମନମୋହନ ସାହୁ, ମହାବୀର ପ୍ରସାଦ ଖଣ୍ଡେଲୱାଲ, ଶାନ୍ତି କସଲ, ନିର୍ମଳା କସ୍ୟପ, ଶ୍ରବଣ ଚୌଧୁରୀ, ସୁଶୀଲ ପ୍ରସାଦ, ସନ୍ତୋଷ ଶୁକ୍ଲା, ଶ୍ୟାମସୁନ୍ଦର ଦାସ, ରାଜା ଖାନ୍, କ୍ଷୀରୋଦ ସା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଟ୍ରାଫିକ ସମସ୍ୟା, ଷ୍ଟ୍ରିଟ ରୋମିଓଙ୍କ ଉପରେ ଲଗାମ ଲଗାଇବା, ବସଷ୍ଟାଣ୍ଡ ନିକଟ ଲଇକେରା ରାସ୍ତା ନିର୍ମାଣ, ବୁଲା ଗୋରୁଗାଈ ଉପଦ୍ରବ, ରାସ୍ତା କଡ ଗଛଡାଳ କଟା ଯିବା ଏବଂ ରଥଯାତ୍ରା ପାଳନ ପାଇଁ ପୋଲିସ ଓ ସଭ୍ୟାସଭ୍ୟମାନେ ଆଲୋଚନା କରିଥିଲେ।

■ ଗୁଣିଗାରେଡ଼ି ସନ୍ଦେହ

## ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ବିଷ୍ଠା ଖୁଆଇଲେ

**ପୁରୁଷୋତ୍ତମପୁର, ୩୦।୬ (ଡି.ଏନ.ଏ.)**

■ ଉଦ୍ଧାର କଲା ପୋଲିସ
■ ଉଭୟ ପକ୍ଷଙ୍କୁ ଅଟକ ରଖି ତଦନ୍ତ

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ରାଣୀଗାଁରେ ଗୁଣିଗାରେଡି ସନ୍ଦେହରେ କେତେଜଣ ଲୋକେ ରବିବାର ଜନୈକ ବ୍ୟକ୍ତିଙ୍କ ଘରେ ପଶି ଭଙ୍ଗାରୁଜା ସହ ସ୍ୱାମୀ, ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ଉଭୟଙ୍କୁ ଗାଁ ଦାଣ୍ଡରେ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡମାରି ଦାନ୍ତ ଭାଙ୍ଗି ବିଷ୍ଠା ଖୁଆଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମ୍ପତିଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଦମ୍ପତିଙ୍କ ପୁଅଙ୍କ ଅଭିଯୋଗକ୍ରମେ ନଂ.୧୪୯/୧୯ ଓ ପଡୋଶୀ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ନଂ.୧୫୦/୧୯ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୫ରେ ଗୁଣିଗାରେଡି ସନ୍ଦେହରେ ଏହି ପରିବାର ଉପରେ ଗାଁ ଲୋକେ ନିର୍ଯାତନା ଦେଇଥିଲେ। ଏହା ସହ୍ୟ କରି ନ ପାରି ପରିବାରର ସମସ୍ତେ ଗାଁ ଛାଡ଼ି ୧୦ କିମି ଦୂର ରଣଝାଲି ପଞ୍ଚାୟତର ମୁକୁନ୍ଦପୁରରେ ଆଶ୍ରୟ ନେଇଥିଲେ। ନ୍ୟାୟ ଲାଗି ୨୦୧୭ ଜୁଲାଇ ୧୬ରେ ପୁରୁଷୋତ୍ତମପୁର ପୋଲିସ ଓ ୨୦୧୭ ଜୁଲାଇ ୧୭ରେ ଛତ୍ରପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଓ ପ୍ରଶାସନ ୨୦୧୭ ଜୁଲାଇ ୨୨ରେ ସମ୍ପୃକ୍ତ ପରିବାର ଓ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ନେଇ ଥାନାରେ ବୈଠକ କରି ଶାନ୍ତି କମିଟି ଗଠନ କରାଯାଇଥିଲା। ବୁଝାଶୁଝା ପରେ ସମ୍ପୃକ୍ତ ପରିବାର ଗ୍ରାମକୁ ଫେରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସାହିବାସୀ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗ୍ରାମବାସୀ ଗୁଣିଆ ସନ୍ଦେହ କରୁଥିବା ପରିବାରର ସ୍ୱାମୀ, ସ୍ତ୍ରୀ ଭୟରେ ଗାଁ ଛାଡି ଭୀମପୁର ପଞ୍ଚାୟତ ଚାଟମୁଣ୍ଡୁଳିରେ ବର୍ଷେ ହେଲା ରହୁଥିଲେ। ଗ୍ରାମରେ କେବଳ ତାଙ୍କ ବୃଦ୍ଧା ମା, ଭଉଣୀ ଓ ପୁଅବୋହୂ ରହୁଥିଲେ। ରବିବାର ସମ୍ପୃକ୍ତ ପରିବାରର ଏକ କୁକୁଡା ଜଣେ ବ୍ୟକ୍ତିଙ୍କ ଘର ନିକଟକୁ ଚାଲିଯିବାରୁ ତାଙ୍କ ବୃଦ୍ଧା ମା' ଓ ଝିଅଙ୍କୁ ସେହିବ୍ୟକ୍ତି ମାଡ ମାରିଥିଲେ। ଖବର ପାଇ ଚାଟମୁଣ୍ଡୁଳିରେ ରହୁଥିବା ଦମ୍ପତି ଗାଁକୁ ଆସିଥିଲେ। ଘରେ ତାଙ୍କ ମା'ଙ୍କ ସହ କଥା ହେଉଥିବାବେଳେ ସାହିର କେତେଜଣ ବ୍ୟକ୍ତି ଘରେ ପଶି ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଗାଁ ଦାଣ୍ଡକୁ ଟାଣିଆଣି ସମ୍ପୃକ୍ତ ଦମ୍ପତିଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦାନ୍ତ ଭାଙ୍ଗି ଦେବା ସହ ବିଷ୍ଠା ଖୁଆଇଥିବା ଦମ୍ପତି ଅଭିଯୋଗ କରିଛନ୍ତି। ମାତ୍ର ସାହିଲୋକେ ଏହାକୁ ଅସ୍ୱୀକାର କରିବା ସହ ସମ୍ପୃକ୍ତ ଦମ୍ପତିଙ୍କ ପୁଅ ଆକ୍ରମଣ କରିଥିବା ପାଲଟା ଅଭିଯୋଗ କରିଛନ୍ତି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ ଅଶ୍ୱିନୀ ପୂଜାହାରୀ

**ସମ୍ବଲପୁର,୩୦।୬(ବ୍ୟୁରୋ):** ୨୦୧୯ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଡା. ଅଶ୍ୱିନୀ ପୂଜାହାରୀ ରବିବାର ଦଳରୁ ଇସ୍ତଫା ଦେଇଛନ୍ତି।



ପିସିସି ସଭାପତି ଓ ଏଆଇସିସି ଅଧକ୍ଷଙ୍କୁ ସେ ଇସ୍ତଫାପତ୍ର ପ୍ରଦାନ କରିଥିବା କହିଛନ୍ତି। ଦଳ ଛାଡ଼ିବା ପଛରେ କାରଣ ସମ୍ପର୍କରେ ସେ କହିଛନ୍ତି, ନିର୍ବାଚନ ସମୟରେ ହାତଗଣତି କେତେଜଣ କର୍ମକର୍ତ୍ତାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ତାଙ୍କୁ ସହଯୋଗ କଲେନାହିଁ। ଓଲଟି ଅନ୍ୟ ଦଳକୁ ପରୋକ୍ଷରେ ସମର୍ଥନ କଲେ। ମୋତେ ଯେତିକି ଭୋଟ ମିଳିଥିଲା ତାହା ମୋର ବ୍ୟକ୍ତିତ୍ୱ ପାଇଁ। ସେହିପରି କଂଗ୍ରେସର ଦଳୀୟ ବୈଠକରେ ଗାଳିଗୁଲଜ କରାଯାଇଥିଲା। କର୍ମୀମାନେ ଆକ୍ରୋସମୂଳକ ଭାବେ ବିଭିନ୍ନ ଭାଷାରେ ଗାଳିଦେଇ ମୋତେ ଅପମାନିତ କଲେ। ଯେଉଁ ଦଳରେ ସମ୍ମାନ ନାହିଁ ସେ ଦଳରେ ରହିବାକୁ ଇଚ୍ଛା ହେଲାନାହିଁ ବୋଲି ପୂଜାହାରୀ କହିଥିଲେ। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ଅଶ୍ୱନୀ ଗୁରୁଙ୍କୁ ପଚାରିବାରୁ ପୂଜାହାରୀଙ୍କ ଇସ୍ତଫା ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଛନ୍ତି।

### ସ୍ୱାମୀଙ୍କ ବିରୋଧରେ ସ୍ତ୍ରୀଙ୍କ ଅଭିଯୋଗ

**ସମ୍ବଲପୁର,୩୦।୬(ବ୍ୟୁରୋ):** ସ୍ୱାମୀ ମାରପିଟ କରୁଥିବା ନେଇ ଜଣେ ମହିଳା ସମ୍ବଲପୁର ଜିଲା ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସ୍ୱାମୀ ରାଜୁ ପାତ୍ରଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ. ୨୪୯/୧୯) ରୁଜୁ ହୋଇଛି। ସ୍ତ୍ରୀ ରାଜଲକ୍ଷ୍ମୀଙ୍କ ଅଭିଯୋଗ କ୍ରମେ ରାଜୁ ତାଙ୍କୁ ନିୟମିତ ମାରପିଟ କରିଆସୁଥିଲେ। ଏ ନେଇ ଅନେକ ଥର ଆପୋସ ବୁଝାମଣା ମଧ ହୋଇଥିଲା। ହେଲେ କୌଣସି ସମାଧାନ ହୋଇପାରି ନ ଥିଲା।

### ନାବାଳିକା ନିଖୋଜ, ଥାନାରେ ଅଭିଯୋଗ

**ସମ୍ବଲପୁର,୩୦।୬(ବ୍ୟୁରୋ):** ସମ୍ବଲପୁର କ୍ଷେତରାଜପୁର ଥାନା ଚେରୁଆପଡା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୧୬୬/୧୯) ରୁଜୁ କରି ତଦନ୍ତ କରୁଛି।

### ସଟ୍ଟା ଖେଳାଉଥିବା ଅଭିଯୋଗରେ ୪ ଗିରଫ

**ସମ୍ବଲପୁର,୩୦।୬(ବ୍ୟୁରୋ):** ସଟ୍ଟା ଖେଳାଉଥିବା ଅଭିଯୋଗରେ ସମ୍ବଲପୁର ଟାଉନଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନୀଲ ମୁଖୀ, ରମେଶ ଛତ୍ରିଆ, ବଚନ ନାଏକ ଓ ଶିବ ପ୍ରସାଦ କହର। ଏ ନେଇ ଥାନାରେ ପୃଥକ ପୃଥକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ପାଖରୁ ୩ ହଜାର ୬୯୦ ଟଙ୍କା ସହ ସଟ୍ଟା ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରିଛି।

### ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ସମ୍ବଲପୁର-ବନସୱାଡି ସାପ୍ତାହିକ ଟ୍ରେନ୍

**ସମ୍ବଲପୁର,୩୦।୬(ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଚାଲିବ ସମ୍ବଲପୁର-ବନସୱାଡି ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ୍। ଏ ନେଇ ପୂର୍ବତଟ ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ୦୮୩୦୧ ସମ୍ବଲପୁର-ବନସୱାଡି ଟ୍ରେନ ଜୁଲାଇ ୩ରୁ ସେପ୍ଟେମ୍ବର ୨୫ ମଧରେ ପ୍ରତ୍ୟେକ ବୁଧବାର ସକାଳ ସାଢ଼େ ୯ଟାରେ ସମ୍ବଲପୁର ଷ୍ଟେଶନରୁ ଛାଡ଼ିବ। ସେହିପରି ୦୮୩୦୨ ବନସୱାଡି-ସମ୍ବଲପୁର ଟ୍ରେନ ଜୁଲାଇ ୪ରୁ ସେପ୍ଟେମ୍ବର ୨୬ ମଧରେ ପ୍ରତ୍ୟେକ ଗୁରୁବାର ରାତି ସାଢ଼େ ୧୧ଟା ବନସୱାଡିରୁ ଛାଡ଼ିବ। ଏହି ଟ୍ରେନ୍ ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ବରଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଓ କେସିଙ୍ଗାରେ ରହଣି କରିବ। ଏଥିରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଏସି, ତିନୋଟି ତୃତୀୟ ଶ୍ରେଣୀ ଏସି, ୧୦ଟି ସ୍ଲିପର୍ କ୍ଲାସ, ୨ଟି ସାଧାରଣ ବଗି ଓ ୨ଟି ଗାର୍ଡ ସହ ଲଗେଜ ଭ୍ୟାନ୍ ରହିଛି। ସୂଚନାଯୋଗ୍ୟ ଏହି ଟ୍ରେନ୍ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା।

■ ସାଓଲିନ୍ କୁଙ୍ଫୁ ଉଷୁ ଆସୋସିଏଶନ୍‌ର ରଜତ ଜୟନ୍ତୀ ଉତ୍ସବ

# ଉଷୁ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରିଥାଏ

**ସମ୍ବଲପୁର,୩୦।୬(ବ୍ୟୁରୋ)**

ସାଓଲିନ୍ କୁଙ୍ଫୁ ଆସୋସିଏଶନ୍‌ର ରଜତ ଜୟନ୍ତୀ ଉତ୍ସବ ରବିବାର ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କ୍ରୀଡ଼ା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ କରିଥାଏ। ଉଷୁ ଜରିଆରେ ପ୍ରଶିକ୍ଷାର୍ଥୀଙ୍କ ଚିନ୍ତନର ବିକାଶ ହୋଇଥାଏ ବୋଲି ବେହେରା କହିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା କହିଥିଲେ, ଉଷୁ ବ୍ୟକ୍ତିର ଚରିତ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ କ୍ଷେତ୍ରରେ କଠିନ ପରିଶ୍ରମ ଶୃଙ୍ଖଳିତ ତଥା ସମର୍ପିତ ହେଲେ ବିଜୟ ସମ୍ଭବ। ତେଣୁ ସମସ୍ତେ ଅଲିମ୍ପିକରେ ବିଜୟୀ ହେବେ ବୋଲି ଆଶା ରଖିବା ଉଚିତ ବୋଲି ଆରୋରା କହିଥିଲେ। ଅନୁଷ୍ଠାନର ସଭାପତି ତଥା ଜିଲାପାଳ ଶୁଭମ ସକସେନା ସୂଚନା ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ତଥା ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥୀ ସାଓଲିନ୍ କୁଙ୍ଫୁ ଉଷୁର ବିଭିନ୍ନ ଦିଗ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଉପଦେଷ୍ଟା ଡା. ରାସେଶ୍ୱରୀ ପାଣିଗ୍ରାହୀ ପ୍ରଶିକ୍ଷାର୍ଥୀଙ୍କ ସଫଳତା, ଭିତ୍ତିଭୂମିର ଆବଶ୍ୟକତା ଓ ପ୍ରଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ଜୁଡୋ ସଂଘ ସମ୍ପାଦିକା ଗୀତାଞ୍ଜଳି ଦାସ, ଆସାମର ଉଷୁ ପ୍ରଶିକ୍ଷକ ସୁରେଶ ମିଜାର, ପୁରାତନ ପ୍ରଶିକ୍ଷାର୍ଥୀ ମେଜର ଅନୁପ ସାଗର ଦାଶ ଓ ପୂର୍ବତନ ଜିଲା ଓକିଲ ସଂଘ ସଭାପତି ରବି ପଟ୍ଟନାୟକଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକଳ୍ପ ସଂଯୋଜକ ଲକ୍ଷ୍ମଣ କୁମାର ମେହେର ସ୍ୱାଗତ ଭାଷଣ, ଦିଲୀପ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ଶ୍ରୀତିଜା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଶିକ୍ଷାର୍ଥୀମାନେ ୩୨ଟି ଦୁଃସାହସିକ କୌଶଳ ପ୍ରଦର୍ଶନ କରିଥିଲେ। ଗ୍ରୀଷ୍ମକାଳୀନ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିରରେ କୃତିତ୍ୱ ହାସଲ କରିଥିବା ଗାୟତ୍ରୀ ମିଶ୍ର, ନିତୁ କେବାଟ, ଚଞ୍ଚଳା ଜେନା, ଦିବ୍ୟାକୁସୁମ ପୃଷ୍ଟି, ଶିବ ପ୍ରସାଦ ରାୟ, ପ୍ରତ୍ୟୁଷମାନ ଗୌରାଙ୍ଗ ଓ କ୍ଷୀରସାଗର ମାଝିଙ୍କୁ ପୁରସ୍କୃତ କରାଯାଇଥିଲା।




ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସାଓଲିନ୍ ଉଷୁ ଆସୋସିଏଶନ ରଜତ ଜୟନ୍ତୀ ଉତ୍ସବରେ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

# ଆମ ପୋଲିସ ସମିତି ବୈଠକ

**ରେଢ଼ାଖୋଲ,୩୦।୬(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଓ ଚାରମାଲ ଥାନା ପକ୍ଷରୁ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକ ବସନ୍ତ ମହାନନ୍ଦ, ନୀଳମାଧବ ମେଣ୍ଡୁଲି, ସନ୍ତୋଷ ମହାକୁଡ଼, ବୃନ୍ଦାବନ ପ୍ରଧାନ, ନରେନ୍ଦ୍ର ମହାଲିକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଗୌରୀଶଙ୍କର ପାତ୍ର, ଶିବରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଟ୍ରାଫିକ ସଚେତନତା, ମୋବାଇଲ ଚୋରି, ବାଇକ୍ ଚୋରି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଚାରମାଲ ଥାନା ଅଧିକାରୀ ବସନ୍ତ କୁମାର ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନାଗରିକ ହରିଶଙ୍କର ପ୍ରଧାନ, ବଦ୍ରିନାରାୟଣ ପ୍ରଧାନ, ଟଙ୍କଧର ବେହେରା, ମଦନ ମୋହନ ପ୍ରଧାନ, ଅଚ୍ୟୁତାନନ୍ଦ ସେଠୀ, ଈଶ୍ୱରଚନ୍ଦ୍ର ପ୍ରଧାନ, ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



ରେଢ଼ାଖୋଲ ଥାନାରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଜନସାଧାରଣ।



ଟ୍ରକ୍‌ଟି ଜଳୁଛି।

# ପିଟୁ ବୋଝେଇ ଚଳନ୍ତା ଟ୍ରକ୍‌ରେ ନିଆଁ

**ରେଙ୍ଗାଲି,୩୦।୬(ଡି.ଏନ୍.ଏ.)**

### ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ହେଲପର

ସମ୍ବଲପୁର ଜିଲା ଠେଲକଲୋଇ ଥାନା ସମ୍ମୁଖରେ ଏକ ଚଳନ୍ତା ପିଟୁ ବୋଝେଇ ଟ୍ରକରେ ନିଆଁ ଲାଗିଯାଇଥିଲା। ରବିବାର ଡବ୍ଲୁବିଓ୩-ଡି୩୧୫୮ନଂ ଏହି ଟ୍ରକ୍ ଠେଲକଲୋଇସ୍ଥିତ ଭୂଷଣ କାରଖାନାରୁ ପିଟୁ ବୋଝେଇ କରି ସମ୍ବଲପୁର ଆଡ଼କୁ ଯାଉଥିବାବେଳେ ହଠାତ କୌଣସି କାରଣରୁ ଏଥିରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଟ୍ରକ ଅଟକାଇବା ପରେ ଡ୍ରାଇଭର ଏବଂ ହେଲପର ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଏମାନେ ବର୍ତ୍ତି ଯାଇଛନ୍ତି। ପରେ ଭୂଷଣ କାରଖାନାରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି।

# ସାପ କାମୁଡ଼ାରେ ନାବାଳିକା ମୃତ

**କିର୍ମିରା,୩୦।୬(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଇକେରା ଥାନା କେଲେଣ୍ଡାମାଲ ପଞ୍ଚାୟତ ଗୁଡ଼ିଗାଁ (ବରହାମୁଣ୍ଡା)ର ଭଗବାନ କିଷାନଙ୍କ ଝିଅ ଅନୀତା (୧୪)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶନିବାର ଅନୀତା ଘରେ ଶୋଇଥିବା ବେଳେ ରାତି ସାଢ଼େ ୨ଟାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ତାଙ୍କୁ ଝାରସୁଗୁଡ଼ା ହସ୍ପିଟାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ମଧ ଝାରସୁଗୁଡ଼ା ବ୍ଲକ ତାଲମାଲ ଗ୍ରାମର ସଞ୍ଜୁକ୍ତା ପଶାୟତ (୪୩)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା।

# ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୩୦।୬(ବ୍ୟୁରୋ)**

ବେଦାନ୍ତ କମ୍ପାନୀ ସହଯୋଗରେ ପ୍ରତିଷ୍ଠିତ ଶୁଭଲକ୍ଷ୍ମୀ ମହିଳା ସମବାୟ ସମିତି ପକ୍ଷରୁ ଝାରସୁଗୁଡ଼ା କୃଷିବିଜ୍ଞାନ କେନ୍ଦ୍ରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୩୩ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ସୁପ୍ରଭା ସେଠ ମୁଖ୍ୟଅତିଥି, କୃଷିବିଜ୍ଞାନ କେନ୍ଦ୍ର ପ୍ରକଳ୍ପ ଅଧିକାରୀ ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା ଓ ବେଦାନ୍ତ ସିଏସ୍‌ଆର୍ ମୁଖ୍ୟ ସୁନ୍ଦର ରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୁଭଲକ୍ଷ୍ମୀ ସମବାୟ ସଭାନେତ୍ରୀ ପୁଷ୍ପାଞ୍ଜଳି ସେଠ ସ୍ୱାଗତ ଭାଷଣ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଗତ ୭ ବର୍ଷ ମଧରେ ଶୁଭଲକ୍ଷ୍ମୀ ସମବାୟ ନିଜସ୍ୱ ପାଣ୍ଠିରୁ ୨୧୫ ବିଦ୍ୟାର୍ଥୀଙ୍କୁ ୫ଲକ୍ଷ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ସୂଚନା ଦିଆଯାଇଛି।




ଝାରସୁଗୁଡ଼ା କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତା।



ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ବଜାରରେ ଶୁଖିଲା ଗଛ।

# ବଜାର ପରିସରରେ ବିପଦସଙ୍କୁଳ ଶୁଖିଲା ଗଛ

**ସମ୍ବଲପୁର,୩୦।୬(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମାନେଶ୍ୱର ବଜାର ପରିସରରେ ପ୍ରାୟ ୮ ମାସ ହେଲା ଦୁଇଟି ଶୁଖିଲା ଗଛ ବିପଦସଙ୍କୁଳ ଅବସ୍ଥାରେ ଠିଆହୋଇ ରହିଛି। ଫଳରେ ଲୋକେ ଭୟଭୀତ ହୋଇ ରହୁଛନ୍ତି। ମାନେଶ୍ୱରରେ ସୋମବାର ସପ୍ତାହିକ ବଜାର ବସିଥାଏ। ଉକ୍ତ ଦିନ ଏଠାରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥାଏ। ବଜାର ରାସ୍ତା ଦେଇ ପ୍ରତିଦିନ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସହ ଅଞ୍ଚଳବାସୀ ଯାତାୟାତ କରନ୍ତି। ତେଣୁ ସବୁ ସମୟରେ ବିପଦ ରହିଛି। ଏ ନେଇ ଲିଖିତ ଭାବେ ବନ ବିଭାଗ ଓ ମହାନଗର ନିଗମର ଦୃଷ୍ଟି ଆକର୍ଷଣ କରାଯାଇ ଗଛ ଦୁଇଟିକୁ କାଟିଦେବାକୁ ଅନୁରୋଧ କରାଯାଇଛି। ହେଲେ ଇତିମଧରେ ୩ ମାସ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି।

# ଲଦଲଦି ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ

**ପଡ଼ିଆବାହାଲ,୩୦।୬(ଡି.ଏନ୍.ଏ.)**

ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ଲଦଲଦି ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବାରୁ ଚଳିତ ଶିକ୍ଷାବର୍ଷରୁ ଏହି ସ୍କୁଲ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନିକଟବର୍ତ୍ତୀ ସ୍କୁଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷ୍ପତ୍ତିକୁ ବିରୋଧ କରି ଶନିବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ଗ୍ରାମର ମହିଳାମାନଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ବନ୍ଦର ବିକଳ୍ପ ବ୍ୟବସ୍ଥା ଯେପରିକି ଆବାସିକ ସ୍କୁଲ ବା ହଷ୍ଟେଲରେ ରଖି ପଢ଼ାଇବାକୁ ପରାମର୍ଶ ଦିଆଯାଇଛି। ମାତ୍ର ମାଓବାଦୀ ଅଧ୍ୟୁଷିତ ବଣଜଙ୍ଗଲ ଘେରା ଲଦଲଦି ଗ୍ରାମର ମହିଳାମାନେ ନିଜ ସନ୍ତାନଙ୍କୁ ହଷ୍ଟେଲ ବା ଆବାସିକ ସ୍କୁଲରେ ଛାଡ଼ିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଅପରପକ୍ଷେ ଏହି ଗାଁର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବାକୁ ହେଲେ ହିରୋ, ମେଘପାଲ, ନୂଆମୁଣ୍ଡା, ଲିଟିମୁଣ୍ଡା, ଅଡ଼ାପଡା ସ୍କୁଲକୁ ଯିବାକୁ ହେବ। ଏହି ସ୍କୁଲଗୁଡ଼ିକ ଲଦଲଦି ଗ୍ରାମଠାରୁ ୩ରୁ ୫ କିମି ଦୂର ତଥା ସଂରକ୍ଷିତ ଘଞ୍ଚ ଜଙ୍ଗଲ ରାସ୍ତାରେ ଯିବାକୁ ହେବ। ଅଡ଼ାପଡା ସ୍କୁଲକୁ ଯିବାକୁ ହେଲେ ଏକ ନାଳ ପାର୍ ହେବାକୁ ପଡ଼ିବ, ଯାହାକି କମ୍ ବୟସ୍କ ଛାତ୍ରୀଛାତ୍ରଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଲଦଲଦିଠାରେ ସ୍କୁଲ ଚାଲୁ ରଖିବାକୁ ମହିଳାମାନେ ଶିକ୍ଷା ବିଭାଗ ଅଧିକାରୀ ଓ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ରେଢ଼ାଖୋଲ ବିଧାୟକଙ୍କୁ ମଧ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମର ସରସ୍ୱତୀ ନାଇକ, ପ୍ରତିମା ଦେହୁରୀ, ରୀନା ପଧାନ, ବନବାସୀ ପୁଲେଇ, ଶକୁନ୍ତଳା ନାଏକ, ଶାନ୍ତି ପୁଲେଇ, ସାବିତ୍ରୀ ପୁଲେଇ, ସଞ୍ଜୁ ନାଇକ, ପ୍ରେମଶିଳା ପୁଲେଇ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ଅଭିଯୋଗକାରୀ ଲଦଲଦି ଗ୍ରାମର ମହିଳାମାନେ।

## ଫଟୋରେ ଖବର



ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସାଓଲିନ୍ ଉଷୁ ଆସୋସିଏଶନ ପ୍ରଶିକ୍ଷାର୍ଥୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।



ସମ୍ବଲପୁର ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରୁ ମାଟି ଖସୁଛି। ତଥାପି ଏ ଦିଗରେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଅନ୍ୱେଷା ପକ୍ଷରୁ ସାମୂହିକ ଜନ୍ମ ଦିନ

ରାଉରକେଲା ଅଫିସ,୩୦। ୬– ଷ୍ଟିଲସିଟିର ଅନ୍ୟତମ ସାମାଜିକ ସଂଗଠନ ଅନ୍ୱେଷା ପକ୍ଷରୁ ଛେଣ୍ଡ କଲୋନୀ ଠାରେ ଥିବା ହୃଷିକେଶ ରାୟ ମହାବିଦ୍ୟାଳୟ ପରିସରରେ ସାମୂହିକ ଜନ୍ମ ଦିନ ପାଳନ କରାଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାନେତ୍ରୀ କଳ୍ପନା ଶତପଥୀ, ସଂପାଦିକା ରଶ୍ମିତା ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ବିଶ୍ରାଡାହାର ରୋଡଠାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଜୟଦୀପ ଦତ୍ତ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ବିଜୟ ପ୍ରଧାନ ଯୋଗ ଦେଇଲେ। ମୁଖ୍ୟ ବକ୍ତା ରୂପେ କବି କୁଞ୍ଜବିହାରୀ ରାଉତ ମଞ୍ଚାସୀନ ଥିଲେ। ଚଳିତ ମାସରେ ଜନ୍ମ ହୋଇଥିବା ନିର୍ମଳ ମୁଣ୍ଡା ସେବାଶ୍ରମର କେତକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କେକ୍ କଟା ଯାଇଥିଲା। ଏଥିରେ ତରୁଲତା ସାମଲ, ମୁରଲୀ ପଟ୍ଟନାୟକ ଓ ବିଭୂଦତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଦିଗ ହରାଇଛି ସାମାଜିକ ସୁରକ୍ଷା ଯୋଜନା

ରାଉରକେଲା ଅଫିସ,୩୦। ୬

ସୁନ୍ଦରଗଡ ଜିଲାରେ ସାମାଜିକ ସୁରକ୍ଷାଯୋଜନା ଅନ୍ତର୍ଗତ ପେନସନ ସ୍କିମ କିପରି କାର୍ଯ୍ୟ କରୁଛି ସେ ନେଇ ଭିଏଚପି ନେତା ଶାନ୍ତନୁ କୁସୁମଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ଗତ ୩ ଦିନ ବିଭିନ୍ନ ସ୍ଥାନରେ ବୁଲି ଅନୁଧାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏମାନେ ବଣାଇଁ ଉପଖଣ୍ଡ ଅନ୍ତର୍ଗତ କେତକ ଗ୍ରାମକୁ ଯାଇ ବୃଦ୍ଧା, ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭେଟିଥିଲେ। ଏହି ଅବସରରେ ସେମାନେ ଜାଣିବାକୁ ପାଇଥିଲେ ଯେ ପ୍ରକୃତ ହିତାଧିକାରୀଙ୍କୁ ଛାଡି ପାତର ଅନ୍ତର ନୀତିରେ ଭତ୍ତା ପ୍ରଦାନ କରାଯାଇଛି। ଫଳରେ ବହୁ ସଂଖ୍ୟାରେ ହିତାଧିକାରୀ ଯୋଜନାରୁ ବାଦ ପଡିଛନ୍ତି। ଭତ୍ତା ପାଇବା ଆଶାରେ ଏକାଧିକବାର ଆବେଦନ କରିଥିବା ହିତାଧିକାରୀଙ୍କ ଦରଖାସ୍ତକୁ ବିଚାରକୁ ନିଆଯାଇନି। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ତଳ ସ୍ତର ଅଧିକାରୀଙ୍କ ଚଞ୍ଚକତା ଅନ୍ତରାୟ ସୃଷ୍ଟି କରିଥିବା କୁସୁମ ଅନୁଭବ କରିଥିବା ଏକ ବିବୃତିରେ ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ପେନସନ ଅପେକ୍ଷାରେ ରହିଥିବା କିଛି ବୃଦ୍ଧାବୃଦ୍ଧ ପ୍ରଶାସନ ଉପରେ ଆସ୍ଥା ହରାଇ ସାରିଲେଣି। ଏ ନେଇ କୁସୁମ ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତଣ୍ଡିଆଙ୍କ ଦୃଷ୍ଟି ଆକର୍ଷଣ କରି ଏକ ଦାବି ପତ୍ର ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଗୁରୁଣ୍ଡିଆ ବ୍ଲକ ଅଧୀନ କୁଚେଇଡା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମରେ ରହନ୍ତି ହାନା ଟପ୍ପୋ(୫୬)। ଗତ ୮ମାସ ପୂର୍ବେ ଏକ ସଡକ ଦୁର୍ଘଟଣାରେ ହାନାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମାତ୍ର ୧୩ ବର୍ଷର ପୁଅ ଆଲବନ ମଧ୍ୟ ସେହି ଦୁର୍ଘଟଣାର ଶିକାର ହୋଇ ଗୋଟିଏ ଗୋଡ ହରାଇଛନ୍ତି। ଏମିତି ଅବସ୍ଥାରେ ମା' ହାନାଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇ ନ ଥିବା ବେଳେ ଆଲବନଙ୍କୁ ଆଶା ବାଡି କିମ୍ବା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇନି। ଫଳରେ ଅଭାବି ହାନାଙ୍କ ପରିବାର ନାନା ସମସ୍ୟାର ସମ୍ମୁଖୀନ ହୋଇଥିବା ସେ ଅଭିଯୋଗ କରିଛନ୍ତି। କେନ୍ଦ୍ରୀକଲା ପଞ୍ଚାୟତ ଅନ୍ତର୍ଗତ ଗୁଡିଆଳି ଗ୍ରାମର ଶାରୀରିକ ଅକ୍ଷମ ଗୋପିନାଥ ସାହୁ(୬୫) ଓ ରାମଚନ୍ଦ୍ର ସାହୁ(୬୨) ଟ୍ରାଇ ସାଇକେଲ ପାଇବାକୁ ଆବେଦନ କରି ନିରାଶ ହୋଇଛନ୍ତି। ଲହୁଣୀପଡା ବ୍ଲକ କୁର୍ଡା ପଞ୍ଚାୟତ ଅନ୍ତର୍ଗତ ଲଲେଇ ଗ୍ରାମର ବରଦାମୋହନ ନନ୍ଦ(୯୦) ଓ ପତ୍ନୀ ସୁନନ୍ଦା(୮୦) ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ କାଟୁଛନ୍ତି ବୋଲି କୁସୁମ ଅଭିଯୋଗ କରିଛନ୍ତି। ଉପରୋକ୍ତ ପରିବାର ଭତ୍ତା ପାଇବାକୁ ହକଦାର ହୋଇଥିବା ବେଳେ ପରିଣତ ବୟସରେ ଏମାନଙ୍କ ପ୍ରତି ଜାଣିଶୁଣି ଅବହେଳା କରାଯାଇଛି। ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ସରକାର ଯାହାଙ୍କ ପାଇଁ ଯୋଜନା କରିଛନ୍ତି ସେମାନେ ଯଦି ଉପକୃତ ନ ହେବେ ତାହା ହେଲେ ଯୋଜନା ବାଟବଣା ହେବା ସୁନିଶ୍ଚିତ। ଏ ଦିଗରେ ଭିଏଚପି ନେତା କୁସୁମ, ରାଜେନ୍ଦ୍ର ସିଂ ଓ ସମୀର ପଟ୍ଟନାୟକ ଉପରିସ୍ଥ ଅଧିକାରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ ।



ଭିଏଚ୍‌ପି କର୍ମକର୍ତ୍ତା ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତଣ୍ଡିଆଙ୍କ ସହ ଆଲୋଚନା କରୁଛନ୍ତି।

**ସୁନ୍ଦରଗଡ ଜିଲା**
- ଭତ୍ତାରୁ ବଞ୍ଚିତ ହିତାଧିକାରୀ
- ଅଧିକାରୀଙ୍କ ସହ ଆଲୋଚନା କଲେ ଭିଏଚ୍‌ପି ପ୍ରତିନିଧି

### ନିଖିଳ ଓଡିଶା ଆଶା କର୍ମୀ ସଂଘ ପକ୍ଷରୁ ଜିଲାସ୍ତରୀୟ ବୈଠକ

ରାଉରକେଲା ଅଫିସ,୩୦। ୬

ଏଆଇଟିୟୁସି ସହ ବନ୍ଧିତ ନିଖିଳ ଓଡିଶା ଆଶା କର୍ମୀ ସୁନ୍ଦରଗଡ ଜିଲାସ୍ତରୀୟ ବୈଠକ ରବିବାର ଜିଲା କାର୍ଯ୍ୟାଳୟ ହରିବନ୍ଧୁ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଂଗଠନର ସୁନ୍ଦରଗଡ ଜିଲା ସଭାନେତ୍ରୀ ମାତିଲଦା କୁଲ୍ଲୁ ଅଧକ୍ଷତା କରିଥିଲେ। ଏହି ଅବସରରେ ସଂପାଦିକ ପଞ୍ଜନି ମାଝି ବିଗତ ଦିନରେ ସଂଗଠନ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାକ୍ରମ ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିରେ ସୁଷମା ଟପୋ, ଅନୀମା ମିଞ୍ଜ, କାମିନି ଜୟପୁରିଆ, ଶୋଭା ବାଗ ଜସ୍ମିତା କୁଜୁର, କାରମେଲା ଟପୋ, ଶ୍ରୀମତୀ ନାଗ ଓ କସ୍ତୁରୀ ଭୂମିଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଶା କର୍ମୀ କର୍ମ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଥିଲା। ବୈଠକରେ ଏଆଇଟିୟୁସି ଜିଲ୍ଲା ସଂପାଦକ ସଦାନନ୍ଦ ସାହୁ ଓ ବ୍ୟାଙ୍କ କର୍ମଚାରୀ ନେତା ଅରୁଣ ଦାସ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ଆଶା କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଯୋଗୁ ସରକାର ତଥା ସମ୍ପୃକ୍ତ ବିଭାଗ ସବୁ ଦୃଷ୍ଟିରୁ ଉପକୃତ ହେଉଛି। କର୍ମୀଙ୍କୁ ଠିକ ସମସୟରେ ପ୍ରାପ୍ୟ ପ୍ରଦାନ କରା ନ ଗଲେ ସେମାନଙ୍କ ମନୋବଳ ଭାଙ୍ଗି ପଡିବ। କାମ କରିବାକୁ ମନରେ ଆଗ୍ରହ ରହିବନି। ଏ ଦିଗରେ ଉପରିସ୍ଥ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ ବୋଲି କୁହାଯାଇ ଥିଲା। ଆଶା କର୍ମୀଙ୍କ ଉପରେ କୌଣସି ପ୍ରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଜୁଲମକୁ ସଂଗଠନ ବରଦାସ୍ତ କରିବନି ବୋଲି ୟୁନିୟନ ନେତା ସଦାନନ୍ଦ ସାହୁ ପ୍ରକାଶ କରିଛନ୍ତି।

## ଜେଲ ଫେରିଲେ ପାଟଣାଗଡ଼ ବିଧାୟକ

ପାଟଣାଗଡ, ୩୦।୬(ଡି.ଏନ.ଏ.)

ସୁସ୍ଥ ହେବା ପରେ ରବିବାର ସନ୍ଧ୍ୟାରେ ପାଟଣାଗଡ ବିଧାୟକ ସରୋଜ ମେହେର ଉପଖଣ୍ଡ ଚିକିତ୍ସାଳୟରୁ ଡିସଚାର୍ଜ ହୋଇଛନ୍ତି। ପରେ ତାଙ୍କୁ ପୁଣି ଥରେ ପାଟଣାଗଡ ଜେଲ୍‌କୁ ନିଆଯାଇଛି। ଜୁଲାଇ ୧ ତାରିଖ ଦିନ ଭୁବନେଶ୍ୱର ଆଡିସନାଲ ଜିଲା ଓ ସେସନସ୍ ଜଜଙ୍କ କୋର୍ଟରେ ତାଙ୍କର ଜାମିନ ଆବେଦନର ଶୁଣାଣି ଥିବାବେଳେ ତାଙ୍କୁ ସେଠି ହାଜର ହେବାକୁ ନିର୍ଦ୍ଦେଶ ଅଛି। ରାତିରେ ସ୍ଥାନୀୟ ପୋଲିସ ବିଧାୟକଙ୍କୁ କଡା ସୁରକ୍ଷା ବଳରେ ଭୁବନେଶ୍ୱରକୁ ନେବେ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ଯେ ଜୁନ ମାସ ୫ ତାରିଖ ଦିନ ବିଧାୟକ ସରୋଜ ମେହେର ଗମ୍ଭାରୀ ଗ୍ରାମର ରାସ୍ତାକାମ ନିମ୍ନମାନ ଦର୍ଶାଇ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଉଠବସ୍ କରାଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ଯନ୍ତ୍ରୀଙ୍କ ସ୍ତ୍ରୀ ବିଧାୟକ ମେହେରଙ୍କ ନାମରେ ପାଟଣାଗଡ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଆଇପିସି ଧାରା ୩୪୧, ୩୨୩, ୩୫୩, ୩୫୫, ୫୦୬, ୩୪ ଏବଂ ଆଟ୍ରୋସିଟି ଆକ୍ଟର ଧାରା ୩ ଅନୁଯାୟୀ ଏକ ମାମଲା (ନଂ. ୧୧୩/୧୯) ରୁଜୁ ହୋଇଥିଲା। ପରେ ଗତ ୨୪ ତାରିଖ ଦିନ ନୂଆପଡାରୁ ପୋଲିସ ବିଧାୟକଙ୍କୁ ଗିରଫ କରିଥିଲା। ପାଟଣାଗଡ ଏଡିଜେ ବିଧାୟକଙ୍କ ଜାମିନ ଉପରେ ଶୁଣାଣି ନକରି ଜୁଲାଇ ୧ ତାରିଖରେ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଜେଲରେ ବିଧାୟକ ଅସୁସ୍ଥ ହେବାପରେ ୨୫ ତାରିଖଠାରୁ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା କହି ଡ. ହେମନ୍ତ କୁମାର ମେହେର ତାଙ୍କୁ ଡିସଚାର୍ଜ କରିଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ଚାର୍ଟର ନାଇଟ, ଅଧିଷ୍ଠାନ ଦିବସ

ରାଉରକେଲା ଅଫିସ,୩୦। ୬

ଲାଇୟନ୍ସ କ୍ଲବ ଛେଣ୍ଡ ପକ୍ଷରୁ ଏହାର ଚାର୍ଟର ନାଇଟ ଓ ଅଧିଷ୍ଠାନ ଦିବସ ସେକ୍ଟର-୨୦ ରାଉରକେଲା କ୍ଲବ ଠାରେ ପାଳିତ ହୋଇ ଯାଇଛି। ସଭାନେତ୍ରୀ ଇଲା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୩୨୨ସି ୨ଡିଷ୍ଟ୍ରିକ୍ଟ ଗଭର୍ନର ଲାୟନ ଦୁର୍ଗାପ୍ରସାଦ ଶର୍ମା ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଭାବେ ଲାୟନ ପି.ସି. ନାୟକ ଯୋଗ ଦେଇଥିଲେ। ସଭାନେତ୍ରୀ ରାୟ ନିଜ ବକ୍ତବ୍ୟରେ ବିଭିନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ସଂପାଦକ ସରୋଜ ପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ନିମନ୍ତେ ଲାୟନ ଗୌତମ ମିଶ୍ରଙ୍କୁ ସଭାପତି ଭାବେ ଚୟନ କରାଯାଇ ଥିଲା। ପ୍ରାରମ୍ଭରେ ଲାୟନ ବସନ୍ତ ମଲ୍ଲିକ ଓ ଗଙ୍ଗୋତ୍ରୀ ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଥିଲା। ଲାୟନ ସଂଯୁକ୍ତା ମହାପାତ୍ର ଓ ସୋନାଲି ରାଉତ ନୃତ୍ୟ ପରିବେଷଣ କରିଥିବା ବେଳେ ଗୀତିକା ଯାଦବ ସଂଗୀତ ପରିବେଷଣ କରିଥିଲେ। ଏଥିରେ ନାରାୟଣ ପତି, ସୁବ୍ରତା ପତି, ବଳରାମ ଦାସ, ମଞ୍ଜୁବାଳା ଦାସ, ତୁହିମା ବିଶ୍ୱାଳ, ଶୁଭେନ୍ଦୁ ପରିଡା, ସୁଲତା ପତି, ସଂଯୁକ୍ତା ପାତ୍ର, ଅରୁଣ ନାୟକ, ରାଜେଶ ଅଗ୍ରୱାଲ, ଆରକେ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।




ଲାୟନ୍ସ କ୍ଲବ ପକ୍ଷରୁ ଚାର୍ଟର ନାଇଟ, ଅଧିଷ୍ଠାନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

### ରୋହିଦାସ ସେବା ସଂଘର କର୍ମକର୍ତ୍ତା ଚୟନ

ବ୍ରଜରାଜନଗର,୩୦।୬(ଡି.ଏନ୍.ଏ.)

ସ୍ଥାନୀୟ ଏକତାଲିସ୍ଥିତ ସେବାସଂଘ କଲ୍ୟାଣ ମଣ୍ଡପଠାରେ ରୋହିଦାସ ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ କର୍ମକର୍ତ୍ତାମାନେ ଯୋଗଦେଇ ସଂଘର ଉନ୍ନତି ନେଇ ସୁଚିନ୍ତିତ ମତାମତ ରଖିଥିଲେ। ପୂର୍ବ କର୍ମକର୍ତ୍ତାମାନଙ୍କ କାର୍ଯ୍ୟକାଳ ପୂରିଯାଇଥିବାରୁ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂର୍ବରୁ ସଭାପତି ଥିବ ଛବିଳ ସା ପୂନର୍ବାର ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ସନାତନ ରୋହିଦାସ ସମ୍ପାଦକ ଭାବରେ ମନୋନୀତ ହୋଇଛନ୍ତି। ଜିଲାର ବିଭିନ୍ନ ପ୍ରାନ୍ତରୁ ୨୪ଜଣଙ୍କୁ କାର୍ଯ୍ୟକାରୀ ସଭ୍ୟ ଭାବରେ ଚୟନ କରାଯାଇଛି। ଶେଷରେ ସମ୍ପାଦକ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଦସ୍ୟ ସଂଗ୍ରହ ନେଇ ଭାଜପା ପକ୍ଷରୁ କର୍ମଶାଳା

ରାଉରକେଲା ଅଫିସ,୩୦। ୬

ପାନପୋଷ ସାଂଗଠନିକ ଜିଲା ଭାଜପା ପକ୍ଷରୁ ନୂତନ ସଭ୍ୟ ସଂଗ୍ରହ କର୍ମଶାଳା ଜିଲା କାର୍ଯ୍ୟାଳୟ ସେକ୍ଟର- ୩ଠାରେ ସଭାପତି ଜଗବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହା ଜୁଲାଇ ୬ରୁ ଆରମ୍ଭ କରାଯାଇଛି। ଅଗଷ୍ଟ ୧୧ଯାଏ ଜାରି ରହିବ। ଦଳ ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ତିଥି ଅବସରରେ ସଦସ୍ୟତା ଅଭିଯାନର ଶୁଭାରମ୍ଭ କରାଯିବ ବୋଲି ବେହେରା ପ୍ରକାଶ କରିଥିଲେ। ପ୍ରତ୍ୟକ କାର୍ଯ୍ୟକର୍ତ୍ତା ନିଷ୍ଠାର ସହ ଏହି ଦାଇତ୍ୱ ପାଳନ କରିବେ ବୋଲି ବେହେରା ଆଶା ବ୍ୟକ୍ତ କରିଥିଲେ। ବୁଥ୍ ସ୍ତରରେ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବା ନେଇ ଉପସ୍ଥିତ କର୍ମକର୍ତ୍ତା ବିଚାର ବିମର୍ଷ କରିଥିଲେ। ଏଥିରେ ଜିଲା ସଦସ୍ୟ ସଂଗ୍ରହ ପ୍ରଭାରୀ ସୁକେଶୀ ଓରାମ ଉପସ୍ଥିତରହିସଦସ୍ୟତା ଅଭିଯାନକୁକିପରି ସଫଳ କରାଯିବ ସେ ଦିଗରେ ପରାମର୍ଶ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ କିଶୁନ ସାହୁ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ପୂର୍ବତନ ନଗରପାଳ ନିହାର ରାୟ, ରାଜ୍ୟ ସଂପାଦକ ଧିରେନ ସେନାପତି, ଜିଲା ସାଧାରଣ ସଂପାଦକ ରାଇସନ ତିର୍କୀ ପ୍ରମୁଖ ମଞ୍ଚାସୀନ ଥିଲେ। ପାନପୋଷ ସାଂଗଠନିକ ଜିଲାରେ ସଭ୍ୟ ସଂଗ୍ରହ ଅଭିଯାନର ମୁଖ୍ୟ ପ୍ରଭାରୀ ରୂପେ ନବ ନିଯୁକ୍ତ ରାଜେନ୍ଦ୍ର ସାହୁ ଓ ସହ ପ୍ରଭାରୀ ଲତିକା ପଟ୍ଟନାୟକଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ସ୍ୱାଗତ କରିଥିଲେ। ଏଥିରେ ରାଉରକେଲା, ବୀରମିତ୍ରପୁର ଓ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସଦସ୍ୟ ସଂଗ୍ରହ ନେଇ ଭାଜପା ପକ୍ଷରୁ କର୍ମଶାଳାରେ ଦଳୀୟ କର୍ମକର୍ତ୍ତା।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ଆହତ

ଲଖନପୁର,୩୦।୬(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅନ୍ତର୍ଗତ ବେହେରାଗୁଡ଼ା ଛକ ନିକଟରେ ରବିବାର ସନ୍ଧ୍ୟା ସାଢ଼େ ୭ଟାରେ ଏକ ଟ୍ରକ୍ ବାଇକ୍‌କୁ ଧକ୍କାଦେଇ ଫେରାର୍ ହୋଇଯାଇଛି। ଏଥିରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କତରବଗା ପଞ୍ଚାୟତ ଦର୍ରିଡିପା ଗ୍ରାମର କାର୍ତ୍ତିକ ଧୁରୁଆ (୪୫)। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ କାର୍ତ୍ତିକଙ୍କୁ ଉଦ୍ଧାର କରି ବେଲପାହାଡ଼ ଟାଟା କ୍ରୋସାକି ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କାର୍ତ୍ତିକ ଜଣେ ଶିକ୍ଷକ। ବିଇଓଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସେ ଲଖନପୁରରୁ ବାଇକ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି।

### ଚୁଆଖୋଲ ଗ୍ରାମରେ ହାତୀ ଉପଦ୍ରବ

ଦେବଗଡ଼, ୩୦।୬(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ ନୁଆଁଡିହି ସେକ୍ସନ ଅଧିନ ଚୁଆଖୋଲ କଲୋନୀ ସାହିରେ ହାତୀ ଉପଦ୍ରବ ଚଳାଇଛନ୍ତି। ସାହିର ବବଲୁ ବେହେରାଙ୍କର ଘର ଭାଙ୍ଗିବା ସହ ଘରେ ଥିବା ବହୁ ପରିମାଣର ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଥିବା ଜଣାପଡିଛି। ଖବର ମୁତାବକ ନୂଆଁଡିହି ସେକ୍ସନ ଅଧିନ ସୁନାତଇଲା ଜଙ୍ଗଲରୁ ୩ଟି ହାତୀ ଚନ୍ଦାପାହାଡ ତଳକୁ ଓହ୍ଲାଇବାସହ ଚୁଆଖୋଲ କଲୋନୀ ସାହିରେ ପଶିଥିଲେ। ଗ୍ରାମବାସୀ ନୁଆଁଡିହୀ ଫରେଷ୍ଟର ଗିରିଧାରୀ ପ୍ରଧାନଙ୍କୁ ଫୋନରେ ସୂଚନା ଦେବାରୁ ଫରେଷ୍ଟର ପ୍ରଧାନ ଚୁଆଖୋଲ ଗ୍ରାମକୁ ଆସି କ୍ଷୟକ୍ଷତିର ଆକଳନ କରି ଫେରିଯାଇଥିବା ଜଣାପଡିଛି।

## ସେଲ୍ସମ୍ୟାନ୍‌ଙ୍କୁ ଆକ୍ରମଣ କରି ଲୁଟ୍

ଲଖନପୁର,୩୦।୬(ଡି.ଏନ୍.ଏ.)

୪୯ନଂ ଜାତୀୟ ରାଜପଥର ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ବାଦିମାଲ ଛକ ନିକଟରେ ରବିବାର ସକାଳ ୧୦ଟାରେ ଦୁର୍ବୃତ୍ତମାନେ ଜଣେ ସେଲ୍ସମ୍ୟାନ୍‌ଙ୍କୁ ଛୁରୀରେ ଆକ୍ରମଣ କରି ୨୦ହଜାର ଟଙ୍କା, ମୋବାଇଲ୍ ଆଦି ଲୁଟିନେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ସେଲ୍ସମ୍ୟାନ୍ ନରହରି ପ୍ରଧାନ (୨୧)ଙ୍କ ୨ ଗୋଡ଼ରେ ଆଘାତ ଲାଗିଛି। ତାଙ୍କୁ ପଞ୍ଚଗାଁରେ ଚିକିତ୍ସା କରାଯାଇଛି। ଏ ନେଇ ନରହରି କନକତୋରା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୯୭/୧୯) ରୁଜୁକରି ତଦନ୍ତ ଚଳାଇଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ଛତିଶଗଡ଼ ଯାଇଛି। ଜାତୀୟ ରାଜପଥରେ ଦିନ ଦ୍ୱିପ୍ରହରରେ ଏଭଳି ଲୁଟ୍ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ନରହରି ପଞ୍ଚଗାଁ ଛକରେ ଥିବା ଶ୍ରୀ ଏଣ୍ଟରପ୍ରାଇଜର୍ସରେ ସେଲ୍ସମ୍ୟାନ୍ ଭାବେ କାମ କରନ୍ତି। ରବିବାର ସକାଳେ ସେ ଏଜେଣ୍ଟଙ୍କ ନିକଟରୁ ମୋବାଇଲ୍ ଭାଉଚର୍ ଟଙ୍କା ଆଦାୟ ପାଇଁ କନକତୋରା ଯାଇ ଫେରୁଥିବାବେଳେ ରାସ୍ତାରେ ୨ଜଣ ଯୁବକ ତାଙ୍କୁ ବାଇକ୍‌ରେ ପିଛା କରିଥିଲେ। ବାଦିମାଲ ଛକ ନିକଟରେ ତାଙ୍କୁ ଅଟକାଇ ଛୁରୀରେ ଆକ୍ରମଣ କରିବା ସହ ଲୁଟପାଟ କରି ଫେରାର ହୋଇଯାଇଥିଲେ। ନରହରି ଆହତ ଅବସ୍ଥାରେ ସେଠାରେ ପଡ଼ିରହିଥିଲେ। ସେହି ରାସ୍ତାରେ ବାଇକ୍‌ରେ ଯାଉଥିବା ପଞ୍ଚଗାଁର ୨ଜଣ ଯୁବକ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଦୁର୍ବୃତ୍ତମାନେ ଛତିଶଗଡ଼ର ହୋଇଥିବା ପୋଲିସ ସନ୍ଦେହ କରୁଛି।



ଆହତ ସେଲ୍ସମ୍ୟାନ୍ ନରହରି ପ୍ରଧାନ।

## ତୁମକେଲା ବିଦ୍ୟାଳୟରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ

ରାଉରକେଲା ଅଫିସ,୩୦। ୬

ତୁମକେଲା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶନିବାର ଅଭିଭାବକ, ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏସଏମସି ସଭାପତି ପ୍ରେମଚାନ୍ଦ ପଶାୟତ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୀର ଦୁବେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୀମାଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଗତି, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ତଥା ଶିକ୍ଷାଦନା ଉପରେ ଆଲୋଚନା କରଯାଇ ଥିଲା। ଉଦ୍‌ଘାଟକ ପଶାୟତ ନିଜ ବକ୍ତବ୍ୟରେ ସରକାରଙ୍କ ଯୋଜନାର କାର୍ଯ୍ୟକାରିତା ନେଇ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷକ ଦୁବେ ବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷାଦାନ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠାକୁ ପ୍ରଶଂସା କରିଥିଲେ। ଶିକ୍ଷାଦାନର ମାନ ବୃଦ୍ଧି ନେଇ ସେ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁମକେଲା ଗ୍ରାମର ଶତାଧିକ ଅଭିଭାବକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ପ୍ରେମଲତା ଧଳ, ବିନୋଦିନୀ ପ୍ରଧାନ, ସରସ୍ୱତୀ ପଟେଲ, ମମତାମୟୀ ପଟେଲ, ରଶ୍ମିତା ଜେନା, ସୁସ୍ମିତା ସାହୁ ଓ ରିନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ତୁମକେଲା ବିଦ୍ୟାଳୟରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ଓ କର୍ମଚାରୀ।



‘ଜୟ ଶ୍ରୀରାମ’ ଏବଂ ‘ବନ୍ଦେ ମାତରମ୍’ କହିବାକୁ ବାଧକରି ମୁସଲମାନ ଓ ଦଳିତଙ୍କ ଉପରେ ଆକ୍ରମଣ ହେଉଛି। ଏଭଳି ଘଟଣା ପଛରେ ଥିବା ସଙ୍ଗଠନଗୁଡ଼ିକ ସଂଘ ପରିବାର ସହ ଜଡ଼ିତ।

-ଅସାଦୁଦ୍ଦିନ୍ ଓ୍ୱାଇସି, ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ

## ସଂକ୍ଷେପରେ

### ଏମ୍ସରେ ମହିଳା ନର୍ସଙ୍କ ଆତ୍ମହତ୍ୟା

**ଯୋଧପୁର,୩୦।୬ :** ଯୋଧପୁରସ୍ଥିତ ଏମ୍ସ ହସ୍ପିଟାଲରେ ଜଣେ ମହିଳା ନର୍ସ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ହସ୍ପିଟାଲର ତୃତୀୟ ମହଲାରେ ଅପରେଶନ ଥିଏଟର ପାଖରେ ଥିବା ଏକ କୋଠରିକୁ ଭିତର ପଟୁ ବନ୍ଦ କରିଦେବା ପରେ ନିଜ ଦେହରେ ମହିଳା ଜଣକ ନିଆଁ ଲଗାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ପାରିବାରିକ ସମସ୍ୟାକୁ ନେଇ ସେ ଚିନ୍ତାରେ ଥିଲେ ବୋଲି ତାଙ୍କର ଜଣେ ସହଯୋଗୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରୁଥିବା ଅତିରିକ୍ତ ପୋଲିସ କମିଶନର ଚୈନ୍ ସିଂହ ମହେଚା ପ୍ରକାଶ କରିଛନ୍ତି। ଆତ୍ମହତ୍ୟା କରିଥିବା ନର୍ସ ଜଣକ ହେଲେ କେରଳର ବିଜୁ ପୁନୋଜ୍ ଓ ସେ ଗତ ୨ ବର୍ଷ ହେବ ଏମ୍ସରେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘର ଭିତରୁ ତାଙ୍କ ମରଶରୀରକୁ ଉଦ୍ଧାର କରିଛନ୍ତି।

### ଅଟ୍ଟାରିରେ ୫୩୨କେଜି ହେରୋଇନ ଜବତ

**ଅମୃତସର,୩୦।୬ :** ପାକିସ୍ତାନରୁ ଚୋରାରେ ଆସୁଥିବା ୫୩୨କେଜି ହେରୋଇନକୁ ଅଟ୍ଟାରିଠାରେ ସୀମା ଶୁଳ୍କ ବିଭାଗ ଦ୍ୱାରା ଜବତ କରାଯାଇଛି। ଜବତ ହେରୋଇନର ମୂଲ୍ୟ ୨,୭୦୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ଶତାଧିକ ବ୍ୟାଗ୍‌ରେ ଏହା ପ୍ୟାକ୍‌ହୋଇ ଆସୁଥିଲା। ଚେକ୍‌ପୋଷ୍ଟ ଦେଇ ଆସୁଥିବାବେଳେ ସୀମା ଶୁଳ୍କ ଅଧିକାରୀଙ୍କ ହାବୁଡ଼ରେ ପଡ଼ିଥିଲା। ୫୩୨ କେଜି ହେରୋଇନ ସହ ୫୨ କେଜି ନାର୍କୋଟିକ୍ ମିଶା ଦ୍ରବ୍ୟ ଅଟ୍ଟାରିରୁ ସୀମା ଶୁଳ୍କ ଅଧିକାରୀମାନେ ଜବତ କରିଥିଲେ। ଜବତ କରାଯାଇଥିବା ୬୦୦ ବ୍ୟାଗରୁ ୧୫ ବ୍ୟାଗ୍‌ରେ ନାର୍କୋଟିକ୍ ଦ୍ରବ୍ୟ ଥିବା ଜଣାପଡ଼ିଛି।

### ଦିଲ୍ଲୀରେ ସ୍କୁଲ ପିଲାଙ୍କ ଖରାଛୁଟି ବଢ଼ିଲା

**ନୂଆଦିଲ୍ଲୀ,୩୦।୬ :** ରାଜଧାନୀ ଦିଲ୍ଲୀରେ ରୌଦ୍ରତାପ କମିବାର ନାଁ ନେଉନାହିଁ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ୮ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଲାଙ୍କ ଖରାଦିନ ଛୁଟି ଜୁଲାଇ ୮ ତାରିଖ ଯାଏ ବୃଦ୍ଧି କରିଛନ୍ତି। ଉଚ୍ଚ ଶ୍ରେଣୀଗୁଡ଼ିକ ସୋମବାର ଅର୍ଥାତ୍ ପୂର୍ବ ନିର୍ଦ୍ଧାରିତ ଜୁଲାଇ ୧ ତାରିଖରେ ଖୋଲିବ। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ ଏହି ନିର୍ଦ୍ଦେଶ ଉଭୟ ସରକାରୀ ଓ ଘରୋଇ ସ୍କୁଲ କ୍ଷେତ୍ରରେ ଲାଗୁ ହେବ ବୋଲି ପ୍ରକାଶ କରିଛନ୍ତି।

[ଇତିହାସର ଆଇନାରେ]

### ଜୁଲାଇ ୧ର ପ୍ରମୁଖ ଘଟଣା

୧୮୬୨ ଜୁଲାଇ ୧ରେ ବ୍ରିଟେନ ରାଣୀ ଭିକ୍ଟୋରିଆଙ୍କ ଅନୁମୋଦନ କ୍ରମେ ଫୋର୍ଟ ଓ୍ୱିଲିୟମଠାରେ କାଲକାଟା ହାଇକୋର୍ଟ ସ୍ଥାପିତ ହୋଇଥିଲା। ଭାରତର ଏହି ସର୍ବପୁରାତନ ହାଇକୋର୍ଟ ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ପାଇଁ ଉଦ୍ଦିଷ୍ଟ ଥିଲା।

୧୯୩୮ ଜୁଲାଇ ୧ ତାରିଖରେ ଭାରତର ଖ୍ୟାତନାମା ବଂଶୀବାଦକ ପଣ୍ଡିତ ହରିପ୍ରସାଦ ଚୌରାସିଆ ଆଲ୍ଲାହାବାଦରେ ଜନ୍ମଗ୍ରହଣ କରିଥିଲେ। ସଙ୍ଗୀତ ସାଧକ ପରିବାରରେ ଜନ୍ମ ହୋଇ ନ ଥିଲେ ମଧ୍ୟ ସେ ନିଜର ଅଧ୍ୟବସାୟ ବଳରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିଥିଲେ। ୧୫ ବର୍ଷ ବୟସରେ ପଣ୍ଡିତ ରାଜାରାମଙ୍କଠାରୁ ସ୍ୱର ସଙ୍ଗୀତ ଶିକ୍ଷା ଆରମ୍ଭ କରି ପରେ ବଂଶୀବାଦନ ତାଲିମ ନେଇଥିଲେ।

# ଅଭିନୟ ଛାଡ଼ିଲେ ଦଙ୍ଗଲ ଗର୍ଲ



**ମୁମ୍ବାଇ,୩୦।୬:** ବଲିଉଡ୍‌ରେ ୫ ବର୍ଷ ପୂରଣ କରିବା ପରେ ‘ଦଙ୍ଗଲ ଗର୍ଲ’ ଜାୟରା ଓ୍ୱସିମ୍ ଶେଷରେ ଅଭିନୟରୁ ବିଦାୟ ନେଇଛନ୍ତି। ଅଭିନୟ କ୍ୟାରିୟର ଓ ଜୀବନଶୈଳୀ ତାଙ୍କୁ ଧର୍ମରୁ ବିଚ୍ୟୁତ କରିବା ସହ ନିଜ ଆସ୍ଥାରୁ ଅଜ୍ଞାନ ପଥକୁ ଟାଣିନେଇଛି। ତେଣୁ ଧର୍ମ ପାଇଁ ସେ ଫିଲ୍ମ ଜଗତରୁ ଓହରିଯାଇଥିବା ରବିବାର ଏହି କଶ୍ମୀରୀ ଝିଅ ଏକ ଫେସ୍‌ବୁକ୍ ପୋଷ୍ଟରେ ଘୋଷଣା କରିଛନ୍ତି। ଏହାକୁନେଇବିଭିନ୍ନମହଲରେଭିନ୍ନଭିନ୍ନପ୍ରତିକ୍ରିୟାପ୍ରକାଶପାଇଛି।

ଜାତୀୟ ପୁରସ୍କାରପ୍ରାପ୍ତ ୧୮ ବର୍ଷୀୟା ମୁସ୍‌ଲିମ୍ ଝିଅ ଜାୟରା ଓ୍ୱସିମ୍ ଅଭିନୟ ଛାଡ଼ିଥିବା ନେଇ ଫେସ୍‌ବୁକ୍ ଏବଂ ଅନ୍ୟ କେତେକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଘୋଷଣା କରିବା ସିନେ ଜଗତକୁ ଚକିତ କରିଦେଇଛି। ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଅଭିନୟକୁ ନେଇ ଖୁସି ନୁହେଁ। କାରଣ ଏହା ମୋ ଧର୍ମ ରାସ୍ତାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅଭିନୟ ଜଗତରେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇଯାଇଥିଲେ ହେଁ ଏହି କାମ ପାଇଁ ମୁଁ ଉପଯୁକ୍ତ ନୁହେଁ। ୫ ବର୍ଷ ପୂର୍ବେ ମୁଁ ନେଇଥିବା ନିଷ୍ପତ୍ତି ମୋ ଜୀବନକୁ ସବୁଦିନ ପାଇଁ ବଦଳାଇ ଦେଇଥିଲା। ଏହା ମୋ ପାଇଁ ଲୋକପ୍ରିୟତାର ଦ୍ୱାର ଖୋଲିଦେଇଥିଲା। ମୁଁ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲି। ଏପରି କି ଯୁବପିଢ଼ିଙ୍କ ରୋଲ୍ ମଡେଲ ଭାବେ ମଧ୍ୟ ମୋତେ ଅଭିହିତ କରାଯାଉଥିଲା। ତେବେ ମୁଁ ସେପରି ହେବାକୁ କେବେ ଆଶା କରି ନ ଥିଲି। ଏପରି ପରିଚୟକୁ ନେଇ ମୁଁ ଆଦୌ ଖୁସି ନୁହେଁ। ବାସ୍ତବରେ ଅଭିନୟ ଜଗତ ମୋ ପାଇଁ ଅନେକ ସ୍ନେହ, ସମର୍ଥନ ଓ ଖ୍ୟାତି ଆଣିଦେଇଛି। କିନ୍ତୁ ଏହାସହ ଏକ ଅଜ୍ଞାନର ରାସ୍ତାକୁ ମଧ୍ୟ ଟାଣିନେଇଛି। ନୀରବ ଓ ଅଜାଣତରେ ମୁଁ ଇମାନ୍ (ଆସ୍ଥା)ରୁ ବାହାରକୁ ଚାଲିଯାଇଛି। ଆସ୍ଥାରେ ବାରମ୍ବାର ହସ୍ତକ୍ଷେପ କରୁଥିବା ଏକ ପରିବେଶରେ ମୁଁ କାର୍ଯ୍ୟ କରିବା ଫଳରେ ମୋ ଧର୍ମ ସହିତ ସମ୍ପର୍କ ଉପରେ ବିପଦ ସୃଷ୍ଟି ହୋଇଛି। ଫଳରେ ମୋ ଜୀବନର ସବୁ ବରଖ (ଆଶୀର୍ବାଦ)କୁ ହରାଇଦେଇଛି। ଫଳରେ ମୋତେ ମୋ ଆତ୍ମା ସହ ଲଢ଼େଇ କରିବାକୁ ପଡ଼ିଛି। ତେଣୁ ଫିଲ୍ମ ଜଗତରୁ ଓହରିଯାଉଛି ବୋଲି ସେ ଏକ ବିସ୍ତୃତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପ୍ରଖ୍ୟାତ ଔପନ୍ୟାସିକା ତସ୍‌ଲିମା ନସରିନ୍ ଜାୟରାଙ୍କ ଏହି ନିଷ୍ପତ୍ତିକୁ ମୂର୍ଖାମି ବୋଲି ଅଭିହିତ କରିଛନ୍ତି। ବଲିଉଡ୍‌ର ଟ୍ୟାଲେଣ୍ଟେଡ୍ ଅଭିନେତ୍ରୀ ଜାୟରା ଏବେ ଅଭିନୟ ଛାଡ଼ିବାକୁ ଚାହାନ୍ତି। କାରଣ ଅଭିନୟ କ୍ୟାରିୟର ଆଲ୍ଲାଙ୍କ ଉପରୁ ତାଙ୍କର ଆସ୍ଥା ତୁଟାଇଦେଇଛି ବୋଲି ସେ ମନେକରୁଛନ୍ତି। କେତେ ବଡ଼ ମୂର୍ଖ ନିଷ୍ପତ୍ତି! ମୁସଲମାନ ସମ୍ପ୍ରଦାୟର ବହୁତ ଟ୍ୟାଲେଣ୍ଟ ବୁର୍ଖାର ଅନ୍ଧକାରରେ ହଜିଯିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ତସ୍‌ଲିମା ଟୁଇଟ୍ କରିଛନ୍ତି। ଜାୟରାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ‘ଦି ସ୍କାଏ ଇଜ୍ ପିଙ୍କ୍’ ପ୍ରଯୋଜକ ରୟ କପୁର କହିଛନ୍ତି, ସେ ଜଣେ ଉଚ୍ଚକୋଟୀର ଓ

**ଜାୟରାଙ୍କ ପାଇଁ କର୍ମଠୁ ବଡ଼ ଧର୍ମ**

ପେସାଦାର ଅଭିନେତ୍ରୀ। ତାଙ୍କର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ତାଙ୍କ ପଛରେ ପୂରା ଟିମ୍ ଛିଡ଼ା ହୋଇରହିଛି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଟୁଇଟ୍ କରିଛନ୍ତି, ଜାୟରାଙ୍କ ପସନ୍ଦକୁ ନେଇ ପ୍ରଶ୍ନ କରିବା ପାଇଁ ଆମେ କିଏ? ସେ ନିଜ ଖୁସି ଅନୁସାରେ ନିଷ୍ପତ୍ତି ନେଇପାରିବେ।

## ■ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ର ଦ୍ୱିତୀୟ ସଂସ୍କରଣ

# ଜଳ ସଂରକ୍ଷଣ ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୩୦।୬(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣ ରବିବାର ଆରମ୍ଭ କରିଛନ୍ତି। ଏହି ସଂସ୍କରଣର ପ୍ରଥମ ଅଭିଭାଷଣରେ ସେ ଦେଶବାସୀଙ୍କୁ ଜଳ ସଂରକ୍ଷଣ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଦେଶର ବୃହତ ଜଳଭଣ୍ଡାର ଏବଂ ନଦୀଗୁଡ଼ିକରେ ଜଳପତ୍ତନ ଯଥେଷ୍ଟ ହ୍ରାସ ପାଇଥିବାରୁ ବହୁ ସହର ଏବେ ଜଳସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବର୍ଷାଜଳ ସଂରକ୍ଷଣ କରିବା ଜରୁରୀ ହୋଇପଡିଛି। ସ୍ୱଚ୍ଛତା ଅଭିଯାନ ସହିତ ଏହାକୁ ମଧ୍ୟ ଗଣଆନ୍ଦୋଳନ ଭାବେ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଜଳସଂରକ୍ଷଣ ପାଇଁ ଭିନ୍ନ ପଦ୍ଧତି ଅବଲମ୍ବନ କରାଯାଇପାରେ। ତେବେ ପ୍ରତି ବୁନ୍ଦା ଜଳ ସଂରକ୍ଷଣ ଲକ୍ଷ୍ୟ ହେବା ଉଚିତ। ଏଥିପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କ ସମେତ ସମସ୍ତ ଭାରତୀୟ ସଚେତନତା ସୃଷ୍ଟି କରିବା ଏବଂ ପାରମ୍ପରିକ ଜଳସଂରକ୍ଷଣ ପଦ୍ଧତି ସମ୍ପର୍କରେ ଜାଣିଥିଲେ ତାହାକୁ ସେୟାର କରିବାକୁ ମୋଦି ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ଗତ ଫେବୃଆରୀ ୨୪ରେ ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଥିଲେ। ନିର୍ବାଚନ ପରେ ସେ ପୁଣି ଥରେ ତାଙ୍କର ଏହି ଲୋକପ୍ରିୟ କାର୍ଯ୍ୟକ୍ରମକୁ ଫେରିବେ ବୋଲି କହିଥିଲେ। ତାଙ୍କୁ ଫେରାଇ ଆଣିଥିବାରୁ ରବିବାର ସେ ଏହାର ଶ୍ରେୟ ଜନସାଧାରଣଙ୍କୁ ଦେଇଛନ୍ତି। ପ୍ରକୃତରେ କହିବାକୁ ଗଲେ ସେ ଫେରିନାହାନ୍ତି, ଜନସାଧାରଣ ତାଙ୍କୁ ଫେରାଇ ଆଣିଛନ୍ତି ଓ ପୁଣି ଥରେ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାର ସୁଯୋଗ ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହିଅବସରରେଜରୁରୀକାଳୀନପରିସ୍ଥିତି ସମୟ ସମ୍ପର୍କରେ ମନେପକାଇଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଗଣତନ୍ତ୍ରକୁ ହେୟଜ୍ଞାନ କରନାହିଁ। କୌଣସି ଜିନିଷ ସହଜରେ ମିଳିଗଲେ ଲୋକେ ତାହାର ଗୁରୁତ୍ୱକୁ ଅନୁଭବ କରିପାରନ୍ତି ନାହିଁ। ସେ ଉଦାହରଣ ଦେଇ କହିଛନ୍ତି, ଜଣେ ପ୍ରତିଦିନ ଠିକ୍ ସମୟରେ ଖାଇବାକୁ ପାଉଥିଲେ ଯେପରି କ୍ଷୁଧାର ଜ୍ୱାଳାକୁ ଅନୁଭବ କରିପାରେ ନାହିଁ ସେହିପରି ଗଣତନ୍ତ୍ରକୁ ଛଡାଇ ନିଆ ନ ଗଲେ, ଗଣତାନ୍ତ୍ରିକ ଅଧିକାରରେ ଯେଉଁ ଆନନ୍ଦ ରହିଛି, ତାହାର ସ୍ୱାଦ ପାଇବା ଦୈନନ୍ଦିନ ଜୀବନରେ କଷ୍ଟକର ହୋଇଥାଏ। ଜରୁରୀ ପରିସ୍ଥିତି ସମୟରେ ହିଁ ଦେଶବାସୀ ଅନୁଭବ କରିବା ଆରମ୍ଭ କରିଥିଲେ ଯେ ସେମାନଙ୍କଠାରୁ କିଛି ଛଡ଼ାଇ ନିଆଯାଇଛି। ସାମାଜିକ ବ୍ୟବସ୍ଥାର ସୁପରିଚାଳନାକୁ

- ■ଆପଣମାନେ ମୋତେ ଫେରାଇ ଆଣିଛନ୍ତି: ମୋଦି
- ■ଗଣତନ୍ତ୍ରକୁ ହେୟଜ୍ଞାନ କରନାହିଁ
- ■ପୁସ୍ତକ ଉପହାର ଦେବାକୁ ପରାମର୍ଶ

ସୁନିଶ୍ଚିତ କରିବା ଲାଗି ସମ୍ବିଧାନର ଆବଶ୍ୟକତା ରହିଛି। ଏଥିପାଇଁ ଆଇନ ଓ ନିୟମାବଳୀ ଜରୁରୀ, ଅଧିକାର ଓ କର୍ତ୍ତବ୍ୟ ମଧ୍ୟ ବିତର୍କର ଅଂଶବିଶେଷ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜୁନ୍ ୨୫ରେ ଜରୁରୀ ପରିସ୍ଥିତିର ୪୪ତମ ବାର୍ଷିକୀ ଯାଇଛି। ୧୯୭୭ ଲୋକ ସଭା ନିର୍ବାଚନରେ ଜନସାଧାରଣ ସେମାନଙ୍କ ଅଧିକାର ଓ ଆବଶ୍ୟକତା ସମ୍ପର୍କରେ ଚିନ୍ତା ନ କରି ଭୋଟ ଦେଇଥିଲେ। କାରଣ ସେତେବେଳେ ସେମାନେ କେବଳ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ଭୋଟ ଦେଇଥିଲେ। ଗଣତନ୍ତ୍ର ଭାରତୀୟ ସଂସ୍କୃତି ଓ ଐତିହ୍ୟର ଅଂଶବିଶେଷ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ଯଦି ଦେଶବାସୀ ସାମୂହିକ ଉଦ୍ୟମ କରିବେ ତେବେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିପାରିବ। ଆମେ ଏକାଠି କଠିନ ପରିଶ୍ରମ କଲେ ବହୁ କଷ୍ଟସାଧ୍ୟ କାର୍ଯ୍ୟରେ ଆମେ ସଫଳ ହୋଇପାରିବା ବୋଲି ପ୍ରଧାନମନ୍ତ୍ରୀ ସୂଚାଇଛନ୍ତି। ଏହି ଅବସରରେ ଯୋଗର ଗୁରୁତ୍ୱ ସମ୍ପର୍କରେ ମୋଦି ଦୋହରାଇଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଖୁବ୍ ଉତ୍ସାହର ସହ ଦେଶବିଦେଶରେ ପାଳିତ ହୋଇଛି। ସୁସ୍ଥ ବ୍ୟକ୍ତି ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ଏବଂ ଯୋଗ ତାହା ଦେଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ୯୧ କୋଟି ଭୋଟରଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ୬୧ କୋଟି ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି, ଯାହାକି ଚାଇନାକୁ ବାଦ୍‌ଦେଲେ ଅନ୍ୟ ଯେକୌଣସି ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ଏଥର ଲୋକ ସଭାକୁ ସର୍ବାଧିକ ୭୮ ମହିଳା ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏଥିପାଇଁ ଭୋଟରମାନଙ୍କ ସଚେତନତାକୁ ସାଲ୍ୟୁଟ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

‘ଗୁଗଲ ଗୁରୁ’ରେ ସବୁକିଛି ଉପଲବ୍ଧ ହେଉଥିବାବେଳେ ଅଧିକରୁ ଅଧିକ ବହି ପଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଦୈନନ୍ଦିକ କର୍ମମୟ ଜୀବନରୁ କିଛି ସମୟ ବାହାର କରି ଏହାକୁ ପୁସ୍ତକ ଅଧ୍ୟୟନରେ ନିବେଶ କରିବା ଉଚିତ। ଫୁଲତୋଡା ପରିବର୍ତ୍ତେ ପୁସ୍ତକ ଉପହାର ଦେବା ଲାଗି ସେ କହିଛନ୍ତି।

# କମଲା ହାରିସ୍ ଅନ୍‌ଲାଇନରେ ବର୍ଣ୍ଣବୈଷମ୍ୟର ଶିକାର

**ଓ୍ୱାଶିଂଟନ,୩୦।୬(ପି.ଟି.)**



ଆଗାମୀ ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟ ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ସିନେଟର କମଲା ହାରିସ୍ ତାଙ୍କ ପରିଚୟ ପାଇଁ ଅନ୍‌ଲାଇନ୍‌ରେ ବର୍ଣ୍ଣବୈଷମ୍ୟର ଶିକାର ହୋଇଛନ୍ତି। ସେ ଜଣେ ଆମେରିକୀୟ ଅଣଶ୍ୱେତାଙ୍ଗ ନୁହନ୍ତି ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ୫୪ ବର୍ଷୀୟ ହାରିସ୍‌ଙ୍କର ଆମେରିକାରେ ଜନ୍ମ। ତାଙ୍କ ମାଆ ଜଣେ ଭାରତୀୟ ହୋଇଥିବାବେଳେ ବାପା ଜାମାଇକା ବାସିନ୍ଦା। କାଲିଫର୍ଣ୍ଣିଆ ସିନେଟର ଥିବା ହାରିସ୍ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଭଳି ବର୍ଣ୍ଣବୈଷମ୍ୟ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

## ■ ଚେନ୍ନାଇରେ ଜଳସଙ୍କଟ ଉତ୍କଟ

# ଇଡ୍‌ଲି ପିଠଉ କିଣିଲେ ପାଣି ମାଗଣା

**ଚେନ୍ନାଇ,୩୦।୬**

ଚେନ୍ନାଇ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଜଳସଙ୍କଟ ଉତ୍କଟ ରୂପ ଧାରଣ କରିଥିବାବେଳେ ଟ୍ରିପ୍ଲିକେନ୍ ସହରର ଜଣେ ବ୍ୟବସାୟୀ ପାଣି ପାଇଁ ବିଚିତ୍ର ଘୋଷଣାନାମା କରିଛନ୍ତି। ବାଲତିଏ ପାଣି ମାଗଣାରେ ନେବାକୁ ହେଲେ ଗ୍ରାହକଙ୍କୁ ୧ କିଲୋଗ୍ରାମ ଇଡ୍‌ଲି-ଦୋସା ପିଠଉ କିଣିବାକୁ ପଡିବ ବୋଲି ସେ ଦୋକାନ ବାହାରେ ଏକ ବୋର୍ଡ ଲଗାଇଛନ୍ତି। ସି.ଏନ୍. ପର୍ଥସାରଥି ନାମକ ଏହି ବ୍ୟବସାୟୀ ବି.ଭି. ନାଇକର ଷ୍ଟ୍ରିଟ୍‌ରେ ପିଠଉ ବିକ୍ରି କରନ୍ତି। ଦୀର୍ଘ ୪୦ ବର୍ଷ ମଧ୍ୟରେ ଉକ୍ତ ଅଞ୍ଚଳର ଜନସାଧାରଣ ଏଭଳି ଜଳସଙ୍କଟର କେବେ ସମ୍ମୁଖୀନ ହୋଇ ନ ଥିଲେ ବୋଲି ପାର୍ଥସାରଥି କହିଛନ୍ତି। ଲୋକଙ୍କୁ ଜଳକଷ୍ଟରୁ ମୁକ୍ତି ଦେବା ଲାଗି ସେ ଏକ ଘରୋଇ ଟ୍ୟାଙ୍କର ଭଡାରେ ଆଣି ପାଣି ଯୋଗାଇ ଦେବାକୁ ମନସ୍ଥ କରିଥିଲେ। ତେବେ ମାଗଣାରେ ଜଳଦାନ କଲେ ଭିଡ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡିବ ବୋଲି କେତେକ ଗ୍ରାହକ ପରାମର୍ଶ ଦେବା ପରେ ପାର୍ଥସାରଥି ଉପରୋକ୍ତ କୌଶଳ ଆପଣାଇଥିଲେ। ବ୍ୟବସାୟ ବଢ଼ାଇବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି।



# ଆଫଗାନିସ୍ତାନରେ ୮ ନିର୍ବାଚନ କର୍ମଚାରୀଙ୍କୁ ହତ୍ୟା

**କାନ୍ଦାହାର,୩୦।୬(ଏଏଫ୍‌ପି)**

ଆଫଗାନିସ୍ତାନର ମାରୁଫ୍ ଜିଲାରେ ତାଲିବାନ ଆତଙ୍କବାଦୀ ଆକ୍ରମଣ କରି ନିର୍ବାଚନ କମିଶନଙ୍କ ୮ ଜଣ କର୍ମଚାରୀଙ୍କୁ ହତ୍ୟା କରିଛନ୍ତି। ଶନିବାର ରାତିରେ କାନ୍ଦାହାର ପ୍ରଦେଶର ମାରୁଫ ଜିଲା କେନ୍ଦ୍ର ଉପରେ ଆତଙ୍କବାଦୀ ବିସ୍ଫୋରକ ଭର୍ତ୍ତି ଗାଡ଼ି ଦ୍ୱାରା ଆକ୍ରମଣ କରିଥିଲେ। ସେହି ସମୟରେ ଭୋଟର ପଞ୍ଜୀକରଣ କାର୍ଯ୍ୟରେ ନିୟୋଜିତ କେତେଜଣ କର୍ମଚାରୀ କାର୍ଯ୍ୟାଳୟରେ ରହିଥିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ଆକ୍ରମଣରେ କେତେଜଣ ସୁରକ୍ଷା କର୍ମଚାରୀ ମଧ୍ୟ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ସେପ୍ଟେମ୍ବର ୨୮ରେ ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ତାଲିବାନଙ୍କ ସହ ଶାନ୍ତି ରାଜିନାମା ପାଇଁ ଆମେରିକା ଉଦ୍ୟମ ଚଳାଇଛି।

# ଭଲ ପାଠ ପଢ଼ିବାରୁ ଛାତ୍ରୀଙ୍କୁ ସମ୍ପର୍କୀୟ ଭାଇଙ୍କ ବଳାତ୍କାର

**ଲକ୍ଷ୍ନୌ,୩୦।୬**

ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଭଲ ପାଠ ପଢୁଥିବାରୁ ଏଥିରେ ଈର୍ଷାନ୍ୱିତ ହୋଇ ତାଙ୍କର ୪ ଜଣ ସମ୍ପର୍କୀୟ ଭାଇ ତାଙ୍କୁ ସରକାରୀ ସ୍କୁଲ କ୍ୟାମ୍ପସ୍‌ରେ ଏକାଧିକ ଥର ବେହୋସ କରି ବଳାତ୍କାର କରିଆସୁଥିଲେ। ଏହି କାର୍ଯ୍ୟରେ ଜଣେ ଶିକ୍ଷକଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ସେମାନେ ଉକ୍ତ ବଳାତ୍କାର ଦୃଶ୍ୟକୁ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ପରିବାର ସଦସ୍ୟଙ୍କ ମଧ୍ୟରେ ସେୟାର କରିବା ଫଳରେ ଘଟଣା ଲୋକଲୋଚନକୁ ଆସିଥିଲା। ଝିଅର ବାପା ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନେ ଛାତ୍ରୀ ଜଣଙ୍କୁ ପ୍ରଥମେ ବେହୋସ କରି ଜଣକ ପରେ ଜଣେ ବଳାତ୍କାର କରୁଥିଲେ। ସେ ଚେତା ଫେରିପାଇବା ପରେ ଖେଳପଡିଆରେ ଅଚେତ ହୋଇପଡିବାରୁ ଷ୍ଟାଫ ରୁମ୍‌କୁ ଆଣିଥିବା ସେମାନେ କହୁଥିଲେ।



ବ୍ରିଟେନର ପ୍ରଧାନମନ୍ତ୍ରୀ ପଦ ତଥା କଞ୍ଜର୍ଭେଟିଭ୍ ପାର୍ଟି ଦୌଡ଼ରେ ଆଗୁଆ ଥିବା ବୋରିସ୍ ଜନ୍‌ସନ୍ ଲଙ୍କାଶାୟରସ୍ଥିତ ଏକ ଡାଏରି ଫାର୍ମରେ ଗୋରୁଙ୍କୁ ଚାରା ଖୁଆଉଛନ୍ତି।

# ଅମରନାଥ ଯାତ୍ରା ଲାଗି କଡ଼ା ସୁରକ୍ଷା

**ଜମ୍ମୁ,୩୦।୬(ପି.ଟି.)**



ପବିତ୍ର ଅମରନାଥ ଯାତ୍ରା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଜ୍ୟ ପୋଲିସ ସମେତ ସିଆର୍‌ପିଏଫ୍, ବିଏସ୍‌ଏଫ୍ ଓ ଭାରତୀୟ ସେନା ସଜାଗ୍ ରହିଛନ୍ତି। ସିସିଟିଭି କ୍ୟାମେରା ଓ ମୋଟ ୬୦ ହଜାର ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୨,୨୩୪ ତୀର୍ଥଯାତ୍ରୀ ଜମ୍ମୁ ବେସ୍‌କ୍ୟାମ୍ପରୁ ଯାତ୍ରାରମ୍ଭ କରିଥିବାବେଳେ ସୋମବାରଠାରୁ ଅମରନାଥ ଅଭିମୁଖେ ବାହାରିବେ। ସେମାନଙ୍କ ମଧ୍ୟରେ ୧୭ ଜଣ ଛୋଟପିଲା ଥିବା ଜଣାପଡ଼ିଛି। ଏହି ୪୬ ଦିନର ଲମ୍ବା ଯାତ୍ରା ଲାଗି ୧.୫ ଲକ୍ଷ ତୀର୍ଥଯାତ୍ରୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ରାଜ୍ୟପାଳଙ୍କ ପରାମର୍ଶଦାତା କେ. କେ. ଶର୍ମା ପତାକା ଦେଖାଇ ଆନୁଷ୍ଠାନିକଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଅଗଷ୍ଟ ୧୫ ଅର୍ଥାତ୍ ରକ୍ଷାବନ୍ଧନ ପର୍ଯ୍ୟନ୍ତ ଏହି

**ପ୍ରଥମ ପର୍ଯ୍ୟାୟରେ ୨,୨୩୪ ତୀର୍ଥଯାତ୍ରୀ ଗଲେ**

ଯାତ୍ରା ଚାଲିବ। ପାଣିପାଗ ଠିକ୍ ରହିଲେ ଯାତ୍ରା ସହଜ ଓ ସଫଳ ହୋଇପାରିବ।

ଯାତ୍ରା ଶାନ୍ତି ଓ ସୁରକ୍ଷାରେ ଶେଷ ହେବା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜମ୍ମୁ ସିଆର୍‌ପିଏଫ୍ ଇନ୍ସପେକ୍ଟର ଜେନେରାଲ ଏ.ଭି. ଚୌହାନ୍ କହିଛନ୍ତି। ବେସ୍ କ୍ୟାମ୍ପ ଓ ଯାତ୍ରୀଙ୍କ ରହିବା ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଥିବା ସେ କହିଛନ୍ତି।





National Doctors' Day 2019

**ଜୁଲାଇ ୧ ହେଉଛି 'ଜାତୀୟ ଚିକିତ୍ସକ ଦିବସ/ ନ୍ୟାଶନାଲ ଡକ୍ଟର'ସ ଡେ । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ଡାକ୍ତର-ରୋଗୀ ଉପାଖ୍ୟାନମ୍

''ରୋଗୀ ଚିକିତ୍ସାରେ ନିଜର ଭୁଲ୍‌ଭଟକାକୁ ଖୋଲାଖୋଲି ମାନିଯାଉଥିଲେ ଡାକ୍ତର ନିକୋଲାର ପିରାଟୋଭ । ଏପରିକି ନିଜ ଭୁଲ୍ କରିଥିବା କଥାକୁ ପ୍ରକାଶ କରିଦେଉଥିଲେ ସାମ୍ବାଦିକମାନଙ୍କ ସମ୍ମୁଖରେ । ସେ କହୁଥିଲେ, ''ଚିକିତ୍ସାରେ ଯେ ଭୁଲ୍ ହେବ ନାହିଁ, କୌଣସି ଡାକ୍ତର ଏପରି ପ୍ରତିଶ୍ରୁତି ଦେଇପାରିବେନି । ଯେଉଁ ଡାକ୍ତର ରୋଗୀ ଚିକିତ୍ସାରେ ଭୁଲ୍ କରନ୍ତିନି ବୋଲି କହିଥାନ୍ତି ସେମାନେ ନିପଟ ମିଛୁଆ ।''



ଡା. ନିତ୍ୟାନନ୍ଦ ସ୍ୱାଇଁ

'ଦେହ ଗୋଟିଏକୁ ରୋଗ କୋଟିଏ' ବୋଲି କୁହାଯାଇଥାଏ । ତେଣୁ ଡାକ୍ତର ଆମ ଜୀବନର ଏକ ଅତି ପ୍ରୟୋଜନୀୟ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ହେବା ସ୍ୱାଭାବିକ । ରୋଗ ହେଲେ, ତାହା ସାମାନ୍ୟ ଜ୍ୱର ହୋଇଥାଉ କି ମୁଣ୍ଡବ୍ୟଥା କିମ୍ବା ହୋଇଥାଉ ଅନ୍ୟ କୌଣସି ଜଟିଳ ସମସ୍ୟା, ଏହାର ଉପଶମ ପାଇଁ ଆମେ ଡାକ୍ତରଙ୍କ ନିକଟକୁ ଧାଇଁଯାଉ । ଲକ୍ଷଣ, ଦେହ ପରୀକ୍ଷା ଓ ଗବେଷଣାଗାରରେ କରାଯାଇଥିବା ପରୀକ୍ଷା ଆଦିର ଫଳାଫଳକୁ ଏକତ୍ର ବିଚାର କରି ଡାକ୍ତର ନିର୍ଣ୍ଣୟ କରନ୍ତି ରୋଗ । ରୋଗର ପ୍ରକାରକୁ ଚାହିଁ ବତେଇଦିଅନ୍ତି ଚିକିତ୍ସା । ଭଲ ଡାକ୍ତରମାନେ କେବଳ ଚିକିତ୍ସା ବିଜ୍ଞାନ ଆଧାରିତ ତାତ୍ତ୍ୱିକ ଜ୍ଞାନ ଉପରେ ନିର୍ଭର କରି ନ ଥାନ୍ତି, ନିର୍ଭର ମଧ୍ୟ କରିଥାନ୍ତି ନିଜର ବ୍ୟକ୍ତିଗତ ପାରଦର୍ଶିତା ଓ ଅଭିଜ୍ଞତା ଉପରେ । ସମାଜରେ ଡାକ୍ତରଙ୍କର ଅମୂଲ୍ୟ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରେଇବା ଉଦ୍ଦେଶ୍ୟରେ ଭାରତରେ ପ୍ରତିବର୍ଷର ଜୁଲାଇ ୧ ତାରିଖରେ ପାଳିତ ହୋଇଥାଏ 'ଜାତୀୟ ଚିକିତ୍ସକ ଦିବସ' ବା 'ନ୍ୟାଶନାଲ ଡକ୍ଟର'ସ୍ ଡେ ।

ଏହି ଜୁଲାଇ ୧ ତାରିଖରେ (୧୮୮୨ ମସିହା) ବିଖ୍ୟାତ ଚିକିତ୍ସକ ଡାକ୍ତର ବିଧାନ ଚନ୍ଦ୍ର ରାୟ ଭୂମିଷ୍ଠ ହୋଇଥିଲେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଜୁଲାଇ ୧ ତାରିଖ (୧୯୬୨) ମଧ୍ୟ ତାଙ୍କର ମୃତ୍ୟୁ ତିଥି । ସେ ଇଂଲଣ୍ଡରୁ ଏମ୍‌ଆରସିପି ଏବଂ ଏଫ୍‌ଆର୍‌ସିଏସ୍ କରି କଲିକତାର ତତ୍କାଳୀନ କ୍ୟାମ୍ବେଲ ମେଡିକାଲ ସ୍କୁଲ (ବର୍ତ୍ତମାନର ନୀଲ୍‌ରତନ ସରକାର ମେଡିକାଲ କଲେଜ)ରେ ଶିକ୍ଷକତା ଓ ରୋଗୀ ଚିକିତ୍ସା କରିଥିଲେ । ସେ ଯେ କେବଳ ଜଣେ ସୁଦକ୍ଷ ଚିକିତ୍ସକ ଥିଲେ ସେତିକି ନୁହେଁ, ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ୧୯୪୮ ମସିହାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ୧୪ ବର୍ଷ ଧରି ସେ ରହି ଆସିଥିଲେ ନବଗଠିତ ପଶ୍ଚିମବଙ୍ଗ ରାଜ୍ୟର ମୁଖ୍ୟମନ୍ତ୍ରୀ । ୧୯୬୧ରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାଙ୍କ ସମ୍ମାନାର୍ଥେ କଲିକତାର ଉପନଗରୀ ସଲ୍ଟଲେକର ନାମକରଣ କରାଯାଇଛି 'ବିଧାନ ନଗର' । ଯାହାହେଉ, ସବୁ ଯୁଗରେ ଖରାପ ଡାକ୍ତର ଥିଲେ । ସୁଇଜରଲାଣ୍ଡର ଡାକ୍ତର ପାରାସେଲସସ୍ କହିଯାଇଛନ୍ତି, ''ରୋଗୀ ଉପରେ ଔଷଧର ପ୍ରଭାବ ଅପେକ୍ଷା ଡାକ୍ତରମାନଙ୍କ ରୋଗୀଦରଦୀ ଆଚାର ଆଚରଣର ପ୍ରଭାବ ଅଧିକ ଫଳପ୍ରଦ ।''

କିଛିବର୍ଷ ତଳେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ୪୦ ପ୍ରତିଶତ ରୋଗୀ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ଚାହିଁଥିବାବେଳେ ଦରଦୀ, ଦୟାଳୁ, ସହାନୁଭୂତିଶୀଳ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେବାକୁ ଚାହିଁଥିଲେ ୬୦ ପ୍ରତିଶତ ରୋଗୀ ।

ଚିକିତ୍ସା ବିଜ୍ଞାନର ଭବିଷ୍ୟତ ସମ୍ବନ୍ଧରେ ମତ ଦେବାକୁ ଯାଇ ଆଣ୍ଟୋଇନ୍ ଡି. ସେଣ୍ଟ ଏକ୍‌ସପେରୀ କହିଥିଲେ, ''ଫିଜିସିଆନ୍ ବା ଚିକିତ୍ସାବିଜ୍ଞାନୀମାନଙ୍କ ପରିବର୍ତ୍ତେ ଏଣିକି ରୋଗୀଙ୍କୁ ଚିକିତ୍ସା କରିବେ ଫିଜିସିଷ୍ଟ ବା ପଦାର୍ଥବିଜ୍ଞାନୀମାନେ । କାରଣ ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ଏପରିକି ଶଲ୍ୟୋପଚାରର ଦାୟିତ୍ୱ ମଧ୍ୟ ନେଲେଣି କମ୍ପ୍ୟୁଟର ପରିଚାଳିତ ଉପକରଣମାନ ।''

କିନ୍ତୁ ନିଜର ବ୍ୟକ୍ତିଗତ ପସନ୍ଦ ସମ୍ପର୍କରେ ତାଙ୍କର ମତ ଥିଲା, ''ମୁଁ ଗାଁର ସେହି ପୁରୁଣା ବୁଢ଼ା ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବା ପାଇଁ ବେଶି ପସନ୍ଦ କରିବି । ରୋଗାକ୍ରାନ୍ତ ହୋଇ ତାଙ୍କ ପାଖରେ ପହଞ୍ଚିଲେ ବୁଢ଼ା ଡାକ୍ତର ତାଙ୍କ ଚଷମା ଉପରର ଫାଙ୍କ ବାଟେ ମୋତେ ଟିକିଏ କଣେଇ ଚାହିଁବେ । ମୋତେ ଖଟ ଉପରେ ଶୁଆଇ ହାତ ବୁଲେଇବେ ମୋ ପେଟ ଉପରେ । ତାଙ୍କର ସେହି ଅତି ପୁରୁଣା ଓ ରଙ୍ଗ ଛାଡ଼ିଯାଇଥିବା ଷ୍ଟେଥୋସ୍କୋପ୍ ସାହାଯ୍ୟରେ କରିନେବେ ମୋର ଛାତି ପରୀକ୍ଷା । ଏହା ଉତ୍ତାରୁ ସେ ଟିକିଏ ଖୁଁ ଖୁଁ କାଶିବେ । ଚୁରୁଟରେ ନିଆଁ ଧରେଇ ଟାଣିନେବେ କଳେ ଦି'କଳ ଧୂଆଁ । ପରେପରେ ଓଠରେ ହାତରଖି ଓ ଆଖିବୁଜି ବସିରହିବେ ଦୁଇ ଅଢ଼େଇ ମିନିଟ୍; ସତେ ଯେମିତି ମୋ'ର ସମସ୍ୟାଟା ଏବେ ସବାରହୋଇଯାଇଛି ତାଙ୍କ ଉପରେ ।

ରୋଗୀ ଚିକିତ୍ସାରେ ନିଜର ଭୁଲ୍‌ଭଟକାକୁ ଖୋଲାଖୋଲି ମାନିଯାଉଥିଲେ ଡାକ୍ତର ନିକୋଲାର ପିରାଟୋଭ । ଏପରିକି ନିଜ ଭୁଲ୍ କରିଥିବା କଥାକୁ ପ୍ରକାଶ କରିଦେଉଥିଲେ ସାମ୍ବାଦିକମାନଙ୍କ ସମ୍ମୁଖରେ । ସେ କହୁଥିଲେ, 'ଚିକିତ୍ସାରେ ଯେ ଭୁଲ୍ ହେବ ନାହିଁ, କୌଣସି ଡାକ୍ତର ଏପରି ପ୍ରତିଶ୍ରୁତି ଦେଇପାରିବେନି । ଯେଉଁ ଡାକ୍ତର ରୋଗୀ ଚିକିତ୍ସାରେ ଭୁଲ୍ କରନ୍ତିନି ବୋଲି କହିଥାନ୍ତି ସେମାନେ ନିପଟ ମିଛୁଆ ।

ସ୍ନେହ, ପ୍ରେମ, କରୁଣା ଆନ୍ତରିକତା ସହାନୁଭୂତିଶୀଳତା ଏବଂ ରୋଗ ପ୍ରତି ନିଜର ଦାୟବଦ୍ଧତା – ଏସବୁ ଥିଲେ କୃତ୍ରିମତାର କଳଙ୍କ ନ ଥିଲେ ରୋଗୀ କିମ୍ବା ରୋଗୀଙ୍କ ଆତ୍ମୀୟ, କେହି ଡାକ୍ତରଙ୍କ ତ୍ରୁଟି ବିଚ୍ୟୁତି ପ୍ରତି ଅସହିଷ୍ଣୁ ହେବେ ନାହିଁ ବୋଲି କହିଛନ୍ତି ଅଷ୍ଟ୍ରିଆର ଡାକ୍ତର ଥିଓଡୋର ବିଲ୍‌ରୋଥ । ରାଜା ନବମ ଚାର୍ଲସଙ୍କ ଚିକିତ୍ସକ ଥିଲେ ଆମ୍ବ୍ରୋଏ ପାରେ । ତାଙ୍କୁ ଟିକିଏ ଭଲ ଭାବରେ ଚିକିତ୍ସା କରିବା ନିମିତ୍ତ ରାଜା ଅନୁରୋଧ କରିଥିଲେ ଡାକ୍ତର ପାରେଙ୍କୁ । ମାତ୍ର ରାଜାଙ୍କୁ ଡାକ୍ତର ପାରେଙ୍କର ଉତ୍ତର ଥିଲା, ପୂଜ୍ୟ ମଣିମା, ରାଜା ଆଉ ରଙ୍କ ଉଭୟଙ୍କୁ ମୁଁ ସମାନ ଆନ୍ତରିକତାର ସହ ଚିକିତ୍ସା କରିଥାଏ ।

କିନ୍ତୁ ଚିକିତ୍ସକଙ୍କୁ ତାଙ୍କର ନ୍ୟାଯ୍ୟ ଫି' ଦେଇଦେବା ପାଇଁ କହିଥିଲେ ଭାରତୀୟ ଚିକିତ୍ସକ ଚରକ । ଦଶମ ଶତାବ୍ଦୀରେ ପ୍ରକାଶିତ ହୋଇଥିଲା, ମେଡିକାଲ ଗାଇଡ୍ ନାମକ ବହି । ଡାକ୍ତରମାନଙ୍କୁ ପରାମର୍ଶ ଦେଇ ବହିର ଲେଖକ ଉଲ୍ଲେଖ କରିଥିଲେ ଯେ ରୋଗୀର ଅବସ୍ଥା ନିହାତି ସାଂଘାତିକ ନ ହେବା ପର୍ଯ୍ୟନ୍ତ ତା'ର ପାଖ ମାଡନି । ରୋଗୀ ପାଖରେ ପହଞ୍ଚିବା ପରେ ତାକୁ ପରୀକ୍ଷା କରିସାରି ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ନିଜ ପାଉଣା ସମ୍ବନ୍ଧରେ କଥାବାର୍ତ୍ତା ଛିଣ୍ଡେଇ ଦିଅ । କାରଣ ରୋଗୀ ସାମାନ୍ୟ ଉପଶମ ଅନୁଭବ କରିବା ମାତ୍ରେ ସେ ତୁମକୁ ଭୁଲିଯିବା କିଛି ଅସମ୍ଭବ ନୁହେଁ ।

ଡାକ୍ତରୀ ପଢା ଆରମ୍ଭ କରିବା ପୂର୍ବରୁ ଛାତ୍ରୀଛାତ୍ରମାନେ ମହାନ ଗ୍ରୀକ୍ ଚିକିତ୍ସକ ତଥା ଆଧୁନିକ ଚିକିତ୍ସା ବିଜ୍ଞାନର ଜନକ ଭାବେ ଖ୍ୟାତ ହିପ୍ପୋକ୍ରାଟିସ୍‌ଙ୍କ ନାମରେ ହିପ୍ପୋକ୍ରାଟିସ୍ ଶପଥ ନେଇଥାନ୍ତି । ସେହି ଶପଥନାମାରେ ଉଲ୍ଲେଖ ଅଛି, ସମସ୍ତ ମାନବୀୟ ଧର୍ମକୁ ପୋଷଣ କରିବା ସହ ମୁଁ ଅର୍ଥ ଉପାର୍ଜନ ପ୍ରତି ନିଃସ୍ପୃହ ରହିବି । ଆଜି ପର୍ଯ୍ୟନ୍ତ କେହି ହିପୋକ୍ରାଟିସ୍ ଶପଥନାମାକୁ ସଂଶୋଧନ କରିବାର ଆବଶ୍ୟକତା ଅନୁଭବ କରିନାହାନ୍ତି । କାରଣ ହିପ୍ପୋକ୍ରାଟିସ୍ କହିଥିଲେ, ରୋଗୀର ସର୍ବାଙ୍ଗୀନ ମଙ୍ଗଳ କରିବା ହିଁ ମୋର ପରମ କର୍ତ୍ତବ୍ୟ ।

ସେଥିପାଇଁ ହୁଏତ ଲିଓନାର୍ଡୋ ଦା ଭିଞ୍ଚି ପରାମର୍ଶ ଦେଇଥିଲେ, ''ପ୍ରତ୍ୟେକ ବ୍ୟକ୍ତି ଡାକ୍ତରଙ୍କୁ ଫି' ଦେବା ପାଇଁ ଯଥେଷ୍ଟ ଧନ ସଞ୍ଚି ରଖିବା ଉଚିତ । କାରଣ ସେମାନେ ଜୀବନହନ୍ତା । ତେଣୁ ସେମାନଙ୍କୁ ଫି'ଦେଇ ଧନୀ କରି ରଖିବା ହିଁ ନିରାପଦ ।''

ସେହିପରି ନିଜ ବିଷୟରେ ଡାକ୍ତର ଜେ.ସି. ଲେଟସମ୍ ଲେଖିଥିଲେ, ''ଲୋକଙ୍କର ଦେହ ଖରାପ ହେଲେ ସେମାନେ ଚିକିତ୍ସା ପାଇଁ ମୋ ପାଖକୁ ଆସିଥାନ୍ତି । ମୁଁ ସେମାନଙ୍କ ଠାରୁ ରକ୍ତ ଓ ଝାଳ ଝରେଇ ଦେଇ ଚିକିତ୍ସା କରିଥାଏ । ସେମାନଙ୍କ ଭିତରୁ କିଏ ବଞ୍ଚିଯାଏ ତ କିଏ ମରିଯାଏ । ମାତ୍ର ସେଥିରେ ମୋର ଯାଏ ଆସେ କେତେ ?''

ପ୍ରଖ୍ୟାତ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର ମୃତ୍ୟୁବରଣ କରିବାର ଅବ୍ୟବହିତ ପୂର୍ବରୁ ନିଜର ବିଶ୍ୱସ୍ତ ସେନାପତିମାନଙ୍କୁ ଅନୁରୋଧ କରିଯାଇଥିଲେ ଯେ ସେ ମରିଗଲା ପରେ ତାଙ୍କ ଶବାଧାରକୁ ଅନ୍ତିମ ସଂସ୍କାର ପାଇଁ ଶ୍ମଶାନକୁ ନେବାବେଳେ ତାଙ୍କୁ ଚିକିତ୍ସା କରିଥିବା ଡାକ୍ତରମାନେ ହିଁ ହେବେ ଶବବାହକ । ଡାକ୍ତରମାନଙ୍କ ସୀମିତ ସାମର୍ଥ୍ୟ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରେଇ ଦେବା ନିମନ୍ତେ ହିଁ କେବଳ ଏପରି ଏକ ଅଦ୍ଭୁତ ଅନୁରୋଧ କରିଯାଇଥିଲେ ଆଲେକ୍‌ଜାଣ୍ଡର ।



ଅବଶ୍ୟ ଜଣେ ଭବିଷ୍ୟତରେ ଭଲ ଡାକ୍ତର ହେବ କି ଖରାପ ଡାକ୍ତର ହେବ, ଏହା ମେଡିକାଲ କଲେଜ୍‌ରେ ନାଁ ଲେଖେଇବାବେଳେ ଜାଣିପାରିବା ଆଦୌ ସମ୍ଭବ ନୁହେଁ । କାରଣ ଡାକ୍ତରୀ ବିଦ୍ୟାଟି ପ୍ରତି କାହାଠାରେ କୌଣସି ଜନ୍ମଗତ ପ୍ରେରଣା ଓ ପ୍ରବୃତ୍ତି ଥିବା କଥା ପ୍ରମାଣିତ ହୋଇପାରିନାହିଁ ।

ମଣିଷ ସୃଷ୍ଟିର ଇତିହାସ ଯେତିକି ପୁରୁଣା, ରୋଗୀ ଓ ଚିକିତ୍ସକଙ୍କ ମଧ୍ୟରେ ସମ୍ପର୍କ ହୁଏତ ସେତିକି ପୁରୁଣା । ସେଥିପାଇଁ ମୁନିଋଷି, ଦାର୍ଶନିକ, ରାଜାମହାରାଜା ଏବଂ ଏପରିକି କେତେକ ଚିକିତ୍ସକ ନିଜେ ରୋଗୀ ଓ ଚିକିତ୍ସକଙ୍କ ପାରସ୍ପରିକ ସମ୍ପର୍କ କିପରି ହେବା ଉଚିତ ଏ ବିଷୟରେ ସବିଶେଷ ଆଲୋକପାତ କରିଯାଇଛନ୍ତି । ମାତ୍ର ହାୟ, ଆଜିର ଦୁନିଆ ହୋଇଛି ବିକାକିଣାର ଦୁନିଆ । ରୋଗୀ ଚିକିତ୍ସା ପାଲଟିଯାଇଛି ଏକ 'ଶିଳ୍ପ' । ଚିକିତ୍ସା ସେବା ବିକୁଛି ଚିକିତ୍ସକ ଏବଂ ଚିକିତ୍ସା ସେବା କିଣୁଛି ରୋଗୀ !

–'ଅଭୀପ୍ସା', ସେକ୍ଟର–୬, ପ୍ଲଟ ନଂ– ୧୧୩୧, ଅଭିନବବିଡ଼ାନାସୀ, କଟକ, ମୋ : ୮୩୨୮୯୭୫୧୧୮

## ଟଟକା ଫଳମୂଳ ଓ ହୃଦ୍‌ରୋଗ



ହୃଦ୍‌ରୋଗ ପରି ଗୁରୁତର ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ସେଥିପାଇଁ ସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ, ବ୍ୟାୟାମ ବିଷୟରେ ଅନେକେ ଅବଗତ ଥିବେ । ହେଲେ ଏହି ତାଲିକାରେ ନିକଟରେ ଆଉ ଏକ ବିଷୟକୁ ସାମିଲ କରାଯାଇଛି । ଯଦି ଜଣେ ବ୍ୟକ୍ତି ନିୟମିତ ଟଟକା ଫଳମୂଳ ଖାଉଛନ୍ତି ତେବେ ତାହାର ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ବିଶେଷଭାବରେ ହୃଦ୍‌ରୋଗକୁ ଦୂରେଇ ରଖିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ । ଏପରି ବିଷୟବସ୍ତୁକୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ (ଯେଉଁମାନେ ନିୟମିତ ଟଟକା ଫଳମୂଳ ଖାଉଥିଲେ) ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ହୃଦ୍‌ରୋଗର ଲକ୍ଷଣ କମ୍ ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ।

## ରୋଗ ଚିହ୍ନଟର ନୂଆ ଉପାୟ

କେତେକ ରୋଗକୁ ଚିହ୍ନଟ କରିବା ପାଇଁ ପ୍ରକାଶିତ ଲକ୍ଷଣକୁ ବିଶ୍ଳେଷଣ କରାଯାଇଥାଏ । ହେଲେ ଏହି ତାଲିକାରେ ବିଶେଷଜ୍ଞମାନେ ଆଉ ଏକ କଥା ସାମିଲ କରିଛନ୍ତି । ଭାଇରସକୁ ତର୍ଜମା କରି ଜଣେ ବ୍ୟକ୍ତି କେଉଁ ରୋଗରେ ଆକ୍ରାନ୍ତ ତାହା ଜାଣିହେବ । ଏପରି ତଥ୍ୟ ସମ୍ପର୍କରେ ଆମେରିକାସ୍ଥିତ ହାର୍ଭାର୍ଡ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସୂଚନା ଦିଆଯାଇଛି । ରକ୍ତରେ ଦେଖାଯାଉଥିବା ଭାଇରସକୁ ସେମାନେ ଉକ୍ତ ଇନଷ୍ଟିଚ୍ୟୁଟ୍‌ର ବିଶେଷଜ୍ଞମାନେ ତନ୍ନତନ୍ନ କରି ପରୀକ୍ଷା କରି ଏପରି ସିଦ୍ଧାନ୍ତରେ ପହଞ୍ଚିଥିଲେ । ଉକ୍ତ ପଦ୍ଧତିକୁ 'ଭାୟରସ୍କାନ' ନାମରେ ନାମିତ କରାଯାଇଛି । ଏହାଦ୍ୱାରା ବିଶେଷଭାବରେ ଏଚଆଇଭି ଏବଂ ହେପାଟାଇଟିସ୍–ସି' ରୋଗ ବିଷୟରେ କେତେକାଂଶରେ ଜାଣିବେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଏହି ଗବେଷଣାରେ ପ୍ରାୟ ୯୩,୦୦୦ ଡିଏନ୍‌ଏକୁ ସାମିଲ କରାଯାଇଥିଲା ।



## ପ୍ରସ୍ତୁତ କରିହେବ ସ୍ପାଇଡର ସିଲ୍‌କ

ବୁଢ଼ିଆଣୀ ସୂତା ବା ସ୍ପାଇଡର ସିଲ୍‌କକୁ ଏଣିକି ଲାବରେଟୋରିରେ ପ୍ରସ୍ତୁତ କରିହେବ । ଏପରି ଉଦ୍ୟମ କରି ସଫଳ ହୋଇଛନ୍ତି ୱାଶିଂଟନ ୟୁନିଭର୍ସିଟିର ବୈଜ୍ଞାନିକମାନେ । ସେମାନେ କେତେକ ବ୍ୟାକ୍ଟେରିଆରେ ଥିବା ସିନ୍ଥେଟିକ ଫାଇବର ପ୍ରୋଟିନ୍‌କୁ ପ୍ରଥମେ ସଂଗ୍ରହ କରିଥିଲେ । ତା'ପରେ ଏହାକୁ ଆଧାର କରି ସ୍ପାଇଡର ସିଲ୍‌କ ପ୍ରସ୍ତୁତ କରାଯାଇଥିଲା । ତେବେ ଏହାକୁ କିପରି ଆହୁରି ଦୃଢ଼ କରାଯାଇପାରିବ ସେ ନେଇ ଉଦ୍ୟମ ଜାରି ରହିବ ବୋଲି ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



## ରୋଗ ପ୍ରତିରୋଧକ ଶକ୍ତି ଓ ଡାଇବେଟିସ୍





ଡାଇବେଟିସ ଏପରି ଏକ ସମସ୍ୟା ଯାହା ଥରେ ଦେଖାଦେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ । ଯଦି ଦୀର୍ଘ ମାସ ଧରି ଆପଣଙ୍କର ସୁଗାର ସ୍ତର ଅସନ୍ତୁଳିତ ରହିଲା ତେବେ ତାହା ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟିକରିବା ଯଥେଷ୍ଟ ଆଶଙ୍କା ରହିଛି । ଆମେରିକୀୟ ବିଶେଷଜ୍ଞଙ୍କ ଦ୍ୱାରା ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡ଼ିଛି । ଦୀର୍ଘବର୍ଷ ଧରି ଡାଇବେଟିସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କର ସୁଗାର ସ୍ତର ଯଦି ସନ୍ତୁଳିତ ନ ରହିଲା ଏବଂ ମେଦବହୁଳତା ସମସ୍ୟା ଲାଗି ରହିଲା ତେବେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ଏଚ୍‌ଆଇଭି ପରି ମାରାତ୍ମକ ଭୂତାଣୁ ବଂଶବିସ୍ତାର କରିବା ଯଥେଷ୍ଟ ଆଶଙ୍କା ରହିଛି । କାରଣ ସର୍ଭେ ସମୟରେ କେତେକ ଡାଇବେଟିସ୍ ରୋଗୀଙ୍କଠାରେ ଏଚ୍‌ଆଇଭି ଭାଇରସ ଦେଖିବାକୁ ମିଳିଥିଲା । ବାରମ୍ବାର ସୁଗାର ସ୍ତର ଅସନ୍ତୁଳିତ ରହିବା ଏହାର କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି । ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କଠାରେ ଏପରି ସମସ୍ୟା ଦେଖାଯିବା ଆଶଙ୍କା ରହିଛି ବୋଲି ଆମେରିକୀୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।

## ସ୍ୱାସ୍ଥ୍ୟ ସୂଚନା

- ସକାଳୁ ବିଛଣାରୁ ଉଠିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ । ଏହାଦ୍ୱାରା ରକ୍ତ ସଞ୍ଚାଳନ ଏବଂ ପାଚନକ୍ରିୟା ଆହୁରି ସକ୍ରିୟ ହୋଇଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଅଣ୍ଟା ଦରଜ ଭଳି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ ।
- ନିଜର ଦୈନନ୍ଦିନ କାମକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳେ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ । କାରଣ ଏହା ମାନସିକତାକୁ ସକାରାତ୍ମକ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ ।
- ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଜଙ୍କ ଫୁଡ୍ ଖାଇବା ଯଦି ଅଭ୍ୟାସରେ ପରିଣତ ହୋଇଯାଇଛି ତେବେ ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ । କାରଣ ଜଙ୍କ୍ ଫୁଡ୍‌ଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ଶରୀର ପାଇଁ ସେତେ ଭଲ ।

## ସୁସ୍ଥ ରହିବ ଅସ୍ଥି

ଆମ ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ ଅସ୍ଥି ଅନ୍ୟତମ । ଏହା ଯଦି ଦୁର୍ବଳ ହୋଇଯାଏ ତେବେ ଆମେ କାମ କରିବା ତ ଅଲଗା କଥା, ଚାଲବୁଲ କରିପାରିବା ନାହିଁ । ଏହାର ଉପଯୁକ୍ତ ଯତ୍ନ ନ ନେଲେ ଆମକୁ ହୁଏତ ବାକି ଜୀବନ ବିଛଣାରେ ଶୋଇ ରହି କଟାଇବାକୁ ପଡ଼ିପାରେ । ତେବେ ଏହାକୁ କିପରି ସୁସ୍ଥ ରଖିବେ ସେ ବିଷୟରେ ଜାଣିବା ନିହାତି ଦରକାର । ପ୍ରଥମ କଥା ହେଲା ସନ୍ତୁଳିତ ଓଜନ । ତେଣୁ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି । ଯଦି ଆପଣ ଅଧିକ ଥର ଚା' କିମ୍ବା ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏଭଳି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ । କାରଣ ଏହାର ପ୍ରଭାବ ଅସ୍ଥି ଉପରେ ପଡିଥାଏ । ଅଧିକ ଲୁଣଜାତୀୟ ଖାଦ୍ୟ ଖାଇଲେ ଅସ୍ଥି ଧୀରେ ଧୀରେ ଦୁର୍ବଳ ହୋଇଥାଏ । ତେଣୁ ସେପରି ଖାଦ୍ୟ ଯେତେ କମ ଖାଇବେ ସେତେ ଭଲ । ନିଶାଦ୍ରବ୍ୟ ସେବନ କୁପ୍ରଭାବ ମଧ୍ୟ ଅସ୍ଥି ଉପରେ ପଡିଥାଏ । ଏପରି ଅଭ୍ୟାସ ଛାଡିବାକୁ ଚେଷ୍ଟା କରନ୍ତୁ । ଅସ୍ଥିକୁ ସୁସ୍ଥ ରଖିବା ପଛରେ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି ଆଉ ଏହାର ମୁଖ୍ୟ ଉତ୍ସ ହେଲା ସକାଳର ସୂର୍ଯ୍ୟକିରଣ । ଶରୀରରେ କ୍ୟାଲସିୟମ ପରିମାଣ ଅସନ୍ତୁଳିତ ରହିଲେ ଅସ୍ଥି ଦୁର୍ବଳ ହୋଇଯାଏ । ଏପରି ସମସ୍ୟାର ସମାଧାନ ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଆଉ ଏକ ସରଳ ଉପାୟ ରହିଛି ଯାହାକୁ ଆପଣେଇଲେ ଅସ୍ଥି ସୁସ୍ଥ ରହିବ । ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ ।





## ସଂକ୍ଷେପରେ

### ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି ଫି ଛାଡ଼

**ନୂଆଦିଲ୍ଲୀ,୩୦-୬:** ସୋମବାରଠାରୁ ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ବ୍ୟବସ୍ଥା ମାଧ୍ୟମରେ ଫଣ୍ଡ୍ ଟ୍ରାନ୍ସଫର କରିବା ପାଇଁ ଆଉ ଫିସ୍ ଦେବାକୁ ପଡିବ ନାହିଁ। ରିଜର୍ଭ ବ୍ୟାଙ୍କର ଘୋଷଣା ଅନୁଯାୟୀ ଏହା ସମ୍ପୂର୍ଣ୍ଣ ମାଗଣା ହେବ। ଜୁଲାଇ ପହିଲାରୁ ଏ ସମ୍ପର୍କରେ ଗ୍ରାହକଙ୍କୁ ମାଗଣା ସେବା ଯୋଗାଇ ଦେବା ଲାଗି ଆର୍‌ବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆସରିଛି। ସୂଚନାଯୋଗ୍ୟ ଯେ, ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍) ବ୍ୟବସ୍ଥାରେ ବଡ଼ ଧରଣର ପାଣ୍ଠି ପଠାଯାଇଥାଏ। ସେହିପରି ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡସ୍ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ବ୍ୟବସ୍ଥାରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫଣ୍ଡ୍ ଟ୍ରାନ୍ସଫର କରାଯାଇପାରିବ। ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ଏନ୍‌ଇଏଫ୍‌ଟି ଜରିଆରେ ହେଉଥିବା ନେଣଦେଣ ପାଇଁ ୧ ଟଙ୍କାରୁ ୫ ଟଙ୍କା ଏବଂ ଆର୍‌ଟିଜିଏସ୍ ଜରିଆରେ ନେଣଦେଣ ପାଇଁ ୫ରୁ ୨୦ ଟଙ୍କା ଚାର୍ଜ ଅସୁଲ କରୁଛି। ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରୋସେସିଂ ଚାର୍ଜକୁ ପ୍ରତ୍ୟାହାର କରାଯାଇଛି।

### ୧୦୦ ଟଙ୍କା ଶସ୍ତା ହେଲା ଏଲ୍‌ପିଜି ସିଲିଣ୍ଡର

**ନୂଆଦିଲ୍ଲୀ,୩୦-୬:** ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୧୦୦.୫୦ ଟଙ୍କା ହ୍ରାସ ପାଇଛି। ଜୁଲାଇ ପହିଲାରୁ ଏହା ଲାଗୁ ହୋଇଯିବ। ଫଳରେ ଦିଲ୍ଲୀରେ ଘରୋଇ ବ୍ୟବହାର ହେଉଥିବା ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୬୩୭ ଟଙ୍କା ହେବ। ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ରବିବାର ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଅନ୍ତରାଷ୍ଟ୍ରୀୟ ବଜାରରେ ଦର ହ୍ରାସ ପାଇବା ଏବଂ ଡଲାର-ଟଙ୍କା ବିନିମୟ ମୂଲ୍ୟରେ ସ୍ଥିରତା କାରଣରୁ ବିନା ସବ୍‌ସିଡିର ଏଲ୍‌ପିଜି ଦର ହ୍ରାସ ପାଇଛି।

### ଆୟକର ଛାଡ଼ ସୀମା ବଢ଼ିପାରେ
### ବିତ୍ତଶାଳୀଙ୍କ ଉପରେ ଲାଗିବ ୪୦% ଟିକସ: ସର୍ଭେ

**ନୂଆଦିଲ୍ଲୀ,୩୦-୬:** ଆସନ୍ତା ସାଧାରଣ ବଜେଟରେ ବ୍ୟକ୍ତିଗତ ଆୟକରଦାତାଙ୍କ ଲାଗି ଆୟକର ଛାଡ଼ ସୀମା ବର୍ତ୍ତମାନର ୨.୫ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇପାରେ। ଏଥିସହିତ ୧୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କଠାରୁ ୪୦% ହାରରେ ଟିକସ ଆଦାୟ ଲାଗୁ ହୋଇପାରେ ବୋଲି ଏକ ସର୍ଭେରେ ଅନୁମାନ କରାଯାଇଛି। କେପିଏମ୍‌ଜି(ଇଣ୍ଡିଆ)ପକ୍ଷରୁ ୨୦୧୯-୨୦ ବଜେଟ ପୂର୍ବ ସର୍ଭେରେ ବିଭିନ୍ନ ଉଦ୍ୟୋଗ ସହ ସମ୍ପୃକ୍ତ ୨୨୬ ଜଣଙ୍କ ମତାମତକୁ ସାମିଲ କରାଯାଇଛି। ଏଥିରେ ସାମିଲ ୭୪% ଲୋକଙ୍କ ମତରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯିବ। ସେହିପରି ୫୮%ଙ୍କ ମତରେ ୧୦ କୋଟି ଟଙ୍କାରୁ ଅଧିକ ଆୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାର 'ସୁପର ରିଚ୍' ବା 'ବିତ୍ତଶାଳୀ' ଭାବେ ଉଲ୍ଲେଖ କରି ସେମାନଙ୍କ ଠାରୁ ୪୦% ହାରରେ ସର୍ବାଧିକ ଟିକସ ଆଦାୟ କରିବାକୁ ବଜେଟରେ ଘୋଷଣା କରିପାରନ୍ତି। ସର୍ଭେରେ ଅଂଶଗ୍ରହଣକାରୀ ୧୩% ମତରେ ଉତ୍ତରାଧିକାରୀ ଟିକସକୁ ପ୍ରତ୍ୟାହାର କରିନିଆଯାଇପାରେ। ଅନ୍ୟପକ୍ଷରେ ୧୦%ଙ୍କ ମତରେ ସମ୍ପଦ କର/ଇଷ୍ଟେଟ ଡ୍ୟୁଟିକୁ ପୁନର୍ବାର ଲାଗୁ କରାଯିବ ବୋଲି ସର୍ଭେରେ ଦର୍ଶାଯାଇଛି। ଘର ଚାହିଦା ବୃଦ୍ଧି କରିବା ଉଦ୍ଦେଶ୍ୟରେ ବଜେଟରେ ନିଜସ୍ୱ ବାସଯୋଗ୍ୟ ଘର ପାଇଁ ଆବାସ ଋଣ ଉପରେ ଦିଆଯାଉଥିବା ସୁଧ ଛାଡ଼ ସୀମାକୁ ୨ ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇପାରେ ବୋଲି ୬୫% ଲୋକ ମତପୋଷଣ କରିଛନ୍ତି। ୫୧%ଙ୍କ ମତରେ ଗୃହ ଋଣ ବାବଦରେ ମୂଳ ଅର୍ଥ ଫେରସ୍ତ ପାଇଁ ୮୦ସି ଧାରାରେ ଛାଡ ସୀମାକୁ ୧.୫ଲକ୍ଷ ଟଙ୍କାରୁ ବୃଦ୍ଧି କରାଯାଇପାରେ।

### କ୍ରେଡାଇ ଓଡ଼ିଶା ପକ୍ଷରୁ ବାତ୍ୟା ପ୍ରଭାବିତଙ୍କୁ ସହାୟତା

**ଭୁବନେଶ୍ୱର,୩୦-୬:** କ୍ରେଡାଇ ଓଡ଼ିଶା ପକ୍ଷରୁ ବାତ୍ୟା ପ୍ରଭାବିତଙ୍କ ପୁନର୍ବାସ ଲାଗି ଗୃହ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଉପସ୍ଥିତିରେ ପଦ୍ମକେଶରୀପୁର, ଇଞ୍ଜନା ଏବଂ ପଟିଆ ଗ୍ରାମର କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଦିଆଯାଇଥିଲା। ରୁଫଟପ୍ ମେଟାଲଶିଟ, ସୋଲାର ଲ୍ୟାମ୍ପ, ମୋବାଇଲ ଚାର୍ଜର ଭଳି ସାମଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ କ୍ରେଡାଇ ଓଡିଶା ଅଧ୍ୟକ୍ଷ ଡି.ଏସ୍.ତ୍ରିପାଠୀ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପାଧ୍ୟକ୍ଷ ବିନୟକୃଷ୍ଣ ଦାସ, ଉପସଭାପତି ଉମେଶ ଖଣ୍ଡେଲୱାଲ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପାତ୍ର, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, ସିଏସ୍‌ଆର୍ କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାହୁ, ସୋଫିଆ ଫିରଦୋଶ ଏବଂ କ୍ରେଡାଇ କଟକ ସଭାପତି ଆର୍.ପି.ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

---

ଫାଇନାନ୍ସିଆଲ ଡିଷ୍ଟ୍ରିବ୍ୟୁଶନ ମାର୍କେଟରେ ନିଜର ଉପସ୍ଥିତି ବୃଦ୍ଧି କରିବା ଲାଗି ବଜାଜ୍ କ୍ୟାପିଟାଲ ଅଧିକ ପାଣ୍ଠି ଯୋଗାଡ଼ କରିବାକୁ ଉଦ୍ୟମ କରୁଛି।
– ରାହୁଲ ପାରିଖ, ସିଇଓ,ବଜାଜ୍ କ୍ୟାପିଟାଲ



ପରୋକ୍ଷ ଟିକସ ଆଦାୟ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି। ତେଣୁ କେନ୍ଦ୍ରୀୟ ଯୋଜନା ସଂଖ୍ୟା ହ୍ରାସ କରିବା ଦରକାର।
– ଏନ୍.କେ.ସିଂ, ପଞ୍ଚଦଶ ଯୋଜନା ଆୟୋଗ ଅଧ୍ୟକ୍ଷ



---

### ଜିଏସ୍‌ଟିର ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ
# ଆଜିଠୁ ଲାଗୁ ହେବ ନୂଆ ରିଟର୍ନ ସିଷ୍ଟମ

**ନୂଆଦିଲ୍ଲୀ,୩୦-୬**




ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବାର ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାର ସୋମବାର ଠାରୁ ଏକ ନୂଆ ରିଟର୍ନ ବ୍ୟବସ୍ଥା ଲାଗୁ କରିବେ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ଅବସରରେ ପରୋକ୍ଷ ଟିକସ ବ୍ୟବସ୍ଥାରେ କେତେକ ସଂସ୍କାର ଘୋଷଣା କରାଯିବ। ଏଥିରେ ନୂଆ ରିଟର୍ନ ବ୍ୟବସ୍ଥା, କ୍ୟାଶ ଲେଜର ସିଷ୍ଟମ(ନଗଦ ଖାତା ପ୍ରଣାଳୀ)କୁ ତର୍କସଙ୍ଗତ କରିବା ଏବଂ ସିଙ୍ଗଲ ରିଫଣ୍ଡ ଡିସ୍‌ଭର୍ସିଙ୍ଗ ମେକାନିଜମ ସମେତ ଅନ୍ୟ କେତେକ ପ୍ରସଙ୍ଗ ସାମିଲ ହୋଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ସୋମବାର ଜିଏସ୍‌ଟି ଲାଗୁ ହେବାର ବର୍ଷପୂର୍ତ୍ତି ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥ ଏବଂ କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଅଧ୍ୟକ୍ଷତା କରିବେ। ତାଙ୍କ ସହିତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ଅଧିକାରୀ ରହିବେ। ଏଥିରେ କୁହାଯାଇଛି ଯେ, ଭାରତୀୟ ଅର୍ଥନୀତିରେ ଜିଏସ୍‌ଟି ଏକ ଗେମ୍‌ଚେଞ୍ଜର ହୋଇଛି। ଜଟିଳ ପରୋକ୍ଷ ଟିକସ ଢାଞ୍ଚାକୁ ଜିଏସ୍‌ଟି ମାଧ୍ୟମରେ ସରଳ, ସ୍ୱଚ୍ଛ ଓ ଟେକ୍ନୋଲୋଜି ଫ୍ରେଣ୍ଡଲି କରାଯାଇଛି। ଜୁଲାଇ ପହିଲାରୁ ଟ୍ରାଏଲ ଭିତ୍ତିରେ ରିଟର୍ନ ସିଷ୍ଟମ ଲାଗୁ କରାଯିବ ଏବଂ ଅକ୍ଟୋବର ପହିଲାରୁ ଏହାକୁ ବାଧ୍ୟତାମୂଳକ କରାଯିବ। ମନ୍ତ୍ରଣାଳୟର କହିବାନୁଯାୟୀ, କ୍ଷୁଦ୍ର ଟିକସଦାତାଙ୍କ ଲାଗି ସହଜ ଏବଂ ସୁଗମ ରିଟର୍ନ ବ୍ୟବସ୍ଥା ଲାଗି ପ୍ରସ୍ତାବ ଦିଆଯାଇଛି।

### ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ଅଧୀନକୁ ଆଣିବା
## ଜିଏସ୍‌ଟି କାଉନସିଲ ନିଷ୍ପତ୍ତି ନେବ: ଧର୍ମେନ୍ଦ୍ର



**ନୂଆଦିଲ୍ଲୀ,୩୦-୬:** ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଓ ପ୍ରାକୃତିକ ବାଷ୍ପକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଜିଏସ୍‌ଟି କାଉନସିଲ୍ ନିଷ୍ପତ୍ତି ନେବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଂସଦରେ କହିଛନ୍ତି। ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୭୯ଏ(୫) ଜିଏସ୍‌ଟି କାଉନସିଲ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅଧୀନକୁ ଆଣିବା ନେଇ ତାରିଖ ଘୋଷଣା କରିପାରିବେ। ସିଜିଏସ୍‌ଟି ଆଇନର ଧାରା ୯(୨) ଅନୁଯାୟୀ,ପେଟ୍ରୋଲ, ଡିଜେଲ ସମେତ ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅଧୀନକୁ ଆଣିବା ଲାଗି ଜିଏସ୍‌ଟି କାଉନସିଲ୍‌ର ଅନୁମୋଦନ ଆବଶ୍ୟକ। କାଉନସିଲରେ କେନ୍ଦ୍ର,ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏଣୁ କାଉନସିଲ୍ ହିଁ ପେଟ୍ରୋଲିମ ପଦାର୍ଥ ଉପରେ ଜିଏସ୍‌ଟି ଆଦାୟ ନେଇ ନିଷ୍ପତ୍ତି ନେଇପାରିବେ ବୋଲି ପ୍ରଧାନ ସ୍ପଷ୍ଟ କରିଛନ୍ତି।



## କାର ଜିତିଲେ ବଜାର କୋଲକାତା ଗ୍ରାହକ

**କଟକ,୩୦-୬**

ପ୍ରମୁଖ ରିଟେଲ ଚେନ୍ ବଜାର କୋଲକାତାର ଭାଗ୍ୟଶାଳୀ ଗ୍ରାହକ ଭାବେ କଟକର ପ୍ରାଣକୃଷ୍ଣ ଭୋଇ ଏକ ରେନୋ କ୍ୱିଡ କାର ଜିତିବାକୁ ସକ୍ଷମ ହୋଇଛନ୍ତି। ବଜାର କୋଲକାତା ପକ୍ଷରୁ କଟକର ଦୋଳମୁଣ୍ଡାଇଠାରେ ଖୋଲାଯାଇଥିବା ନୂଆ ଷ୍ଟୋରରୁ କ୍ରୟ ଉପରେ ଶୁକ୍ରବାର ଅନୁଷ୍ଠିତ ଲକି ଡ୍ର'ରେ ଭୋଇ ଭାଗ୍ୟଶାଳୀ ବିଜେତା ହୋଇଛନ୍ତି। ଇଦ୍ ଏବଂ ରଜପର୍ବ ଉପଲକ୍ଷେ ୨୦୦୦ ଟଙ୍କାର କ୍ରୟ ଉପରେ ଲକି ଡ୍ର କୁପନ ବ୍ୟବସ୍ଥା କରାଯାଇଥିଲା। ଷ୍ଟୋର ମ୍ୟାନେଜର ଗଙ୍ଗାଧର ରାୟ ଏବଂ ବଜାର କୋଲକାତାର ରିଟେଲ ମୁଖ୍ୟ ଦୀପକ ଲାଲ ଭୋଇଙ୍କୁ କାରର ଚାବି ହସ୍ତାନ୍ତର କରିଥିଲେ। ଏଥିରେ ମାର୍କେଟିଂ ମୁଖ୍ୟ ଉମେଶ ଶର୍ମା, ରାଜୀବ ଝା, ନିର୍ଦ୍ଦେଶକ ରମେଶ ଖେମକା ପ୍ରମୁଖ ଉପସ୍ଥିତ ଥିଲେ। ସାରା ଦେଶରେ କମ୍ପାନୀ ୧୭୦ ଷ୍ଟୋର ସହ ସେବା ଯୋଗାଉଛି। ଓଡ଼ିଶାରେ ଏହାର ୧୮ଟି ଷ୍ଟୋର ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।




## ଯାଜପୁର ରୋଡ୍‌ରେ ଗୋ-ଷ୍ଟେପ୍ ଶୋ'ରୁମ

**ଭୁବନେଶ୍ୱର,୩୦-୬**

ରାମ୍‌ଜୀ ଏଣ୍ଟରପ୍ରାଇଜେସର ଦ୍ୱିତୀୟ ଚେନ୍ ଷ୍ଟୋର ଗୋଷ୍ଟେପ୍ ଯାଜପୁର ରୋଡଠାରେ ଖୋଲିଛି। ଏଠାରେ ଗ୍ରାହକ ପ୍ରିମିୟମ ଫୁଟୱେର ପ୍ରଡକ୍ଟ ଲାଭ କରିପାରିବେ। ମହିଳା, ପୁରୁଷ ଏବଂ ଶିଶୁଙ୍କ ବର୍ଗରେ ଏଠାରେ ପ୍ରଡକ୍ଟ ଉପଲବ୍ଧ। ଷ୍ଟୋରରେ ଗ୍ରାହକମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ବ୍ରାଣ୍ଡଗୁଡ଼ିକ ଲାଭ କରିପାରିବେ। ନାଇକ୍, ସ୍କେଚର୍ସ, ଲିବର୍ଟି, ଲିକୁପର, ରେଡ୍‌ଚିଫ୍, ଉଡ୍‌ଲ୍ୟାଣ୍ଡ, ଟ୍ରେସର, ଡ୍ୟୁକ୍,ହିଟ୍‌ଜ, ଆଇଡି ଭଳି ଅନ୍ୟ ପ୍ରମୁଖ ବ୍ରାଣ୍ଡର ପ୍ରଡକ୍ଟ ଏଠାରେ ରହିଛି। ରାଜ୍ୟର ପ୍ରମୁଖ ସହରରେ ଏଭଳି ଆଉ ୫ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା ରାମ୍‌ଜୀ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ଦିଗରେ ଚେଷ୍ଟା ଜାରି ରହିବ ବୋଲି ଶୋ'ରୁମ ଓନର ଶୈଳେଶ ତ୍ରିପାଠୀ କହିଛନ୍ତି।

## ଏଆର୍‌ସିସି ଚତୁର୍ଥ ରାଉଣ୍ଡରେ ହୋଣ୍ଡା ଟିମ୍

**ଭୁବନେଶ୍ୱର,୩୦ -୬**

ଏଫ୍‌ଆଇଏମ୍ ଏସିଆନ୍ ରୋଡ୍ ରେସିଂ ଚାମ୍ପିୟନଶିପର ଚତୁର୍ଥ ରାଉଣ୍ଡରେ ଭାଗନେବା ଲାଗି ହୋଣ୍ଡାର ଭାରତୀୟ ଟିମ୍ ଆଇଡେମିଶୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ଜାପାନରେ ପହଞ୍ଚିଛି। ସେଠାକାର ସୁଜୁକା ସର୍କିଟରେ ଏହି ଟିମ୍ ରେସିଂରେ ଯୋଗଦେବ। ଚଳିତ ସିଜନରେ ହୋଣ୍ଡା ଭାରତୀୟ ଟିମ୍ ୨୨ ପଏଣ୍ଟ ହାସଲ କରି ଏସିଆ ପ୍ରଡକ୍ସନ ୨୫୦ ଶ୍ରେଣୀରେ ଶ୍ରେଷ୍ଠ ୭ ମଧ୍ୟରେ ସ୍ଥାନିତ ହୋଇଛି। ଆମର ଭାରତୀୟ ଟିମ୍ ପାଇଁ ୨୦୧୯ ବର୍ଷ ବହୁତ ଭଲ ସାବ୍ୟସ୍ତ ହୋଇଛି ବୋଲି ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଡବ୍ଲ୍ୟୁସିଓ ନିର୍ଦ୍ଦେଶକ ନିର୍ବାଚିତ ହେଲେ ପ୍ରଣବ ଦାସ

**ଭୁବନେଶ୍ୱର,୩୦-୬**

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ପ୍ରଣବ ଦାସ ବ୍ରୁସେଲସ୍ଥିତ ବିଶ୍ୱ ସୀମା ଶୁଳ୍କ ପ୍ରତିଷ୍ଠାନ (ଡବ୍ଲ୍ୟୁସିଓ)ର ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ଜଣେ ଓଡ଼ିଆ ତଥା ପ୍ରଥମ ଭାରତୀୟ ଭାବେ ଦାସ ଏଭଳି ପଦବୀକୁ ନିର୍ବାଚିତ ହୋଇଥିବାରୁ ସେ ରାଜ୍ୟ ତଥା ଦେଶ ଲାଗି ଗୌରବ ଆଣିଛନ୍ତି। ୫ ବର୍ଷ ଲାଗି ଉକ୍ତ ପଦବୀରେ ସେ କାର୍ଯ୍ୟ କରିବେ। ଦାସ ବର୍ତ୍ତମାନ ପରୋକ୍ଷ ଟିକସର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ଅଧ୍ୟକ୍ଷ ଭାବେ ଅବସ୍ଥାପିତ। ଡବ୍ଲ୍ୟୁସିଓ ୧୮୩ ସଦସ୍ୟ ବିଶିଷ୍ଟ ଏକ ଅନ୍ତର୍ଜାତୀୟ ପ୍ରତିଷ୍ଠାନ। ଉକ୍ତ ପଦବୀ ଲାଗି ହୋଇଥିବା ନିର୍ବାଚନରେ ବ୍ରିଟେନର କଷ୍ଟମ ଅଧିକାରୀଙ୍କୁ ପଛରେ ପକାଇ ଦାସ ଅନୁପାଳନ ଏବଂ ଫାସିଲିଟେଶନ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିବା ସିବିଆଇସି ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ଦାସ ୧୦୮ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କୁ ୬୮ ଭୋଟ ମିଳିଥିଲା। ଦାସଙ୍କ ପୂର୍ବରୁ ଦେଶର ୩ କଷ୍ଟମ ଅଧିକାରୀ ଏହି ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱୀତା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଚଳିତ ବର୍ଷ ଜାନୁୟାରୀରେ କେନ୍ଦ୍ର ସରକାର ତାଙ୍କୁ ସିବିଆଇସିର ଅଧ୍ୟକ୍ଷ ପଦବୀରେ ନିଯୁକ୍ତ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ବିଜେବି କଲେଜରୁ ସ୍ନାତକ ଏବଂ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସିଭିଲ ଓକିଲ ସ୍ୱର୍ଗତ ରମେଶ ଚନ୍ଦ୍ର ଦାସଙ୍କ ସେ ପୁତ୍ର।




ରାଜ୍ୟ ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ୨୭.୮୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ୍ ଦିଆଯାଉଛି। ନିଗମର ସିଏମ୍‌ଡି ବିଶାଲ କୁମାର ଦେବ, ବିତ୍ତ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ଡ. ପ୍ରବୋଧ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

## ନୂଆ ରଙ୍ଗରେ ଆସିଲା ଟିଭିଏସ୍ ଏନ୍‌ଟର୍କ

**ହୋସୁର,୩୦-୬**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ସ୍କୁଟର ମଡେଲ ଏନ୍‌ଟର୍କ ୧୨୫ ନୂଆ ମେଟ୍ ସିଲଭର ରଙ୍ଗରେ ବଜାରକୁ ଆସିଛି। କମ୍ପାନୀ ଏହାକୁ ଦେଶର ପ୍ରଥମ କନେକଟେଡ ସ୍କୁଟର ଭାବେ ବଜାରକୁ ଆଣିଥିଲା। ଏହା ୨୦୧୮-୧୯ ଆର୍ଥିକ ବର୍ଷରେ ସବୁଠାରୁ ଅଧିକ ଆୱାର୍ଡ ଲାଭ କରିଥିବା ସ୍କୁଟର ଭାବେ ପରିଗଣିତ ହେଉଛି। ଏହାକୁ ବିଚାର କରି ସ୍କୁଟର ଅଫ୍ ଦି ଇୟର ଚିହ୍ନକୁ କମ୍ପାନୀ ଯାନଗୁଡ଼ିକରେ ସ୍ଥାନୀତ କରିବ। ୨୦୧୮ ଫେବୃୟାରୀ ବଜାରକୁ ଆସିଥିବା ଏହି ଯାନ ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିଲା। ଅଟୋମୋଟିଭ କ୍ଷେତ୍ରରେ ୯ ଇଣ୍ଡଷ୍ଟ୍ରି ଆୱାର୍ଡ ଏହା ବର୍ତ୍ତମାନ ସୁଦ୍ଧା ଲାଭ କରିଛି। ଗ୍ରାହକ ଏବଂ ଅଂଶୀଦାରଙ୍କଠାରୁ ଏହା ଉନ୍ନତ ରେସପନ୍ସ ଲାଭ କରିଛି। ମଡେଲଟି ୨ ଲକ୍ଷ ୟୁନିଟ ବିକ୍ରି ସ୍ତର ଟପିଛି। ଏଥିରେ ପରଫରମାନ୍ସ, ଷ୍ଟାଇଲ ଏବଂ ଟେକ୍ନୋଲୋଜିକୁ ପ୍ରାଥମିକତା ଦିଆଯାଇଥିବା ଟିଭିଏସ୍ ପକ୍ଷରୁ ସୂଚନା ରହିଛି। ଟିଭିଏସ୍‌ର ସ୍ମାର୍ଟଜୋନେକ୍ଟ ସହ ସିଙ୍ଗଲ ସିଲିଣ୍ଡର, ୪ ଷ୍ଟ୍ରୋକ, ୩ ବଲବ, ଏୟାର କୁଲ୍‌ଡ ଏସ୍‌ଓଏଚ୍‌ସି ଇଞ୍ଜିନ ଭଳି ଅନ୍ୟ ଷ୍ଟେଟ ଅଫ୍ ଆର୍ଟ ଫିଚର ଏଥିରେ ରହିଛି। ଯାନଟି ମେଟ ୟେଲୋ, ମେଟ ହ୍ୱାଇଟ, ମେଟ୍ ରେଡ୍, ମେଟାଲିକ ବ୍ଲୁ, ମେଟାଲିକ ଗ୍ରେ ଏବଂ ମେଟାଲିକ ରେଡ ରଙ୍ଗ ସହ ଆସୁଛି। ମେଟ୍ ସିଲଭର ମଡେଲଟି ଡିସ୍କ ଭାରିଆଣ୍ଟରେ ଆସୁଛି।

---

# ବିଆର୍ ଲାଇଫ୍ କଳିଙ୍ଗ ହେବ ପ୍ରମୁଖ ସ୍ୱାସ୍ଥ୍ୟ ସେଣ୍ଟର

**ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଆର୍ ଲାଇଫ୍ ଗ୍ରୁପ ଏକ ଲୋକପ୍ରିୟ ନାମ। ଏହା ବର୍ତ୍ତମାନ ଭୁବନେଶ୍ୱର ସମେତ ବାଙ୍ଗାଲୋର, ତ୍ରିଭେନ୍ଦ୍ରମ, ଉଡୁପି ଭଳି ସ୍ଥାନରେ ୫ ହସ୍ପିଟାଲ ସହ ସେବା ଯୋଗାଉଛି। ଦେଶର ବିଭିନ୍ନ ସ୍ଥାନରେ ଏହା ହସ୍ପିଟାଲ ଅଧିଗ୍ରହଣ ସହ ନୂଆ ଫାସିଲିଟି ସ୍ଥାପନ କରୁଛି। ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲକୁ ଅଧିଗ୍ରହଣ କରିବା ପରେ ଏହାକୁ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସେଣ୍ଟର ଭାବେ ଗଢି ତୋଳିବା ନେଇ ଗ୍ରୁପ ଲକ୍ଷ୍ୟ ରଖିଛି। ଦେଶର ହେଲ୍‌ଥ କେୟାର ସିଷ୍ଟମ ଏବଂ ଗ୍ରୁପର ଯୋଜନା ସମ୍ପର୍କରେ ଧରିତ୍ରୀକୁ ଏହାର ସିଇଓ କଲୋନେଲ ହେମରାଜ ସିଂ ପାରମାର ଦେଇଥିବା ସାକ୍ଷାତ୍‌କାର...**



କଲୋନେଲ ହେମରାଜ ସିଂ ପାରମାର
ସିଇଓ, ବିଆର୍ ଲାଇଫ୍

**■ ଦେଶର ୧.୩ ବିଲିୟନ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ନେଇ କର୍ପୋରେଟ ହେଲଥ କେୟାର ସିଷ୍ଟମ ସକ୍ଷମ ହୋଇଛି କି? କ'ଣ କହିବେ।**

ସରକାର ବର୍ତ୍ତମାନ ଆୟୁଷ୍ମାନ ଭାରତ ଭଳି ସ୍ୱାସ୍ଥ୍ୟ ଯୋଜନା ଆଣିଛନ୍ତି। ଏହା ଦ୍ୱାରା ୪୦-୫୦ କୋଟି ଲୋକ ଲାଭବାନ ହୋଇପାରିବେ। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଲୋକମାନେ ମାଗଣା ପାଇ ପାରିବେ। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ ଦିଗରେ ଏହା ପ୍ରଥମ ପଦକ୍ଷେପ ଭାବେ କାର୍ଯ୍ୟ କରିବ। ଏ କ୍ଷେତ୍ରରେ ଘରୋଇ କ୍ଷେତ୍ରର ହସ୍ପିଟାଲ ଗୁଡ଼ିକ ପ୍ରମୁଖ ଭାଗୀଦାରି ରହିବେ।

**■ ବିଆର୍ ଲାଇଫ୍ କଳିଙ୍ଗରେ ସୁଲଭ ସ୍ୱାସ୍ଥ୍ୟ ସେବାକୁ କେମିତି ବିଚାର କରୁଛନ୍ତି?**

ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଣକୁ ଅଗ୍ରାଧିକାର ଦେଉଛୁ। ଓଡ଼ିଶାରେ ଏବେବି ଉନ୍ନତ ସ୍ୱାସ୍ଥ୍ୟସେବାର ଅଭାବ ରହିଛି। ଲୋକଙ୍କୁ ଅନେକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ହସ୍ପିଟାଲ ସଂଖ୍ୟା ମଧ୍ୟ କମ୍ ରହିଛି। ଲୋକେ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏଠାରେ ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ପ୍ରଦାନ ଆମ ଗ୍ରୁପ ଅଧ୍ୟକ୍ଷ ଡ.ବି.ଆର୍. ସେଟ୍ଟୀଙ୍କ ଲକ୍ଷ୍ୟ। ଅନ୍ୟ କର୍ପୋରେଟ ହସ୍ପିଟାଲ ତୁଳନାରେ ମେଡିକାଲ ଖର୍ଚ୍ଚକୁ ୨୦ରୁ ୩୦% କମ୍ ରଖିବାକୁ ଗୁରୁତ୍ୱ ଦେବୁ।

**■ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିବେଶ କରୁଥିବା ସଂସ୍ଥାଗୁଡ଼ିକ ଲାଗି ରାଜ୍ୟ ସରକାରଙ୍କ ସହଯୋଗ କିଭଳି ରହିଛି?**

ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ଆଗକୁ ବଢୁଛୁ। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହସ୍ପିଟାଲରେ କାର୍ଯ୍ୟକାରୀ ହୋଇଛି। ଆୟୁଷ୍ମାନ ଭାରତ ଲାଇନ୍‌ଅପରେ କାର୍ଯ୍ୟ କରିବୁ। ଶୀଘ୍ର କଳିଙ୍ଗ ହସ୍ପିଟାଲରେ ୭୦ ଅତିରିକ୍ତ ବେଡ୍ ସଂଯୋଗ କରାଯିବ। ୬ ନୂଆ ଷ୍ଟେଟ ଅଫ୍ ଆର୍ଟ ଓଟି, ଆଇସିୟୁ, କନ୍‌ସଲଟେଶନ ରୁମ ଏବଂ ଏମ୍‌ଆର୍‌ଆଇ ଭିତ୍ତିଭୂମିର ଉନ୍ନତୀକରଣ ହେବ। ଗ୍ରୁପ ପକ୍ଷରୁ ଏଠାରେ ନୂଆ ମେଡିକାଲ କଲେଜ ସ୍ଥାପନ ନେଇ ବିଚାର କରାଯାଉଛି। ସେହିଭଳି ରାଜ୍ୟର କିଛି ମେଡିକାଲକୁ ଅଧିଗ୍ରହଣ ପାଇଁ ଚିନ୍ତା କରୁଛୁ। ରାଜ୍ୟ ସରକାରଙ୍କ ସହ ବିଭିନ୍ନ ଯୋଜନା ନେଇ ଆଲୋଚନା ଜାରି ରହିଛି। ରାଜ୍ୟରେ ସମ୍ପ୍ରସାରଣ ଧାରା ଜାରି ରଖିବୁ।

**■ ମେଡିକାଲ ବର୍ଜ୍ୟ ପରିଚାଳନା ନେଇ ହସ୍ପିଟାଲ କିଭଳି ପଦକ୍ଷେପ ନେଉଛି?**

ହସ୍ପିଟାଲରୁ ବାହାରୁ ଥିବା ମେଡିକାଲ ବର୍ଜ୍ୟର ପରିଚାଳନା ଲାଗି ଯତ୍ନବାନ ଅଛୁ। ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ମେଶିନେରୀ ବ୍ୟବସ୍ଥା ସ୍ଥାପନ କରିଛୁ। ସଂକ୍ରମଣ ନିୟନ୍ତ୍ରଣ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ନିୟମ ଅନୁସାରେ ପଦକ୍ଷେପ ନେଉଛୁ।

**■ ଅନ୍ୟ କର୍ପୋରେଟ ହସ୍ପିଟାଲ ତୁଳନାରେ ବିଆର୍ ଲାଇଫ କଳିଙ୍ଗକୁ କାହିଁକି ସ୍ୱତନ୍ତ୍ର ବୋଲି ବିଚାର କରୁଛନ୍ତି?**

କଳିଙ୍ଗ ହସ୍ପିଟାଲ ଉପରେ ଗତ ୨୦ ବର୍ଷ ହେବ ଲୋକଙ୍କର ଭରସା ରହି ଆସିଛି। ଏହାକୁ ଆମେ ଆହୁରି ଦୃଢ କରିବୁ। ନୂଆ ଟକ୍ନୋଲୋଜି ଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ହାର୍ଟ, ଲଙ୍ଗ୍, କିଡନୀ,ପାନକ୍ରିଆଜ, କର୍ଣ୍ଣିଆଲ ପ୍ରତ୍ୟାରୋପଣ ଏବଂ ଅନ୍ୟ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଯୋଗାଣ ଲକ୍ଷ୍ୟ ରହିଛି। ଏଠାରେ ନୂଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ କରିବୁ। ଏଗୁଡିକ ଅନ୍‌କୋଲୋଜି, ଟ୍ରାନ୍ସପ୍ଲାଣ୍ଟେଶନ ପ୍ରୋଗ୍ରାମ, ନ୍ୟୁରୋ ସାଇନ୍ସ, କାର୍ଡିଆକ୍ ସାଇନ୍ସ, ଆଇଭିଏଫ୍ ଏଣ୍ଡ୍ରୋଲୋଜି, ବୋନମାରୋ ଟ୍ରାନ୍ସପ୍ଲାଣ୍ଟେଶନ ବର୍ଗରେ ଆସିବ।

**■ ଦେଶର ମୋଟ ଜିଡିପିର ବହୁତ ସ୍ୱଳ୍ପ ଅଂଶ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଏହାକୁ ନେଇ ଆପଣଙ୍କ ମତ କ'ଣ?**

ଭାରତ ହେଲ୍‌ଥ କେୟାର କ୍ଷେତ୍ରରେ ମୋଟ ଜିଡିପିର ୪.୭% ଖର୍ଚ୍ଚ କରୁଛି। ଏହା ଆଖି ଦୃଶିଆ ନୁହେଁ। ଆମେରିକା ଏ କ୍ଷେତ୍ରରେ ପ୍ରାୟ ୧୮% ଖର୍ଚ୍ଚ କରୁଥିବା ବେଳେ ଏହା ୨୫% ବଢିବା ନେଇ ଆକଳନ କରାଯାଇଛି। ଆମେରିକାର ହେଲ୍‌ଥ କେୟାର ଶିଳ୍ପ ମଧ୍ୟ ବଡ। ଦେଶର ଜନସଂଖ୍ୟା ଆମେରିକାଠାରୁ ୪ ଗୁଣ ଅଧିକ। ଏଣୁ ଏ କ୍ଷେତ୍ରରେ ଅନେକ କାମ କରିବାର ବାକି ରହିଛି। ଏ ଦିଗରେ ବିଆର୍ ଲାଇଫ୍ ନିଜର ଯୋଗଦାନ ରଖୁଛି।

**■ ଆଗାମୀ ୫ ବର୍ଷରେ ବିଆର୍ ଲାଇଫ୍ ଦେଶର ହେଲ୍‌ଥ କେୟାର ସିଷ୍ଟମକୁ କିଭଳି ଯୋଗଦାନ ରଖିବ ବୋଲି ଆଶା କରୁଛନ୍ତି?**

ଆଗାମୀ ୫ ବର୍ଷରେ ୧୦ରୁ ୧୫ ହଜାର ବେଡ୍ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛୁ। ୮ରୁ ୧୦ ବର୍ଷ ମଧ୍ୟରେ ପ୍ରାୟ ୨୦ ହଜାର ବେଡ୍ ସଂଯୋଗ ଯୋଜନା ରଖାଯାଇଛି।

– ରିପୋର୍ଟ: ସତ୍ୟାନନ୍ଦ ନାୟକ



"Mutual Funds ka risk samajhkar invest karna sahi hai."

- Invest in Mutual Funds only after understanding the risk involved
- Invest only an amount which you can keep invested for the long-term

MUTUAL FUNDS Sahi Hai

Visit mutualfundssahihai.com for more information | Follow Mutual Funds Sahi Hai on:

Mutual Fund investments are subject to market risks, read all scheme related documents carefully.

1102.2019C


# ରୋହିତଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ବର୍ମିଂହାମ, ୩୦।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଫେଭରାଇଟ୍ ବିବେଚିତ ହେଉଥିବା ବିରାଟ କୋହଲିଙ୍କ ଭାରତୀୟ ଦଳ ପ୍ରଥମ ପରାଜୟ ବରଣ କରିଛି। ରବିବାର ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ୩୮ତମ ମ୍ୟାଚ୍‌ରେ ଇଂଲଣ୍ଡ ୩୧ ରନରେ ଭାରତକୁ ପରାସ୍ତ କରି ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ଭାରତର ଏହି ପରାଜୟ ପାକିସ୍ତାନର ଚିନ୍ତା ବଢ଼ାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୬ ରନ କରି ପରାସ୍ତ ହୋଇଛି। ଇଂଲଣ୍ଡ ଏଥିସହିତ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୩ ପରାଜୟ ସହ ୧୦ ପଏଣ୍ଟ ପାଇ ପାକିସ୍ତାନକୁ ହଟାଇ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପଟେ ଭାରତ ୭ଟି ମ୍ୟାଚ୍ ଖେଳି ୫ ବିଜୟ, ୧ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ତାଲିକାରେ ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛି। ୧୧୧ରନର ଶତକୀୟ ପାଳି ଖେଳିଥିବା ଇଂଲଣ୍ଡ ଓପନର ଜନି ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୩୮ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ଭାରତ ଓପନର ଲୋକେଶ ରାହୁଲଙ୍କୁ ହରାଇ ଆରମ୍ଭରୁ ଝଟ୍‌କା ଖାଇଥିଲା। ଫିଲ୍ଡିଂ କଲାବେଳେ ଆହତ ହୋଇଥିବା ରାହୁଲ ୯ଟି ବଲର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ନ ପାରି କ୍ରିସ୍ ୱୋକ୍ସଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ପ୍ରଥମ ଉଇକେଟ ତାରକା ଓପନର ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦେଖି ଚାହିଁ ବ୍ୟାଟିଂ କରିଥିଲେ ଓ ୧୫୪ ବଲରୁ ୧୩୮ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ କୋହଲି ୭୬ ବଲରୁ ୭ ଚୌକା ସହ ୬୬ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଲିଅମ ପ୍ଲଙ୍କେଟଙ୍କ ଲେନ୍ଥ ବଲ୍‌କୁ ଷ୍ଟିୟର କରିବାକୁ ଯାଇ ବ୍ୟାକ୍‌ୱାର୍ଡ ପଏଣ୍ଟରେ ବଦଳ ଖେଳାଳି ଜେମ୍ସ ଭିନ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରୋହିତ ଶର୍ମା ୧୦୯ଟି ବଲ୍‌ର ସମ୍ମୁଖୀନ ହୋଇ ୧୦୨ ରନର ଶତକୀୟ ପାଳି ଖେଳି ୱୋକ୍ସଙ୍କ ବଲ୍‌ରେ ଉଇକେଟକିପର ବଟଲରଙ୍କ ହାତରେ ଧରା ପଡିଥିଲେ। ସେ ଥାର୍ଡମ୍ୟାନ ଉପରେ ଦେଇ ମାରିବାକୁ ଚେଷ୍ଟା କରିଥିଲେ। ତେବେ ବଲ ବ୍ୟାଟ୍‌ର ଏଜ୍ ନେଇଥିଲା। ଏଥିସହିତ ବିଶ୍ୱକପ୍‌ରେ ରୋହିତ ତାଙ୍କର ତୃତୀୟ ଓ କ୍ୟାରିୟରର ୨୫ତମ ଦିନିକିଆ ଶତକ ହାସଲ କରି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ପୂର୍ବରୁ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍‌ରେ ୩ଟି ଶତକ ଅର୍ଜନ କରି ରେକର୍ଡ କରିଥିଲେ। ଏହାପୂର୍ବରୁ ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅପରାଜିତ ୧୨୨ ଓ ପାକିସ୍ତାନ ବିପକ୍ଷରେ ୧୪୦ରନର ଶତକୀୟ ପାଳି ଖେଳିଥିଲେ। ଏହାପରେ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ନବାଗତ ରିଷଭ ପନ୍ତ ୨୯ ବଲରୁ ୪ ଚୌକା ସହ ୩୨ ରନ କରି ପ୍ଲଙ୍କେଟଙ୍କ ବଲ୍‌ରେ ଜୋରଦାର ଶଟ୍ ଖେଳିବାକୁ ଯାଇ ସ୍କୋୟାର ଲେଗ୍ ବାଉଣ୍ଡାରୀରେ ୱୋକ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୩ ବଲରୁ ୪୧ ରନ ସଂଗ୍ରହ କରିଥିଲେ। ତେବେ ପାଣ୍ଡ୍ୟା ୩୩ ବଲରୁ ୪ ଚୌକା ସହ ୪୫ ରନ କରିଥିବା ବେଳେ ଛକା ମାରିବାକୁ ଯାଇ ପ୍ଲଙ୍କେଟଙ୍କ ବଲ୍‌ରେ ଭିନ୍ସଙ୍କୁ ଲଙ୍ଗ୍‌ଅନ୍‌ରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଧୋନୀ ୩୧ ବଲରୁ ୪ ଚୌକା ଓ ୧ ଛକା ସହ ୪୨, କେଦାର ଯାଦବ ୧୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ପ୍ଲଙ୍କେଟ ୩ ଓ ୱୋକ୍ସ ୨ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଆରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଘରୋଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କ ଉପରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ଇଞ୍ଜୁରି କାରଣରୁ ୪ଟି ମ୍ୟାଚ୍‌ରୁ ବାଦ୍ ପଡିଥିବା ଜାସନ ରୟ ଏହି ମୁକାବିଲାରେ ପ୍ରତ୍ୟାବର୍ତ୍ତନ କରି ଦମ୍ ଦେଖାଇଛନ୍ତି। ଓପନିଂ ଯୋଡିରେ ରୟ ଓ ଜନି ବେୟାରଷ୍ଟୋ ୧୩୩ ବଲରୁ ୧୬୦ ରନ ସଂଗ୍ରହ କରି ଦଳକୁ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ ଓ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ତେବେ ରୟ ୫୭ଟି ବଲ୍ ଖେଳି ୭ ଚୌକା ଓ ୨ ଛକା ସହ ଦ୍ରୁତ ୬୬ ରନ କରି ଚାଇନାମ୍ୟାନ କୁଲଦୀପଙ୍କ ବଲରେ ବଦଳ ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଲଙ୍ଗ୍ ଅନ୍‌ରେ ଜାଡେଜା ଏହି ଅବିଶ୍ୱସନୀୟ କ୍ୟାଚ୍ ନେଇଥିଲେ ଓ ଭାରତକୁ ବ୍ରେକ୍ ଥ୍ରୁ ମିଳିଥିଲା। ଏହାପରେ ବେୟାରଷ୍ଟୋ ୧୦୯ଟି ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୬ ଛକା ସହ ୧୧୧ ରନର ଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ବଲ୍‌କୁ ଘୁରାଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ଠିକ୍‌ଭାବେ ବାଉନ୍ସ କରି ନ ଥିବାରୁ ଡିପ୍ ପଏଣ୍ଟରେ ରିଷଭ ପନ୍ତ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଇଥିଲେ। ଏଥିସହ ବେୟାରଷ୍ଟୋ କ୍ୟାରିୟରର ଅଷ୍ଟମ ଦିନିକିଆ ଶତକ ହାସଲ କରିଥିଲେ। ଏକଦା ଇଂଲଣ୍ଡ ଗୋଟିଏ ଉଇକେଟ ହରାଇ ୨୦୫ ରନ କରି ବେଶ୍ ଦୃଢ ସ୍ଥିତିରେ ଥିଲା ଆହୁରି ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଥିଲା ତେବେ ଏହି ସ୍କୋରରେ ବେୟାରଷ୍ଟୋ ଆଉଟ ହେବା ପରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ସାମି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୫ଜଣ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିଥିଲେ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ କୌଣସି ସୁଯୋଗ ନ ଦେଇ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଧିପତ୍ୟ ବିସ୍ତାରକରି ଖେଳିଥିଲେ।



ଜନି ବେୟାରଷ୍ଟୋ

ଅଧିନାୟକ ଇଅନ ମୋର୍ଗାନ କିନ୍ତୁ ବିଫଳ ହୋଇଥିଲେ। ୯ଟି ବଲର ସମ୍ମୁଖୀନ ହୋଇ ମାତ୍ର ୧ ରନ କରିଥିବା ବେଳେ ସେ ସାମିଙ୍କ ଶର୍ଟ ବଲକୁ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଫାଇନାଲ ଲେଗ୍‌ରେ କେଦାର ଯାଦବ ତାଙ୍କ କ୍ୟାଚ୍ ନେଇଥିଲେ। ଇନ୍ ଫର୍ମ ଜୋ ରୁଟ୍ ୫୪ଟି ବଲ୍ ଖେଳି ୨ ଚୌକା ସହ ୪୪ ରନ କରିଥିବା ବେଳେ ଫାଇନ୍ ଲେଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ରୁଟ୍ ଓ ବେନ୍ ଷ୍ଟୋକ୍ସ ୬୩ ବଲରୁ ୭୦ ରନ ସଂଗ୍ରହ କରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୧ ଚୌକା ଓ ୨ ଛକା ସହ ୮ ବଲରୁ ୨୦ ରନ କରି ସାମିଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଅଲରାଉଣ୍ଡର କ୍ରିସ୍ ୱୋକ୍ସ ମାତ୍ର ୭ ରନ କରିଥିବା ବେଳେ ସାମିଙ୍କ ପଞ୍ଚମ ଶିକାର ହୋଇଥିଲେ। ସାମିଙ୍କ ଶଟ ବଲ ଖେଳିବାକୁ ଯାଇ ୱୋକ୍ସ ଡିପ୍ ସ୍କୋୟାରରେ ରୋହିତ ଶର୍ମାଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ଷ୍ଟୋକ୍ସଙ୍କ ପାଳି ପଡିଥିଲା। ଇନିଂସର ୨ଟି ବଲ୍ ବାକିଥିବା ବେଳେ ଷ୍ଟୋକ୍ସ ୬ ଚୌକା ଓ ୩ ଛକା ସହ ୫୪ ବଲରୁ ୭୯ ରନ କରିଥିବା ବେଳେ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ସିଧାସଳଖ ଫାଇନ ଲେଗ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ।

## ସ୍କୋର ବୋର୍ଡ

**ଇଂଲଣ୍ଡ ଇନିଂସ**

ଜାସନ-କ-ଜାଡେଜା(ଅ)-କୁଲଦୀପ-୬୬
ବେୟାରଷ୍ଟୋ-କ-ପନ୍ତ-ବୋ-ସାମି-୧୧୧
ରୁଟ-କ-ପାଣ୍ଡ୍ୟା-ବୋ-ସାମି-୪୪
ମୋର୍ଗାନ-କ-କେଦାର-ବୋ-ସାମି-୧
ଷ୍ଟୋକ୍ସ-କ-ଜାଡେଜା (ଅ)-ବୋ-ବୁମ୍‌ରା-୭୯
ବଟଲର-କ ଆଣ୍ଡ ବୋ-ସାମି-୨୦
ୱୋକ୍ସ-କ-ରୋହିତ-ବୋ-ସାମି-୭
ପ୍ଲଙ୍କେଟ-ନଟଆଉଟ-୧
ଆର୍ଚ୍ଚେର-ନଟଆଉଟ-୦
ଅତିରିକ୍ତ-୮
ମୋଟ(୭ ଉଇକେଟ, ୫୦ ଓଭର) ୩୩୭
ଉଇକେଟ ପତନ: ୧/୧୬୦, ୨/୨୦୫, ୩/୨୦୭, ୪/୨୭୭, ୫/୩୧୦, ୬/୩୧୯, ୭/୩୩୬।

**ବୋଲିଂ(ଭାରତ)**

ସାମି ୧୦-୧-୬୯-୫
ବୁମ୍‌ରା ୧୦-୧-୪୪-୧
ଚହଲ ୧୦-୦-୮୮-୦
ପାଣ୍ଡ୍ୟା ୧୦-୦-୬୦-୦
କୁଲଦୀପ ୧୦-୦-୭୨-୧।

**ଭାରତ ଇନିଂସ**

ଲୋକେଶ-କ-ଆଣ୍ଡ ବୋ-ୱୋକ୍ସ-୦
ରୋହିତ-କ-ବଟଲର-ବୋ-ୱୋକ୍ସ-୧୦୨
କୋହଲି-କ-ଭିନ୍ସ(ଅ)-ବୋ-ପ୍ଲଙ୍କେଟ-୬୬
ପନ୍ତ-କ-ୱୋକ୍ସ-ବୋ-ପ୍ଲଙ୍କେଟ-୩୨
ପାଣ୍ଡ୍ୟା-କ-ଭିନ୍ସ(ଅ)-ବୋ-ପ୍ଲଙ୍କେଟ-୪୫
ଧୋନୀ-ନଟଆଉଟ-୪୨
କେଦାର-ନଟଆଉଟ-୧୨
ଅତିରିକ୍ତ-୭
ମୋଟ(୫ ଉଇକେଟ, ୫୦ ଓଭର) ୩୦୬
ଉଇକେଟ ପତନ: ୧/୮, ୨/୧୪୬, ୩/୧୯୮, ୪/୨୨୬, ୫/୨୬୭।

**ବୋଲିଂ(ଇଂଲଣ୍ଡ)**

ୱୋକ୍ସ ୧୦-୩-୫୮-୨
ଆର୍ଚ୍ଚେର ୧୦-୦-୪୫-୦
ପ୍ଲଙ୍କେଟ ୧୦-୦-୫୫-୩
ଉଡ୍ ୧୦-୦-୭୩-୦
ରଶିଦ ୬-୦-୪୦-୦
ଷ୍ଟୋକ୍ସ ୪-୦-୩୪-୦



ଶତକୀୟ ଇନିଂସ ଅବସରରେ ରୋହିତ ଶର୍ମା।

ଲିଅମ ପ୍ଲଙ୍କେଟ ୧ ଓ ଜୋଫ୍ରା ଆର୍ଚର ବିନା ସ୍କୋରରେ ଅପରାଜିତ ରହିଥିଲେ। ଚହଲ ଓ କୁଲଦୀପ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚହଲ ଓ କୁଲଦୀପଙ୍କୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ୧୨ଟି ଚୌକା ଓ ୯ଟି ଛକା ମାରିଥିଲେ। ଭାରତ ଟ୍ରମ୍ପକାର୍ଡ ବିବେଚିତ ହେଉଥିଲେ ମଧ୍ୟ ଏହି ଦୁଇ ରିଷ୍ଟ ସ୍ପିନରଙ୍କୁ ବେୟାରଷ୍ଟୋ ଓ ରୟ ଭଲଭାବେ ପଢ଼ିବାରେ ସକ୍ଷମ ହୋଇଥିଲେ। ଏହି ମ୍ୟାଚ ଦୁଇ ସ୍ପିନରଙ୍କ ପାଇଁ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ବୁମ୍‌ରା ଏକମାତ୍ର ବୋଲର ଭାବେ କଞ୍ଜୁସ୍ ବୋଲିଂ କରିଥିଲେ। ଗୋଟିଏ ମେଡେନ ନେବା ସହ ସେ ୪୪ ରନ ବ୍ୟୟ କରିଥିଲେ। ବୋଲିଂରେ ସାମି ସର୍ବାଧିକ ୫, ବୁମ୍‌ରା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚ୍‌ରେ ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା। ବିଜୟ ଶଙ୍କରଙ୍କ ସ୍ଥାନରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ସୁଯୋଗ ଦିଆଯାଇଛି। ସେହିପରି ଇଂଲଣ୍ଡ ଦଳକୁ ଓପନର ରୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜେମ୍ସ ଭିନ୍ସଙ୍କ ସ୍ଥାନରେ ରୟ ଓ ମୋଇନ ଅଲିଙ୍କ ସ୍ଥାନରେ ପ୍ଲଙ୍କେଟଙ୍କୁ ସ୍ଥାନ ମିଳିଛି।

# ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ଲର୍ଡ୍ସ, ୨୯।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ୩୭ତମ ମ୍ୟାଚ୍‌ରେ ଶନିବାର ଅଷ୍ଟ୍ରେଲିଆ ୮୬ ରନରେ ପଡୋଶୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆ ୧୪ ପଏଣ୍ଟ ହାସଲ କରି ତାଲିକାରେ ତା'ର ଶୀର୍ଷସ୍ଥାନକୁ ଆହୁରି ଦୃଢ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୧୧ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୩.୪ ଓଭରରେ ୧୫୭ ରନ କରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଛି। ୭୧ରନର ଉପଯୋଗୀ ଇନିଂସ ଖେଳିଥିବା ଅଷ୍ଟ୍ରେଲୀୟ ଉଇକେଟକିପର ଆଲେକ୍ସ କାରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୪୪ ରନର ବିଜୟ ଲକ୍ଷ୍ୟର ପିଛା କରି ନ୍ୟୁଜିଲାଣ୍ଡ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳ ତରଫରୁ ଅଧିନାୟକ କେନ୍ ୱିଲିୟମସନ ସର୍ବାଧିକ ୪୦ ରନ କରିଆଉଟ ହୋଇଥିଲେ। ସେହିପରି ଅଭିଜ୍ଞ ରସ ଟେଲର ୩୦, ମାର୍ଟିନ ଗୁପ୍ଟିଲ ୨୦, ଉଇକେଟକିପର ଟମ୍ ଲାଥମ ୧୪ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଉସ୍‌ମାନ ଖ୍ୱାଜା (୮୮ ରନ) ଓ ଆଲେକ୍ସ କାରେ (୭୧)ଙ୍କ ଉପଯୋଗୀ ଇନିଂସ ବଳରେ ୯ ଉଇକେଟ ହରାଇ ୨୪୩ ରନ୍ କରିଥିଲା। ଡେଭିଡ୍ ୱାର୍ନର ୧୬, ଆରୋନ ଫିଞ୍ଚ୍ ୮, ମାର୍କସ ଷ୍ଟୋଇନିସ ୨୧, ପ୍ୟାଟ କୁମିନ୍ସ ୨୩ ରନ କରିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହ୍ୟାଟ୍ରିକ୍ ସହ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୪ ଉଇକେଟ ନେଇଥିଲେ। ଲୋକି ଫର୍ଗୁସନ ଓ ଜିମ୍ମି ନିଶାମ ୨ଟି ଲେଖାଏ, କେନ ୱିଲିୟମସନଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



## ଷ୍ଟାର୍କଙ୍କ ସ୍ୱତନ୍ତ୍ର ରେକର୍ଡ

**ଲର୍ଡ୍ସ, ୩୦।୬**

ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ଦଳ ଆଇକନିକ ଗ୍ରାଉଣ୍ଡରେ ଚିରପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡକୁ ୮୬ ରନ୍‌ର ବୃହତ୍ ବ୍ୟବଧାନରେ ହରାଇ ଦେଇଛି। ମ୍ୟାଚ୍‌ରେ ୫ ଉଇକେଟ ନେବା ସହ ଷ୍ଟାର୍କ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ୩ଥର ୫ ଉଇକେଟ ନେବାର ସଫଳତା ପାଇଛନ୍ତି। ୨୦୧୫ ବିଶ୍ୱକପ୍‌ରେ ଷ୍ଟାର୍କ ଅକ୍‌ଲାଣ୍ଡଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ୬ ଉଇକେଟ ନେଇଥିଲେ। ବିଶ୍ୱକପ୍ ଇତିହାସରେ ଏକ ନିର୍ଦ୍ଦିଷ୍ଟ ଦଳ ବିପକ୍ଷରେ ଦୁଇ ଥର ୫ ଉଇକେଟ ନେବାରେ ଷ୍ଟାର୍କ ଏକମାତ୍ର ବୋଲର। ଚଳିତ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟ ନେଇଥିଲେ। ଏଥିସହ ୨୪ ଉଇକେଟ ସହ ଷ୍ଟାର୍କ ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହୋଇ ରହିଛନ୍ତି। ବିଶ୍ୱକପ୍‌ର ଦୁଇଟି ସଂସ୍କରଣରେ ସେ ମୋଟ ୪୬ ଉଇକେଟ ନେଇସାରିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୪୪ ରନ୍‌ର ବିଜୟ ଲକ୍ଷ୍ୟ ଆଗରେ ନ୍ୟୁଜିଲାଣ୍ଡ ୧୫୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

## ଚହଲଙ୍କ ଅଲୋଡ଼ା ରେକର୍ଡ

**ବର୍ମିଂହାମ, ୩୦।୬(ପି.ଟି.)**

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ନିଜ ୧୦ ଓଭର କୋଟାରେ ୮୮ ରନ ବ୍ୟୟ କରିବା ସହ ଉଇକେଟ୍‌ଶୂନ୍ୟ ରହି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଯେଉଁଥିରେ ୭ ଚୌକା ଓ ୬ ଛକା ସାମିଲ ରହିଛି। ଦିନିକିଆ କ୍ରିକେଟ୍‌ରେ ଚହଲଙ୍କ ଏହା ସବୁଠାରୁ ଖରାପ ବୋଲିଂ ସ୍ପେଲ ମଧ୍ୟ ହୋଇଛି। ଚହଲ ଏଥିସହ ବିଶ୍ୱକପ୍ ଇତିହାସରେ ସବୁଠାରୁ ମହଙ୍ଗା ବୋଲିଂ କରିଥିବା ଭାରତୀୟ ବୋଲର ହେବାର ଅଲୋଡ଼ା ରେକର୍ଡକୁ ନିଜ ନାମରେ କରିଛନ୍ତି। ପୂର୍ବରୁ ଜାଭାଗଲ ଶ୍ରୀନାଥ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଶ୍ରୀନାଥ ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ୮୭ ରନ ବ୍ୟୟ କରିଥିଲେ। ବିଶ୍ୱକପ୍ ଇତିହାସରେ ଗୋଟିଏ ଇନିଂସରେ ମହଙ୍ଗା ବୋଲିଂ କରିଥିବା ୫ ଭାରତୀୟ ବୋଲରଙ୍କ ସମ୍ପର୍କରେ ଟେବୁଲରେ ପ୍ରଦାନ କରାଗଲା।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୭** | **୫** | **୧** | **୦** | **୧** | **୧୧** | **+୦.୮୫୪** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

“ଚଳିତ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଜିତିବା ପରେ ଅଷ୍ଟ୍ରେଲିଆ ଦଳର ମନୋବଳ ବହୁ ପରିମାଣରେ ବୃଦ୍ଧି ପାଇଛି ।

–ଆଲାନ ବର୍ଡର, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ



“କ୍ରମାଗତ ଦୁଇଟି ମ୍ୟାଚରେ ପାକିସ୍ତାନ ଓ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଥିଲେ ହେଁ ନ୍ୟୁଜିଲାଣ୍ଡ ଏବେ ମଧ୍ୟ ବିଶ୍ୱକପ ଦାବିଦାର ।

–ଡାନିଏଲ ଭିଟ୍ଟୋରୀ, ପୂର୍ବତନ ନ୍ୟୁଜିଲାଣ୍ଡ ଖେଳାଳି



## ସଂକ୍ଷେପରେ

### ଭାରତୀୟ ହକି ଗୋଲକିପର କ୍ୟାମ୍ପରେ ଓଡ଼ିଶାର ସାହିଲ



**ନୂଆଦିଲ୍ଲୀ,୩୦।୬(ପିଟି):** ଭାରତୀୟ ହକି ଗୋଲକିପର ପି.ଆର. ଶ୍ରୀଜେଶ ଓ କ୍ରିଷ୍ଣା ବାହାଦୂର ପାଠକଙ୍କ ଭଳି ଦେଶର ଅନ୍ୟ ଗୋଲକିପରମାନଙ୍କ ଲାଗି ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯିବ। ନେଦରଲାଣ୍ଡସର ଲୋକପ୍ରିୟ ହକି ଗୋଲକିପର ଟ୍ରେନର ଡେନିସ ଭାନ୍ ଡେ ପୋଲଙ୍କ ତତ୍ତ୍ୱାବଧାନରେ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ୭ ଦିନିଆ କ୍ୟାମ୍ପ ଚାଲିବ। ସେଠାରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ମଧ୍ୟ ଉପସ୍ଥିତ ରହିବେ। ଏହା ଚଳିତ ବର୍ଷର ପ୍ରଥମ ଗୋଲକିପର କ୍ୟାମ୍ପ। ଏହି କ୍ୟାମ୍ପ ଲାଗି ଓଡ଼ିଶାର ଯୁବ ଗୋଲକିପର ସାହିଲ କୁମାର ନାୟକ ମନୋନୀତ ହୋଇଛନ୍ତି। ଏହା କେବଳ ବର୍ତ୍ତମାନର ଗୋଲକିପର ନୁହେଁ, ଆଗାମୀ ଯୁବ ଗୋଲକିପରଙ୍କୁ ଫାଇଦା ଦେବ। ଏହା ଦ୍ୱାରା ଆମ ଗୋଲକିପରଙ୍କୁ ବିଶ୍ୱସ୍ତରୀୟ ଟ୍ରେନିଂ ମିଳିବ ବୋଲି ରିଡ୍ କହିଛନ୍ତି। ଡେନିସ ନେଦରଲାଣ୍ଡସର ଡ୍ରିଜଭର ଗୋଲି ଏକାଡେମୀଠାରେ ଦେଶର ଯୁବ ଗୋଲକିପର ଓ ବିଦେଶୀ ଦଳକୁ ଟ୍ରେନିଂ ପ୍ରଦାନ କରନ୍ତି। ସେ କାନାଡାର ମହିଳା ଦଳ ସହ ଜଡ଼ିତ ରହିଥିବାବେଳେ ଚାଇନା ଓ ପାକିସ୍ତାନରେ କାର୍ଯ୍ୟ କରିସାରିଛନ୍ତି।

### ଜାତୀୟ ଜୁନିୟର କ୍ୟାମ୍ପରେ ୫ ଓଡ଼ିଆ

**ନୂଆଦିଲ୍ଲୀ,୩୦।୬(ପିଟି):** ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ଆଗାମୀ ଜାତୀୟ ଜୁନିୟର ପୁରୁଷ କୋଚିଂ କ୍ୟାମ୍ପ ଲାଗି ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ରବିବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ୫ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସାହିଲ କୁମାର ନାୟକ(ଗୋଲକିପର), ସୁମନ ବେକ, ପ୍ରତାପ ଲାକ୍ରା, ନବୀନ କୁଜୁର (ଡିଫେଣ୍ଡର) ଓ ଗ୍ରେଗୋରୀ ଖେସ୍ (ମିଡ୍‌ଫିଲ୍ଡର)। ୪ ସପ୍ତାହ ଧରି ଚାଲିବାକୁ ଥିବା ଏହି କ୍ୟାମ୍ପ ଜୁଲାଇ ୨୭ରେ ଶେଷ ହେବ। ଏହି କ୍ୟାମ୍ପର ଲକ୍ଷ୍ୟ ହେବ ମୁଖ୍ୟ ଖେଳାଳିଙ୍କ ଫିଟ୍‌ନେସ୍ ବଜାୟ ରଖିବା, ଭବିଷ୍ୟତରେ ହେବାକୁ ଥିବା ଟୁର୍ନାମେଣ୍ଟ ଲାଗି ବିଭିନ୍ନ କମ୍ବିନେଶନକୁ ଖେଳାଇବା। ଏହି କ୍ୟାମ୍ପ ଲାଗି ଘୋଷିତ ଦଳରେ ଗତଥର ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ସ୍ଥାନ ମିଳିଛି। ଆହୁରି ଟ୍ରେନିଂ ଦ୍ୱାରା ସେମାନେ ନିଜ ଗତି, ଫିଟ୍‌ନେସ ଓ ଷ୍ଟ୍ରାଟେଜି ଉପରେ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ବୋଲି ଭାରତୀୟ ହକି ଦଳର ହାଇ ପରଫର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ କହିଛନ୍ତି।

# ଶ୍ରୀଲଙ୍କା ଲାଗି କର ବା ମର ସ୍ଥିତି

**ଚେଷ୍ଟର-ଲି-ଷ୍ଟ୍ରିଟ୍,୩୦।୬(ପି.ଟି.)**



ଶ୍ରୀଲଙ୍କା କ୍ରିକେଟ୍ ଦଳର ଖେଳାଳିମାନେ।

ଚଳିତ ଆଇସିସି ବିଶ୍ୱକପ୍‌ରେ ଗାଣିତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଏବେ ମଧ୍ୟ ଉଜ୍ଜୀବିତ ରହିଛି। ସୋମବାର ଶ୍ରୀଲଙ୍କା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ୱେଷ୍ଟଇଣ୍ଡିଜକୁ ଭେଟିବ। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟର ୩୯ତମ ମ୍ୟାଚ୍‌ରେ ଏହି ଦୁଇ ଦଳ ମୁହାଁମୁହିଁ ହେବେ। ୱେଷ୍ଟଇଣ୍ଡିଜ ସେମି ଦୌଡ଼ରୁ ବାଦ୍ ପଡିସାରିଥିବାରୁ ଶ୍ରୀଲଙ୍କା ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ସେମି ଆଶା ଉଜ୍ଜୀବିତ ରଖିବାକୁ ହେଲେ ଶ୍ରୀଲଙ୍କାକୁ ଏହି ମ୍ୟାଚ୍ ଜିତିବା ଅପରିହାର୍ଯ୍ୟ ହୋଇ ପଡିଛି। ଫଳରେ ଶ୍ରୀଲଙ୍କା କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଇଂଲଣ୍ଡକୁ ୨୦ ରନରେ ପରାସ୍ତ କରିବା ପରେ ଅସ୍ଥିର ପ୍ରଦର୍ଶନ କରିଆସୁଥିବା ଶ୍ରୀଲଙ୍କାକୁ ବଳ ମିଳିଛି। ତେବେ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ କିନ୍ତୁ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ଫଳରେ ଶ୍ରୀଲଙ୍କାର ସେମିଫାଇନାଲ ଆଶାକୁ ଶକ୍ତ ଧକ୍କା ଲାଗିଥିଲା।

୧୯୯୬ରେ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ସହ ଓ ୨ଟି ବିନା ଫଳାଫଳ ସହିତ ୬ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ତେଣୁ ଶ୍ରୀଲଙ୍କାକୁ ତା'ର ବାକିଥିବା ୨ଟି ମ୍ୟାଚ୍‌ରେ ବିଜୟୀ ହେବାକୁ ପଡିବ। କେବଳ ସେତିକି ନୁହଁ ଇଂଲଣ୍ଡ ଓ ପାକିସ୍ତାନ ମ୍ୟାଚ୍‌ଗୁଡିକ ଫଳାଫଳ ଉପରେ ମଧ୍ୟ ଶ୍ରୀଲଙ୍କାର ଭାଗ୍ୟ ନିର୍ଭର କରିବ। ଦକ୍ଷିଣ ଆଫ୍ରିକାଠାରୁ ୯ ଉଇକେଟରେ ପରାସ୍ତ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ଦୁର୍ବଳତା ପୁଣିଥରେ ପଦାରେ ପଡିଛି। ୱେଷ୍ଟଇଣ୍ଡିଜର ବୋଲିଂ ଉଚ୍ଚକୋଟୀର ହୋଇଥିବାରୁ ଅଧିନାୟକ ଦ୍ୟୁମୁଥ କରୁଣାରତ୍ନେ ଦଳର ବ୍ୟାଟିଂ ପ୍ରଦର୍ଶନରେ ସୁଧାର ଆଣିବାକୁ ପ୍ରୟାସ କରିବେ। କେବଳ ସେତିକି ନୁହଁ ବୋଲିଂରେ ମଧ୍ୟ ଶ୍ରୀଲଙ୍କାକୁ ସୁଧାର ଆଣିବାକୁ ପଡିବ। ଚିକେନ ଫକ୍ସ କାରଣରୁ ଦ୍ରୁତ ବୋଲର ନୁଆନ ପ୍ରଦୀପ ଦଳରୁ ବାଦ୍ ପଡିଛନ୍ତି। ଅଭିଜ୍ଞ ଲସିଥ ମାଲିଙ୍ଗା ନେତୃତ୍ୱରେ ଶ୍ରୀଲଙ୍କା ବୋଲିଂ ବିଭାଗ ଚମକ ଦେଖାଇବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ସେମି ଦୌଡ଼ରୁ ବାଦ୍ ପଡିସାରିଥିବା ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ବିଜୟ ସହ ସାନ୍ତ୍ୱନା ହାସଲ କରିବା ପାଇଁ ପ୍ରୟାସ କରିବ। ୱେଷ୍ଟଇଣ୍ଡିଜ୍ କିନ୍ତୁ ପୂରା ଦମ୍‌ରେ ଟୁର୍ନାମେଣ୍ଟରେ ପ୍ରବେଶ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଏହି ଦଳ ୪୨୧ ରନ କରିଥିଲା। ପୁଣି ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ମାତ୍ର ୧୦୫ ରନରେ ଅଲଆଉଟ କରିବା ସହ ୭ ଉଇକେଟରେ ବିଜୟ ହାସଲ କରି ୱେଷ୍ଟଇଣ୍ଡିଜ ଦମ୍‌ଦାର ଆରମ୍ଭ କରିଥିଲା। କିନ୍ତୁ ଏହାପରଠାରୁ ୱେଷ୍ଟଇଣ୍ଡିଜ୍‌ର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଦଳ କ୍ରମାଗତ ୫ଟି ପରାଜୟ ବରଣ କରିଛି। କେତୋଟି ବିଭାଗରେ ଦଳ ପ୍ରଦର୍ଶନ କରିଥିଲା। ତେବେ ଅଳ୍ପକେ ଦଳ କେତୋଟି ବିଜୟ ସୁଯୋଗ ମଧ୍ୟ ହାତଛଡ଼ା କରିଥିଲା। ପଏଣ୍ଟ ତାଲିକାର ସର୍ବନିମ୍ନ ତଥା ଦଶମସ୍ଥାନରେ ଥିବା ଆଫଗାନିସ୍ତାନ ଉପରେ ରହି ୱେଷ୍ଟଇଣ୍ଡିଜ୍ ନବମ ସ୍ଥାନରେ ରହିଛି। ଦଳ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୩ ପଏଣ୍ଟ ହାସଲ କରିଛି। ଏବେ ୱେଷ୍ଟଇଣ୍ଡିଜ୍‌କୁ କିଛି ହରାଇବାର ନାହିଁ। ତେଣୁ ଦଳ ଉପରେ ଚାପ ନାହିଁ କହିଲେ ଭୁଲ ହେବ ନାହିଁ। କ୍ରିସ୍ ଗେଲ, କାର୍ଲୋସ ବ୍ରାଥୱେଟ ଓ ସାଇ ହୋପ୍‌ଙ୍କ ଭଳି ଦର୍ଦ୍ଦର୍ଷ ବ୍ୟାଟ୍ସମ୍ୟାନ ଜୋରଦାର ବ୍ୟାଟିଂ ବଳରେ ୱେଷ୍ଟଇଣ୍ଡିଜ ପୁଣି ଏକ ବଡ଼ ସ୍କୋର ହାସଲ କରିବ ବୋଲି ଆଶା କରାଯାଉଛି। ବିଜୟ ସହ ବିଶ୍ୱକପ ଅଭିଯାନ ଶେଷ କରିବୁ ବୋଲି ୱେଷ୍ଟଇଣ୍ଡିଜ ହେଡ କୋଚ୍ ଫ୍ଲୟଡ ରେଇଫର କହିଛନ୍ତି। ଏହି ମ୍ୟାଚ୍‌ରେ ପାଗ ସଫା ରହିବ। ବର୍ଷା ସମ୍ଭାବନା ମଧ୍ୟ କ୍ଷୀଣ। ସେତେଟା ଗୁରୁତ୍ୱ ନ ଥିଲେ ମଧ୍ୟ ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।




## ଆଜିଠାରୁ ୱିମ୍ବଲଡନ୍

**ଲଣ୍ଡନ, ୩୦।୬(ଏଏଫ୍‌ପି)**

ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନ ସୋମବାରଠାରୁ ସ୍ଥାନୀୟ ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବଠାରେ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଏହା ହେବ ୧୩୩ତମ ସଂସ୍କରଣ। ସର୍ବିଆ ଟେନିସ ତାରକା ନୋଭାକ ଜୋକୋଭିଚ୍ ପୁରୁଷ ବିଭାଗର ଡିଫେଣ୍ଡିଂ ଚାମ୍ପିୟନ ରହିଥିବାବେଳେ ମହିଳାରେ ଆଞ୍ଜେଲିନା କର୍ବର ମହିଳା ବିଭାଗରେ ଟାଇଟଲ୍ ଜିତିଥିଲେ। ପୁରୁଷ ବିଭାଗରେ ଏକ ନମ୍ବର ସିଡ୍ ମାନ୍ୟତା ପାଇଥିବା ଜୋକୋଭିଚ୍ ଏଠାରେ ନିଜର ୫ମ ଟାଇଟଲ ହାସଲ ପାଇଁ କୋର୍ଟକୁ ଓହ୍ଲାଇବେ। ପ୍ରଥମ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ସୋମବାର ଜର୍ମାନୀର ଫିଲିପ୍ କୋହଲ୍‌ଶ୍ରେଇବରଙ୍କୁ ଭେଟିବେ। ସେହିଭଳି ୨ୟ ସିଡ୍ ମାନ୍ୟତା ପାଇଥିବା ସୁଇଜରଲାଣ୍ଡର ରୋଜର ଫେଡରର ଚଳିତ ବର୍ଷ ଯଦି ଚାମ୍ପିୟନ ହୁଅନ୍ତି ତେବେ ଏହା ତାଙ୍କର କ୍ୟାରିୟରର ୨୧ତମ ତଥା ୯ମ ୱିମ୍ବଲଡନ ଟ୍ରଫି ହେବ। ସେହିଭଳି ୩୮ ବର୍ଷୀୟ ଫେଡରର ବୟୋଜ୍ୟେଷ୍ଠ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୁଯୋଗ ମଧ୍ୟ ରହିଛି। ସ୍ପାନିଶ ତାରକା ରାଫାଲ ନାଡାଲ ମଧ୍ୟ ଟାଇଟଲ୍ ଦୌଡ଼ରେ ରହିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ନୂତନ ଭାବେ ବିଶ୍ୱର ଏକ ନମ୍ବର ସ୍ଥାନ ହାସଲ କରିଥିବା ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି, ନାଓମି ଓସାକା, ଭେଟେରାନ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ପ୍ରମୁଖ ଟାଇଟଲ୍ ଦାବିଦାର ରହିଛନ୍ତି। ୩୭ ବର୍ଷୀୟ ସେରେନା ୭ଥର ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି।

# ସେମିରେ ସ୍ୱିଡେନ

**ପ୍ୟାରିସ୍,୩୦।୬**

ଏକଦା ମ୍ୟାଚ୍‌ରେ ପଛୁଆ ଥିବା ସ୍ୱିଡେନ୍ ୨-୧ ଗୋଲରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ଚଳିତ ମହିଳା ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ଲାଗି ସୋଫିଆ ଜ୍ୟାକବସନ ଓ ଷ୍ଟିନା ବ୍ଲାକଷ୍ଟେନିସ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ୧୬ତମ ମିନିଟ୍‌ରେ ଲିନା ମାଗୁଲଙ୍କ ବାଇସାଇକେଲ କିକ୍ ଜରିଆରେ ଗୋଲ ଦେଇ ଜର୍ମାନୀକୁ ୧-୦ ଗୋଲରେ ଅଗ୍ରଣୀ ଆଣିଦେଇଥିଲେ। ହେଲେ ଏହାର ୬ ମିନିଟ୍ ପରେ ଜ୍ୟାକବସନଙ୍କ ଗୋଲ ଯୋଗୁ ମ୍ୟାଚ୍ ବରାବର ସ୍ଥିତିକୁ ଚାଲିଆସିଥିଲା। ଫଳରେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦଳୀୟ ସ୍କୋର ୧-୧ ଗୋଲରେ ବରାବର ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ବ୍ଲାକଷ୍ଟେନିସ (୪୮ତମ ମିନିଟ୍)ଙ୍କ ଗୋଲ ବଳରେ ସ୍ୱିଡେନ୍ ମ୍ୟାଚ୍‌ରେ ଅଗ୍ରଣୀ ହାସଲ କରିଥିଲା। ଏହା ପରଠାରୁ ଉଭୟ ଦଳର ଖେଳାଳିଙ୍କୁ ବହୁ ସୁଯୋଗ ମିଳିଥିଲା, ହେଲେ କୌଣସି ଖେଳାଳି ସ୍କୋର ଲାଇନ୍‌କୁ ପ୍ରଭାବିତ କରିପାରି ନ ଥିଲେ। ଏଥିସହ ବିଶ୍ୱକପ୍‌ର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ସ୍ୱିଡେନ ସେମିଫାଇନାଲରେ ନେଦରଲାଣ୍ଡକୁ ଭେଟିବ।

### ଅନ୍ତିମ-୪ରେ ନେଦରଲାଣ୍ଡ୍ସ

**ଭାଲେନ୍‌ସିଜ (ଫ୍ରାନ୍ସ), ୩୦।୬ (ଏଏଫ୍‌ପି):** ନେଦରଲାଣ୍ଡ୍ସ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଶନିବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଦଳ ୨-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଭିଭିଆନି ମିଡେମା ଏବଂ ଷ୍ଟିଫାନି ଭାନ୍‌ଡର ଗ୍ରାଗଟ ଗୋଲ ସ୍କୋର କରିଥିଲେ। ଦଳ ବର୍ତ୍ତମାନ ଜର୍ମାନୀ କିମ୍ବା ସ୍ୱିଡେନ ସହ ସେମିଫାଇନାଲ ଖେଳିବା ଲାଗି ଲିଅନ ଯାତ୍ରା କରିବ। ଶନିବାର ମ୍ୟାଚ ଫଳାଫଳ ଦ୍ୱାରା ନେଦରଲାଣ୍ଡ୍ସ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫ୍ରାନ୍ସରେ ଚାଲିଥିବା ଟୁର୍ନାମେଣ୍ଟରୁ ପ୍ରଦର୍ଶନ ଭିତ୍ତିରେ ୟୁରୋପର ଶ୍ରେଷ୍ଠ ୩ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ପ୍ରଦୀପ ବିଶ୍ୱକପ୍‌ରୁ ଆଉଟ୍



**ଲଣ୍ଡନ, ୩୦।୬ (ପି.ଟି.)**

ହାଡ଼ଫୁଟିରେ ଯୋଗୁ ଶ୍ରୀଲଙ୍କା ପେସ୍ ବୋଲର ନୁୱାନ ପ୍ରଦୀପ ଶନିବାର ଆଇସିସି ବିଶ୍ୱକପ୍‌ରୁ ଆଉଟ୍ ହୋଇଯାଇଛନ୍ତି। ତାଙ୍କ ସ୍ଥାନରେ ଦଳରେ ସାସୁନ ରଜିଥା ସ୍ଥାନ ପାଇବେ। ଜୁନ୍ ୪ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ପ୍ରଦୀପ ମ୍ୟାଚ ବିଜୟୀ ୪ ଉଇକେଟ ସଫଳତା ହାସଲ କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଖେଳି ସାରିଥିବା ୭ଟି ମ୍ୟାଚ ମଧ୍ୟରୁ ପ୍ରଦୀପ ୩ଟି ମ୍ୟାଚରେ ଖେଳିଥିଲେ। ଜୁନ୍ ୨୧ରେ ଇଂଲଣ୍ଡ ବିପକ୍ଷରେ ସେ ତାଙ୍କ ଅନ୍ତିମ ମ୍ୟାଚ ଖେଳିଥିଲେ। ପ୍ରଦୀପ ଅସୁସ୍ଥ ଥିବାରୁ ଟୁର୍ନାମେଣ୍ଟର ଦଳର ଅବଶିଷ୍ଟ ମ୍ୟାଚ ପାଇଁ ତାଙ୍କ ସ୍ଥାନରେ ରଜିଥାଙ୍କୁ ଦଳରେ ନେବାକୁ ଅନୁମତି ପାଇଁ ଶ୍ରୀଲଙ୍କା କରିଥିବା ଅନୁରୋଧକୁ ଆଇସିସି ପୁରୁଷ ବିଶ୍ୱକପ୍ ୨୦୧୯ ଇଭେଣ୍ଟ ଟେକ୍‌ନିକାଲ କମିଟି ଅନୁମୋଦନ କରିଛି। ରଜିଥା ୬ ଟେଷ୍ଟ, ୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଟି୨୦ ଖେଳିଛନ୍ତି।



ଉତ୍କଳ କରାଟେ ସ୍କୁଲରେ ରବିବାର ଅନୁଷ୍ଠିତ ବେଲ୍ଟ ଟେଷ୍ଟରେ ଅଂଶଗ୍ରହଣ କରିଥିବା କରାଟେକାମାନେ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

# ଉରୁଗୁଏକୁ ବିଦାକଲା ପେରୁ

**ସାଲ୍‌ଭାଡର (ବ୍ରାଜିଲ), ୩୦।୬ (ଏଏଫ୍‌ପି)**



ପରାଜୟ ପରେ ଉରୁଗୁଏର ଷ୍ଟାର ଖେଳାଳି ଲୁଇସ୍ ସୁଆରେଜ୍(ବାମ) କାନ୍ଦି ପକାଉଛନ୍ତି।

ପେରୁଠାରୁ ଶୁଟଆଉଟ୍(୫-୪) ଜରିଆରେ ପରାଜୟ ବରଣ କରି ଉରୁଗୁଏ ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ଧାର୍ଯ୍ୟ ସମୟ ସୁଦ୍ଧା ମ୍ୟାଚ୍‌ଟି ଗୋଲଶୂନ୍ୟ ରହିଥିଲା। ଉରୁଗୁଏ ଲାଗି ଗିଓର୍ଗିଆନ ଡେ ଆରାକାଷ୍ଟେ, ଏଡିନ୍‌ସନ କଭାନି ଓ ଲୁଇସ୍ ସୁଆରେଜ ଗୋଲ ଦେଇଥିଲେ। ହେଲେ ଲାଇନ୍‌ମ୍ୟାନ ପ୍ରତ୍ୟାଖ୍ୟାନ କରିଥିଲେ। ଅତିରିକ୍ତ ସମୟରେ ମଧ୍ୟ କୌଣସି ଖେଳାଳି ଗୋଲ କରିପାରି ନ ଥିଲେ। ଶୁଟ୍‌ଆଉଟ୍‌ରେ ବାର୍ସିଲୋନା ଫର୍‌ୱାର୍ଡ ସୁଆରେଜଙ୍କ ଶଟ୍‌କୁ ପେରୁ ଗୋଲ୍‌କିପର ପେଡ୍ରୋ ଗାଲେସେ ରୋକିଦେଇଥିଲେ, ଯାହାକି ପେରୁ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପେରୁ ଲାଗି ଏଡିସନ ଅନ୍ତିମ ଗୋଲ ଦେଇଥିଲେ। ଚଳିତ ଟୁର୍ନାମେଣ୍ଟର ଶୁଟ୍‌ଆଉଟ୍‌ରେ ଶେଷ ହୋଇଥିବା ଏହା ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍। ଏଥିପୂର୍ବରୁ ବ୍ରାଜିଲ ଓ ଚିଲି ପେନାଲ୍ଟି ରାଉଣ୍ଡରେ ଯଥାକ୍ରମେ ପାରାଗୁଏ ଓ କଲମ୍ବିଆକୁ ହରାଇଥିଲେ। କେବଳ ଆର୍ଜେଣ୍ଟିନା ଏକମାତ୍ର ଦଳ ଭାବେ ଧାର୍ଯ୍ୟ ସମୟରେ ଗୋଲ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଲିଓନେଲ ମେସିଙ୍କ ଦଳ ୨-୦ ଗୋଲରେ ଭେନିଜୁଏଲାକୁ ହରାଇଥିଲା। ଉଲ୍ଲେଖଥାଉ କି, ଗତ ୪ଟି ସଂସ୍କରଣରେ ତୃତୀୟ ଥର ପାଇଁ ପେରୁ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛି। ପେରୁ ତା'ର ସେମିଫାଇନାଲ ମୁକାବିଲାରେ ଚିଲିକୁ ଭେଟିବ।

### ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଏକ ରୋମାଞ୍ଚକ ମ୍ୟାଚ୍‌ରେ ଶୁଟ୍‌ଆଉଟ୍‌ରେ ଉରୁଗୁଏକୁ ପରାସ୍ତ କରିବା ପରେ ପେରୁ ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏଥିସହ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଜୁଲାଇ ୩ରେ ଅନୁଷ୍ଠିତ ହେବାକୁଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ବ୍ରାଜିଲ ଟାଇଟଲ ଦାବିଦାର ଆର୍ଜେଣ୍ଟିନାକୁ ଭେଟିବ। ସେହିଭଳି ଏହାପର ଦିନ ଖେଳାଯିବାକୁ ଥିବା ଅନ୍ୟ ଏକ ସେମିଫାଇନାଲରେ ଚିଲି ଓ ପେରୁ ପରସ୍ପରକୁ ଭେଟିବେ। ଜୁଲାଇ ୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସ୍କୁଲ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୩୦।୬(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ ଆସୋସିଏଶନ(ଓଏସସିଏ) ଓ ଟିଏଏସ ଇନ୍ସପିରେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍କୁଲ ଓପନ ଚେସ ଚାମ୍ପିୟନଶିପରେ କଟକର ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ମ୍ୟାଚରେ ହର୍ଷିତ ପୂରା ୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛନ୍ତି। କୀର୍ତ୍ତି ଅନୁରାଗ ପ୍ରତିହାରୀ ଓ ଦୀପ୍ତିମୟୀ ସାହୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଭୂୟାଁ ୫.୫ ଏବଂ ଅଞ୍ଜଳି ମିଶ୍ର, ଅଭିଜ୍ଞାନ ମହାନ୍ତି, ସେକ୍ ଇଜାଜ୍ ଅହମଦ, ନିଖିଲ ସାହୁ, ଆୟୁଷ ଆର୍ଯ୍ୟନ ମହାପାତ୍ର ଏବଂ ଓମ୍ ପ୍ରକାଶ ଗଡ଼ନାୟକ ୫ ପଏଣ୍ଟ ଲେଖାଏ ହାସଲ କରି ଟପ୍-୧୦ ଫିନିଶ୍ କରିଛନ୍ତି। ବିଏମ୍‌ସି ଡେପୁଟି ମେୟର କେ. ଶାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟିଏଏସ ଇନ୍ସପିରେଶନର ପରିଚାଳନା ନିର୍ଦ୍ଦେଶକ ତରଙ୍ଗ କୁମାର ମହାନ୍ତି, ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜୁଲାଇ ୦୧/୨୦୧୯ Sambalpur, Monday, July 01 / 2019




## ସଂକ୍ଷେପରେ

### ଉଦ୍ଧବ ଠାକ୍‌ରେ-ଧର୍ମେନ୍ଦ୍ର ସାକ୍ଷାତ୍
## 'ମହାରାଷ୍ଟ୍ରର ବିକାଶ ଉପରେ ଲକ୍ଷ୍ୟ'

**ଭୁବନେଶ୍ୱର, ୩୦।୬(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଶିବସେନାର ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କୁ ସାକ୍ଷାତ କରିଛନ୍ତି। ଠାକ୍‌ରେଙ୍କ ସହ ସାକ୍ଷାତ କରିବାପରେ ଧର୍ମେନ୍ଦ୍ର ଏହାକୁ ଟୁଇଟ୍ କରି ଜଣାଇଛନ୍ତି। ଟୁଇଟ୍ ଜରିଆରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ମହାରାଷ୍ଟ୍ରର ବିକାଶ ପାଇଁ ଠାକ୍‌ରେଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ସହ ହାତ ମିଶାଇ କିଭଳି ମହାରାଷ୍ଟ୍ର ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ସେ ନେଇ ଆଲୋଚନା କରିଛୁ। ବିଶେଷଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ପୂରଣ କରିବାରେ ମହାରାଷ୍ଟ୍ର ସରକାର କିଭଳି ସହଯୋଗ କରିବ ଏହା ଉପରେ ବିଶେଷ ଫୋକସ ରହିଥିଲା। ଏହାସହ ଭାରତର ଅର୍ଥନୈତିକ ଉନ୍ନତି ପାଇଁ ମଧ ଆଲୋଚନା କରାଯାଇଛି। ଭାରତକୁ ୫ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତି କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଥିବା ସମ୍ପର୍କରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

# ମହାପ୍ରଭୁ ସୁସ୍ଥ ହେବା ଖବର ଜାଣିଲେ ଗଜପତି

**ପୁରୀ ଅଫିସ, ୩୦।୬**

ପବିତ୍ର ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଥିଲେ ମହାପ୍ରଭୁ। ଅଣସର ଘରେ ଠାକୁରଙ୍କ ଗୁପ୍ତସେବା ଚାଲିଥିଲା। ଫୁଲୁରୀ ତେଲ ଓ ଓଷୁଅ ଲାଗି ପରେ ଏକାଦଶୀରେ ଦଶମୂଳ ମୋଦକ ଖାଇ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଦାରୁବିଗ୍ରହଙ୍କ ସୁସ୍ଥ ହେବା ଖବର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଜଣାଇଛନ୍ତି। ଏହାସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦକୁ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୁପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡିଆରୀ ପକାଇଥିବା ପାହାଡା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା


ଦଇତାପତି ସେବକମାନେ ଗଜପତି ମହାରାଜାଙ୍କୁ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଉଛନ୍ତି।

### ରାଜପ୍ରସାଦ ବିଜେ

ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଠାକୁରଙ୍କ ସୁସ୍ଥ ହେବା ଖବର ମଧ ଦେଇଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ମଧ ଗଜପତି ଦଇତାପତିମାନଙ୍କ ସହ ଆଲୋଚନା କରିଥିଲେ।

**ଆଜି ଘଣା ଲାଗି**

ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧରେ ରବିବାର ଘଣାକଟା ହୋଇଛି। ସୋମବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଘଣାଲାଗି କରାଯିବ। ଘଣାଲାଗି କାର୍ଯ୍ୟ ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପଟ୍ଟଦିଅଁଙ୍କର ମଙ୍ଗଳ ଆଳତି ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ସୋମବାର ସନ୍ଧ୍ୟା ୬ଟାରେ ଖଲି ବିଜେ ହୋଇ ରାତ୍ର ୧୦ଟା ସୁଦ୍ଧା ଘଣାଲାଗି ସରିବ। ଏହାପରେ ଜୟବିଜୟ ଦ୍ୱାର ଫିଟି ରାତ୍ର ସାଢେ ୧୦ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ବଢିବ।

## ଆୟୁଷ ରାଜ୍ୟର ସର୍ବକନିଷ୍ଠ ୱେବ୍ ଡିଜାଇନର


ଆୟୁଷ ରଞ୍ଜନ ରାଉତ।

**ନାକଟିଦେଉଳ,୩୦।୬(ଡି.ଏନ୍.ଏ.)** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଝୋରି ପଞ୍ଚାୟତର ଦୁର୍ଗମ କୁଡ଼ାନାଳୀ ଗ୍ରାମର ସରୋଜ ରାଉତ ଓ ରଶ୍ମିତା ରାଉତଙ୍କ ୧୨ ବର୍ଷର ପୁଅ ଆୟୁଷ ରଞ୍ଜନ ରାଉତ ଦେଶର ଦ୍ୱିତୀୟ ତଥା ରାଜ୍ୟର ସର୍ବକନିଷ୍ଠ ୱେବ୍ ଡିଜାଇନର ବୋଲି ନିଜକୁ ଦାବି କରିଛନ୍ତି। ଆୟୁଷ ଅନୁଗୋଳ ଜିଲା ଗଡ଼ମଣ୍ଡଳ ସରସ୍ୱତୀ ଶିଶୁ ମନ୍ଦିରରେ ୭ମ ଶ୍ରେଣୀରେ ପାଠ ପଢ଼ନ୍ତି। ପାଠପଢ଼ା ସହ ସେ ୟୁଟ୍ୟୁବ୍‌ରୁ ୱେବ୍ ଡିଜାଇନିଂ ଶିଖିଥିଲେ। ଏବେ ସେ ନିଜେ ୱେବ୍ ଡିଜାଇନ କରିବା ପାଇଁ ସମର୍ଥ ହୋଇଥିବା ପ୍ରକାଶ କରିଛନ୍ତି। ଦେବଗଡ଼ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍. ନ୍ୟୁଜ ଟ୍ରଷ୍ଟର ଇଂଲିଶ, ଓଡ଼ିଆ ୱେବ୍ ପୋର୍ଟାଲ ଏବଂ ୱେବ୍ ଚ୍ୟାନେଲକୁ ସେ ସଫଳତାର ସହ ନିର୍ମାଣ କରିପାରିଛନ୍ତି। ଖୁବଶୀଘ୍ର ସେ ନିଜର ଆଦ୍ୟାଶା ୱେବ୍ ସଲ୍ୟୁଶନ ନାମକ ଏକ କମ୍ପାନୀ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏଥିପାଇଁ ଆୟୁଷ ଓଡ଼ିଶାର ରାଜ୍ୟପାଳଙ୍କ ଆଶୀର୍ବାଦ ଲୋଡ଼ି ପତ୍ର ଲେଖିଛନ୍ତି। ଏହାଛଡ଼ା ଏମ୍‌ଏସ୍ଏମ୍‌ଇ ମାଧ୍ୟମରେ ତାଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କେରଳର ଲକ୍ଷ୍ମୀ ସୁରେଶ ନାମକ ୮ବର୍ଷର ବାଳିକା ୱେବ୍ ଡିଜାଇନ କରି ଭାରତର ସର୍ବକନିଷ୍ଠ ଡିଜାଇନର ଭାବେ ପରିଚିତ ହୋଇଥିଲେ।

### ଟାଙ୍ଗିଆରେ ଆକ୍ରମଣ କରିବାରୁ ଜଣେ ଗୁରୁତର
## ଆକ୍ରମଣକାରୀଙ୍କୁ ପିଟିପିଟି ହତ୍ୟା

**ଲେଫ୍ରିପଡ଼ା, ୩୦।୬ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଡୁମାବାହାଲ ଗ୍ରାମପଞ୍ଚାୟତର ସିପକଛାର ଗ୍ରାମରେ ଶନିବାର ରାତିରେ ଅଭାବନୀୟ ଘଟଣା ଘଟିଛି। ଟାଙ୍ଗିଆରେ ଆକ୍ରମଣ କରିବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ପିଟିପିଟି ଆକ୍ରମଣକାରୀଙ୍କୁ ହତ୍ୟା କରିଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ସୌକି ପ୍ରଧାନ (୪୫) ବୋଲି ଜଣାଯାଇଛି। ମୃତ ବ୍ୟକ୍ତିଙ୍କ ଟାଙ୍ଗିଆଚୋଟରେ ସେହି ଗ୍ରାମର କିରଣ ବାଦୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ସୂଚନା ମୁତାବକ ଶନିବାର ରାତି ପ୍ରାୟ ୧୧ଟାବେଳେ ଗ୍ରାମର କିରଣ ବାଦୀ (୩୦) ନିଜ ଟ୍ରାକ୍ଟର ନେଇ ଘରକୁ ଫେରି ଗାଧୋଇବା ପାଇଁ ନଳକୂପକୁ ଯାଉଥିଲେ। ଘର ସମ୍ମୁଖରେ ଥିବା ପଡୋଶୀ ସୌକି ପ୍ରଧାନ ଟାଙ୍ଗିଆଧରି ତାଙ୍କୁ ଗାଳିଗୁଲଜ କରିଥିଲେ। ଉଭୟଙ୍କ ମଧ୍ୟରେ କିଛିସମୟ ପାଟିତୁଣ୍ଡ ପରେ ସୌକି କିରଣଙ୍କୁ ଟାଙ୍ଗିଆରେ ଆକ୍ରମଣ କରିବାରୁ ସେ ପାଟି କରିଥିଲେ। ଏହି ସମୟରେ କିରଣଙ୍କ ପାଟିଶୁଣି ତାଙ୍କ ପରିବାର ଲୋକେ ବାହାରି ମଦ୍ୟପ ସୌକିକୁ ଘର ଭିତରକୁ ନେଇ ଛେଳି ଗୁହାଳ ଭିତରେ ତାଙ୍କୁ ଦଉଡିରେ ବାନ୍ଧି ଦେଇଥିଲେ। ସେଠାରେ ନିସ୍ଠୁର ମାଡ ମାରି ହତ୍ୟା କରିଥିଲେ। ସକାଳେ ଖବରପାଇ ଲେଫ୍ରିପଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୌକିଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଏକ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ଏହି ଘଟଣାରେ ଗୁରୁତର ଆହତ ହୋଇଥିବା କିରଣ ବାଦୀଙ୍କ ବାପା ଦୁତିଆ ବାଦୀଙ୍କୁ ଥାନାରେ ଅଟକ ରଖିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର୍ ଅଛନ୍ତି। ଅଟକ ଥିବା ଦୁତିଆ ବାଦୀ ପୋଲିସ ଆଗରେ ଦେଇଥିବା ବୟାନ ଅନୁସାରେ ତାଙ୍କ ପୁଅ କିରଣଙ୍କୁ ମୃତ ସୌକି ପ୍ରଥମେ ଏକ ଟାଙ୍ଗିଆରେ ଗୋଡାଇ ଆକ୍ରମଣ କରୁଥିଲେ। ପୁଅର ଚିତ୍କାର ଶୁଣି ବାହାରକୁ ବାହାରି ସୌକିଙ୍କୁ କାବୁ କରି ରଶିରେ ବାନ୍ଧି ଘର ଭିତରେ ନେଇ ରଖିଥିଲେ ବୋଲି କହିଛନ୍ତି। ଲେଫ୍ରିପଡା ଓ ହେମଗିରି ଥାନା ଆଇଆଇସିଙ୍କ ସମେତ ସୁନ୍ଦରଗଡ ସଦର ଏସଡିପିଓ ବଳଭଦ୍ର ଦୀପ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ହତ୍ୟା

**ଜୟପାଟଣା,୩୦।୬(ଡି.ଏନ.ଏ.)**

- ଅଭିଯୁକ୍ତ ସ୍ୱାମୀ ଭୟରେ ଗଛରେ ଚଢ଼ିଗଲେ
- ଉଦ୍ଧାର କଲା ଅଗ୍ନିଶମ ବିଭାଗ

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ କୁହୁରୀଗୁମା ଗ୍ରାମରେ ରବିବାର ସକାଳେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବେଲ ମାଝି (୪୦)। ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ ଅଗସ୍ତି ମାଝି (୪୨) ଫେରାର ହେବାକୁ ଉଦ୍ୟମ କରିଥିଲେ। ଗାଁର କେତେକ ଲୋକ ତାଙ୍କୁ ଧରିବା ପାଇଁ ପିଛା କରିଥିଲେ। ହେଲେ ଭୟରେ ସେ ଏକ ଗଛ ଉପରେ ଚଢି ଯାଇଥିଲେ। ସ୍ଥାନୀୟ ପୋଲିସ ତାଙ୍କୁ କାବୁ କରିବାକୁ ନାକେଦମ ହୋଇଥିଲା। ପରେ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଆସି ଗଛରୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ଅଗସ୍ତିଙ୍କଠାରୁ ଟାଙ୍ଗିଆ ଜବତ କରିଛି। ଏ ନେଇ ଜୟପାଟଣା ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ. ୧୭୧/୧୯) ରୁଜୁ ହୋଇଛି।


ଗିରଫ ଅଭିଯୁକ୍ତ।

ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି।

ଜୟପାଟଣା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ କୁହୁରୀଗୁମା ଗ୍ରାମର ବେଲ ମାଝିଙ୍କୁ ଧନଶୁଲି ଗ୍ରାମର ଅଗସ୍ତି ପ୍ରାୟ ୧୪ ବର୍ଷ ତଳେ ବିବାହ କରିଥିଲେ। ତେବେ ଗତ ୨ ବର୍ଷ ହେବ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମନୋମାଳିନ୍ୟ ରହୁଥିଲା। ଏଥିପାଇଁ ବେଲ ତାଙ୍କ ବାପ ଘରେ ରହୁଥିଲେ। ରବିବାର ସକାଳ ପ୍ରାୟ ସାଢେ ୮ଟାରେ ଅଗସ୍ତି ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଗସ୍ତି ରାଗିଯାଇ ସ୍ତ୍ରୀଙ୍କୁ ଏକ ଟାଙ୍ଗିଆରେ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଅଗସ୍ତି ଟାଙ୍ଗିଆ ଧରି ଫେରାର ହେବାକୁ ଉଦ୍ୟମ କରୁଥିବେଳେ ଜୟପାଟଣା ପୋଲିସ ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ ଧରିଥିଲା। ଥାନାକୁ ଆଣି ପଚରାଉଚରା ବେଳେ ସ୍ତ୍ରୀଙ୍କ ଚରିତ୍ରରେ ସନ୍ଦେହ କରି ତାଙ୍କୁ ହତ୍ୟା କରିଥିବା ସେ ସ୍ୱୀକାର କରିଥିବା ପୋଲିସ କହିଛି। ଅପରାହ୍ନରେ ଜୟପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରାସ୍ତା କାମରେ ନିୟୋଜିତ ଗାଡି ପୋଡିଲେ ମାଓବାଦୀ

**ମାଲକାନଗିରି,୩୦।୬ (ଡି.ଏନ.ଏ.):** ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲାରେ ମାଓବାଦୀମାନେ ରାସ୍ତାକାମକୁ ବିରୋଧ କରିଛନ୍ତି। ଜିଲାର ଏରାବୋରା ଥାନା ନିକଟସ୍ଥ ଲେଣ୍ଡରାଠାରେ ଯବାନଙ୍କ ସୁରକ୍ଷାରେ ରାସ୍ତା ନିର୍ମାଣ ଚାଲୁଥିଲା। ରବିବାର ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ସେଠାରେ ପହଞ୍ଚି ଯବାନଙ୍କ ଅନୁପସ୍ଥିତିରେ ନିର୍ମାଣ କାର୍ଯ୍ୟରେ ଲାଗିଥିବା ଟ୍ରାକ୍ଟର, ରୋଡ ରୋଲର ଓ ଗୋଟିଏ ମିକଶ୍ଚର ମେଶିନକୁ ପୋଡି ଦେଇଥିଲେ।

# ପେଟ୍ରୋଲ ପମ୍ପରୁ ଆଶ୍ରମ ସ୍କୁଲ ଛାତ୍ରୀ ଉଦ୍ଧାର

**ସମ୍ବଲପୁର,୩୦।୬(ବ୍ୟୁରୋ)**

- କେୟାର୍‌ଟେକରଙ୍କ ଭୂମିକା ନେଇ ସନ୍ଦେହ
- ବାଇକ୍‌ରେ ଛାଡ଼ି ପଳାଇଥିଲେ

ରାଜ୍ୟରେ ସେବାଶ୍ରମ ଓ ଆଦିବସୀ ସ୍କୁଲଗୁଡ଼ିକରେ ଛାତ୍ରୀମାନେ ଅସୁରକ୍ଷିତ ଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଛି। ସେମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ସହ ବଳାତ୍କାର ଭଳି ସଙ୍ଗିନ ଅଭିଯୋଗ ପୂର୍ବରୁ ହୋଇଛି। ଏହିପରି ଆଉ ଏକ ଘଟଣା ସାମ୍ନାକୁ ଆସିଛି ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ତଥା ଶାସନ ଥାନା ଅନ୍ତର୍ଗତ ଖୁଲିଆ ସେବାଶ୍ରମ ସ୍କୁଲରେ। ଏହି ସ୍କୁଲର ଜଣେ ଷଷ୍ଠଶ୍ରେଣୀ ଛାତ୍ରୀଙ୍କୁ ଶନିବାର ଭୋର୍ ସମୟରେ ପୋଲିସ ଏହି ଥାନା ଅନ୍ତର୍ଗତ ପରମାଣପୁର ପେଟ୍ରୋଲ ପମ୍ପରୁ ଉଦ୍ଧାର କରିଥିଲା। ଛାତ୍ରୀ ଜଣକ କାନ୍ଦି କାନ୍ଦି ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ସହାୟତା ମାଗିଥିଲେ। ପେଟ୍ରୋଲପମ୍ପ କର୍ମଚାରୀଙ୍କଠାରୁ ଖବର ପାଇ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରି ସ୍ଥାନୀୟ ଅଞ୍ଚଳରେ ରହୁଥିବା ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ତେବେ ଛାତ୍ରୀଙ୍କ ବାପା ଶନିବାର ସେବାଶ୍ରମର କେୟାରଟେକରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହଷ୍ଟେଲର ମହିଳା କେୟାରଟେକର ରାତିରେ ତାଙ୍କ ଝିଅକୁ ନେଇ ହଷ୍ଟେଲଠାରୁ ୬ କିଲୋମିଟର ଦୂର ପେଟ୍ରୋଲ ପମ୍ପ ନିକଟରେ ଛାଡ଼ି ଦେଇଥିଲେ। ଏଥିରେ କେୟାରଟେକରଙ୍କୁ ଜଣେ ଯୁବକ ସହଯୋଗ କରିଥିଲେ। ଉଭୟ ମିଶି ଛାତ୍ରୀଙ୍କୁ ବାଇକ୍ ଯୋଗେ ନେଇ ପେଟ୍ରୋଲ ପମ୍ପରେ ଛାଡ଼ି ପଳାଇ ଯାଇଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ଛାତ୍ରୀଙ୍କ ବୟାନ ରେକର୍ଡ କରିଛି। ଛାତ୍ରୀ ଜଣକ ମଧ ଅନୁରୂପ ବୟାନ ଦେଇଛନ୍ତି। ହେଲେ ରବିବାର କୋର୍ଟ ବନ୍ଦ ଥିବାରୁ ମାଜିଷ୍ଟ୍ରେଟଙ୍କ ନିକଟରେ ୧୬୪ ବୟାନ ରେକର୍ଡ ହୋଇପାରିନାହିଁ। ଅନ୍ୟପଟେ ଆଶ୍ରମ ସ୍କୁଲକୁ ଯାଇ ପୋଲିସ ତଦନ୍ତ କରିଛି। ଛାତ୍ରୀଙ୍କ ସହପାଠିନୀ, କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପୋଲିସ ପଚରାଉଚୁରା କରିଛି। ଶୁକ୍ରବାର ରାତି ୧୦ଟା ପର୍ଯ୍ୟନ୍ତ ଛାତ୍ରୀ ଜଣକ ହଷ୍ଟେଲରେ ଥିଲେ ବୋଲି ପଚରାଉଚୁରାରୁ ପୋଲିସ ଜାଣିବାକୁ ପାଇଛି। ଅନ୍ୟପଟେ ଘଟଣାକୁ ଚପାଇ ଦେବା ପାଇଁ ବିଭିନ୍ନ ମହଲରୁ ଚାପ ପଡୁଥିବା ଜଣାପଡ଼ିଛି। ଆପୋସ ବୁଝାମଣା ପାଇଁ ଛାତ୍ରୀଙ୍କ ପରିବାରକୁ ପ୍ରଲୋଭିତ ଓ ଭୟଭୀତ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ପଚାରିବାରୁ କହିଲେ, ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି। ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ଆରୋରା କହିଥିଲେ। ରାତି ଅଧରେ ଜଣେ ଛାତ୍ରୀ ଆଶ୍ରମ ପରିସରରୁ ବାହାରକୁ ଯିବା ଘଟଣାକୁ ନେଇ ସେବାଶ୍ରମ ସ୍କୁଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।

-ବୁକର ଟି. ୱାଶିଂଟନ



# ନୂଆ ଘରୋଇ ବସ୍‌ଷ୍ଟାଣ୍ଡ ଛେଳି ଗୁହାଳ



ବସଷ୍ଟାଣ୍ଡରେ ଛେଳି ବନ୍ଧା ଯାଇଛି ।

- ଗୋଟିଏ ବି ବସ୍ ଏଠାକୁ ଆସିନି
- ସବୁ ଦୋକାନ ଗୃହ ଆବଣ୍ଟନ ହୋଇନି
- ପାଣିରେ ପଡ଼ିଲା ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୩୦।୬**

ବରଗଡ଼ ସହରର ନୂଆ ଘରୋଇ ବସଷ୍ଟାଣ୍ଡ ଉଦଘାଟନକୁ ୭ ମାସ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ ସେହି ବସଷ୍ଟାଣ୍ଡ ପରିସରରେ ବସ୍‌ର ଚକ ବି ଗଡ଼ିନାହିଁ। ଅନ୍ୟପଟେ ବସଷ୍ଟାଣ୍ଡଟି ଏବେ ଛେଳି ଗୁହାଳ ପାଲଟିଛି। କେବଳ ସେତିକି ନୁହେଁ, ପାଖକୁ କଂସେଇଖାନାରେ ଛେଳି ହଣାଯାଉଥିବା ଯୋଗୁ ବସଷ୍ଟାଣ୍ଡର ଗୋଟିଏ କୋଣରେ ରକ୍ତଛିଟା ଜମି ରହୁଛି । କଥା ଏତିକିରେ ସରିନାହିଁ, ବସଷ୍ଟାଣ୍ଡର ଚାରି ପାର୍ଶ୍ୱରେ ମଦ ବୋତଲ ପଡ଼ି ରହିଥିବା ପରିଲକ୍ଷିତ ହୋଇଛି । ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ବସ୍‌ଷ୍ଟାଣ୍ଡ ହୋଇଥିଲା, ତାହା ଆରମ୍ଭରୁ ଲକ୍ଷ୍ୟଚ୍ୟୁତ ହୋଇ ପଡ଼ିରହିଛି।

ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ବରଗଡ଼-ଭେଡ଼େନ ରାସ୍ତାର କେନାଲ ଛକ ପାର୍ଶ୍ୱରେ ନୂଆ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ବସଷ୍ଟାଣ୍ଡର ତିନି ପାର୍ଶ୍ୱରେ ୨ ମହଲା ଦୋକାନ ଗୃହ ରହିଛି । ଏହାର ଉତ୍ତର ପଟେ ଉଭୟ ତଳ ଓ ଉପର ମହଲାରେ ୨୮ଟି, ପୂର୍ବ ପଟେ ୧୮ଟି ଏବଂ ଦକ୍ଷିଣ ପଟେ ୨୩ଟି ଲେଖାଏଁ ଦୋକାନ ଗୃହ ରହିଛି । ପଶ୍ଚିମ ପଟ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ହୋଇଛି । ସମୁଦାୟ ୧୩୮ଟି ଦୋକାନ ଗୃହ ଥିବାବେଳେ ଏପର୍ଯ୍ୟନ୍ତ କାଁ ଭାଁ ଗୋଟିଏ ଦୁଇଟିକୁ ଛାଡ଼ି ଦେଲେ ବାକି ସବୁ ବନ୍ଦ ରହିଛି । ଏହି ବସଷ୍ଟାଣ୍ଡକୁ ଗୋଟିଏ ବସ୍ ଆସି ନ ଥିବାବେଳେ ଦୋକାନ ଗୁଡ଼ିକ ମଧ୍ୟ ଖୋଲି ନାହିଁ । ଫଳରେ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଛି ।

ଉଦଘାଟନ ହେବା ପୂର୍ବରୁ ନୂଆ ବସଷ୍ଟାଣ୍ଡକୁ ନେଇ ବିବାଦ ଉପୁଜିଥିଲା। ବସଷ୍ଟାଣ୍ଡ ନିର୍ମାଣ ଶୈଳୀରେ ଘରୋଇ ବସ୍ ମାଲିକ ସଂଘମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଯେଉଁ ଢ଼ଙ୍ଗରେ ବସଷ୍ଟାଣ୍ଡଟି ନିର୍ମାଣ ହୋଇଛି, ତାହା ବସ୍ ରଖିବା ପାଇଁ ଉପଯୋଗୀ ହୋଇପାରିବ ନାହିଁ ବୋଲି ସଂଘ ଅଭିଯୋଗ କରିଥିଲା। ଅନ୍ୟପଟେ ପାଖରେ ଥିବା ପୁରୁଣା ଘରୋଇ ବସଷ୍ଟାଣ୍ଡ ନୂଆ ବସଷ୍ଟାଣ୍ଡଠାରୁ ଯଥେଷ୍ଟ ଭଲ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା । ଏଭଳି ବାଦ ବିବାଦ ଦେଖାଯିବା ସତ୍ତ୍ୱେ ଗତବର୍ଷ ନଭେମ୍ବର ୨୫ତାରିଖରେ ବସଷ୍ଟାଣ୍ଡ ଉଦଘାଟିତ ହୋଇଥିଲା। ମାତ୍ର ଉଦଘାଟନ ଦିବସରୁ ଏପର୍ଯ୍ୟନ୍ତ ସେହି ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ତ ଦୂରର କଥା, ବସର ଚକ ମଧ୍ୟ ଏଯାଏ ସେଠାରେ ନ ଗଡ଼ିବା ଏବଂ ବସଷ୍ଟାଣ୍ଡ ପରିସର ଛେଳି ଗୁହାଳ, ମଦ୍ୟପଙ୍କ ଆଡ୍ଡା ପାଲଟିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

## ସେମାନେ ଯାହା କୁହନ୍ତି...



"ନୂଆ ବସଷ୍ଟାଣ୍ଡରେ ବସ୍ ରଖିବା କିମ୍ବା ଯାତ୍ରୀଙ୍କ ସୁବିଧା ପରିବର୍ତ୍ତେ ବ୍ୟବସାୟିକ ଦିଗକୁ ଗୁରୁତ୍ୱ ଦିଆଯାଇଛି । ନାଁଟି କେବଳ ବସଷ୍ଟାଣ୍ଡ, ମାତ୍ର ଏଠାରେ ଯେତିକି ଘରୋଇ ବସ୍ ରହିଛି, ତାହା ରଖିବା ପାଇଁ ଉପଯୁକ୍ତ ନୁହେଁ । ଫଳରେ ତାକୁ ଘରୋଇ ବସ ମାଲିକ ସଂଘ ବିରୋଧ କରି ଆସିଛି । ଅନ୍ୟପଟେ ସେଠାରେ ସିଟି ବସ୍ ଏବଂ ନାଇଟ୍ କୋଚ୍ ବସ୍ ଗୁଡ଼ିକ ରଖିବା ପାଇଁ ପ୍ରସ୍ତାବ ଦିଆଯାଇଛି । କିନ୍ତୁ ସେଥିପ୍ରତି ପ୍ରଶାସନ ଚୁପ୍ ରହିଛି ।

-**ଇଂ ଦେବବ୍ରତ ମିଶ୍ର**, ଆବାହକ, ଘରୋଇ ବସ ମାଲିକ ସଂଘ



"ବରଗଡ଼-ଭେଡ଼େନ ରାସ୍ତାର ଦୋହରୀକରଣ ଦ୍ୱାରା ପୁରୁଣା ଘରୋଇ ବସଷ୍ଟାଣ୍ଡ ସଙ୍କୁଚିତ ହେବ । ସେଠାକାର ଦୋକାନୀମାନେ ମଧ୍ୟ ପ୍ରଭାବିତ ହେବେ । ଫଳରେ ତାକୁ ଆଖି ଆଗରେ ରଖି ନୂଆ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ନୂଆ ଦୋକାନୀମାନେ ଯେଭଳି ସ୍ଥାୟୀଭାବେ ସେଠାରେ ରହି ନିଜ ବ୍ୟବସାୟ କରିପାରିବେ, ସେଥିପାଇଁ ନୂଆ ବସଷ୍ଟାଣ୍ଡରେ ଦୋକାନ ଗୃହ ନିର୍ମାଣ କରାଯାଇଛି। ଏବେ ଜିଲାପାଳ ପୌର ପରିଷଦ ଦାୟିତ୍ୱରେ ଥିବାରୁ ତାହା କିଭଳି କାର୍ଯ୍ୟକ୍ଷମ ହୋଇ ପାରିବ, ସେ ଦିଗରେ ସେ ହିଁ ନିଷ୍ପତ୍ତି ନେବେ ।

-**ପ୍ରଶାନ୍ତ କୁମାର ବେହେରା**, ପୂର୍ବତନ ପୌରାଧ୍ୟକ୍ଷ



"ଯାତ୍ରୀମାନଙ୍କ ସୁବିଧା ପାଇଁ ନୂଆ ଘରୋଇ ବସଷ୍ଟାଣ୍ଡ ନିର୍ମାଣ ହୋଇଛି । ବସଷ୍ଟାଣ୍ଡରେ ଆଗକୁ ଯାତ୍ରୀମାନଙ୍କ ପାଇଁ ଆହୁରି ଅନେକ ବ୍ୟବସ୍ଥା କରିବାର ଲକ୍ଷ୍ୟ ରହିଛି । ବସଷ୍ଟାଣ୍ଡ ପରିସରରେ ବସ ଗୁଡ଼ିକ ଯେଭଳି ଠିକ୍‌ଭାବେ ରହି ପାରିବ, ଯାତାୟାତବେଳେ କିଛି ଅସୁବିଧା ଦେଖା ନ ଯିବ, ତାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଯେତେଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ, ସେ ଦିଗରେ ପଦକ୍ଷେପ ନିଆଯିବ ।

-**ଦେବେଶ ଆଚାର୍ଯ୍ୟ**, ବରଗଡ଼ ବିଧାୟକ

## ସଂକ୍ଷେପରେ

### ମାରୱାଡ଼ି ଯୁବାମଞ୍ଚର ରକ୍ତଦାନ ଶିବିର

ସୋହେଲା,୩୦।୬(ଡି.ଏନ.ଏ)

ସୋହେଲା ମାରୱାଡ଼ି ଯୁବାମଞ୍ଚ ତରଫରୁ ରବିବାର ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫ ମହିଳାଙ୍କ ସମେତ ମୋଟ ୨୪ଜଣ ରକ୍ତଦାନ କରିଥିଲେ । ବରଗଡ ରକ୍ତଭଣ୍ଡାରର ଅମରଜିତ ମହାନ୍ତି, ରେବତୀକାନ୍ତ ସାହୁ, ରଞ୍ଜନ ସାହୁ, ମହେନ୍ଦ୍ର ମେହେର, ସୁରେଶ ମହାପାତ୍ର ରକ୍ତ ସଂଗ୍ରହ କରିଥିଲେ । ଶିବିରକୁ ଯୁବାମଞ୍ଚ ସଭାପତି ଦୀପକ ଅଗ୍ରୱାଲ, ସମ୍ପାଦକ ପଙ୍କଜ ଅଗ୍ରୱାଲ, ରକ୍ତଦାନ ସଂଯୋଜକ ଅମିତ ଅଗ୍ରୱାଲ, ସୁମିତ ଅଗ୍ରୱାଲ, ଚନ୍ଦ୍ର କୁମାର ଅଗ୍ରୱାଲଙ୍କ ସମେତ ଯୁବାମଞ୍ଚର ସଦସ୍ୟମାନେ ସହଯୋଗ କରିଥିଲେ ।

### ରଥଯାତ୍ରା ପାଇଁ ମିଳିତ ବୈଠକ

ପାଇକମାଳ, ୩୦।୬ (ଡି.ଏନ.ଏ)

ରଥଯାତ୍ରା ପାଇଁ ବରଗଡ ଜିଲା ପାଇକମାଳ ମାଉସୀ ମାଁ ମନ୍ଦିରଠାରେ ଏକ ମିଳିତ ପ୍ରସ୍ତୁତି ବୈଠକ ବ୍ରାହ୍ମଣ ସମାଜ ସଭାପତିଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର କର୍ମକର୍ତ୍ତା, ବ୍ରାହ୍ମଣ ସମାଜର ସଭ୍ୟଓ ମାଉସୀ ମାଁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ଯୋଗଦାନ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ନୃସିଂହନାଥ ମନ୍ଦିରରୁ ତିନି ଠାକୁରଙ୍କୁ ପାଇକମାଳ ମାଉସୀ ମାଁ ମନ୍ଦିର ଯାଏ ୪ କିମି ରଥରେ ବସାଇ ଟଣାଯିବାର ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ମାଉସୀ ମାଁ ମନ୍ଦିରରେ ୮ ଦିନ ଠାକୁର ମାନଙ୍କୁ ପୂଜା ପାଠ ରୀତିନୀତି ଅନୁସାରେ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଶଙ୍କର ଦାସ, ଅମୃତ ପଣ୍ଡା, ଉମା ପୁରୋହିତ, ନନ୍ଦ କିଶୋର ଶ୍ରୀବାସ୍ତବ, ଶରତ ବଡପଣ୍ଡା ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଦେଇଥିଲେ।

### ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ

ବୌଦ୍ଧ, ୩୦।୬(ସ୍ୱ.ପ୍ର)

ବୌଦ୍ଧ ଜିଲା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ସଭାପତି ଆଦିତେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରିବା ସହିତ ଜିଲାର ବିକାଶ ଲାଗି ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ସର୍ବ ପୁରାତନ ସଂଘ ତାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବରିଷ୍ଠ ସଦସ୍ୟା ପ୍ରଣତୀ ପଣ୍ଡାଙ୍କୁ ସ୍ମରଣିକା କମିଟିର ସଂଯୋଜିକା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେହିପରି ଏକ ଦୁର୍ଘଟଣାରେ ଗୁରୁତର ଆହତ ବରିଷ୍ଠ ସଦସ୍ୟ ଭାର୍ଜନ କୁମାର ପ୍ରଧାନଙ୍କୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହଯୋଗ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଉପ ସଭାପତି ରବିନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ପଦ୍ମପୁର, ୩୦।୬ (ଡି.ଏନ.ଏ)**

ପଦ୍ମପୁର ବରିକେଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀ ସିଆରସିସି ରାଜେନ୍ଦ୍ର କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦଶରଥ ବଡଗୁଛିଆ, ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ଚୌହାନ, ରମେଶ ମେହେର ପ୍ରମୁଖ ମଞ୍ଚାସୀନ ଅତିଥି ବିଘ୍ନରାଜ ଗଣେଷ ଓ ମା ସରସ୍ୱତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଦୀପ ପ୍ରଜ୍ଜଳନ କରିଥିଲେ । ସଭା ପ୍ରାରମ୍ଭରେ ପ୍ରଧାନଶିକ୍ଷକ ଶିକ୍ଷକ, ଅଭିଭାବକ ସମ୍ମିଳନୀ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ରମେଶ ମେହେର, ସ୍କୁଲ ପରିଚାଳନା କମିଟି ଅଧକ୍ଷ ଘାସିରାମ ସେଠ ନିଜ ମତ ରଖିଥିଲେ। ସିଆରସିସି ରାଜେନ୍ଦ୍ର କୁମାର ମହାନ୍ତି ଉଜ୍ଜ୍ୱଳ ଉପରେ ଭାଷଣ ପ୍ରଦାନ କରିଥିଲେ ।

### ଟ୍ରାଫିକ ସଂଯୋଜକ ସମ୍ମାନିତ

**ଜାମଟିକ୍ରା, ୩୦।୬ (ଡି.ଏନ.ଏ)**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ତରଫରୁ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କୁ ରବିବାର ମାନପତ୍ର ଦେଇ ରେଙ୍ଗାଲି ଥାନା ଅଧିକାରୀ ଦାନିଏଲ କେରକେଟା ସମ୍ମାନିତ କରିଛନ୍ତି । ପ୍ରକାଶ ଥାଉକି, ଭୋସାଗର ରାଜ୍ୟକୁ ଦୁର୍ଘଟଣାରୁ ମୁକ୍ତ ରଖିବା ପାଇଁ ପଶ୍ଚିମ ଓଡିଶା ଅଧୀନ ୫ଟି ଜିଲାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି । ଏପ୍ରିଲ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ରେଙ୍ଗାଲି ଥାନା ଅଞ୍ଚଳରେ ଟ୍ରାଫିକ ସଚେତନତା ଶିବିର କରି ସଚେତନ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି ।

# ପ୍ରୋତ୍ସାହନ ମିଳୁନି, ସଙ୍କଟରେ ଖପର କାରିଗର

**ଜାମଟିକ୍ରା, ୩୦।୬ (ଡି.ଏନ.ଏ)**

ପଶ୍ଚିମ ଓଡିଶାରେ ଖପର ଘର ସଂଖ୍ୟା ଅଧିକ । ଏଥିପାଇଁ ଲୋକମାନେ ବର୍ଷା ଋତୁ ଆସିବା ପୂର୍ବରୁ ଖପର କିଣି ଛାତ ସଜାଡନ୍ତି । ଏହାକୁ ଦୃଷ୍ଟିରେ ରଖି କୁମ୍ଭାର ସମ୍ପ୍ରଦାୟର ଲୋକମାନେ ଖପର ତିଆରି କରୁଥିବାରୁ ତାକୁ କିଣିବା ପାଇଁ କାରିଗରଙ୍କ ପାଖରେ ଲୋକଙ୍କ ଭିଡ ଜମୁଛି । ବରଗଡ ଜିଲା ଅତାବିରା ବ୍ଲକ ଲଚିଦା ପଞ୍ଚାୟତର କତାବଗା ଗ୍ରାମରେ ଏହା ଦେଖିବାକୁ ମିଳିଛି । ଏଠାରେ କୁମ୍ଭାର ସମ୍ପ୍ରଦାୟର କାରିଗର ନିକଟରେ ଥିବା ଜମରୁ ମାଟି ଆଣି ଖପର ତିଆରି କରୁଛନ୍ତି। ଆଶାନୁରୂପ ଲାଭ ନ ଥିଲେ ମଧ୍ୟ କୌଳିକ ବୃତ୍ତିକୁ ଆଦରି ନେଇଛନ୍ତି ଏହି ଗାଁର ପ୍ରାୟ ୧୦ଟି ପରିବାର ।



କତାବଗା ଅଞ୍ଚଳରେ ତିଆରି କରାଯାଇଥିବା ଖପର ।

ସାଧାରଣତଃ ୧୨-୧୪ ଓ ୧୬ ଇଞ୍ଚ ମାପର ଖପର ପ୍ରସ୍ତୁତ କରାଯାଇଥାଏ । ଏକ ହଜାର ଖପର ପ୍ରସ୍ତୁତି ପାଇଁ ମାଟି ସଂଗ୍ରହରୁ ବିକ୍ରି ପର୍ଯ୍ୟନ୍ତ ୧୦ ଦିନ ଲାଗିଥାଏ। ଏକ ହଜାର ଖପର ଦୁଇ ହଜାର ଟଙ୍କାରେ ବିକ୍ରି ହେଉଛି । ଏଥିପାଇଁ ୨ଜଣଙ୍କ ଶ୍ରମଦାନର ଆବଶ୍ୟକତା ପଡେ । ମାଟି ସଂଗ୍ରହ, ମାଟିକୁ ପାଣିରେ ବତୁରାଇବା, ଖପର ପୋଡିବା ପାଇଁ ଆବଶ୍ୟକ ଜାଳେଣି ସଂଗ୍ରହ, ଗଢ଼ିବା ପରେ କଞ୍ଚା ମାଟିର ଖପରକୁ ଖରାରେ ଶୁଖାଇବା ପାଇଁ ଚାରିଦିନ ଲାଗିଥାଏ । ଏହାପରେ ତଳେ ଝାଟି, କାଠି ବିଛାଇ ତା ଉପରେ ଖପରକୁ ରଖି ପାଳ ଘୋଡାଯାଏ। ଏହାକୁ ପୋଡିବା ପରେ ବିକ୍ରି ଯୋଗ୍ୟ ଖପର ପ୍ରସ୍ତୁତ ହୋଇଥାଏ । ଶେଷରେ ଏହାକୁ ସମତୁଲ କରାଯାଇ ଥାକ ଥାକ କରି ରଖି ବିକ୍ରି ସକାଶେ ସଜାଇ ଦିଆଯାଇଥାଏ । ଖପର ନିର୍ମାଣ ପାଇଁ କାଠ ତିଆରି ଏକ ଚକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଚକର ମଝି ଅଂଶରେ ବତୁରା ମାଟିର ଠେଲାକୁ ରଖି ଚକ୍ରାକାରରେ ଘୂରାଯାଏ ଓ ଖପର ନିର୍ମାଣ କରାଯାଇଥାଏ। କୁମ୍ଭାର ପରିବାରର ସଦସ୍ୟମାନେ ଏଥିପାଇଁ ବହୁ କଷ୍ଟ କରିଥାନ୍ତି । ଏଥିରୁ ଦୈନିକ ମୁଣ୍ଡ ପିଛା ୯୦ରୁ ୧୦୦ ଟଙ୍କା ମାତ୍ର ରୋଜଗାର ହୋଇଥାଏ । ଏତେ କମ୍ ରୋଜଗାରରେ ପରିବାର ଚଳାଇବା କଷ୍ଟସାଧ ବୋଲି କତାବଗାର ମନୋଜ ରଣା କହନ୍ତି । ଏବେ ସମସ୍ତେ ପକ୍କାଘର ନିର୍ମାଣ କରୁଛନ୍ତି । ଆଉ ଖପର ଘରକୁ ପସନ୍ଦ କରୁନାହାନ୍ତି । ଫଳରେ ଆମ ବେପାର ଟିକେ ମାନ୍ଦା ପଡିଛି ବୋଲି କୁଲୁଣ୍ଡା ଗ୍ରାମର ଖପର କାରିଗର ଚକାମନ ରଣା କହନ୍ତି । ସରକାରୀ ସ୍ତରରେ ଖପର କାରିଗରଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଲେ ଏହି କୌଳିକ ବୃତ୍ତି ଆଗକୁ ବଢ଼ିପାରନ୍ତା ବୋଲି ପ୍ରଦୀପ ରଣା କୁହନ୍ତି । ସରକାରଙ୍କ ତରଫରୁ ଋଣ ପ୍ରଦାନ ବ୍ୟବସ୍ଥା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯିବା ସହ ଆବଶ୍ୟକ ବୈଷୟିକ ତାଲିମ ପ୍ରଦାନ କରାଯାଇପାରିଲେ କୁମ୍ଭାର ସମ୍ପ୍ରଦାୟର ଆର୍ଥିକ ପ୍ରଗତି ହୋଇ ପାରନ୍ତା ବୋଲି ସାମାଜିକ କର୍ମୀ ତଥା ବୁଦ୍ଧିଜୀବୀ ସୀତାରାମ ବନଛୁର ମତ ଦେଇଛନ୍ତି ।

# ମାନବିକତା ଦେଖାଇଲେ ଆମ୍ବୁଲାନ୍ସ କର୍ମଚାରୀ

**ବରଗଡ଼ ଅଫିସ୍,୩୦।୬**

ବରଗଡ଼ ଜିଲାର ଉପାନ୍ତ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ସାନ ଜାମପାଲି ଗ୍ରାମର ଜଣେ ଗୁରୁତର ଆହତ ଭୋଲା ଦୀପଙ୍କୁ ଷ୍ଟ୍ରେଚରରେ ୩ କି.ମି ଦୂର ବୋହି ୧୦୮ ଆମ୍ବୁଲାନ୍ସର ୩ କର୍ମଚାରୀ ଅନ୍ୟମାନଙ୍କ ଦୃଷ୍ଟାନ୍ତ ସାଜିଛନ୍ତି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମାନବିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

ପ୍ରକାଶ ଯେ, ଆହତ ଭୋଲା ଜାମୁକୋଳି ବିକ୍ରି କରି ନିଜ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି । ସେଥିପାଇଁ ସେ ରବିବାର ସନ୍ଧ୍ୟାରେ ଜାମୁକୋଳି ସଂଗ୍ରହ କରିବାକୁ ଯାଇଥିଲେ । ଜାମୁ ଗଛ ଉପରକୁ ଚଢ଼ିଥିବାବେଳେ ସେ ଗଛ ଉପରୁ ପଡ଼ି ଗୁରୁତର ଆହତ ହୋଇଥିଲେ । ତାଙ୍କ ଅଣ୍ଟା, ଗୋଡ଼, ମେରୁଦଣ୍ଡରେ ଆଘାତ ଲାଗିଥିବା ଯୋଗୁ ସେ ଘଟଣାସ୍ଥଳରୁ ଆଉ ଉଠି ପାରି ନ ଥିଲେ । ଫଳରେ ତାଙ୍କୁ ଡାକ୍ତରଖାନା ପହଞ୍ଚାଇବା ପାଇଁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଫୋନ କରିଥିଲେ । ଫୋନକଲ୍ ପାଇ ୧୦୮ ଆମ୍ବୁଲାନ୍ସ (ନଂ.ଓଡ଼ି୦୨ଏନ/୭୫୭୦) ଧରି ପାଇଲଟ୍ ସରୋଜ ପାଇକ, ଆଟେଣ୍ଡାଣ୍ଟ ରିଲୁ ପଶାୟତ ଏବଂ ଫର୍ମାସିଷ୍ଟ ଅରୁଣ ଛତ୍ରିଆ ଘଟଣାସ୍ଥଳକୁ ପହଞ୍ଚିଥିଲେ । ଆମ୍ବୁଲାନ୍ସ ଯେତେଦୂର ପହଞ୍ଚିଥିଲା, ସେଠାରୁ ଆହୁରି ୩କିମି ଦୂର ଘଟଣାସ୍ଥଳ ହୋଇଥିବା ଯୋଗୁ ଉପରୋକ୍ତ ଆମ୍ବୁଲାନ୍ସ କର୍ମଚାରୀମାନେ ଷ୍ଟ୍ରେଚର ଧରି ସେଠାକୁ ପହଞ୍ଚିଥିଲେ । ଷ୍ଟ୍ରେଚରରେ ବୋହି ସେମାନେ ଆହତ ଭୋଲାଙ୍କୁ ଆମ୍ବୁଲାନ୍ସକୁ ଆଣି ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚାଇଥିଲେ ।



ଆମ୍ବୁଲାନ୍ସ କର୍ମଚାରୀ ଆହତଙ୍କୁ ଷ୍ଟ୍ରେଚରରେ ଆଣୁଛନ୍ତି ।

# ମଦ ବିରୋଧରେ ବାହାରିଲେ ମହିଳା

**ବରଗଡ଼ ଅଫିସ୍,୩୦।୬**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ମହିଳାମାନେ ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି । ରବିବାର ଗ୍ରାମର ସମସ୍ତ ମହିଳା ସଙ୍ଗଠିତ ହୋଇ ଏକ ଶୋଭାଯାତ୍ରାରେ ବାହାରିଥିଲେ । ଗ୍ରାମର ଗଳିକନ୍ଦି ବୁଲି ମଦ ବିରୋଧରେ ସେମାନେ ସଚେତନତା ସୃଷ୍ଟି କରିଥିଲେ । ସେହିପରି ଗ୍ରାମରେ ରହିଥିବା ମଦଭାଟିକୁ ଯାଇ ମଦ କାରବାର ବନ୍ଦ କରିବାକୁ ତାଗିଦ୍ କରିଥିଲେ । ମଦ୍ୟପାନ ଯୋଗୁ ଯୁବପୀଢ଼ି ପଥଭ୍ରଷ୍ଟ ହେଉଥିବା ବେଳେ ମଦଜନିତ ଅପରାଧ ମଧ୍ୟ ବଢ଼ି ଚାଲିଛି । ଏଭଳି ସ୍ଥଳେ ମହିଳାଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ, ୱାର୍ଡ଼ ସଭ୍ୟାସଭ୍ୟ ଏବଂ ସମସ୍ତ ସଚେତନ ନାଗରିକ ସାମିଲ ଥିଲେ ।



ମହିଳାଙ୍କ ମଦ ବିରୋଧୀ ଶୋଭାଯାତ୍ରା ଚାଲିଛି ।

# ବିପଦସଙ୍କୁଳ ତେଲ ନଦୀ ପୋଲ



ତେଲନଦୀ ପୋଲ ଉପରେ ଗୋରୁ ଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ।

**ମନମୁଣ୍ଡା, ୩୦।୬ (ଡି.ଏନ.ଏ)**

ଦ୍ୱୈତ ସହର ମନମୁଣ୍ଡା-ସୋନପୁର ମଝିରେ ଥିବା ତେଲ ନଦୀ ପୋଲ ପଶ୍ଚିମ ଏବଂ ପୂର୍ବଦକ୍ଷିଣ ଓଡିଶାକୁ ସଂଯୋଗ କରୁଥିବାବେଳେ ବର୍ତ୍ତମାନ ତାହା ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଏହି ପୋଲ ୧୯୭୩ ମସିହାରେ ନିର୍ମିତ ହୋଇଥିଲା। ପ୍ରଖର ସ୍ରୋତା ତେଲ ନଦୀର ଏହି ପୋଲର ଉପରିଭାଗ ବହ ସ୍ଥାନରେ ସିମେଣ୍ଟ ଫାଟି ଗଲାଣି ଏବଂ ଅନେକ ଜାଗାରେ ବଡ ବଡ ଖାଲ ହୋଇ ଲୁହାଛଡ ମାନ ବାହାରକୁ ଦିଶିଲାଣି । ଫଳରେ କ୍ଷିପ୍ରଗତିରେ ଯାଉଥିବା ବାଇକ ଆରୋହୀମାନେ ଉକ୍ତ ଖାଲରେ ପଡି ଗୁରୁତର ଆହତ ହେଉଛନ୍ତି । ନଦୀ ବଢ଼ି ସମୟରେ ଜଳସ୍ତର ବୃଦ୍ଧି ପାଇ ପାଣି ଛାତକୁ ଛୁଉଁଛି । ବିଗତ ୩ଟି ବଡ ବନ୍ୟା ବେଳେ ବଢ଼ିପାଣି ପୋଲ ଉପରକୁ ଛିଞ୍ଚା ମାରିଥିଲା । ତେଣୁ ପୋଲ ଛାତ ମରାମତିର ଆବଶ୍ୟକତ ରହିଛି । ସେହିପରି ୪୮ବର୍ଷର ଏହି ପୋଲର ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଏଠାରେ ଦ୍ୱିତୀୟ ପୋଲ ନିର୍ମାଣର ଆବଶ୍ୟକ ଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ତେଲନଦୀରୁ ବାଲି ଉତ୍ତୋଳନ କରି ଶତାଧିକ ଟ୍ରାକ୍ଟର ଦୈନିକ ଯାତାୟତ କରୁଥିବାରୁ ବାଲି ସବୁ ପୋଲର ଉଭୟ ପାର୍ଶ୍ୱରେ ଜମା ହୋଇ ରହୁଛି । ଫଳରେ ପୋଲରୁ ବର୍ଷା ପାଣି ନିଷ୍କାସନ ପାଇଁ ଥିବା ଗାତରେ ବାଲି ଢ଼ାଙ୍କି ହୋଇ ରହୁଥିବାରୁ ପୋଲରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଏତତ୍‌ବ୍ୟତୀତ ପୋଲ ଉପରେ ଗାଈଗୋରୁ ସଦାସର୍ବଦା ଶୋଇ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେଳେ ଗୋବର ଇତସ୍ତତ ହୋଇ ପଡି ରହିଛି । ବର୍ଷା ପାଣି ଜମା ହୋଇ ରହୁଥିବାରୁ ପଥିକ, ବାଇକ ଆରୋହୀ, ସାଇକେଲ ଚାଳକମାନେ ଅସୁବିଧା ଭୋଗୁଛନ୍ତି । ବର୍ଷା ପୂର୍ବରୁ ପୋଲ ଉପରେ ଥିବା ବାଲି, ଗୋବର ସବୁ ସଫା କରିବା ସହ ପୋଲ ମରାମତି କରିବା ପାଇଁ ଜନସାଧାରଣରେ ଦାବି ହୋଇଛି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



**ସଂକ୍ଷେପରେ**

## ହରିହରଯୋର ଉପରେ ସେତୁ ଉଦ୍‌ଘାଟନ କଲେ ମନ୍ତ୍ରୀ

**ଅମରପାଲି, ୩୦।୬(ଡି.ଏନ.ଏ):** ସୋନପୁର- ବୀରମହାରାଜପୁର ଭାୟା ରେଢ଼ାଖୋଲକୁ ସଂଯୋଗ କରୁଥିବା ରାସ୍ତା ଜଟେସିଙ୍ଘାଠାରେ ହରିହରଯୋର ଉପରେ ନବନିର୍ମିତ ସେତୁକୁ ବାଣିଜ୍ୟ ପରିବହନ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟଂମ୍ଭୁନାଥ ଖଣ୍ଡଗିରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ବେହେରା ମୁଖ୍ୟଅତିଥି ଏବଂ ପୂର୍ତ୍ତ ବିଭାଗର ଏକଜ୍ୟୁକେଟିଭ ଇଞ୍ଜିନିୟର ଅସିତ ବଡପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୧୫ କୋଟି ୪୨ ଲକ୍ଷ ୩ ହଜାର ୩୭୧ ଟଙ୍କା ବ୍ୟୟ ଅଟକଳରେ ନାବାର୍ଡ ସହାୟତାରେ ଏହି ସେତୁ ନିର୍ମିତ କରାଯାଇଛି। ୧୫୨. ୧୬ ମିଟର ଲମ୍ବ ବିଶିଷ୍ଟ ଉକ୍ତ ସେତୁ ହେବା ଦ୍ୱାରା ଉକ୍ତ ଅଞ୍ଚଳର ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି । ଉକ୍ତ ରାସ୍ତା ଦେଇ ବଲାଙ୍ଗୀର, ସୋନପୁର, ବିନିକା, ଉଲୁଣ୍ଡା ବୀରମହାରାଜପୁରରୁ ରେଢ଼ାଖୋଲ ଦେଇ ଭୁବନେଶ୍ୱର, କଟକ ଓ ଅନୁଗୋଳକୁ ଯାତାୟାତରେ ବର୍ଷା ଦିନେ ଅସୁବିଧା ହେଉଥିଲା । ମହାନଦୀରେ ବନ୍ୟା ହେଲେ ଉଛୁଳା ପାଣି ଯୋଗୁଁ ହରିହର ଯୋରର ପାଣି ଫୁଲି ଉଠିବା ଫଳରେ ରାସ୍ତାରେ ଯାତାୟାତ ହୋଇ ପାରୁ ନ ଥିଲା । ଏବେ ଉକ୍ତ ସେତୁ ଯୋଗୁଁ ଗମନାଗମନ କ୍ଷେତ୍ରରେ ସୁବିଧା ହୋଇପାରିବ ।

■ ଚାଷ ପାଇଁ ଅନୁକୂଳ ପାଣିପାଗ

# ଖରିଫ ଚାଷ ପାଇଁ ଚାଷୀ ତତ୍ପର

**ଉରୁକ୍ରମ ପାଣ୍ଡିଆ**
**ଉଲୁଣ୍ଡା, ୩୦।୬**

ରୋହିଣୀ ତାତେ, ମୃଗଶିରା ମାତେ, ଆରଦ୍ରା କରେ ଛନ୍ ଛନ୍, ଚାଷୀ ବଇଲା ଚଷାନୀଲୋ ଇ ବଛର କେନନ ରଖମା ଧାନ। ବିଶ୍ୱାସ ଅନୁସାରେ ରୋହିଣୀ ନକ୍ଷତ୍ର (ମେ ୨୨- ଜୁନ ୭) ପ୍ରଚଣ୍ଡ ଖରାରେ ଧରାପୃଷ୍ଠକୁ ତତାଇ ଦିଏ। ସେହିପରି ମୃଗଶିରା(ଜୁନ ୭- ଜୁନ୨୦) କାଳବୈଶାଖୀର ପ୍ରଭାବରେ ଧରାପୃଷ୍ଠ ମାତିଉଠେ। ଠିକ୍ ସେମିତି ମୌସୁମୀ ଆଗମନରେ ଆରଦ୍ରା ନକ୍ଷତ୍ର( ଜୁନ ୨୧-ଜୁଲାଇ ୩) ଝିପିଝିପି ବର୍ଷାରେ ଜମି ଚାଷ ଉପଯୋଗୀ ହୋଇ ବୁଣା ବିହନକୁ ଅଙ୍କୁରୋଦ୍ଗମ କରି ସବୁଜିମା ଆଣିଦିଏ। ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ସୁବର୍ଣ୍ଣପୁର ଜିଲାର ଚାଷୀକୂଳ ମାସ, ବର୍ଷ, ତିଥି ବା ତାରିଖ ଉପରେ ନିର୍ଭର ନକରି ପାରମ୍ପରିକ ନକ୍ଷତ୍ର ଗଣନା ଉପରେ ବିଶ୍ୱାସ ରଖି ଚାଷ କରିଥାନ୍ତି। ଚଳିତ ଖରିଫ ଋତୁରେ ଚାଷ ପାଇଁ ଚାଷୀ ତତ୍ପର ଥିବାବେଳେ ନକ୍ଷତ୍ର ଗଣନାକୁ ନେଇ ଆଗେଇ ନେଉଛି ଚାଷ। ଏହିକ୍ରମରେ ଉଲୁଣ୍ଡା ବ୍ଲକରେ ଚାଷୀ ଆରଦ୍ରା ନକ୍ଷତ୍ରରେ ବତୁରି ପାଗର ସୁଯୋଗ ନେଇ ଧାନ ବୁଣା ଆରମ୍ଭ କରିଛି। ମୌସୁମୀ ଆଇବାରେ ଡେରି ହେଲେ ବି ମଝି ମଝିରେ ହେଉଥିବା କାଳବୈଶାଖୀ ବର୍ଷା ଲାଗି ଠିକ ସମିଆରେ ବତରି ଧାନବୁନା ଜୋରସୋରରେ ଚାଲିଛେ ବୋଲି ଗୌଡଗାଁର ଚାଷୀ ସତ୍ୟନାରାୟଣ ପାଣିଗ୍ରାହୀ କହିଛନ୍ତି। ଉଲୁଣ୍ଡା କୃଷି ବିଭାଗ ତରଫରୁ ମିଳିଥିବା ସୂଚନା ମତେ, ବ୍ଲକରେ ଥିବା ସମଗ୍ର ୨୭୮୯୩ ହେକ୍ଟର ଜମିରୁ ଚଳିତ ଖରିଫ ପାଇଁ ୨୨୬୫୦ ହେକ୍ଟର ଜମିକୁ ଚାଷ ଉପଯୋଗୀ ଭାବେ ନିଆଯାଇଛି। ଏଥିରୁ ଧାନ ଚାଷ ପାଇଁ ୧୬୭୯୦ ହେକ୍ଟର, ମକା ୨୦୦, ଡାଲି ଜାତୀୟ ୩୦୦, ତୈଳବିଜ ୫୨୦, ତନ୍ତୁ ଜାତୀୟ ୬୩୦, ପରିବା ୧୧୫୦, ମସଲା ୨୫୦, ଆଖୁ ୬୦ ଏବଂ ଅନ୍ୟାନ୍ୟ ଫସଲ ୩୬୦ ହେକ୍ଟର ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ତେବେ ଉଲୁଣ୍ଡା ବ୍ଲକର ଚାଷୀ ଧାନକୁ ମୁଖ୍ୟ ଫସଲ ଭାବେ ଗ୍ରହଣ କରୁଥିବା ହେତୁ ବିଭାଗ ପକ୍ଷରୁ ମଧ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ବ୍ଲକ ପାଇଁ କଳିଙ୍ଗ ୧୦୦ କୁଇଣ୍ଟାଲ, ଖଣ୍ଡଗିରି ୪୦୦, ଲଲାଟ ୩୦୦, ସହଭାଗୀ ୩୦୦, ସଦାବି ୪୦୦, ଭୂବନ ୩୦୦, ସିଦ୍ଧାନ୍ତ ୧୦୦, ଜୋଗେଶ ୧୦୦, କାଦମ୍ବିନୀ ୧୦୦, ନବିନ ୧୦୦, ଚନ୍ଦନ ୧୦୦, ଏମଟିୟୁ - ୧୦୧୦ ୮୦୦, ୧୦୦୧ ବିହନ ୧୨୦୦, ପୂଜା ୧୦୦୦, ସ୍ୱର୍ଣ୍ଣ ୧୭୦୦, ଆରଜିଏଲ-୨୫୩୮ ୧୦୦, ସତ୍ୟକ୍ରିଷ୍ଣା ୧୦୦, ପ୍ରତିକ୍ଷା ୧୦୦, ଗିତାଞ୍ଜଳି ୧୦୦, ତପସ୍ୱିନୀ ୧୦୦, ମାନସ୍ୱିନୀ ୧୦୦, ତେଜସ୍ୱିନୀ ୧୦୦, ସୁନିତା ୧୦୦, ଜୟଦେବ ୧୦୦, ରାନି ୧୦୦ କୁଇଣ୍ଟାଲ ଧାନ ବିହନର ଆବଶ୍ୟକତା ଥିବା କୃଷି ବିଭାଗ ପକ୍ଷରୁ ନିର୍ଦ୍ଧାରଣ କରାଯାଇଛି। ସେହିପରି ମୁଗ ଚାଷ ପାଇଁ ପିଡିଏମ ୫୪ ୧୦ କୁଇଣ୍ଟାଲ, ଆପିଏମ୧୪ ୨୦ କୁଇଣ୍ଟାଲ, ବିରିଟିୟ ୫ କୁଇଣ୍ଟାଲ, ଶାରଳା ୫ କୁଇଣ୍ଟାଲ, ଅରହର ୩୦କୁଇଣ୍ଟାଲ, ବାଦାମ ୬୦କୁଇଣ୍ଟାଲ, ଶୋରିଷ ଓ ଧନିଚା ୩୦ କୁଇଣ୍ଟାଲ ଏହିପରି ସମୁଦାୟ ଚାଷ ପାଇଁ ୭୮୬୦ କୁଇଣ୍ଟାଲ ବିହନର ଆବଶ୍ୟକତା ଥିବା ସୂଚିତ କରାଯାଇଛି। ତେବେ ଚାଷୀକୁ ସରଳ ଓ ସହଜ ଉପାୟରେ ବିହନ ଯୋଗାଇଦେବା ପାଇଁ ବ୍ଲକରେ ଥିବା ୧୧ ଗୋଟି ପ୍ୟାକ୍ସ ଓ ୧୨ ଗୋଟି ବେସରକାରୀ ବିହନ ବିକ୍ରି ପାଇଁ ଅନୁମତି ପ୍ରଦାନ କରାଯାଇଥିବା ଜଣାଯାଇଛି।



ଧାନବୁଣା କାମରେ ବ୍ୟସ୍ତ ଚାଷୀ।

**ଆଗେଇ ଚାଲିଛି ଧାନବୁଣା**

ସେମାନଙ୍କ ମଧ୍ୟରୁ ଗଣପତି ସିଡ୍‌ସ ୩୫୦, ପର୍ଡିଆ ସିଡ୍‌ସ ୨୨୪, ପଞ୍ଚଜନ୍ୟା ଗ୍ରୁପ ସିଡ୍‌ସ ୪୯୧, ଜୟ ବଜରଙ୍ଗବଳି ସିଡ୍‌ସ ୧୩୦, ଦାଶରଥ ମହାକୁର ସିଡ୍‌ସ ୨୨୫ ଏବଂ ଗୌରିଶଙ୍କର ପାଣ୍ଡିଆ ସିଡ୍‌ସ ୪୦ କୁଇଣ୍ଟାଲ ଧାନ ବିହନ ଆଣିଛନ୍ତି। ସେହିପରି ମହଦା ପିଏସିଏସ ୧୦୭ କୁଇଣ୍ଟାଲ ବିହନ ଆଣିଥିବା ଜଣାଯାଇଛି। ତେବେ ବ୍ଲକରେ ଥିବା ପଞ୍ଚମହଲା,ନିମ୍ନା, ବିଶିପଡା, ଉଲୁଣ୍ଡା, ଚଡେଇପଙ୍କ, କୋଟସମଲାଇ, ଏସ. ପତ୍ରାପାଲି, ରକ୍ସା, କଳାପଥର ଏବଂ ଜାଲୋଏ ପ୍ରଭୃତି ପିଏସିଏସ ଚଳିତ ବର୍ଷ ଧାନ ବିହନ ବିକ୍ରି ପାଇଁ ଆଣିନାହାନ୍ତି। ଅନ୍ୟପକ୍ଷେ ଏହିସବୁ ପିଏସିଏସ ପ୍ରତି ଜିଲା ପ୍ରଶାସନର ଲଗାମ ନ ଥିବାରୁ ଏହା ଉପରେ ଭରଶା ରଖି ଚାଷ କରୁଥିବା ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ତେଣୁ ଅଞ୍ଚଳର ଚାଷୀ ସରକାରୀ ବିହନ ଉପରେ ଭରସା ନରଖି ପାରମ୍ପରିକ ଦେଶି ବିହନ ବ୍ୟବହାର କରୁଥିବା ଦେଖାଦେଇଛି। ସେହିପରି ଅଣଧାନ ଫସଲର ବିହନ କେଉଁଠୁ ମିଳିବ ସେନେଇ ଅଞ୍ଚଳର ଚାଷୀ ସନ୍ଦିହାନ ଅଛନ୍ତି। ତେବେଏନେଇପଚରାଯିବାରୁଅଣଧାନ ଫସଲ ବିହନ ଚାଷୀ ମାନଙ୍କୁ ଉପଯୁକ୍ତ ସମୟରେ ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ଏଏଓ ରାକେଶ କୁମାର ମାଝୀ ପ୍ରକାଶ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବିନିକା, ୩୦।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବାହ୍ନ ୯ଟାରେ ବିଦ୍ୟାଳୟ ପରିସରରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିନିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶୀଭୂଷଣ ସେଠି ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ହାଇସ୍କୁଲ ପରିଚାଳନା କମିଟିର ସଭାପତି ରବି ନାରାୟଣ ମିଶ୍ର, ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ରାଜାରାମ ପଧାନ, ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ଏହି ସଭାରେ ଅତିଥିମାନେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ଦୀର୍ଘବର୍ଷର ଅନୁଭୂତି ଓ ସ୍କୁଲ ପ୍ରତି ଅବଦାନର ଅବତାରଣ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକଙ୍କ ସମ୍ମାନ ସ୍ୱରୂପ ପ୍ରମୋଦ ପ୍ରବାହ ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାପରେ ଏକ ଶୋଭାଯାତ୍ରାରେ ସେବାନିବୃତ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ପୁରାତନ ଛାତ୍ରୀଛାତ୍ରମାନେ ପଣ୍ଡାଙ୍କୁ ତାଙ୍କ ବିନିକା ଏନ୍‌ଏସି ଅନ୍ତର୍ଗତ ଜବଦାସ୍ଥିତ ବାସଭବନରେ ଛାଡିଥିଲେ। ଶିକ୍ଷକତା ସହ ପଣ୍ଡା ଏକାଧିକ ପୁସ୍ତକ ରଚନା କରିଛନ୍ତି। ସେଗୁଡିକ ମଧ୍ୟରେ ଦଫା ୫୩, ଲାଏବାନିର ନଡିଆ ପିଠା, ଚଢେନ୍ ମାଛର ମୁଡେ ଠେଙ୍ଗା ଆଦି ବେଶ ଜନାଦୃତ ହୋଇଛି। ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ରାଜାରାମ ପଧାନ, ପ୍ରେମରାଜ ପତି, ଭରତ ସାହୁ, ମୁରଲୀ ପଧାନ, ପଦ୍ମନାଭ ମାହାଣା, କୁଞ୍ଜବିହାରୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

■ ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ବୈଠକ

# କାର୍ଯ୍ୟବନ୍ଦ ଆନ୍ଦୋଳନ ଜୁଲାଇ ୨୦ପର୍ଯ୍ୟନ୍ତ ବୃଦ୍ଧି

**ସୋନପୁର,୩୦।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଓକିଲ ସଂଘର ଏକ ଜରୁରୀ ବୈଠକ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସର୍ବେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଓ ଆନ୍ଦୋଳନର ରୂପରେଖ ଉପରେ ବିଶଦ ଆଲୋଚନା ହୋଇଥିଲା। ଏହି ବୈଠକରେ ବୀରମହାରାଜପୁର, ତରଭା, ବିନିକା, ରାମପୁର ଓ ଡୁଙ୍ଗୁରିପାଲି ଓକିଲ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ୩ ଗୋଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଯେଉଁ ସମଭାବାପନ୍ନ ଓକିଲ ସଂଘ ସାମୂହିକ ଦାବି ଉପସ୍ଥାପନ କରି ଆସୁଛନ୍ତି। ସେହି ଓକିଲ ସଂଘଗୁଡିକର ମତ ସହିତ ସୁବର୍ଣ୍ଣପୁର ଜିଲାର ସମସ୍ତ ଓକିଲ ସଂଘ ସହମତ ହୋଇ ଆଗାମୀ ଦିନରେ ଦାବି ଉପସ୍ଥାପନା କରିବେ। ସୁବର୍ଣ୍ଣପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଯଦିଓ ଜିଲାର ସମସ୍ତ ଓକିଲ ସଂଘ ତଥା ଅଞ୍ଚଳବାସୀ ଦାବି କରନ୍ତି, କିନ୍ତୁ ବୃହତ୍ତର ସ୍ୱାର୍ଥ ଓ କେନ୍ଦ୍ରୀୟ ମିଳିତ କ୍ରିୟାନୁଷ୍ଠାନ କମିଟିର ମୂଳଲକ୍ଷ୍ୟକୁ ସମ୍ମାନ ଜଣାଇ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ସମର୍ଥନ ଓ ସ୍ୱାଗତ କରିବ। ଅନ୍ୟପକ୍ଷରେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଚାଲିଥିବା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୈଠକରେ ଜିଲା ଓକିଲ ସଂଘ ସମ୍ପାଦକ ଗଦାଧର ନେଗୀ, ବୀରମହାରାଜପୁର ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁର, ସମ୍ପାଦକ ସନ୍ତୋଷ କୁମାର ଚାନ୍ଦ, ଶଙ୍କର୍ଷଣ ପଣ୍ଡା, ରାମପୁର ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ମେହେର, ଡୁଙ୍ଗୁରିପାଲି ଓକିଲ ସଂଘର ଜୟପ୍ରକାଶ ନନ୍ଦ, ତରଭା ଓକିଲ ସଂଘ ସମ୍ପାଦକ ସଞ୍ଜିବ ସାହୁ, ବିନିକା ଓକିଲ ସଂଘ ସମ୍ପାଦକ ହରିବଂଶ ମେହେର, ଉପସଭାପତି ଯୁଧିଷ୍ଠିର ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘର ବରିଷ୍ଠ ସଭ୍ୟ ଶିବ ପ୍ରସାଦ ସାହୁ, ଗୋପାଳକୃଷ୍ଣ ମିଶ୍ର, ଆଦିକନ୍ଦ ପାଣିଗ୍ରାହୀ, ରାମଶଙ୍କର ମେହେର, ସନ୍ତୋଷ ମେହେର, ପ୍ରମୋଦ କୁମାର ମହାପାତ୍ର, ଉପାନନ୍ଦ ପୁରୋହିତ, ମଧୁସୂଦନ ପ୍ରଧାନ, ଅଟଳବିହାରୀ ମହାପାତ୍ର, ଭଗବତୀ ପ୍ରସାଦ ମିଶ୍ର, ସାନନ୍ଦ ବିହାରୀ ମହାପାତ୍ର, ଚମ୍ପେଶ୍ୱର ଥନାପତି, ରାଜେନ୍ଦ୍ର ଅଗ୍ରୱାଲା, ବିପିନ ବିହାରୀ ବିଦ୍ୟାଧର, ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ବୈଠକରେ ମଞ୍ଚାସୀନ ଓକିଲ ସଂଘର କର୍ମକର୍ତ୍ତା ।

**ପଶ୍ଚିମ ଓଡିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ସମର୍ଥନ**

■ ଝାରକଦଳୀପାଲି ଗାଁରେ ଉତ୍କଟ ଜଳାଭାବ

# ଲୋକେ ପିଉଛନ୍ତି କୂଅ, ନାଳର ଦୂଷିତ ପାଣି

**ବିନିକା,୩୦।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାରକଦଳୀପାଲି ଗାଁରେ ଏବେ ଘୋର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମରେ ୪ଟି ନଳକୂପ ଥିବାବେଳେ ସେଥିରୁ ପାଣି ବାହାରୁ ନାହିଁ। ଫଳରେ ଗାଁରେ ବାସ କରୁଥିବା ୨ଶହ ପରିବାର ଦୀର୍ଘ ମାସ ହେଲା ଖୋଲାକୂଅ ଓ ନାଳର ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ୨୦୦୯-୧୦ ଆର୍ଥିକ ବର୍ଷରେ ଏକ ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହେଲା। ହେଲେ କୂପ ଖନନରୁ କାମ ଅଟକି ଗଲା। ପଥର ପଡିବାରୁ ଖୋଳା କାମ ଆଗେଇ ପାରିଲା ନାହିଁ। ବାସ୍ ସେତିକିରେ ଝୁଲି ରହିଲା ପ୍ରକଳ୍ପ। ପରେ ଗ୍ରାମବାସୀଙ୍କ ଜଳକଷ୍ଟକୁ ଲାଘବ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଗାଁର ଉପରପଡା, ତଳିପଡା, ଅଙ୍ଗନବାଡି କେନ୍ଦ୍ର ଏବଂ ସରକାରୀ ସ୍କୁଲ ଆଦି ସ୍ଥାନରେ ଗୋଟିଏ କରି ୪ଟି ନଳକୂପ ଖନନ କରାଗଲା। ଏହା ଲୋକଙ୍କ ଜଳାଭାବକୁ ପୂରଣ କଲା। ମାତ୍ର ପରିତାପର ବିଷୟ କିଛି ମାସ ହେବ ଏହି ନଳକୂପ ସବୁ ଅଚଳ ହୋଇ ପଡିଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ଅନ୍ୟୋନୋପାୟ ହୋଇ ସେମାନେ ଗାଁରେ ଥିବା ଖେଶଲା କୂଅ ଓ ନାଳର ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି। କେବଳ ଅଚଳ ହୋଇନାହିଁ, ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ନ ହେବାରୁ ଏବେ ନଳକୂପର ଚାନ୍ଦିନୀ ବି ଭାଙ୍ଗିରୁଜି ଗଲାଣି। ତେଣୁ ଯଥାଶୀଘ୍ର ଅଚଳ ହୋଇ ପଡିଥିବା ନଳକୂପକୁ ମରାମତି କରିବାକୁ ବିକାଶ ପଧାନ, ପ୍ରଜାପତି ଭୁଏ, ବୈଠାରୁ ଭୂଏ, ଶ୍ରବଣ ରଣା, ମୋତିଲାଲ ପଧାନ, ଆନନ୍ଦ ପଧାନ, ଶିବ ସୁନା, ଚନ୍ଦ୍ର ସୁନା, ରାତୁ ସୁନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିନିକା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଗଜେନ୍ଦ୍ର ନାଏକଙ୍କୁ ପଚାରିବାରୁ କହିଛନ୍ତି ଯେ, ଗ୍ରାମରେ ଏଭଳି ଜଳକଷ୍ଟ ହୋଇଥିବା ନେଇ କେହି ଆମ ପାଖରେ କେହି ଅଭିଯୋଗ କରି ନାହାନ୍ତି। ବିଭାଗୀୟ କର୍ମଚାରୀ ପଠାଇ ଏହି ନଳକୂପ ସବୁକୁ ତୁରନ୍ତ ମରାମତି କରାଯିବ ବୋଲି କହିଛନ୍ତି।



ଚାନ୍ଦିନୀ ଭାଙ୍ଗି ଯାଇଥିବା ନଳକୂପ।

# ୫୬୭ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଘରନାହିଁ

**ସୋନପୁର,୩୦।୬(ନି.ପ୍ର.)**

ଶିଶୁମାନଙ୍କୁ ପୁଷ୍ଟିହୀନତାରୁ ରକ୍ଷା କରିବା ସହ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଓ ୦ ରୁ ୬ବର୍ଷର ଶିଶୁମାନଙ୍କୁ ପାଠପଢା ପ୍ରତି ଆକୃଷ୍ଟ କରିବା ନିମନ୍ତେ ସମନ୍ୱିତ ଶିଶୁବିକାଶ ଯୋଜନା ଆରମ୍ଭ କରାଯାଇଥିଲା। ଯୋଜନା ଆରମ୍ଭ ଦିନଠାରୁ ଅଦ୍ୟାବଧି ସଫଳତା ଓ ବିଫଳତାର ଚିତ୍ରକୁ ଦେଖିଲେ ଏକ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି ହେଉଛି। ସୁବର୍ଣ୍ଣପୁର ଜିଲାରେ ଶିଶୁ ବିକାଶ କାର୍ଯ୍ୟକ୍ରମ ପ୍ରହସନ ପାଲଟିଛି। କେଉଁଠି ଅଙ୍ଗନୱାଡି କେନ୍ଦ୍ରର ଘର ନାହିଁ ତ ଆଉ କେଉଁଠି ଅଙ୍ଗନୱାଡି କର୍ମୀ କିମ୍ବା ସୁପରଭାଇଜର ନାହାନ୍ତି। ସେହିଭଳି ସଂଖ୍ୟାଧିକ କେନ୍ଦ୍ରଗୁଡିକର ନିଜସ୍ୱ ଗୃହ ନଥିବାରୁ ସ୍କୁଲ କୋଠାରେ, କମ୍ୟୁନିଟି ଘରେ ଅଥବା କର୍ମୀଙ୍କ ଘରେ କେନ୍ଦ୍ର ଚାଲିଛି। ଜିଲାରେ ୬ଟି ବ୍ଲକର ୬ଗୋଟି ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ୧୫୫୬ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ୩ ରୁ ୬ବର୍ଷର ୨୧ ହଜାର ୩୭୨ ଶିଶୁ ପାଠ ପଢୁଛନ୍ତି । ସେଥିମଧ୍ୟରୁ ମାତ୍ର ୯୮୯ଟି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। ବାକି ୫୬୭ଟି କେନ୍ଦ୍ରର ନିଜସ୍ୱ ଘର ନାହିଁ। ବୀରମହାରାଜପୁର, ଉଲୁଣ୍ଡା ଓ ତରଭା ବ୍ଲକ ଅଞ୍ଚଳରେ ଏହି ସମସ୍ୟା ଗୁରୁତର ହୋଇପଡିଛି। ଅଧିକାଂଶ କେନ୍ଦ୍ରରେ ପାଇଖାନା କିମ୍ବା ପରିମଳ ବ୍ୟବସ୍ଥା ନାହିଁ। ଏପରିକି ନିଜସ୍ୱ କୋଠା ନଥିବା, ସ୍କୁଲ ଘରେ ଅବା କମ୍ୟୁନିଟି ଘରେ ଚାଲୁ ନ ଥିବା ୧୮୦ଟି କେନ୍ଦ୍ର କେଉଁଠି ଚାଲିଛି, ଶିଶୁମାନେ କିପରି ପାଠ ପଢୁଛନ୍ତି ସେଥିପ୍ରତି ଜିଲା ପ୍ରଶାସନର ନଜର ନାହିଁ। ନିଜସ୍ୱ ଗୃହ ନଥିବାରୁ କେନ୍ଦ୍ର ପରିଚାଳନାରେ ଥିବା କର୍ମୀମାନେ ବର୍ଷା ଋତୁରେ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଗୋଟିଏ ପଟେ ଅଙ୍ଗନୱାଡି କର୍ମୀମାନଙ୍କ ଉପରେ କାମର ବୋଝ ଓ ଅନ୍ୟପକ୍ଷରେ କେତେକ କର୍ମୀଙ୍କ ଅନୁପସ୍ଥିତି ସହିତ ଗ୍ରାମ୍ୟ ବିବାଦ ଭଳି ସମସ୍ୟା କାରଣରୁ ବହୁ କେନ୍ଦ୍ର ଠିକ୍ ଭାବେ ଚାଲି ପାରୁନାହିଁ। ସେହିଭଳି କେନ୍ଦ୍ରରେ ଦର୍ଶାଯାଉଥିବା ପିଲାଙ୍କ ସଂଖ୍ୟାଠାରୁ ବହୁତ କମ୍ ଶିଶୁ ଆସୁଥିବା ଓ ଅନେକ ଦିନ ଧରି ନିପଟ ମଫସଲ ଅଞ୍ଚଳର କେନ୍ଦ୍ର ବନ୍ଦ ରହୁଥିଲେ ହେଁ ବିଭାଗ ପକ୍ଷରୁ ଉପଯୁକ୍ତ ତଦାରଖ କରାଯାଉ ନଥିବା ଅଭିଯୋଗ ହେଉଛି। ତେଣୁ ଶିଶୁମାନଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ ବାଟମାରଣା ହେଉଛି। ଯାହାଫଳରେ ଜିଲାର ହଜାର ହଜାର ଶିଶୁ ପୁଷ୍ଟିହୀନତା ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ଜିଲାକୁ ୯୮୧ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୫୨ଟି କେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଜିଲା ସମାଜ ମଙ୍ଗଳ ଅଧିକାରୀ ଅସ୍ରେରିଆ କେରକେଟା ସୂଚନା ଦେଇଛନ୍ତି। କେନ୍ଦ୍ରର ନିର୍ମାଣ କାର୍ଯ୍ୟ ବେଶ ମନ୍ଥର ଗତିରେ ଚାଲିଛି। ୬ଟି ପଞ୍ଚାୟତ ସମିତି ଦ୍ୱାରା କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏହି କେନ୍ଦ୍ର ନିର୍ମାଣ ହେଉଛି। ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ଲକ ପ୍ରଶାସନକୁ ବାରମ୍ବାର ତାଗିଦ୍ କରାଯାଉଥିବା ଜଣାପଡିଛି ।

**ସୁବର୍ଣ୍ଣପୁର ଜିଲା**

# ପାସ୍‌ଫେଲ ବ୍ୟବସ୍ଥା ରହିଲେ ଶିକ୍ଷାର ମାନ ବୃଦ୍ଧିପାଇବ

**ଅମରପାଲି, ୩୦।୬(ଡି.ଏନ.ଏ.)**

ପୁଣି ଲାଗୁ ହୋଇପାରେ ପାସ୍ ଫେଲ ବ୍ୟବସ୍ଥା। ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ପାଇଁ ପରୀକ୍ଷା ଓ ପାସ ଫେଲ ବ୍ୟବସ୍ଥା ଲାଗୁ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଜନା କରୁଛି। ପଞ୍ଚମ ଶ୍ରେଣୀରେ ଫେଲ ପିଲାଙ୍କୁ ପୁଣିଥରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦେବା ଓ ଅଷ୍ଟମ ଶ୍ରେଣୀରେ ଉତ୍ତୀର୍ଣ୍ଣ ନହେଲେ ଆଉ ଥରେ ସେହି ଶ୍ରେଣୀରେ ପଢିବା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଶିକ୍ଷା ବିଭାଗ ଚିନ୍ତା କରୁଛି। ପ୍ରାଥମିକ ଶିକ୍ଷାରେ ଏବେ ଫେଲ ବ୍ୟବସ୍ଥା ନ ଥିବା ବେଳେ ଶିକ୍ଷାର ମାନ କମି ଯାଉଥିବା କେତେକ ଶିକ୍ଷାବିତ୍ ଓ ଅଭିଭାବକ କହୁଛନ୍ତି। ଆଉ କେତେକ ପାସ୍‌ଫେଲ ବ୍ୟବସ୍ଥା ଲାଗୁହେଲେ ପାସ୍ କରିବା ପାଇଁ ପିଲା ସଜାଗ ହେବା ସହିତ ପାଠପଢ଼ାରେ ଅଧିକ ଧ୍ୟାନ ଦେବେ ବୋଲି ମତ ପ୍ରକାଶ କରୁଛନ୍ତି। ଏନେଇ କେତେକ ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ ଅଭିଭାବଙ୍କର ମତକୁ ନେଇ ଏକ ଉପସ୍ଥାପନ.....

“ ଛାତ୍ରୀଛାତ୍ରଙ୍କ ପାଇଁ ପାସ୍‌ଫେଲ ବ୍ୟବସ୍ଥା ପୁନର୍ବାର ଲାଗୁ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ହେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଉପରେ ଚାପ ପଡିବ ନାହିଁ, ବରଂ ସେମାନେ ପାଠ ପଢ଼ିବା ପାଇଁ ସଜାଗ ହେବେ। ଶିକ୍ଷକମାନେ ମଧ ପାଠ ପଢ଼ାଇବାରେ ଦାୟିତ୍ୱବୋଧ ହେବେ। ଏହା ଦ୍ୱାରା ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ ବୃଦ୍ଧି ହେବ।



**ଉମେଶ ଚନ୍ଦ୍ର ପଣ୍ଡା, ପ୍ରଧାନଶିକ୍ଷକ ଅମରପାଲି ହାଇସ୍କୁଲ**

“ ପୂର୍ବରୁ ପାସ୍ ଫେଲ ବ୍ୟବସ୍ଥା ଥିବା ଶୁଣୁଥିଲୁ। ମାତ୍ର ଏବେ ସମସ୍ତଙ୍କୁ ପାସ୍ କରି ଦିଆଯାଉଛି। ଏହା ଫଳରେ କେତେକ ପିଲା ପାଠପଢ଼ାରେ ଧ୍ୟାନ ଦେଉ ନାହାନ୍ତି। ଏହି ବ୍ୟବସ୍ଥା ଲାଗୁ କରାଯିବା ଦରକାର। ଯାହା ଫଳରେ ପିଲାଙ୍କ ପାଠପଢ଼ାରେ ମନ ହେବ। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲ ସମ୍ପର୍କ ରହିବ।



**ଇପସିତା ଅନନ୍ୟା ସାହୁ, ଛାତ୍ରୀ, ଅମରପାଲି**

“ ୬ରୁ ୧୪ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ କରାଯାଇଛି। ତେଣୁ ପଞ୍ଚମ ଶ୍ରେଣୀରେ ପିଲାଙ୍କୁ ଫେଲ କରା ନ ଯାଉ। ଅଷ୍ଟମ ଶ୍ରେଣୀରୁ ପାସ୍ ଫେଲ ବ୍ୟବସ୍ଥା ଲାଗୁ କରାଯାଉ। ମୋଟାମୋଟି ଭାବେ ଏହା ଏକ ଭଲ ପଦକ୍ଷେପ। ଏହା ଦ୍ୱାରା ପିଲାଏ ପାଠପଢ଼ାରେ ଅଧିକ ଧ୍ୟାନ ଦେବେ।



**ଶାନ୍ତନୁ କୁମ୍ଭକାର, ବିଇଓ, ବୀରମହାରାଜପୁର**

“ ସବୁ ପିଲାଙ୍କୁ ପାସ୍ କରି ଦିଆଯାଉଥିବାରୁ ପିଲାଙ୍କ ମନରେ ଫେଲ ହେବାର ଭୟ ରହୁ ନାହିଁ। ତେଣୁ ସେମାନେ ଗୁରୁତ୍ୱ ସହ ପଢୁନାହାନ୍ତି। ବିଶେଷ କରି ଦୁର୍ବଳ ପିଲାମାନେ ପାଠ ନପଢ଼ି ଆହୁରି ଦୁର୍ବଳ ହୋଇ ପଡୁଛନ୍ତି। ତେଣୁ ପାସ୍ ଫେଲ ବ୍ୟବସ୍ଥା କେବଳ ୫ମ ଓ ୮ମ ଶ୍ରେଣୀରେ ନୁହେଁ, ପ୍ରତ୍ୟେକ ଶ୍ରେଣୀ ପାଇଁ ଲାଗୁ କରିବା ଉଚିତ।



**ବଳରାମ ପଧାନ, ଅଭିଭାବକ, ମୁର୍ଷୁଣ୍ଡୀ**



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଭିଏସ୍‌ଙ୍କ ବିରୋଧରେ ଜନ ଅସନ୍ତୋଷ ତେଜୁଛି

**ଲାଠୋର,୩୦।୬ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଭିଏସ (ଭେଟନାରୀ ସର୍ଜନ) ତଥା ପଶୁ ଚିକିତ୍ସକ ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ବାରମ୍ବାର ନିଜ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଏଥିଯୋଗୁ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କ ନିକଟରେ ଏଭଳି ଅଭିଯୋଗ ହୋଇଛି। ୪ ବର୍ଷ ହେବ ଲାଠୋର ପ୍ରାଣୀଧନ ଚିକିତ୍ସାଳୟରେ ଡାକ୍ତର ଭାବେ ଡା. କାରୋ ମାରାଣ୍ଡି ଯୋଗ ଦେଇଛନ୍ତି। ସେ ଯୋଗ ଦେଲା ଦିନଠାରୁ ଲୋକ ନିଜ ଗୃହ ପାଳିତ ପଶୁ ପକ୍ଷୀଙ୍କ ପାଇଁ ଠିକ୍ ସମୟରେ ଟିକା ପାଇପାରୁନାହାନ୍ତି। ଗାଈଗୋରୁ, ଛେଳିମେଣ୍ଢା ଇତ୍ୟାଦି ରୋଗାଗ୍ରସ୍ତ ହେଲେ ଲୋକ ଚିକିତ୍ସାଳୟକୁ ଆସୁଛନ୍ତି। ହେଲେ ଡାକ୍ତର ଅନୁପସ୍ଥିତ ଫଳରେ ଲୋକେ ଫେରୁଛନ୍ତି ବୋଲି ମଧ ଅଭିଯୋଗ ହେଉଛି। ତେବେ ଲୋକଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ଜାଣିବାକୁ ଭିଏସ୍‌ଙ୍କୁ ଯୋଗାଯୋଗ କଲେ ମଧ ସେ ଫୋନ୍ ଉଠାଉ ନାହାନ୍ତି।

### ଆଚାର୍ଯ୍ୟାଆଚାର୍ଯ୍ୟଙ୍କୁ ନେଇ ସ୍ପୋକନ ଇଂଲିଶ କର୍ମଶାଳା

**ଲୋଇସିଂହା,୩୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ସରସ୍ୱତୀ ଶିଶୁମନ୍ଦିରଠାରେ ସଙ୍କୁଳସ୍ତରୀୟ ପରୀକ୍ଷା ପ୍ରମୁଖ, ଶିଶୁ ବଟିକା ପ୍ରମୁଖଙ୍କୁ ନେଇ ସ୍ପୋକନ ଇଂଲିଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଂପାଦକ ଲଳିତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ପ୍ରଧାନ ଆଚାର୍ଯ୍ୟ ପରମେଶ୍ୱର ଯୁଆଡି ଅଧକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିଥିଲେ । ସଙ୍କୁଳ ସଂଯୋଜକ ସନାତନ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସଙ୍କୁଳ ପ୍ରମୁଖ ଜୟନ୍ତ କୁମାର ସିଂଦେଓଙ୍କ ସମେତ ୭ଟି ବିଦ୍ୟାଳୟର ୨୮ ଜଣ ଗୁରୁମା ଗୁରୁଜୀ କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ।

### ବିଙ୍ଗହ୍ୟୁମାନ ଫାଉଣ୍ଡେଶନର ବୈଠକ

**ଲୋଇସିଂହା,୩୦।୬(ଡି.ଏନ.ଏ.):** ବଲାଙ୍ଗୀର ବିଙ୍ଗହ୍ୟୁମାନ ଫାଉଣ୍ଡେଶନ ପକ୍ଷରୁ ଲୋଇସିଂହା ଷ୍ଟାଡିୟମଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୋମନାଥ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ସରୋଜ ବିଶ୍ୱାଳ, ନୟୁ ଖାଁନ, ସରୋଜ ମହାକୁର, ଅଜିତ ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

### ରୋଗୀଙ୍କୁ ଚିକିତ୍ସା ପାଇଁ ସହାୟତା ମିଳିଲା

**ଲୋଇସିଂହା,୩୦।୬(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଲୋଇସିଂହା ରାମଜୀପଡାର ରବି ଶତପଥୀ (୨୪)ଙ୍କୁ ଲୋଇସିଂହା ମାହେଶ୍ୱରୀ ସଂଗଠନ ଉଦ୍ଧାର କରି ବୁର୍ଲା ବଡ ମେଡିକାଲରେ ଭର୍ତ୍ତି କରିଛି। ସେ ରକ୍ତ ଶିକୁଳି ଓ ଜଣ୍ଡିସରେ ଆକ୍ରାନ୍ତ ଥିଲେ। ଅର୍ଥକ ଅଭାବରୁ ଚିକିତ୍ସିତ ହୋଇପାରୁ ନ ଥିଲେ । ମାହେଶ୍ୱରୀ ସଂଗଠନର ଦେବାଶିଷ ବିଶୋୟୀ ଓ ସଦସ୍ୟମାନେ ରାମଜୀପଡାରେ ଘର ଘର ବୁଲି ୬ ହଜାର ଟଙ୍କା ସଂଗ୍ରାହ କରିଥିଲେ। ମେଡିକାଲରେ ରବିଙ୍କ ପାଖରେ ମା' ଭାନୁମତି ଓ ଭଉଣୀ ସୁନୀ ରହି ଦେଖାରଖା କରୁଛନ୍ତି।

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ

# ବିପର୍ଯ୍ୟସ୍ତ ରୋଗୀସେବା ନେଇ ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୩୦।୬**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ବିପର୍ଯ୍ୟସ୍ତ ରୋଗୀସେବା ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ନାଗରିକ କମିଟି ପ୍ରତିନିଧିଙ୍କ ଆଲୋଚନା ହୋଇଛି। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ହସ୍‌ପିଟାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ । ରୋଗୀଙ୍କ ଠାରୁ ମତାମତ ସଂଗ୍ରହ କରି ସେମାନଙ୍କ ବିଭିନ୍ନ ଅଭାବ, ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଡାକ୍ତରଖାନାରେ ରୋଗୀ ସେବାକ୍ଷେତ୍ରରେ ଡାକ୍ତର ଓ ନର୍ସମାନେ ଅବହେଳା ପ୍ରଦର୍ଶନ କରୁଥିବା ବହୁ ରୋଗୀ କହିଥିଲେ। ମେଡିକାଲ କଲେଜ ହସପିଟାଲ ହେଲା ପରେ ମଧ ଉପଯୁକ୍ତ ଚିକିତ୍ସା କରାଯାଉ ନ ଥିବା ଅଭିଯୋଗ କରିଥିଲେ। ବିଭିନ୍ନ ପାଥୋଲଜି ପରୀକ୍ଷା ହସପିଟାଲରେ କରାଯାଉ ନ ଥିବାବେଳେ ଏହା ବାହାର ପାଥୋଲଜିଗୁଡିକରେ କରାଯାଉଥିବା ଜଣାପଡିଥିଲା। ଡାକ୍ତରଖାନାର ୱାର୍ଡମାନଙ୍କରେ ସଫେଇ ଠିକ୍ ଭାବେ ହେଉନାହିଁ। ଏଏନ୍‌ଏମ୍ କ୍ୱାର୍ଟର ପଛପଟେ କୁଢକୁଢ ମଇଳା ଗଦା ହୋଇପଡିଛି । ସଫା କରାଯାଉନାହିଁ। ଫଳରେ ଡାକ୍ତରଖାନା ପରିବେଶ ପ୍ରଦୂଷିତ ହୋଇପଡୁଛି । ଜିଲା ରେଡକ୍ରସ ପାଣ୍ଠି ଦ୍ୱାରା ରୋଗୀମାନଙ୍କ ରହିବା ପାଇଁ ନିର୍ମିତ କ୍ୟାବିନ୍‌କୁ ରୋଗୀମାନଙ୍କୁ ଦିଆ ନ ଯାଇ ଡାକ୍ତରମାନଙ୍କ ରହିବା ପାଇଁ ବ୍ୟବହାର କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏସବୁ ସମସ୍ୟା ଗୁଡିକ ଉପରେ ନାଗରିକ କମିଟି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସଞ୍ଜୁକ୍ତା ସାହୁ, ଏନ୍‌ଏଚ୍‌ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେବେ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନାରେ କମିଟି ତରଫରୁ ଡା. ପରମେଶ୍ୱର ରଥ, ଡା. ଚକ୍ରପାଣି ଦାଶ, ଗୋପାଳଜୀ ପାଣିଗ୍ରାହୀ, ଗୋପବନ୍ଧୁ ପୁରୋହିତ, ବୃନ୍ଦାବନ ବରାଳ, ମନୋରଞ୍ଜନ ପୁରୋହିତ ଓ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ।



ବଲାଙ୍ଗୀର ନାଗରିକ କମିଟି ପ୍ରତିନିଧି ସିଡିଏମ୍‌ଓଙ୍କ ସହ ହସ୍‌ପିଟାଲ ପରିଦର୍ଶନ କରୁଛନ୍ତି।

# ଠେଲା ପୋଡ଼ିଦେଲେ ଦୁର୍ବୃତ୍ତ

**ବିନିକା,୩୦।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସିଂଘିଯୁବା ଗାଁରେ ଜଣେ ବ୍ୟକ୍ତିଙ୍କ ଘର ଆଗରେ ଥୁଆ ହୋଇଥିବା ଠେଲାକୁ ଶନିବାର ବିଳମ୍ବିତ ରାତିରେ କେହି ପୋଡି ଦେଇଛନ୍ତି। ଫଳରେ ସମ୍ପୃକ୍ତ ପରିବାରର ୬ ସଦସ୍ୟଙ୍କୁ ନେଇ ପ୍ରତିପୋଷଣ କରୁଥିବା ବ୍ୟକ୍ତି ଜଣକ ହତାଶ ହୋଇ ପଡିଛନ୍ତି। ଠେଲା ମାଲିକ ସୁଗ୍ରୀବ କଳିତା (୪୮)ଙ୍କ କହିବା ମୁତାବକ ଶନିବାର ରାତି ୮ଟାରେ ସେ ସିଂଘିଯୁବା ହାଇସ୍କୁଲ ଛକ୍‌ଠାରେ ଚନାମୁଢୀ ଓ ଚାଟ୍ ବିକ୍ରି କରି ସାରିବା ପରେ ଠେଲାଧରି ଘରକୁ ଫେରିଥିଲେ। ସବୁଦିନ ଭଳି ଠେଲାକୁ ନିଜ ଘର ସମ୍ମୁଖରେ ରଖିବା ପରେ ଖାଇପିଇ ସାରି ଶୋଇଥିଲେ। ରବିବାର ସକାଳୁ ଘରୁ ପଦାକୁ ବାହାରିବା ବେଳେ ଠେଲା ଜଳିପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ବିନିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରିଛି। ଶିବ କହିଛନ୍ତି ଯେ, ସ୍ତ୍ରୀ ଫୁଲ (୪୦), ପୁଅ ଶିବ ଓ ୩ ଝିଅଙ୍କୁ ନେଇ ତାଙ୍କ ଘର ସଂସାର। ପ୍ରତିଦିନ ଯାହା ବେପାରରୁ ମିଳେ ସେଥିରେ ଘର ଚଳିବା କଷ୍ଟକର ହୋଇପଡେ। ଏବେ ନୂଆ ଠେଲାଟିଏ ତିଆରି କରିବାକୁ ଯାକୁତାକୁ ହାତ ପତେଇ ଋଣ ନ କଲେ ନ ହେବ। ଯଦି କିଛି ସରକାରୀ ସହାୟତା ମିଳନ୍ତା ତେବେ ସେ ଠେଲା ତିଆରିରେ ଲଗାନ୍ତେ ବୋଲି କହିଛନ୍ତି।

### ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୩୦।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସର୍ଗୁଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସଭାରେ ସରପଞ୍ଚ ପୁରନ୍ଦର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶଶାଙ୍କ କୁମାର ବିଶି, ରାଧିକା ମଲ୍ଲିକ ସଂଯୋଜନା କରିଥିଲେ। ବନମାଳୀ ପୋଡଙ୍କ ସମେତ ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

# ଶିକ୍ଷକ ସମୟାନୁବର୍ତ୍ତୀ, ଦାୟିତ୍ୱବାନ ହୁଅନ୍ତୁ

**ଲାଠୋର,୩୦।୬ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ରାଜୀବ ଗାନ୍ଧୀ ସେବା ଶ୍ରମଠାରେ ଲାଠୋର ଅଞ୍ଚଳର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଯୋଗଦେଇ କର୍ମକ୍ଷେତ୍ରରେ ଠିକ୍ ସମୟରେ ପହଞ୍ଚି ନିଜ କାର୍ଯ୍ୟ ସୂଚାରୁ ରୂପେ ତୁଲେଇବା ପାଇଁ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଙ୍ଗନୱାଡିକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡି କେନ୍ଦ୍ରରୁ ଶିଶୁର ଶିକ୍ଷା ଆରମ୍ଭ ହୋଇଥାଏ। ପରେ ସେ ବିଦ୍ୟାଳୟକୁ ଯାଇ ପାଠ ପଢ଼ିଥାଏ। ଏଣୁ ଜଣେ ଶିଶୁକୁ ଚରିତ୍ରବାନ ରୂପେ ଗଠନ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଦ୍ୟାଳୟ ଏବଂ ଅଙ୍ଗନୱାଡିର ରହିଛି। ତେଣୁ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀ ନିଜ କାର୍ଯ୍ୟରେ ଅବହେଳା ନ କରି ସୂଚାରୁ ରୂପେ କାର୍ଯ୍ୟ ତୁଲାଇବା ପାଇଁ ସରପଞ୍ଚ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକର ପାନୀୟ ଜଳ, ବିଦ୍ୟୁତ୍‌କରଣ, ସ୍କୁଲ ଭିତ୍ତିଭୂମି ଉପରେ ଆଲୋଚନା କରି ଯଥା ସମ୍ଭବ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରାଯିବ ବୋଲ ସରପଞ୍ଚ କହିଥିଲେ। ବୈଠକରେ ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା ଯୋଗ ଦେଇଥିଲେ। ସେହିଭଳି ପ୍ରଧାନ ଶିକ୍ଷକ ବିଭୂଷିନୀ ପାଣିଗ୍ରାହୀ, ପ୍ରେମଲତା କିଷାନ, ସୁକାନ୍ତି ଶବର, ରବୀନ୍ଦ୍ର ନାଏକ, ପୂର୍ଣ୍ଣଚନ୍ଦ୍ର ଭଇଁଷାଲ, ଦୟାସାଗର ମାଝି ନିଜ ନିଜ ବିଦ୍ୟାଳୟର ସମସ୍ୟା ଉପସ୍ଥାପନ କରିଥିଲେ। ସେହିପରି ଅଙ୍ଗନୱାଡି କର୍ମୀମାନେ ମଧ ନିଜ ନିଜ କେନ୍ଦ୍ରର ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଲାଠୋର କ୍ଲଷ୍ଟର ଜିଲାରେ ଏକ ନମ୍ବର ନିଶ୍ଚିତ ରୂପେ ହେବ ବୋଲି ଲାଠୋର ସିଆରସିସି କୁଞ୍ଜବିହାରୀ ସରାଫ ମତ ରଖିଥିଲେ।

# ବିଶ୍ୱାମ୍ବ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

**ବଲାଙ୍ଗୀର ଅଫିସ, ୩୦।୬**

ବଲାଙ୍ଗୀର ଖୁଜେନ୍‌ପାଲିସ୍ଥିତ ବିଶ୍ୱାମ୍ବ ବିଦ୍ୟାମନ୍ଦିରର ନବମ ଓ ଦଶମ ଶ୍ରେଣୀର ମାତୃ ସମ୍ମିଳନୀ ଠିକାଦାରପଡା ବିଶ୍ୱାମ୍ବ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ବିଶ୍ୱାମ୍ବ ଚେତନା ପରିଷଦ ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟ ବେଦାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଓ ବିଦ୍ୟାମନ୍ଦିର ସମ୍ପାଦକ ନବୀନ କୁମାର ବେଦବାକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟା ମନ୍ଦିର ସଂଯୋଜକ ସମ୍ବିତ କୁମାର ସଂଯୋଜନା କରିଥିଲେ । ଆଚାର୍ଯ୍ୟ ଇଲାମୟୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲାବେଳେ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



ବିଶ୍ୱାମ୍ବ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀରେ ମଞ୍ଚାସୀନ ଅତିଥି।



ହରିଶଙ୍କର ଫାଣ୍ଡିର ନୂଆ କୋଠାକୁ ଏସପି କେ ଶିବା ସୁବ୍ରମଣି ଉଦ୍‌ଘାଟନ କରୁଛନ୍ତି।

# ହରିଶଙ୍କର ଫାଣ୍ଡିର ନୂଆ କୋଠା ଉଦ୍‌ଘାଟିତ

**ଖପ୍ରାଖୋଲ,୩୦।୬ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ଫାଣ୍ଡିର ନୂଆ କୋଠା ରବିବାର ଉଦ୍‌ଘାଟିତ ହୋଇଛି । ବଲାଙ୍ଗୀର ଏସ୍‌ପି କେ ଶିବା ସୁବ୍ରମଣି ଏହି ନୂଆ କୋଠା ଉଦ୍‌ଘାଟନ କରିଥିଲେ। ପାଟଣାଗଡ ଏସଡିପିଓ ସୁରେଶ କୁମାର ନାଏକ, ହରିଶଙ୍କର ସିଆରପି ଏଫ୍ କ୍ୟାମ୍ପ ଏସି ଅଜୟ କୁମାର, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି, ପାଟଣାଗଡ ଥାନା ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ତୁରେକେଲା ଥାନା ଆଇଆଇସି ସତ୍ୟଜିତ କାଣ୍ଡେଲକର, ବେଲପଡା ଓଆଇସି ସଚ୍ଚିଦାନନ୍ଦ ବରିହା, ଲାଠୋର ଓଆଇସି ସତ୍ୟାନନ୍ଦ ପାତ୍ର, ଲରମ୍ବା ଆଇଆଇସି ରଞ୍ଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟା, ସଞ୍ଜୀବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଲାଙ୍ଗୀରରେ ମେଘ ମହ୍ଲାର

# କବୟିତ୍ରୀ ଗାଇଲେ ବର୍ଷା ଆବାହନୀ କବିତା

**ବଲାଙ୍ଗୀର ଅଫିସ, ୩୦।୬**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ରବିବାର ମେଘ ମହ୍ଲାର ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଘ ସଭାପତି ହରି ନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଓ ବୁର୍ଲାସ୍ଥିତ ଭିମ୍‌ସାରର ସହକାରୀ ପ୍ରଫେସର ଡା. ବେଣୁଧର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଜିଲାପାଳ ଡାକୁଆ ତାଙ୍କ ବକ୍ତବ୍ୟରେ ବର୍ଷା ଆବାହନୀ ପାଇଁ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବାସ୍ତବରେ ନିଆରା ବୋଲି କହିଥିଲେ । ପ୍ରକୃତିକୁ ଭଲ ପାଇବା ସହ ସଚେତନତା ସୃଷ୍ଟିରେ ଏହା ସହାୟକ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥି ଡା ପାଣ୍ଡେ କୋସଲୀ କବିତା ମାଧ୍ୟମରେ ନିଜର କାବିକ୍ୟ ପ୍ରତିଭାର ପରିଚୟ ଦେଇ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ଆନନ୍ଦ ଚନ୍ଦ୍ର ସାହୁ ସଂଯୋଜନା କରିଥିଲେ । ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆମନ୍ତ୍ରିତ କବୟିତ୍ରୀ ସାବିତ୍ରୀ ପୁରୋହିତ, ପ୍ରୀତିନନ୍ଦା ପାଣିଗ୍ରାହୀ, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ, ପ୍ରଭାସିନୀ ହୋତା, କଲ୍ୟାଣୀ ପ୍ରଧାନ, ସସ୍ମିତା ମହାପାତ୍ର, ସ୍ମୃତି ଶେଫାଳୀ ମେହେର, ସସ୍ମିତା ସାହୁ, ସ୍ୱପ୍ନାରାଣୀ ମିଶ୍ର ଓ ସୀମା ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀଙ୍କ କବିତା ଶ୍ରୋତାଙ୍କୁ ବିମୋହିତ କରି ଦେଇଥିଲା । ପଠିତ କବିତା ଉପରେ କବି ସନ୍ଦୀପ କୁମାର କୁଅଁର, ଡ. ସଞ୍ଜୟ କୁମାର ମିଶ୍ର, ନବୀନ ବିଶ୍ୱବନ୍ଧୁ, ଦିଲୀପ ପଶାୟତ, ରାଜୀବ କୁମାର ଆଚାର୍ଯ୍ୟ, ଗଣେଶ ବାରିକ, ଦିଲୀପ କୁମାର ମିଶ୍ର, ସୁଜିତ୍ କୁମାର ଶତପଥୀ ଓ ଦିଲୀପ ସରାଫ ସମୀକ୍ଷା କରି କାର୍ଯ୍ୟକ୍ରମକୁ ଅଧିକ ରସସିକ୍ତ କରିଥିଲେ। ଏହାପରେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ବ୍ୟଙ୍ଗ କବିତା ପାଠ କରିବା ସହ ଆୟୋଜିତ ପାଠକ ଦରବାର କାର୍ଯ୍ୟକ୍ରମରେ ଶ୍ରୋତାଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ । ସଂଘ ସମ୍ପାଦକ ଶିଶିରକାନ୍ତ ଶତପଥୀ ମଧ ମଞ୍ଚାସୀନ ଥିଲେ। ଶେଷରେ ସତ୍ୟସୁନ୍ଦର ଭଞ୍ଜ ଧନ୍ୟବାଦ ଦେଇଥିଲେ।



ମେଘ ମହ୍ଲାର କାର୍ଯ୍ୟକ୍ରମରେ ଯୋଗଦେଇଥିବା କବୟିତ୍ରୀ, ଅତିଥି, ସମୀକ୍ଷକ।

## ଫଟୋରେ ଖବର



ବଲାଙ୍ଗୀର କଳାଧାମ ଆର୍ଟ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଟାଉନ୍ ହଲଠାରେ ଆୟୋଜିତ ଆର୍ଟ ଗ୍ୟାଲେରିକୁ ଅତିଥି ଓ ଦର୍ଶକମାନେ ବୁଲି ଦେଖୁଛନ୍ତି।



ବଲାଙ୍ଗୀର ପିପି ଏକାଡେମୀ ଛକରେ ନିଡିଜ୍ ୱାଲର ଏକବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ଜରୁରୀ ଥିଲେ ନିଅ, ଅଧିକ ଥିଲେ ଦିଅ' କାର୍ଯ୍ୟକ୍ରମରେ ଗରିବ ଲୋକଙ୍କୁ ଲୁଗା ବଣ୍ଟନ କରାଯାଉଛି।



ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତା ଉପରେ ତିଆରି ହୋଇଥିବା ଆବର୍ଜନା କୁଣ୍ଡ ଯୋଗୁ ପୂର୍ତ୍ତ ବିଭାଗର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପଡିଛି । **(ଫଟୋ-ସୁନୀଲ)**



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### କୋକସରା ବ୍ଲକରେ ବନ୍ଦ ହେଲାଣି ୨ଟି ସ୍କୁଲ
### ପୁଣି ୪ ସ୍କୁଲ ବନ୍ଦ ହେବା ଆଶଙ୍କା

**କୋକସରା,୩୦।୬ (ଡି.ଏନ.ଏ.)-** ସରକାରଙ୍କ ନୂତନ ଶିକ୍ଷାନୀତି ଅନୁସାରେ କଳାହାଣ୍ଡି ଜିଲା କୋକସରା ବ୍ଲକରେ ୧୦ରୁ କମ ଉପସ୍ଥାନ ଥିବା ୨ଟି ସ୍କୁଲରେ ବନ୍ଦ ହୋଇଥିବା ବେଳେ ଆଉ ୪ଟି ସ୍କୁଲ ବନ୍ଦ ହେବା ଆଶଙ୍କା ରହିଛି। ସୂଚନା ଅନୁସାରେ କୋକସରା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ପୁଫଗାଁ ପଞ୍ଚାୟତ କରାଡଙ୍ଗାରି ପ୍ରାଥମିକ ବିଦ୍ୟାଳୟ ଓ କାଶିବାହଲ ପଞ୍ଚାୟତ ସିଆଲଲଟିପଡା ସ୍କୁଲରେ ତାଲା ପଡିଥିବାବେଳେ ପୁଣି ଆଉ ୪ଟି ସ୍କୁଲ ବନ୍ଦ କରିବାକୁ କୋକସରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠି ପ୍ରେରଣ କାଯାଇଥିବା ସୂଚନା ମିଳିଛି। ସେଗୁଡ଼ିକ ମଧ୍ୟରେ ଆମପାଣି ପଞ୍ଚାୟତ ଅଧୀନ ଆନ୍ଦିଝରଣ ଓ ବରଡଙ୍ଗା ପଞ୍ଚାୟତ ଅଧୀନ ଗାଇବନ୍ଧା ନୂତନ ପ୍ରାଥମିକ ବିଦ୍ୟାଳୟ ଓ ମାଝିଗୁଡା ପଞ୍ଚାୟତ ଡଙ୍ଗରିପଡା ଓ କାଉଡୋଲ ପଞ୍ଚାୟତର ଚାର୍ବୁପଡା ବିଦ୍ୟାଳୟ ରହିଥିବା ଜଣାପଡିଛି। ବନ୍ଦ ହୋଇଥିବା ୨ଟି ସ୍କୁଲ ସିଆଲଲଟିପଡାର ଛାତ୍ରୀଛାତ୍ରଙ୍କୁ ମଧୁପୁର ପ୍ରାଥମିକ ବିଦ୍ୟାଳୟ ଏବଂ କରାଡଙ୍ଗରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଫୁପଗାଁ ପ୍ରାଥମିକ ବିଦ୍ୟାଳୟରେ ପାଠପଢିବା ପାଇଁ ସ୍ଥାନାନ୍ତର କରାଯିବା ସହ ଜଣେ ଶିକ୍ଷକଙ୍କୁ ଶିକ୍ଷାଦାନ ପାଇଁ କରିବା ପାଇଁ ଫୁପଗାଁରେ ନିୟୋଜିତ କରିଥିବା ବ୍ଲକ ଶିକ୍ଷାଧିକାରୀ ତୋଫାନ ମାଝି ସୂଚନା ଦେଇଛନ୍ତି ।

### ଏଲଆଇଙ୍କ ଅବସର ଗ୍ରହଣ

**ରିଷିଡା,୩୦।୬ (ଡି.ଏନ.ଏ.)–** କଳାହାଣ୍ଡି ଜିଲା ରିଷିଡା ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଲାଇଭ ଷ୍ଟକ ଇନ୍ସପେକ୍ଟର (ଏଲଆଇ) ମକରନ୍ଦ ପଧାନ ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ରିଷିଡା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ବିଭାଗର ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ ।

# ଅବହେଳିତ ଅବସ୍ଥାରେ ୩୭ ବର୍ଷର ଡାକଘର

**ଭବାନୀପାଟଣା/ମୁଖୀଗୁଡା, ୩୦।୬ (ସ୍ୱ.ପ୍ର./ଡି.ଏନ.ଏ.)**




ବିପଦସଙ୍କୁଳ ଅବସ୍ଥାରେ ରହିଥିବା ମୁଖିଗୁଡ଼ା ଉପଡାକଘର ।

**ଜୟପାଟଣା ବ୍ଲକ**
- ରକ୍ଷଣାବେକ୍ଷଣ ଅଭାବ
- ବିପଦ ସଙ୍କୁଳ ଅବସ୍ଥାରେ ମୁଖୀଗୁଡା ଉପ ଡାକଘର
- ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ନିଗମର ଦୃଷ୍ଟି ପଡୁନି

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡାଠାରେ ଥିବା ଉପଡାକଘର ଦୀର୍ଘ ଦିନ ହେବ ମରାମତି ଅଭାବରୁ ଏବେ ବିପଦ ସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଇନ୍ଦ୍ରାବତୀ ଜଳଭଣ୍ଡାର ବିଦ୍ୟୁତ ନିଗମ ପକ୍ଷରୁ ଏହି ଉପଡାକଘର ଗୃହ ନିର୍ମାଣ କରାଯାଇଛି। ଇତିମଧ୍ୟରେ ଡାକଘର ଗୃହଟି ସ୍ଥାପନ ହେବାର ୩୭ ପରେ ମଧ୍ୟ ନିଗମ ପକ୍ଷରୁ ମରାମତି କରାଯାଇପାରିନାହିଁ। ଫଳରେ ଏବେ ଏହି ଡାକଘର ଅବହେଳିତ ଅବସ୍ଥାରେ ରହିଛି। ଇନ୍ଦ୍ରାବତୀ ପ୍ରକଳ୍ପ ଆରମ୍ଭ ସମୟରେ ଏହି ଡାକଘରରେ ପ୍ରକଳ୍ପର ବହୁ ପ୍ରକାର ରେଜିଷ୍ଟ୍ରି, ଏଡି, ସ୍ପିଡ ପୋଷ୍ଟ, ମନିଅର୍ଡର, ସଞ୍ଚୟ ଯୋଜନା ଓ କୋଟି କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ହେଉଥିଲା। ଏଥିରେ ମୁଖୀଗୁଡା ପଞ୍ଚାୟତ ସମେତ ନିକଟସ୍ଥ ଥୁଆମୂଳ ରାମପୁର ବ୍ଲକର ମହୁଲପାଟଣା, ଗୁଟୁରୁଖାଲ, ଗୋପୀନାଥପୁର ପ୍ରମୁଖ ପଞ୍ଚାୟତର ଶତାଧିକ ଲୋକେ ଏହି ଡାକଘର ଉପରେ ନିର୍ଭର କରୁଥିଲେ। ଡାକଘରର ରକ୍ଷାଣବେକ୍ଷଣର ଦାୟିତ୍ୱ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ନିଗମ ହାତରେ ରହିଥିବାବେଳେ କୋଠାର ମରାମତି ଦିଗରେ ନିଗମ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଫଳରେ ଏବେ ଡାକଘର ଛାତର ଆଜବେଷ୍ଟ ଭାଙ୍ଗିଯାଇଥିବାବେଳେ ଚଟାଣ, କାନ୍ଥ ଫାଟିଯାଇଥିବା ଦେଖିବାକୁ ମିଳିଛି। ବର୍ଷା ସମୟରେ ଘର ଭିତରେ ପାଣି ପଶି ମୂଲ୍ୟବାନ କାଗଜ ପତ୍ରଗୁଡିକ ନଷ୍ଟ ହେବାର ଆଶଙ୍କା ରହିଛି। ସ୍ଥାନୀୟ ପୋଷ୍ଟମାଷ୍ଟର ଏ ନେଇ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ନିଗମକୁ ଚିଠି ମାଧ୍ୟମରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଜଣାପଡିଛି। ବିପଦ ସଙ୍କୁଳ ଅବସ୍ଥାରେ କୋଠାଟି ରହିଥିବାରୁ କେତେବେଳେ ଯେ କେଉଁ ଦୁର୍ଘଟଣା ଘଟିବ ତାହାର ଆଶଙ୍କା ମଧ୍ୟ ରହିଛି। ଏଥିପ୍ରତି ଇନ୍ଦ୍ରାବତୀ ଜଳ ବିଦ୍ୟୁତ ନିଗମ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ରାସ୍ତା କଡ଼ ଦୋକାନୀଙ୍କୁ ପରିଚୟପତ୍ର, ପ୍ରମାଣପତ୍ର ପ୍ରଦାନ

**ଜୁନାଗଡ,୩୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର ରାସ୍ତା କଡରେ ଥିବା ଦୋକାନୀମାନଙ୍କୁ ସ୍ଥାନୀୟ ଏନ୍ଏସି ପକ୍ଷରୁ ଶନିବାର ପରିଚୟପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିରେ ସହରର ୧୦୭ଟି ରାସ୍ତାକଡ ଦୋକାନୀଙ୍କୁ ପରିଚୟପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଗୋଷ୍ଠୀ ସଙ୍ଗଠିକା ସବିତା ସାହୁ, ମୁଖ୍ୟ କିରାଣୀ ବିଜୟ ପୁଝାରୀ ପ୍ରମୁଖ ଉପସ୍ଥିତ ରହି ପରିଚୟପତ୍ର ଓ ପ୍ରମାଣପତ୍ର ବଣ୍ଟନ କରିଥିଲେ।



ରାସ୍ତା କଡ ଦୋକାନୀଙ୍କୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମାଣପତ୍ର ବଣ୍ଟନ କରୁଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କର୍ଲାମୁଣ୍ଡା/ମ.ରାମପୁର, ୩୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଟୁଙ୍ଗୀ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁରଲୀଧର ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମ.ରାମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ କିଷାନ, ସମ୍ମାନିତ ଅତିଥି ଭାବେ ମ.ରାମପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଭୁତି ଭୂଷଣ ପ୍ରହରାଜ, ଅବସରପ୍ରାପ୍ତ ଶିକ୍ଷକ ଅୟକର ସାହୁ, ରାଜେନ୍ଦ୍ର ବେହେରା, ଲକ୍ଷପତି ସାହୁ, ବିଦ୍ୟାଳୟ ସଭାପତି ଲିଙ୍ଗରାଜ ଭୋଇ ପ୍ରମୁଖ ଯୋଗଦେଇ ସଦ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁରଲୀଧର ସାହୁଙ୍କୁ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ଦାୟିତ୍ୱ କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିଥିବାରୁ ପ୍ରଂଶସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଏଁଲାପାଲି ସିଆରସିସି ମନୋଜ ପଧାନ ଓ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ସାହୁ ପରିଚାଳନା କରିଥିଲେ। ଶିକ୍ଷକ ମନେଜର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥି ବୃନ୍ଦ।

# ବର୍ଷା ଉଭାନ : ଧାନ ବୁଣି ଚାଷୀ ହତାଶ

**ଭବାନୀପାଟଣା,୩୦।୬ (ଡି.ଏନ.ଏ.)**

ଓଡ଼ିଶାକୁ ମୌସୁମୀ ଛୁଇଁଲା । ଏବେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେବା ପରେ ଚାଷୀ ତରତର ହୋଇ ଧାନବୁଣା ଓ ତଳିପକା କାମ ଆରମ୍ଭ କରିଦେଇଥିଲା। କିନ୍ତୁ ବର୍ଷା ହେବା ବଦଳରେ ପ୍ରବଳ ଖରା ଦେଖି ଚାଷୀ ହତାଶ ହୋଇପଡ଼ିଛନ୍ତି। ଏପରି ପରିସ୍ଥିତ ରହିଲେ ଧାନ ବିହନ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଚାଷୀ ମହଲରେ ଉଦବେଗ ପ୍ରକାଶ ପାଇଛି। ଏଣେ ଧାନ ବିହନ ଉପଲବ୍ଧ ହେଉ ନ ଥିବା ବେଳେ କେଉଁଠି କେମିତି ବେସରକାରୀ ଡିଲରମାନେ ଚଢାଦରରେ ବିହନ ବିକ୍ରୀ କରୁଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ କଳାହାଣ୍ଡି–ବଲାଙ୍ଗୀର ସୀମାନ୍ତ ଏକ ସ୍ଥାନରେ ଅବିଶୋଧିତ ବିହନ ବିକ୍ରି କରାଯାଉଛି। ଗତବର୍ଷ ମଧ୍ୟ ଏପରି ହୋଇଥିବା ଶୁଣିବାକୁ ମିଳିଥିଲା। ଏପଟେ ବର୍ଷା ଅଭାବ ଜନିତ ବିହନ ନଷ୍ଟ, ସେପଟେ ନକଲି ବିହନ ଉପରେ ନିର୍ଭର କରି ଚାଷୀ ତଳିତଳାନ୍ତ ହେବାର ସମ୍ଭାବନା ରହିଛି। କେଉଁ କାରଣରୁ ବିହନଗୁଡିକ ପ୍ୟାକ୍ସରେ ମିଳୁନାହିଁ ଏହାର ତଦନ୍ତ କରିବାକୁ ଦାବି ହେଉଛି। ଧାନ ବିହନର କୃତ୍ରିମ ଅଭାବ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଯୋଗାଣ

**କୋକସରା,୩୦।୬ (ଡି.ଏନ.ଏ.)**

**ପୀତବାସପୁର ବିଦ୍ୟାଳୟ**
- ଅଭିଭାବକ ମହଲରେ ଅସନ୍ତୋଷ

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ ପଞ୍ଚାୟତ ପୀତବାସପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଅଭିଯୋଗ ହେଉଛି। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ସାରଣୀ ଅନୁଯାଇ ବିଭିନ୍ନ ଦିବସରେ ଭିନ୍ନ ଭିନ୍ନ ତରକାରୀ ପ୍ରସ୍ତୁତ କରି ଦେବାକୁ ସରକାରୀ ନିୟମ ରହିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ନିୟମକୁ ନ ମାନି ନିଜ ମନମୁତାବକ ତରକାରୀ ରୋଷେଇ କରି ଦେଉଥିବାବେଳେ ଶୁକ୍ରବାର ମଧ୍ୟାହ୍ନଭୋଜନରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ଏଭଳି କି ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ସୋୟାବିନବଡି ତରକାରୀ ଦେବାକୁ ନିୟମ ଥିବାବେଳେ ଏହା ବଦଳରେ ଦରସିଝା ଭାତ ଓ ଡାଲି ଦେବାରୁ ଛାତ୍ରୀଛାତ୍ର ନ ଖାଇ ବିଦ୍ୟାଳୟ ପରିସରେ ଫିଙ୍ଗିଦେଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଭିଭାବକମାନେ ବିଦ୍ୟାଳୟକୁ ଆସି ରନ୍ଧା ଖାଦ୍ୟକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହ ମଧ୍ୟାନ୍ନଭୋଜନ ଅନିୟମିତତାର ତଦନ୍ତ ଦାବି କରିଛନ୍ତି ।

ସୂଚନା ଅନୁସାରେ ଲଡୁଗାଁ ପଞ୍ଚାୟତ ଅଧୀନରେ ଥିବା ପୀତବାସପୁର ପ୍ରକଳ୍ପ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ୫୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶୁକ୍ରବାର ଉପସ୍ଥିତ ଥିବା ୩୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ୪ କେଜି ଚାଉଳ ଓ ଅଧ କେଜି ଡାଲି ଦିଆଯାଇଥିଲା। ଖାଇବା ବେଳେ ଛାତ୍ରୀଛାତ୍ରଙ୍କୁ ଦରସିଝା ଭାତ ଓ ଡାଲି ଦେବାରୁ ନ ଖାଇ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଅଭିଭାବକମାନେ ବିଦ୍ୟାଳୟକୁ ଆସି ବିଦ୍ୟାଳୟ କମିଟି ସଭାପତିଙ୍କ ଉପସ୍ଥିରେ ଖାଦ୍ୟର ମାନ ଯାଞ୍ଚ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଦମନ ରଣାଙ୍କୁ ପଚାରିବାରୁ ମଧ୍ୟାନ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଅନୁପସ୍ଥିତ ଥିବାରୁ ଏଭଳି ଘଟଣା ଘଟିଛି ବୋଲି ପ୍ରକଶ କରିଛନ୍ତି। ଏ ସମ୍ପର୍କରେ କୋକସରା ଏବିଇଓ ତୋଫାନ ମାଝିଙ୍କ ପଚାରିବାରୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ନିମ୍ନମାନର ମଧ୍ୟାନ୍ନ ଭୋଜନକୁ ପିଲାମାନେ ଦେଖାଉଛନ୍ତି ।

### ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲିପଡ଼ିଛି
# ଅଫିସ କର୍ମଚାରୀ ଦରମା ନ ପାଇ ହୀନସ୍ତା

**ଭବାନୀପାଟଣା,୩୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଗୁରବୀର ସିଂହଙ୍କୁ ରାଜ୍ୟ ସରକାର ବଦଳି କରି ଦେଇଛନ୍ତି । ତାଙ୍କ ସ୍ଥାନରେ ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରାଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରାଯାଇଛି। ଦୀର୍ଘ ମାସ ଧରି ସ୍ଥାୟୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ରାଜ୍ୟ ସରକାର ପୂରଣ କରି ନ ଥିବା ଏବଂ ଦାୟିତ୍ୱରେ ଥିବା ଅଧିକାରୀ ଜିଲାରେ ନୂଆ ହୋଇଥିବାରୁ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀମାନେ ଦରମା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟାଳୟରେ ଏଭଳି ଆଉ ଅନେକ ପଦବି ଖାଲି ରହିଥିବାରୁ ଏକ ପ୍ରକାର ଅଚଳ ଅବସ୍ଥା ସୃଷ୍ଟି ହେଉଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ଗୋଟାଏ ଅପ୍ରେଟର, ଜଣେ ଡ୍ରାଇଭର, ଗୋଟାଏ ଜୁନିୟର କ୍ଲର୍କ ଓ ଷ୍ଟୋର କିପର ପଦବି ଖାଲି ପଡିଛି।

ଜିଲା ପ୍ରଶାସନ ପକ୍ଷରୁ ହେଉଥିବା ବିଭିନ୍ନ ବୈଠକ ସଭାସମିତି ଆଦିର କୌଣସି ସୂଚନା କି ପ୍ରେସ୍ ନୋଟ ଖବରଦାତାମାନେ ପାଉ ନ ଥିବାରୁ ଅସନ୍ତୋଷ ଭାବ ପ୍ରକାଶ ପାଉଛି। ଆଗକୁ ରଥଯାତ୍ରା ଆସୁଥିବାରୁ ରଥଯାତ୍ରା ସମୟରେ ପ୍ରଚାର ହେବାକୁ ଥିବା ଧାରା ବିବରଣୀ ଓ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଉତ୍କଳ ପ୍ରସଙ୍ଗ, ଓଡିଶା ରିଭ୍ୟୁ ଓ ଜଗନ୍ନାଥ ଜଣାଣ ପୁସ୍ତକ ଆସିପାରୁ ନ ଥିବାରୁ କର୍ମଚାରୀମାନେ ଚିନ୍ତାରେ ପଡିଛନ୍ତି। ଜିଲାରେ ବିଭିନ୍ନ ସମୟରେ ହେଉଥିବା ଉନ୍ନୟନ କମିଟି ବୈଠକ ଓ ପ୍ରାକୃତିକ ବିପର୍ଯ୍ୟୟ ଭଳି ଗୁରୁତ୍ୱପୂର୍ଣ୍ଣ ବୈଠକଗୁଡିକ ସୂଚନା ଖବରଦାତାମାନେ ପାଇପାରୁନାହାନ୍ତି। ତୁରନ୍ତ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ କଳାହାଣ୍ଡି ଜିଲା ସକାଶେ ସ୍ଥାୟୀ ସୂଚନା ଲୋକ ସମ୍ପର୍କ ଅଧିକାରୀ ପଦବୀ ପୂରଣ କରିବାକୁ ଦାବି ହେଉଛି ।

# ୨ ଲକ୍ଷ ୧୮ ଶହ ହେକ୍ଟର ଜମିରେ ଧାନ ଚାଷ

- ୫୪୦୫୦ କୁଇଣ୍ଟାଲ ଧାନ ବିହନ ଆବଶ୍ୟକ

**ଭବାନୀପାଟଣା,୩୦।୬ (ଡି.ଏନ.ଏ.)**

**ଚଳିତ ଖରିଫ୍**

ଚଳିତ ଖରିଫ୍ ଋତୁରେ କଳାହାଣ୍ଡି ଜିଲାରେ ୨ ଲକ୍ଷ ୧୮ ଶହ ୫୭ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ସ୍ଥାନୀୟ ଧାନ ୧୨ ଶହ ହେକ୍ଟର, ଉଚ୍ଚ ଅମଳ କ୍ଷମ ଧାନ ୧ ଲକ୍ଷ ୮୭ ହଜାର ୬୮୭ ହେକ୍ଟର ଓ ହାଇବ୍ରିଡ୍ ଧାନ ୧୩ ହଜାର ହେକ୍ଟର କରିବା ପାଇଁ ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ଧର୍ମଗଡ କୃଷି ଜିଲାରେ ସର୍ବାଧିକ ୬୮୫୭୨ ହେକ୍ଟର, ଜୁନାଗଡ କୃଷି ଜିଲାରେ ୬୩୬୦୧ ହେକ୍ଟର, ନର୍ଲା କୃଷି ଜିଲାରେ ୩୪୬୨୫ ହେକ୍ଟର ଓ ଭବାନୀପାଟଣା କୃଷି ଜିଲାରେ ୩୫୦୫୯ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫରେ ଜିଲାରେ ୧୭୭୫୪ ହେକ୍ଟର ଜମିରେ ଧାନ ବୁଣିବା ଓ ୧୦୦୪୧୦୩ ହେକ୍ଟର ଜମିରେ ଧାନ ରୋଇବା ପାଇଁ ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡି ଜିଲାର ସମୁଦାୟ ୩୯୧୦୦୦ ହେକ୍ଟର ଚାଷ ଜମି ରହିଛି । ସେଥିମଧ୍ୟରୁ ଚଳିତ ଖରିଫ ଋତୁରେ ୨୧୦୮୫୭ ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଜିଲାରେ ଇନ୍ଦ୍ରାବତୀ ଯୋଜନାରୁ ୭୪୯୦୮ ହେକ୍ଟର, ଉତେଇ ଓ ରେତ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୧୭୭୪୫ ହେକ୍ଟର, ୧୧୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ୨୦୨୧୩ ହେକ୍ଟର, ୮୬୫ଟି ଉଠା ଜଳସେଚନ ପ୍ରକଳ୍ପରୁ ୧୮୫୫୩ ହେକ୍ଟର ସମେତ ବୋରୱେଲ, ଡଗୱେଲ ଓ ଅନ୍ୟାନ୍ୟ ଜଳଉତ୍ସରୁ ସମୁଦାୟ ୧୦୮୨୩୧୨ ହେକ୍ଟର ଜମିରେ ଜଳସେଚନ ସୁବିଧା ଉପଲବ୍ଧ ହେବ ବୋଲି ଆକଳନ କରାଯାଇଛି। ଚଳିତ ଖରିଫ୍ ଋତୁରେ ଜିଲାରେ ୪୫.୨୮ ଶତକଡା ଜମିକୁ ଜଳସେଚନ ସୁବିଧା ମିଳିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫ୍‌ରେ ଜିଲାରେ ୨୦୧୮୫୭ ହେକ୍ଟର ଜମିରେ ଧାନ ଚାଷ ପାଇଁ ୫୪୦୫୦ କୁଇଣ୍ଟାଲ ଧାନ ବିହନ ଆବଶ୍ୟକ ହେବ । ପର୍ଯ୍ୟାୟକ୍ରମେ କଳାହାଣ୍ଡି ଜିଲାରେ ଆବଶ୍ୟକ ହେବାକୁ ଥିବା ଧାନ ବିହନ, ବିଭିନ୍ନ ସରକାରୀ ବିହନ ବିକ୍ରୟ କେନ୍ଦ୍ର ଓ ଲାଇସେନ୍ସପ୍ରାପ୍ତ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ଚାଷୀଙ୍କୁ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଚାଷୀମାନେ ଚାହୁଁଥିବା କିସମର ବିହନ ଆବଶ୍ୟକତା ଆନୁଯାୟୀ ମିଳୁନାହିଁ ବୋଲି ଚାଷୀ ସଙ୍ଗଠନମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଳମ୍ବିତ ମୌସୁମୀ ଯୋଗୁ ଯେଉଁ ଚାଷୀମାନେ ଧାନ ଖରଡି ବୁଣା କରିଥିଲେ ସେହି ସବୁ ଧାନ ଗଛ ମରିବାକୁ ବସିଲାଣି। ଯଦି ବର୍ଷା ଆଉ କିଛି ଦିନ ବିଳମ୍ବ ହୁଏ ତା ହେଲେ କଳାହାଣ୍ଡି ଜିଲାରେ ଗଜା ମରୁଡି ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି ।

# ଦୁର୍ଗମ ଇଲାକା ବୁଲି ଦେଖୁଛନ୍ତି ଜିଲାପାଳ, ଏସ୍‌ପି

**ନୂଆପଡ଼ା ଅଫିସ, ୩୦।୬**

- ବଦଳି ପରେ ଜିଲାପାଳଙ୍କ ତତ୍ପରତା
- ସମସ୍ୟା ଉପରେ ଲୋକେ ଅବଗତ କଲେ

ନୂଆପଡାର ଅର୍ଦ୍ଧାଧିକ ଅଞ୍ଚଳ ବଣପାହାଡ ଘେରା ହୋଇରହିଛି। ଏବେବି ଲୋକଙ୍କୁ ମୌଳିକ ସୁବିଧା ଅପହଞ୍ଚ। ଜିଲା ପ୍ରଶାସନ ତଥା ରାଜ୍ୟ ସରକାର ସବୁବେଳେ ସାଧାରଣ ନାଗରିକଙ୍କୁ ସବୁ ସୁବିଧା ଯୋଗାଇଦେବାକୁ ଏଜେଣ୍ଡା ପ୍ରସ୍ତୁତ କରିଥାନ୍ତି । ହେଲେ ଜିଲା ଗଠନର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ କେତେ ଜିଲାପାଳ, ସରକାର ବଦଳିସାରିଲେଣି ଲୋକଙ୍କ ଅବସ୍ଥା ଯଥାପୂର୍ବଂ ତଥା ପରଂ ହୋଇ ରହିଛି । ଏଭଳି ଦୁର୍ଗମ ଅଞ୍ଚଳଗୁଡିକୁ ଜିଲାପାଳ ଡା. ପୋମା ଟୁଡୁ ଏବଂ ଏସପି ସ୍ମିତ ପରମାର ଗସ୍ତ କରି ବୁଲି ଦେଖୁଛନ୍ତି । ହେଲେ ଦୀର୍ଘ ଦିନ ଧରି ଏଠାକୁ ଜିଲାର ପ୍ରମୁଖ ଅଧିକାରୀମାନେ ନ ଆସି ଆଉ ଆଖିରେ ଦେଖୁଥିବା ଅଭିଯୋଗ ହେଉଥିବାବେଳେ ବର୍ତ୍ତମାନ ବଦଳି ହେବା ପରେ ଜିଲାପାଳଙ୍କ ଗସ୍ତକୁ ବିଭିନ୍ନ ମହଲରେ ନାନାଦି ସମାଲୋଚନା କରାଯାଉଛି । ଜିଲାପାଳ ଡା. ଟୁଡୁ ଏବଂ ଏସପି ସ୍ମିତ ପରମାର ସୁନାବେଡା ଅଭୟାରଣ୍ୟରେ ଗସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭୟାରଣ୍ୟ ଭିତରେ ଦୁଇଗୋଟି ଗ୍ରାମପଞ୍ଚାୟତ ସୁନେବେଡା ଏବଂ ସୋସେଙ୍ଗରେ ମୋଟ ୫୨ଟି ଛୋଟବଡ ଜନବସତି ରହିଛି । ଏଥିରେ ମୋଟ ୬ ହଜାରରୁ ଊର୍ଦ୍ଧ୍ୱ ବନବାସୀ ଆଦିବାସୀ ବାସ କରୁଛନ୍ତି । ଦୁର୍ଗମ ଜଙ୍ଗଲ ଇଲାକାରେ ରହୁଥିବା ବନବାସୀଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ, ବିଜୁଳି, ସବୁଦିନିଆ ରାସ୍ତା ଦୁର୍ଲଭ ହେଉଛି । ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ସରକାର ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟକାରୀ କରିସାରିଛନ୍ତି। ହେଲେ କୌଣସି କାର୍ଯ୍ୟକ୍ରମ ଆଖି ଦୃଶିଆ ହୋଇପାରୁନାହିଁ । ଏସବୁକୁ ଜିଲା ପ୍ରଶାସନ ମଧ୍ୟ ଠିକ ଭାବରେ ତର୍ଜମା କରୁ ନ ଥିବା ଅଭିଯୋଗ ହୁଏ। ଅଧିବାସୀ ବିଭିନ୍ନ ସମୟରେ କାକୁତିମିନତି ହେଲେ ମଧ୍ୟ କୌଣସି ସୁଫଳ ମିଳି ନ ଥାଏ। ଏସବୁ ସତ୍ତ୍ୱେ ବିଭିନ୍ନ ବାହାନା କରି ଅଧିକାରୀମାନେ ପାଦ ମାଡି ନ ଥାନ୍ତି। ବିଳମ୍ବରେ ହେଲେ ମଧ୍ୟ ଜିଲାପାଳ ଡା. ଟୁଡୁ ଏଠାକୁ ଗସ୍ତ କରିଥିଲେ। ପ୍ରଥମେ ସୁନାବେଡାର ପାଦ ଦେଶରେ ଥିବା ଚେରେଚୁଆଁ, ଗଡଗଡା ଗାଁ ବୁଲି ଦେଖିବା ପରେ ସେଠାରୁ ଜାମଗାଁ ଦେଇ ଯିବା ସମୟରେ ସିଆରପିଏସ କ୍ୟାମ୍ପ ଦେଖି ଯବାନମାନଙ୍କ ସହ ଆଲୋଚନା କରିଥିଲେ । ପରେ ସୁନାବେଡାରେ ପହଞ୍ଚି ଗ୍ରାମବାସୀ, ସ୍ୱୟଂ ସହାୟକ ଦଳର ମହିଳାଙ୍କୁ ଭେଟିବା ସହ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଚାଲିଥିବା ସେବାଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଠାରେ ଛାତ୍ରୀଛାତ୍ରମାନଙ୍କୁ ସୋଲାର ଲ୍ୟାମ୍ପ ବଣ୍ଟନ କରିଥିଲେ। ଗ୍ରାମବାସୀ ଏଠାରେ ନିର୍ମାଣାଧୀନ ରାସ୍ତା ଅଟକି ରହିଥିବାରୁ ତାକୁ ଶୀଘ୍ର ଶେଷ କରିବା, ଏଠାରେ ମାତ୍ର ୫ଟି ଗାଁକୁ ବିଜୁଳି ସଂଯୋଗ ଦିଆଯାଇଥିବାବେଳେ ବାକି ୪୭ଟି ଛୋଟବଡ ଗାଁକୁ ହୋଇପାରି ନ ଥିବାରୁ ଗୁହାରୀ କରିଥିଲେ। ହେଲେ କୁଆଡେ ଜିଲାପାଳ କିଛି ନ କହି ମୁଣ୍ଡ ହଲାଇଥିବା ଗ୍ରାମବାସୀ କହିଛନ୍ତି। ଜିଲାପାଳ ଏବଂ ଏସପିଙ୍କ ମିଳିତ ଭାବେ ପରିକ୍ରମା ଦେଖି ଅଭୟାରଣ୍ୟବାସୀ ଖୁସି ପ୍ରକଟ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ଜିଲାପାଳ ଡା. ଟୁଡୁଙ୍କୁ କୋରାପୁଟ ବଦଳି ହୋଇସାରିଛି। ହେଲେ ସେବେଠାରୁ ଜିଲାପାଳ ତତ୍ପର ହୋଇ ବିଭିନ୍ନ ଦୁର୍ଗମ ଜାଗା ବୁଲି ଦେଖୁଛନ୍ତି। ଗତ ୨୭ ତାରିଖରେ ଖଡିଆଳ ବ୍ଲକ ଦୁର୍ଗମ ସମାଡ ପଦର ଗସ୍ତ କରିଥିଲେ । ବର୍ତ୍ତମାନ ମାଓବାଦୀଙ୍କ ଗଡ କୁହାଯାଉଥିବା ସୁନାବେଡା ଅଭୟାରଣ୍ୟକୁ ଅକସ୍ମାତ ଗସ୍ତ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଲୋକେ ଏହାକୁ ସମାଲୋଚନା କରିବାରେ ଲାଗିଛନ୍ତି। ତାଙ୍କର ରହଣୀ କାଳରେ ଆଦିବାସୀବନବାସୀଙ୍କ ଉନ୍ନତି କଳ୍ପେ ଏତିକି ତତ୍ପରତା ଦେଖାଇଥିଲେ ନିଶ୍ଚିତ ଭାବେ ବହୁ ଉନ୍ନତି ହୋଇପାରିଥାଆନ୍ତା। ହେଲେ ବଦଳି ପରେ ଦୀର୍ଘ ଦଶ ଦିନ ଧରି ଏଠାରେ ରହି କ'ଣ କରିବାକୁ ଚାହୁଁଛନ୍ତି ତାକୁ ଲୋକେ ନିରଖେଇ ଦେଖୁଛନ୍ତି ।



ସୁନାବେଡା ଆଶ୍ରମ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ, ଏସ୍‌ପି ଏବଂ ଅନ୍ୟାନ୍ୟ ଅଧିକାରୀମାନେ।